# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 19/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 57 | ମୂଲ୍ୟ ₹୭/-




## ଭାରତୀୟ ଦଳରେ ଜୟସ୍ୱାଲ

ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି ବ୍ୟାଟର ଯଶସ୍ୱୀ ଜୟସ୍ୱାଲ।

୧୬

୧୨

## ପୋଲିସ ହେବେ ଶାହିଦ୍

ଅଭିନେତା ଶାହିଦ୍ କପୁରଙ୍କୁ 'ଦେବା' ଫିଲ୍ମରେ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଦେଖିବାକୁ ମିଳିବ।



# ଗାଡ଼ିର ବୀମା ନ ଥିଲେ ଧରିବ ଟୋଲ୍‌ଗେଟ୍

## ୧ରୁ ଇ-ଡିଟେକ୍ସନ ପ୍ରକ୍ରିୟାରେ ଜାରିହେବ ଇ-ଚାଲାଣ

ମୋଟର ଯାନ ଆଇନ ଉଲ୍ଲଂଘନକାରୀଙ୍କୁ ଧରପଗଡ଼ ପ୍ରକ୍ରିୟା ପୁଣି ଥରେ ଜୋରଦାର ହେବାକୁ ଯାଉଛି। ବିଶେଷକରି ବୀମା ନ ଥିବା ଗାଡ଼ି ଚଳାଚଳ ରୋକିବା ପାଇଁ ବୈଷୟିକ ଜ୍ଞାନକୌଶଳ ସହାୟତାରେ କଡ଼ା ବ୍ୟବସ୍ଥା ଗ୍ରହଣ କରଯାଇଛି। ତଦନୁଯାୟୀ ରାସ୍ତାରେ ଗଡୁଥିବା ବୀମାବିହୀନ ଗାଡ଼ିଗୁଡ଼ିକୁ 'ବାହାନ' ଆପ୍ ସହ ଲିଙ୍କ୍ ଥିବା କ୍ୟାମେରା ଧରାପକାଇବ। ଏହି ଇ-ଡିଟେକ୍ସନ ପ୍ରକ୍ରିୟାରେ ଧରାପଡ଼ିବାକୁ ଥିବା ଗାଡ଼ିର ମାଲିକଙ୍କ ପାଖରେ ତୁରନ୍ତ ପହଞ୍ଚିଯିବ ଜରିମାନାର ଇ-ଚାଲାଣ। ଫେବୃଆରୀ ୧ରୁ ରାଜ୍ୟର ସମସ୍ତ ୨୨ ଟୋଲଗେଟ୍‌ରେ ଧରପଗଡ଼ ଆରମ୍ଭ ହେବ। ପ୍ରଥମ ଥର ଧରାପଡ଼ିଲେ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ଜେଲଦଣ୍ଡ କିମ୍ବା ଉଭୟ ଦଣ୍ଡ ବ୍ୟବସ୍ଥା ରହିଛି। ପୁଣି ଥରେ ଧରାପଡ଼ିଲେ ୨ଗୁଣ ଜରିମାନା ଓ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ କୁହାଯାଇଛି।



କଟକ,୧୮।୧(କାର୍ତ୍ତିକ ସାହୁ)

ବୀମା ନ ଥିବା ମୋଟର ଯାନଗୁଡ଼ିକୁ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବା ପାଇଁ ଏସ୍‌ଟିଏ ଯୋଜନା କରିଛି। ତଦନୁଯାୟୀ ଆସନ୍ତା ୧ ତାରିଖରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଂଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମାରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ନିୟମ ☞ପୃଷ୍ଠା-୪

### ଆର୍.ଜି. କର ଡାକ୍ତର ବଳାତ୍କାର ଓ ହତ୍ୟା ମାମଲା

# ସଞ୍ଜୟ ରାୟ ଦୋଷୀ

କୋଲକାତା,୧୮।୧(ପି.ଟି.)

କୋଲ୍‌କାତାର ବହୁଚର୍ଚ୍ଚିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ସିଆଲ୍‌ଦା କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୋମବାର ଦଣ୍ଡ ଘୋଷଣା କରାଯିବ ବୋଲି ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଅନିର୍ବାଣ ଦାସ କହିଛନ୍ତି। କୋର୍ଟ ରାୟ ଘୋଷଣା କରିବାବେଳେ ସଞ୍ଜୟ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ତାଙ୍କୁ ମିଥ୍ୟା ଅଭିଯୋଗରେ ଫସାଇ ଦିଆଯାଇଥିବା ଦର୍ଶାଇଛନ୍ତି। ଯେଉଁମାନେ ଅପରାଧ ଘଟାଇଛନ୍ତି, ସେମାନଙ୍କୁ ଛାଡ଼ିଦିଆଯାଇଛି। ଡାକ୍ତର ହତ୍ୟା ଘଟଣା ସହ ଜଣେ ଆଇପିଏସ୍ ଅଫିସର ସମ୍ପୃକ୍ତ ଥିବା ସଞ୍ଜୟ କୋର୍ଟରେ ଅଭିଯୋଗ ଆଣିଛନ୍ତି।

**୨୦ରେ ଦଣ୍ଡ ଶୁଣାଣି**



୨୦୨୪ ଅଗଷ୍ଟ ୮ ତାରିଖ ରାତିରେ ଆର୍.ଜି. କର ହସ୍ପିଟାଲରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ୯ ତାରିଖ ସକାଳେ ମୃତଦେହ ହସ୍ପିଟାଲ ପରିସରରୁ ମିଳିବା ପରେ ଏହି ଜଘନ୍ୟ ଅପରାଧକୁ ନେଇ ସାରା ଦେଶରେ ଉତ୍ତେଜନା ଦେଖାଦେବା ସହ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚାଲିଥିଲା। ଗତ ନଭେମ୍ବରରେ କ୍ୟାମେରା ସମ୍ମୁଖରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅପରାଧ ଘଟଣାର ୧୬୨ ଦିନ ଏବଂ ବିଚାର ଆରମ୍ଭର ପାଖାପାଖି ୨ ମାସ ପରେ ରାୟ ପ୍ରକାଶ ପାଇଛି।

ଅପରାଧ ଘଟିବାର ଦିନକ ପରେ ପୋଲିସ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିବା ସଞ୍ଜୟଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କୁ ଭାରତୀୟ ନ୍ୟାୟ ସଂହିତା ☞ପୃଷ୍ଠା-୪

# ଡାଲମିଆର କେ.ପି. ପାୱାରପ୍ଲାଣ୍ଟ ବନ୍ଦ ନିର୍ଦ୍ଦେଶ

ସୁନ୍ଦରଗଡ଼, ରାଜଗାଙ୍ଗପୁର,୧୮।୧
(ଜୟ ନାରାୟଣ ମେଣ୍ଡୁଲି/ ରାଜଗାଙ୍ଗପୁର)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାର କେ.ପି ପାୱାର ପ୍ଲାଣ୍ଟରେ କୋଲ୍ ହପର ଭୁଶୁଡିବା ଯୋଗୁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତଦେହ ମିଳିବା ପରେ କମ୍ପାନୀର ସୁରକ୍ଷାକୁ ନେଇ ଉକ୍ତ

## ୪୦ ଘଣ୍ଟା ପରେ ମିଳିଲା ୩ ଶ୍ରମିକଙ୍କ ମୃତଦେହ




ପାୱାର ପ୍ଲାଣ୍ଟକୁ ବନ୍ଦ ପାଇଁ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବ୍ରଏଲର ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏଭଳି ଅଘଟଣ ଏଡାଇବା ପାଇଁ ସମସ୍ତ ନିର୍ଦ୍ଦେଶର ଅନୁପାଳନ ନ କରିବା ଯାଏ ପାୱାର ପ୍ଲାଣ୍ଟ ବନ୍ଦ ରହିବ ବୋଲି ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ସ୍ପଷ୍ଟ କରିଛନ୍ତି। ଡାଲମିଆ ସିମେଣ୍ଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦାରିଦ୍ର୍ୟ ଓ ଅସମାନତା

**ଆଜିର ମନ୍ତବ୍ୟ**

" ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ସଂଘୀୟ ବ୍ୟବସ୍ଥା ବିରୋଧୀ ନୁହେଁ। ଏକକାଳୀନ ଭୋଟ ଶାସନରେ ଉନ୍ନତି ଆଣିବ।

-ଅର୍ଜୁନରାମ ମେଘୱାଲ, କେନ୍ଦ୍ର ଆଇନ ମନ୍ତ୍ରୀ











A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

# ରାୟଗଡ଼ାରେ ୨୪୨ ସ୍ୱାମିତ୍ୱ କାର୍ଡ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

## ଭର୍ଚୁଆଲରେ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ହିତାଧିକାରୀଙ୍କୁ ସ୍ୱାମିତ୍ୱ କାର୍ଡ ଓ ପତ୍ର ପ୍ରଦାନ କରୁଛନ୍ତି।

ରାୟଗଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଶନିବାର ଭର୍ଚୁଆଲରେ ସ୍ୱାମିତ୍ୱ କାର୍ଡର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜିଲାରେ ୨୪୨ ଜଣକୁ ଏହି ଯୋଜନାରେ ସାମିଲକରି କାର୍ଡ ପ୍ରଦାନ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୋଟିଏ କାର୍ଡରେ ସମ୍ପତ୍ତିର ସମସ୍ତ ବିବରଣୀ ଉପଲବ୍ଧ ହେବ। ମାଲିକାନା ପାଇଁ ବାରମ୍ବାର ଖୋଜିବା ଓ ଦୌଡ଼ିବାକୁ ପଡ଼ିବ ନାହିଁ। ଗରିବ ଲୋକ ଏହି କାର୍ଡ ଦ୍ୱାରା ସରକାରୀ କାର୍ଯ୍ୟ କରିବା ସହ ବ୍ୟାଙ୍କରୁ ଋଣ ପାଇବାରେ ସୁବିଧା ହେବ। ସମଗ୍ର ଦେଶରେ ଶନିବାରଠାରୁ ପ୍ରଧାନମନ୍ତ୍ରୀ ଏହା ଲାଗୁ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଭିନବ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ। ଭାରତୀୟ ସର୍ବେକ୍ଷଣ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ସର୍ଭେ ହୋଇଥିଲା। ସମ୍ପତ୍ତି ପତ୍ର ଏଥିରେ ରହିବ ଓ ମାଲିକାନା ସ୍ୱତ୍ୱ ପ୍ରଦାନକରି ଏକ କାର୍ଡ ଭାବରେ ହିତାଧିକାରୀ ବ୍ୟବହାର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଡ ମାଧ୍ୟମରେ ଜଣେ ସାଧାରଣ ଲୋକ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇପାରିବେ। ମୁଖ୍ୟତଃ ବ୍ୟାଙ୍କରେ କେବଳ ଏହି ଗୋଟିଏ କାର୍ଡ ମାଧ୍ୟମରେ ଋଣ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୂର୍ବ ସରକାରକୁ କଟାକ୍ଷ କରି କହିଛନ୍ତି, ପୂର୍ବ ସରକାର ଲୋକଙ୍କୁ ପଟ୍ଟା ଦେଇଦେଲେ ହେଲେ ଜମି ଚିହ୍ନଟ ସମୟରେ ତାହା ମିଳୁନାହିଁ। କିନ୍ତୁ ସ୍ୱାମିତ୍ୱ କାର୍ଡ ଜମି ଚିହ୍ନଟରେ ସହାୟକ ହେବ ବୋଲି ସୂଚନା ଦେଇଥିଲେ।

ଓଡ଼ିଶାରେ ୨୦୨୧ ଫେବୃଆରୀ ୫ରେ ସ୍ୱାମିତ୍ୱ ଯୋଜନାର କାର୍ଯ୍ୟକାରୀ ପାଇଁ ଭାରତୀୟ ସର୍ବେକ୍ଷଣ ବିଭାଗ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏବେ ସ୍ୱାମିତ୍ୱ ଯୋଜନାରେ ଓଡ଼ିଶାର ୫ ଜିଲା ରାୟଗଡ଼ା, ଝାରସୁଗୁଡ଼ା, ଗଜପତି, ଢେଙ୍କାନାଳ ଏବଂ ନବରଙ୍ଗପୁରର ମୋଟ ୩,୦୩୯ ଗ୍ରାମରେ ସର୍ଭେ କାର୍ଯ୍ୟ ଚାଲୁଅଛି। ସେଥିରୁ ୨,୭୨୧ ଗ୍ରାମରେ ଭାରତୀୟ ସର୍ବେକ୍ଷଣ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଭାରତୀୟ ସର୍ବେକ୍ଷଣ ବିଭାଗ ଉପରୋକ୍ତ ୫ ଜିଲାର ଡ୍ରୋନ୍ ସର୍ଭେ ସାରିବା ପରେ ୧୭୮୫ ଗ୍ରାମର ୩୧୭୪ ମ୍ୟାପ୍-୧ କୁ ଭୂମିର ସତ୍ୟତା ଏବଂ ଯାଞ୍ଚ ପାଇଁ ସମ୍ପୃକ୍ତ ଜିଲାଙ୍କୁ ପ୍ରେରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲାର ୨୪୬୨ ମୌଜା ଏବଂ ୨୭୯ପଡ଼ାରେ ଡ୍ରୋନ୍ ସର୍ଭେ ସରିଛି। ଜିଲାର ସମୁଦାୟ ୨୮୭୦ଜଣଙ୍କୁ ସମ୍ପତ୍ତିପତ୍ର ମଧ୍ୟ ପ୍ରଦାନ କରାଯାଇ ସାରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜଣେ ହିତାଧିକାରୀ ଗଜେନ୍ଦ୍ର ସଙ୍ଗୀତାଙ୍କ ସହ ଆଲୋଚନା କରିଥିଲେ। ଏହାଦ୍ୱାରା କ'ଣ ଲାଭ ମିଳିବ ତାହା ପଚାରିଥିଲେ ପ୍ରଧାନମନ୍ତ୍ରୀ। ଆଉ ତା'ର ଉତ୍ତର ମଧ୍ୟ ରଖିଥିଲେ ସଙ୍ଗୀତା। ଏହି ଯୋଜନା ପାଇଁ ଅନ୍ୟ ହିତାଧିକାରୀ ମଧ୍ୟ ଖୁସିପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଜମିଜମା କାମ ସରଳ ହେଉଥିବା କହିଥିଲେ। ଲୋକେ ସରଳ ଭାବରେ ନିଜ ଜମି ଚିହ୍ନଟ କରିବା ସହିତ କୌଣସି ସମସ୍ୟା ଆଉ ରହିବ ନାହିଁ। ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକକା ଯୋଗଦେଇଥିଲେ। ଦୁଇ ବିଧାୟକ ସ୍ୱାମିତ୍ୱ ଯୋଜନା ଆଦିବାସୀ ଲୋକଙ୍କ ପାଇଁ ଲାଭଦାୟକ ହେବ। ତେବେ ଆଦିବାସୀ ଦାଦନ ଖଟିବାକୁ ଦୂରଦୂରାନ୍ତକୁ ପଳାଉଛନ୍ତି। ଏହି ଅଞ୍ଚଳରେ ଖଣି ଓ କାରଖାନା ଥିବା ସତ୍ତ୍ୱେ କାମଧନ୍ଦା ମିଳୁ ନ ଥିବା ଅଭିଭାଷଣରେ କହିଥିଲେ। ଅପରପକ୍ଷରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ସ୍ୱାଥୀ ଏସ୍. କୁମାର, ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଉପଜିଲାପାଳ କଲ୍ୟାଣି ସଂଘମିତ୍ରା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ସ୍ଲାଇଡିଂରୁ ପଡ଼ି ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୧୮।୧

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ନୟାବଗପାଟିଆ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ ଅଘଟଣ ଘଟିଛି। ସ୍କୁଲ ପରିସରରେ ପିଲାଙ୍କ ଖେଳକୁଦ ପାଇଁ ସିମେଣ୍ଟରେ ତିଆର ହୋଇଥିବା ସ୍ଲାଇଡିଂ(ଖସଡ଼ା)ରୁ ପଡ଼ି ଜଣେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ନୟାବଗପାଟିଆର ନବଘନ ସାହୁଙ୍କ ଏକମାତ୍ର ପୁଅ ସୌମ୍ୟରଞ୍ଜନ (୯ ବର୍ଷ)। ଏହି ଦୁଃଖଦ ଘଟଣାରେ ଉକ୍ତ ଗାଁରେ ଶୋକ ଓ ଉତ୍ତେଜନା ଦେଖିବାକୁ ମିଳିଥିବାବେଳେ ସ୍କୁଲରେ ବିପଦାପନ୍ନ ଖେଳକୁଦ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ସୌମ୍ୟରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶିକ୍ଷକମାନଙ୍କ ଅବହେଳା ଏବଂ ନିମ୍ନମାନର ସ୍ଲାଇଡିଂ ନିର୍ମାଣ ପାଇଁ ପୁଅର ଜୀବନଗଲା ବୋଲି ମାତାପିତା ଅଭିଯୋଗ କରିଛନ୍ତି। ଏନେଇ ଟମକା ଥାନାରେ ୧୦।୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।



ସୌମ୍ୟରଞ୍ଜନ ସାହୁ

ସୂଚନା ଅନୁଯାୟୀ, ସୌମ୍ୟରଞ୍ଜନ ଉକ୍ତ ସିମେଣ୍ଟ ସ୍ଲାଇଡିଂରେ ଖେଳିବାକୁ ଯାଇଥିଲେ। ଗୋଟିଏ ପଟେ ଚଢ଼ି ଅନ୍ୟପଟେ ଖସିଆନ୍ତେ। କିନ୍ତୁ ଅସାବଧାନ ବଶତଃ ସ୍ଲାଇଡିଂ ଉପରୁ ସେ ତଳକୁ ଖସିପଡ଼ିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ଶିକ୍ଷକମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସୌମ୍ୟରଞ୍ଜନଙ୍କୁ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏହାପରେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମବାସୀ ଓ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପ୍ରଧାନ ପହଞ୍ଚି ଏହା ଏକ ଦୁଃଖଦ ଘଟଣା, ତଦନ୍ତ କରାଯାଇ ଶିକ୍ଷା ବିଭାଗର ନିୟମ ମୁତାବକ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଏଭଳି ଦୁଃଖଦ ଖବର ପାଇ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ଓ ତାଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇ ବୁଝାସୁଝା କରିଥିଲେ। ଟମକା ଥାନାଧିକାରୀ ପ୍ରମୋଦିନୀ ସାହୁ ଘଟଣାର ସବିଶେଷ ତଦନ୍ତ ଚାଲିଥିବା କହିଛନ୍ତି।

# ସୂର୍ଯ୍ୟମନ୍ଦିର, ଐତିହ୍ୟ ଗ୍ରାମ ପରିଦର୍ଶନ କଲେ ସିଙ୍ଗାପୁର ରାଷ୍ଟ୍ରପତି




ରଘୁରାଜପୁର ଗ୍ରାମ ପରିଦର୍ଶନ ଅବସରରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ଓ ତାଙ୍କ ସହଧର୍ମିଣୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଗ୍ରାମବାସୀ ନାଗାର୍ଜୁନ ବେଶ ପଟ୍ଟଚିତ୍ର ଉପହାର ପ୍ରଦାନ କରୁଛନ୍ତି।

କୋଣାର୍କ/ପୁରୀ,୧୮।୧ (ଜ୍ୟୋତିରାଜ ମହାନ୍ତି/ଅଜିତ କୁମାର ମହାନ୍ତି)

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ସସ୍ତ୍ରୀକ ଶନିବାର ଐତିହ୍ୟ ଗ୍ରାମ ରଘୁରାଜପୁର ଓ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ରାଷ୍ଟ୍ରପତି ଶନ୍ମୁଗରତ୍ନମ ଓ ତାଙ୍କ ସହଧର୍ମିଣୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ରାଧାକୃଷ୍ଣ ଶର୍ମା, ଆଇଜି ଅନୁପ କୁମାର ସାହୁ, ଡିଆଇଜି ଅଖିଳେଶ୍ୱର ସିଂ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନିତ ଅଗ୍ରୱାଲ୍ ପ୍ରମୁଖ ସ୍ୱାଗତ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଦମ୍ପତି ରଘରାଜପୁର ଗ୍ରାମ ପରିଦର୍ଶନ କରିଥିଲେ। ସେମାନଙ୍କୁ ରଘୁରାଜପୁର ଗ୍ରାମବାସୀ ପାରମ୍ପରିକ ଭାବେ ଦୀପ, ସିନ୍ଦୂର, ଚନ୍ଦନ, ଫୁଲରେ ସ୍ୱାଗତ କରିବା ସହ ମେଢ ନୃତ୍ୟ, ଗୋଟିପୁଅ ନୃତ୍ୟ ପରିବେଷଣ ପ୍ରଦର୍ଶନ କରିଥିଲେ। ଏହା ଦେଖି ସେମାନେ ଆନନ୍ଦ ପ୍ରକାଶ କରିଥିଲେ। ଶନ୍ମୁଗରତ୍ନମ୍ ସସ୍ତ୍ରୀକ ଗ୍ରାମରେ ପ୍ରବେଶ କରିବା ପରେ କ୍ରାଫ୍ଟ ସେଣ୍ଟର ବୁଲି ଦେଖିବା ସହ ଶିଳ୍ପୀମାନଙ୍କ ସହିତ ଆଲୋଚନା କରିଥିଲେ। ରଘୁରାଜପୁର ଗ୍ରାମବାସୀଙ୍କ ପକ୍ଷରୁ ରାଷ୍ଟ୍ରପତି ଶନ୍ମୁଗରତ୍ନମ୍‌ଙ୍କୁ ନାଗାର୍ଜୁନ ବେଶ ପଟ୍ଟଚିତ୍ର ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ତାଳପତ୍ରରେ ଖୋଦେଇ ହୋଇଥିବା ରାମାୟଣ, କୃଷ୍ଣଲୀଳା କଥାବସ୍ତୁ ସହ ୧୦୮ କଳସ ଥିବା ଗଣେଶ ପଟ୍ଟଚିତ୍ର ସେ କିଣିଥିଲେ। ଏହି ଅବସରରେ ପୁରୀର ଯୁବଶିଳ୍ପୀ ଆୟୁଷ ମହାପାତ୍ର ତାଙ୍କୁ ଏକ ଫଟୋଚିତ୍ର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଫଟୋଚିତ୍ରରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ସହ ରାଷ୍ଟ୍ରପତି ଓ ତାଙ୍କ ସହଧର୍ମିଣୀଙ୍କ ଫଟୋକୁ ସୁନ୍ଦର ଭାବେ ଅଙ୍କନ କରାଯାଇଥିଲା। ଆୟୁଷଙ୍କ ଫଟୋଚିତ୍ର ଉପହାର ଗ୍ରହଣ କରି ରାଷ୍ଟ୍ରପତି ବେଶ୍ ଖୁସି ପ୍ରକଟ କରିବା ସହ ତାଙ୍କ ସହିତ କିଛି ସମୟ ଆଲୋଚନା କରିଥିଲେ। ପରେ ସେମାନେ ବିଭିନ୍ନ ହସ୍ତଶିଳ୍ପ, କଳାକୃତି ଆଦି ବୁଲିଦେଖିଥିଲେ। ସେଠାକାର ପ୍ରଦର୍ଶନୀ ସ୍ଥଳ, ଅଙ୍ଗନୱାଡ଼ି କେନ୍ଦ୍ର ଓ ଆରୋଗ୍ୟ ମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ନେଇ ଗ୍ରାମବାସୀ ନିଜକୁ ଗର୍ବିତ ମନେକରୁଥିବାବେଳେ ରଘୁରାଜପୁର ଗ୍ରାମର ପାରମ୍ପରିକ କଳାକୃତି ବିଶ୍ୱଦରବାରରେ ପହଞ୍ଚିପାରିବ ବୋଲି କହିଛନ୍ତି। ପରେ ଶନ୍ମୁଗରତ୍ନମ୍ ସସ୍ତ୍ରୀକ କୋଣାର୍କ ଗସ୍ତରେ ଯାଇଥିଲେ। ସେମାନେ ପ୍ରଥମେ ଆଇଓସିଏଲ୍‌ର ଇଣ୍ଟରପ୍ରିଟେସନ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟପୂର୍ଣ୍ଣ କାରୁକାର୍ଯ୍ୟ ଦେଖି ରାଷ୍ଟ୍ରପତି ଦମ୍ପତି ଅଭିଭୂତ ହୋଇପଡ଼ିଥିଲେ। ସୂର୍ଯ୍ୟମନ୍ଦିର ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ପ୍ରତିନିଧି ଓ ଗାଇଡ୍ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେମାନଙ୍କ ସହିତ ସିଙ୍ଗାପୁରରୁ ଆସିଥିବା ପ୍ରତିନିଧିମଣ୍ଡଳୀ ମଧ୍ୟ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଗୋପ ବିଡିଓ ତଥା କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଶନ କାର୍ଡ ହାତେଇଛନ୍ତି ୪ ଲକ୍ଷ ଆୟକରଦାତା

ଭୁବନେଶ୍ୱର,୧୮।୧(ସୁନିତ୍ ମିଶ୍ର)

ରାଶନକାର୍ଡ ତାଲିକାରେ ବଡ଼ ଧରଣର ଘୋଟାଲା ହୋଇଛି। ଆୟକର ଦାତାମାନେ ମଧ୍ୟ ହିତାଧିକାରୀ ସାଜି ରାଶନକାର୍ଡ ହାତେଇଛନ୍ତି।ଅଯୋଗ୍ୟହିତାଧିକାରୀମାନଙ୍କ ତାଲିକା ବଢ଼ିଚାଲିଛି। ଇ-କେୱାଇସି କରିବା ଲାଗି ଧାର୍ଯ୍ୟ କରାଯାଇଥିବା ସମୟ ସରି ଆସୁଥିବାବେଳେ ଏପର୍ଯ୍ୟନ୍ତ ଆହୁରି ୪୧ ଲକ୍ଷ ହିତାଧିକାରୀ ବାକି ରହିଛନ୍ତି। ଯେଉଁ ହିତାଧିକାରୀ ତାଲିକାରେ ରହିଛନ୍ତି ସେମାନଙ୍କ ମଧ୍ୟରୁ ୪ ଲକ୍ଷ ଆୟକର ଭରୁଥିବା ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେବାକୁ ଯାଇ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୪୧ ଲକ୍ଷ ହିତାଧିକାରୀ ଇ-କେୱାଇସି ଭରିନାହାନ୍ତି। ହେଲେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ବାସ୍ତବରେ ରାଜ୍ୟରେ କେତେ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି ତାହା ଇ-କେୱାଇସି ପ୍ରକ୍ରିୟା ଶେଷ ହେବାପରେ ସ୍ପଷ୍ଟହେବ। କେତେଜଣ ଆୟକର ଭରି ମଧ୍ୟ ରାଶନ କାର୍ଡ ହାତେଇଛନ୍ତି ତା'ର ତଥ୍ୟ ଆସିଛି, ହେଲେ ଫିଲ୍ଡ ଭେରିଫିକେସନ ସରିବା ପରେ ତାହା ଜଣାପଡ଼ିବ। ଯଦି ଫିଲ୍ଡ ଭେରିଫିକେସନରୁ ଜଣାପଡେ ରାଶନ କାର୍ଡ ହାତେଇଥିବା ହିତାଧିକାରୀ ଆୟକର ଦେଉଥିବେ, ତେବେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ। ଯାହା ଦୁର୍ନୀତି ପୂର୍ବ ସରକାରରେ ହୋଇଥିଲା ସେ କଥା ବାରମ୍ବାର କହିଲେ ସେମାନଙ୍କୁ ଖରାପ ଲାଗୁଛି। ହେଲେ ପୂର୍ବ ସରକାର ସମୟରେ ସବୁକିଛି ସମ୍ଭବ ହେଉପାରୁଥିଲା। ସେମାନେ ଯାହାକୁ ପାରେ ତାକୁ ରାଶନକାର୍ଡ ଦେଇଦେଉଥିଲେ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ବିଧାୟକ ସାରଦା ଜେନା ମନ୍ତ୍ରୀଙ୍କ ତଥ୍ୟକୁ କାଉଣ୍ଟର କରିବାକୁ ଯାଇ କହିଛନ୍ତି, ଯଦି ଆଧାର କାର୍ଡ ସତ ତା'ହେଲେ ଭୂତକାର୍ଡ କିପରି ଆସିବ। ତେଣୁ ଯୋଗାଣ ମନ୍ତ୍ରୀ ଏବଂ ଭାଜପା ସରକାର ରାଜ୍ୟର ଲୋକମାନଙ୍କୁ ଭୁଲେଇବା ଲାଗି ୬ ମାସ ହେଲା ଗରିବ ଲୋକ ଯେଉଁମାନେ ରାଶନ କାର୍ଡ ପାଇବାକୁ ଯୋଗ୍ୟ ଏବଂ ଇଚ୍ଛୁକ ଅଛନ୍ତି ସେମାନଙ୍କୁ ବଞ୍ଚିତ କରିଛନ୍ତି। ଇ-କେୱାଇସି ନାଁରେ ରାଜନୀତି କରି ପ୍ରସଙ୍ଗକୁ ବାଟବଣା କରୁଥିବା ସାରଦା କହିଛନ୍ତି।




## ୧୪ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଫେବୃୟାରୀ ୧୪ରୁ ଆରମ୍ଭ ହେବ। ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡିଆରେ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମାବେଶରେ ରାଜ୍ୟର ସମସ୍ତ ବ୍ଲକରୁ ଗୋପାଳକ, ପ୍ରାଣୀପାଳକ ଓ ମତ୍ସ୍ୟଚାଷୀମାନେ ଯୋଗଦେବେ। ଏନେଇ ଶନିବାର ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବା ପାଇଁ ଆୟୋଜନ ହେଉଥିବାବେଳେ ପ୍ରାୟ ୧ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ। ସେହିପରି ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ, ଯାହାକି ରାଜ୍ୟର ଅନ୍ୟ ଚାଷୀଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସମାବେଶରେ ସାଧାରଣ ସଭା, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର, ଷ୍ଟଲ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଡଗ୍ ଶୋ, ଘୋଡ଼ା ଶୋ ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଅବସରରେ ମନ୍ତ୍ରୀ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ସାଦିକ୍ ଆଲାମ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାନ କିଣା ନ ଯିବା ପ୍ରତିବାଦରେ ଆନ୍ଦୋଳନ

ପାରଳାଖେମୁଣ୍ଡି,୧୮।୧(ଗିରିଧାରୀ ପରିଚ୍ଛା)

## ରାସ୍ତାରେ ବସି ଲିଖିତ ପ୍ରତିଶ୍ରୁତି ଦେଲା ପ୍ରଶାସନ



ଗଜପତି ଜିଲାରେ ଗତ ୭ ତାରିଖରୁ ଧାନମଣ୍ଡି ଖୋଲାଯାଇଛି। ହେଲେ ଜିଲାର ଗୋଷାଣୀ ବ୍ଲକରେ ଧାନ ସଂଗ୍ରହ ହୋଇପାରୁନାହିଁ। ଅଦିନିଆ ବର୍ଷାରେ ଧାନ ନଷ୍ଟ ହେବା ସହ ଗଜା ହୋଇ ରଙ୍ଗ ବଦଳିଛି। ସରକାର ଉକ୍ତ ଧାନ ନେବେ କି ନାହିଁ, ଯଦି ନେବେ କେତେ ମୂଲ୍ୟ ଦେବେ ତାହା ଧାର୍ଯ୍ୟ କରାଯାଇନାହିଁ। ତେଣୁ ବର୍ତ୍ତମାନ ଚାଷୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଅମଳ ଧାନକୁ ସରକାର ଆଗକୁ ଗ୍ରହଣ କରିବେ କି ନାହିଁ ତାହା ବି ସନ୍ଦେହଘେରରେ ରହିଛି। ଅନ୍ୟପକ୍ଷରେ ଅଦିନିଆ ବର୍ଷାରେ କ୍ଷତି ସହିଥିବା ଚାଷୀଙ୍କ ପାଇଁ ସରକାର ବର୍ତ୍ତମାନ ଯାଏ କୌଣସି କ୍ଷତିପୂରଣ ଦେଇନାହାନ୍ତି। ଏସବୁ ସମସ୍ୟା ନେଇ ଶନିବାର ବ୍ଲକର ଚାଷୀମାନେ ଅସନ୍ତୁଷ୍ଟ ହୋଇ ସାତମାଇଲ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଦୀର୍ଘ ସମୟ ରାସ୍ତାରୋକୋ ଫଳରେ ମୋହନା ଓ ପାରଳାଖେମୁଣ୍ଡି ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତା ଜାମ୍ ହୋଇଥିଲା। ଉଭୟ ପଟେ ଶହ ଶହ ଗାଡିମୋଟର ଛିଡାହୋଇ ରହିଥିଲା। ଖବରପାଇ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଏଆରସିଏସ ହରିହର ସେଟ ଓ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ପ୍ରମୁଖ ସଦଳବଳେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରିଥିଲେ। ଅମଳ ହୋଇଥିବା ସବୁ ଧାନକୁ ସରକାର ଗ୍ରହଣ କରନ୍ତୁ ବୋଲି ଚାଷୀ ନିଜ ଜିଦ ଧରିଥିଲେ। ପରେ ପ୍ରଶାସନିକ ଅଧିକାରୀମାନେ ରାସ୍ତା ଉପରେ ବସିବାକୁ ବାଧ ହୋଇଥିଲେ। ଯୋଗାଣ ଅଧିକାରୀ ଏବଂ ଏଆରସିଏସ ମିଳିତ ଭାବେ ଚାଷୀଙ୍କ ସମସ୍ତ ପ୍ରକାର ଧାନ ସଂଗ୍ରହ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଛି। ଜିଲାରେ ମିଲର ମାନେ ସହଯୋଗ କରୁନାହାନ୍ତି। ଚାଷୀଙ୍କ ଆନ୍ଦୋଳନ ଆଗରେ ପ୍ରଶାସନକୁ ନଇଁବାକୁ ପଡଥିଲା। ତେବେ ଧାନ ସଂଗ୍ରହରେ ଆଗକୁ କିଛି ବି ବ୍ୟତିକ୍ରମ ଦେଖାଦେଲେ ପ୍ରଶାସନ ବଡ଼ ଧରଣର ଆନ୍ଦୋଳନର ସାମ୍ନା କରିବ ବୋଲି ଚାଷୀ ଚୂଡାମଣି ସାହୁ, ଯାଇ ଦାମୋଦର ଓ କେ ସୋମେସୁ ପ୍ରମୁଖ କହିଛନ୍ତି।



# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଭୁବନେଶ୍ୱର ପଥ ଉତ୍ସବ, ସ୍ଥାନ: ଇନ୍‌ଫୋସିଟି ଛକ, ସମୟ: ସକାଳ ୬ଟା ୩୦ ।
- ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ କାର୍ଟୁନ ପ୍ରତିଯୋଗିତା, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘର ‘ଅଶୀ ମହୋତ୍ସବ’, ସ୍ଥାନ: ଓଡ଼େଶା ଭବନ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରମିକ ସଂହତି ଦିବସ ଉପଲକ୍ଷେ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ।

## କଟକ
- ଭାଗ୍ୟଲିପି ଓ ପ୍ଲାନେଟ୍ ଫୋରକାଷ୍ଟର ବାର୍ଷିକ ଉତ୍ସବ ଅବସରରେ ଜ୍ୟୋତିର୍ବିଜ୍ଞାନ-ପ୍ରାଚ୍ୟବିଦ୍ୟା ସମ୍ମିଳନୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଜାଗୃତ ଓଡ଼ିଶା ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ ଚିଲ୍‌ଡ୍ରେନ୍ ଫେଷ୍ଟିଭାଲ ଟିକିଏ ହସ, ସ୍ଥାନ: ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ହେମନ୍ତ କୁମାର ସ୍ୱାଇଁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆ,ତିଗିରଆ, ସମୟ: ପୂର୍ବାହ୍ନ ୧୧ଟା ।
- ମର୍କତନଗର ମହିଳା ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟୀ ପ୍ୟାଲେସ୍, ସମୟ: ଅପରାହ୍ନ ୫ଟା ।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ କଳିଙ୍ଗ ଭାରତୀ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ଚୌଦ୍ୱାରସ୍ଥିତ ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଚୌଦ୍ୱାର ଥର୍ମାଲ ରୋଡ୍, ସମୟ: ସନ୍ଧ୍ୟା ୬ଟା ।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ପଞ୍ଚମ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଖୋର୍ଦ୍ଧା
- ସାମାଜିକ ଅନୁଷ୍ଠାନ ସମ୍ଭାବନା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୀତାରାମ ଛକ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ।

## ବାଲେଶ୍ୱର
- ପଞ୍ଚାୟତସ୍ତରୀୟ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ଆଙ୍କୋ ଚନ୍ଦନ ପୋଖରୀ ପଡ଼ିଆ, ରୂପସା, ସମୟ:ପୂର୍ବାହ୍ନ ୧୦ଟା ।
- ରୂପସା ମହୋତ୍ସବ ପ୍ରସ୍ତୁତି ବୈଠକ,ସ୍ଥାନ:ପୋଡ଼ାଡିହା ଛକ, ରୂପସା, ସମୟ:ପୂର୍ବାହ୍ନ ୧୦ଟା ।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ବାର୍ଷିକ ଅଧିବେଶନ, ସ୍ଥାନ: ବଣପାରିଆ ଶାସନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା ।
- ୩୪ତମ ଏଫ୍‌ଏଫ୍‌ସିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ:ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଖବରଦାତା ସମ୍ମିଳନୀ, ସ୍ଥାନ: ନୃତ୍ୟ ସଙ୍ଗୀତ କଳାମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ବୌଦ୍ଧିକ ପ୍ରତିଯୋଗିତା, ସ୍ଥାନ: ଖାଡ଼େଶ୍ୱର ଇଣ୍ଟରନ୍ୟାଶନାଲ ସ୍କୁଲ, ଷ୍ଟେସନ ରୋଡ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା ।
- ସ୍ନୋ ଫେଷ୍ଟ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ।
- ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ଉଦ୍‌ଘାଟନୀ, ସ୍ଥାନ:ହଳଦୀପଦା ପଶୁ ଡାକ୍ତରଖାନା ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଷଷ୍ଠ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ‘କୋଶଗ୍ନ -୨୦୨୫’ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା ।
- ଇଲେକ୍ଟ୍ରୋନିକ୍ସ ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ:ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା ।

## ଭଦ୍ରକ
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ପାର୍ବତୀ ପ୍ରି ସ୍କୁଲ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା ।
- ରକ୍ତଦାନ ଶିବିର, ସ୍ଥାନ: ସମିଆଁ, ସାବରଙ୍ଗ, ସମୟ: ସକାଳ ୯ଟା ।
- ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ପ୍ରସ୍ତୁତି ବୈଠକ, ସ୍ଥାନ: ମା’ ସାତଭଉଣୀଙ୍କ ପୀଠ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଧାମନଗର ବରିଷ୍ଠ ନାଗରିକ ପରିଷଦର ୮ମ ବାର୍ଷିକ ସମାରୋହ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ରହ୍ମେଶ୍ୱର ମହାଦେବ ଓ ମା’ ଅନ୍ନପୂର୍ଣ୍ଣାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାହାଡ଼ା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଆ ଓ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ବର-ଅଶ୍ୱତ୍ଥ ଗଛ ବିବାହ, ସ୍ଥାନ: ବିଲଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା ।
- ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଭାଜପାର କର୍ମୀ ବୈଠକ, ସ୍ଥାନ: କାଞ୍ଚିଆପାଳ ୟୁକାଲ ବଣ, ସମୟ: ମଧ୍ୟାହ୍ନ ୧୨ଟା ।
- ବିମଳା ନାଟ୍ୟ ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡଗମୁଣ୍ଡ, ବାଗୁରାଇ, ସମୟ: ଅପରାହ୍ନ ୪ଟା ।
- ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଲୋକାର୍ପଣ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଧାମନଗର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଏବଂ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ : ସକାଳ ୭ ଟା ।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ : ମରେିଗାଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା ।

## ମୟୂରଭଞ୍ଜ
- ଜିଲାସ୍ତରୀୟ ହାଫ୍ ମାରାଥନ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା ।
- ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ଓ ନବଯୌବନ ଦର୍ଶନ, ସ୍ଥାନ: ଦୁର୍ଗାଦେବୀ, ଭୀମଦା, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସ ଭାଇଙ୍କ ୭୬ତମ ଜନ୍ମ ଜୟନ୍ତୀ, ସ୍ଥାନ: କିଆପାଣପୋଷି, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା ।
- ପାରମ୍ପରିକ କରମ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ବଳାଙ୍ଗୀ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ମହୁଲିଆ, ବାରିପଦା,ସମୟ: ଅପରାହ୍ନ ୧ଟା ।
- ସିଂହଟିଆ ମକରମେଳା ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ସିଂହଟିଆ, ବଡ଼ସାହି,ସମୟ: ସନ୍ଧ୍ୟା ୬ଟା ।

## ଗଞ୍ଜାମ
- ସତ୍‌ସଙ୍ଗବିହାରର ବାର୍ଷିକ ଉତ୍ସବ, ସ୍ଥାନ: ସତ୍‌ସଙ୍ଗବିହାର କଳିଙ୍ଗାରୋଡ଼ ଆସିକା, ସମୟ: ସକାଳ ୭ଟା ।
- ଟାଲେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସିନ୍ଧି ନୂଆଁପଲ୍ଲୀ, ସମୟ: ଅପରାହ୍ନ ୩ ଟା ।

## କନ୍ଧମାଳ
- ଉପଖଣ୍ଡ କ୍ରୀଡା ସଂଘ ର ବୈଠକ, ସ୍ଥାନ: କ୍ରୀଡା ସଂଘ ସଭାଗୃହ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା ।

## ଢେଙ୍କାନାଳ
- ନେତାଜୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଷ୍ଟାଡିୟମ, ଇନ୍‌ଡୋର ହଲ, ସମୟ: ସକାଳ ୮ଟା ।
- ଶତ ବାର୍ଷିକୀ ମହୋତ୍ସବ, ସ୍ଥାନ: ଜହ୍ନାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ, ପରଜଙ୍ଗ, ସମୟ: ସକାଳ ୮ଟା ।
- ସରଗମ୍ ଡ୍ୟାନ୍ସ ଫେଷ୍ଟିଭାଲ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା୩୦ ।

## ଅନୁଗୋଳ
- ଏନ୍‌ଜେଲ ଉଇନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳସ୍ଥିତ ଶିକ୍ଷକପଡ଼ା, ସମୟ: ଅପରାହ୍ନ ୫ଟା ।

## ଜଗତ୍‌ସିଂହପୁର
- ଏଏମ୍‌ଏନ୍‌ଏସ୍ ପକ୍ଷରୁ ନୂତନ ମିନିଷ୍ଟାଡିୟମର ଉଦ୍‌ଘାଟନ ଓ ଆନ୍ତଃ ଗ୍ରାମ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପାରାଦୀପଗଡ଼ ମିନି ଗ୍ରାଉଣ୍ଡ, ପାରାଦୀପ, ସମୟ: ଅପରାହ୍ନ ୨ଟା ।
- ପାରାଦୀପ ନଗର କଂଗ୍ରେସର ଜରୁରୀ ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୩ଟା ।
- ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୂର ୟୁନିୟନର ସାଧାରଣ ସଭା, ସ୍ଥାନ: ଏମ୍‌ସିସି ଗ୍ରାଉଣ୍ଡ,ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।
- ଭାଜପା ନୂତନ ମଣ୍ଡଳ ସଭାପତିଙ୍କ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ କଟକର କ୍ଲବ ଦି ସୋଲାର ବନାମ କେନ୍ଦ୍ରାପଡ଼ା ବାଲାବାବା ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ:ସକାଳ ୯ଟା ।
- ଶ୍ରୀ ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ:ପାଞ୍ଚଗୋଛିଆ, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା ।
- ମା’ରାମଚଣ୍ଡି ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ମନ୍ଦିର ପରିସର, ରାମନଗର, ମହାକାଳପଡ଼ା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର
- ଫିଲ୍ଡ ବୋଏଜ୍ କ୍ରିକେଟ କ୍ଲବ ପକ୍ଷରୁ ଏନ୍‌ସିକପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଏନସି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଓପନ କୁଇଜ ପ୍ରତିଯୋଗିତା, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ମଧ୍ୟାହ୍ନ ୧୨ଟା ।
- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।

## ନୟାଗଡ଼
- ଯୋଗ ଶିବିର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା, ସମୟ: ସକାଳ ୭ଟା . ୩୦ ।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ଚତୁର୍ଥ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସାହିତ୍ୟ ପତ୍ରିକା ମୁକୁଳିତ ରାଜନୀଗନ୍ଧାର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ନୟାଗଡ଼ ଜିଲା ଖଣ୍ଡପଡ଼ା ରୋଡ଼ ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା ।
- ମକର ସଂକ୍ରାନ୍ତି ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ:ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ ୧୦ଟା ।
- ଟି ଟୋଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା ।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ କପ୍‌ର ଫାଇନାଲ ମ୍ୟାଚରେ ସମ୍ବଲପୁର ଏକାଡେମୀ ବନାମ ମଙ୍ଗଳା କ୍ଲବ କଟକ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ସିରିୟସ ଜୋନ ନାଟକ ମହୋତ୍ସବର ୩ୟ ଦିବସ ନାଟକ ମାଗୁଣିର ଶଗଡ଼, ସ୍ଥାନ: ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା ।

## ରାୟଗଡ଼ା
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ।
- ବଂଶଧାରା ବସନ୍ତ ମୋହତ୍ସବ ଉପଲକ୍ଷେ ମହିଳାଙ୍କୁ ନେଇ ସୃଜନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବଘୁଆ ଦେଉଳ ପଛପଟ ଉତ୍ସବ ପଡ଼ିଆ, ସମୟ: ସକାଳ ୯ଟା ।

## ନବରଙ୍ଗପୁର
- ଅବସର ପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମହାଭୈରବୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ କ୍ୟାମ୍ପ, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ସିଦ୍ଧାର୍ଥ ଇଂଲିଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କୋଟପାଡ଼, ସମୟ: ଅପରାହ୍ନ ୩ଟା ।

## ମାଲକାନଗିରି
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କୋରୁକୋଣ୍ଡା ଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ୯ ଟା ।
- ଅଣଗେଜେଟେଡ୍ ବନ ସର୍ମଚାରୀ ସଂଘ ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ମାଲକାନଗିରି ରାଜଶ୍ରୀ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର
- ବିଦ୍ୟା ବିକାଶ ସ୍କୁଲ ବନାମ ପ୍ରେସ ଏକାଦଶ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଶାସନ ସ୍ଥିତ ବିକାଶ ଖେଳ ପଡିଆ, ସମୟ : ସକାଳ ୯ଟା ।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ହୀରାକୁଦ କ୍ରୀଡା ସଂଘ ବନାମ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ଚାଉଁରପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା ।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଇଷ୍ଟକୋଷ୍ଟ ରେଲୱେ ବନାମ ଏମସିସି କ୍ଲବ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରାର କୃଷ୍ଣ ଓ ବଳରାମଙ୍କ ନଗର ପରିକ୍ରମା ଶୁଭାରମ୍ଭ, ସ୍ଥାନ : ବାଲିବନ୍ଧା ଛକ, ସମୟ : ଅପରାହ୍ନ ୩ଟା ।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ ଭାଗବତ ସାଧ୍ୟାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରା ଉଦ୍‌ଯାପନୀ ଉତ୍ସବ ଓ କଂସ ବଧ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ରାତି ୯ଟା ।

## ବଲାଙ୍ଗୀର
- ଗନ୍ଧମାର୍ଦ୍ଦନ ମହାସମାବେଶ, ସ୍ଥାନ: ଖପ୍ରାଖୋଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲଳିତ ନାୟକ ସ୍ମାରକୀ ଫ୍ଲଡଲାଇଟ୍ କ୍ରିକେଟ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ହନୁମାନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ପଞ୍ଚଦୋଳ ଆଶ୍ରମ, ଲୁଚାବନ୍ଧ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ୨ୟ ଦଧିବାମନ କ୍ରିକେଟ ଟୁର୍ନାମେଣ୍ଟରେ ଅମରପାଲି ଓ ତେଲିପାଲି ମଧ୍ୟରେ ଫାଇନାଲ ଖେଳ, ସ୍ଥାନ: ବହଳପଦର ଖେଳ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ୧୪ ତମ ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଟେଭାପଦର, ବୀରମହାରାଜପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା ।

## ଝାରସୁଗୁଡ଼ା
- ନବ ଦାସଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ରଚନା ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଲକ୍ଷ୍ମୀ ନାରାୟଣ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ମାଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା । ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା ।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ତ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୧ଟା ।

## ସୁନ୍ଦରଗଡ଼
- ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପଞ୍ଚାୟତର କୁସୁନା ଗ୍ରାମରେ ରାତ୍ରକାଳୀନ ରାହାସ ଯାତ୍ରା,ସ୍ଥାନ:ରାହାସ ମଣ୍ଡପ, ସମୟ: ସନ୍ଧ୍ୟା୭ ଟା ।

## ରାଉରକେଲା
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠ, ୭ମ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା ।
- ଜୁନିଅର ମ୍ୟାଥମାଟିକ୍ସ ଅଲମ୍ପିଆଡ୍, ସ୍ଥାନ: ସେକ୍ଟର୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା ।
- ଜିଲାକ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତା, ୪ର୍ଥ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦ ।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼, ସହର, ସମୟ: ପ୍ରାତଃ ୪ଟା ।
- ବିଦ୍ୟା ବିକାଶ ଇଂଲିଶ ମିଡିୟମ୍ ସ୍କୁଲ ପକ୍ଷରୁ ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୯ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ଼ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ର ପାତି ମେଳା ଅବସରରେ ସଧାରଣ ସଭା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା ।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ର ପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ,
- ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି
- ନବନିର୍ମିତ ଦେବସ୍ଥାନମର ସୂର୍ଯ୍ୟପୂଜା, ଶାଳାଧିଷ୍ଠ ଦେବତା ପୂଜା, ପାର୍ଶ୍ୱଦେବତା ସ୍ଥାପନ, ପ୍ରଭୁଙ୍କ ରତ୍ନସିଂହାସନ ବିଜେ, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ ଟାଉନଶିପ ପରିସର, ସମୟ: ଅପରାହ୍ନ ୧ଟା ୩୦ ।

## ନୂଆପଡ଼ା
- ବ୍ଲକସ୍ତରୀୟ ଯାଦବ ସମ୍ମିଳନୀ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ଗନିଆରି ଗାଁ ଯାଦବ ସମାଜ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଯାଦବ ସମାଜ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଆଞ୍ଚଳିକ ଯାଦବ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ୧୮ତମ ରୋୟଲ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ଗନିଆାରୀ ଗାଁ ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।

## ବୌଦ୍ଧ
- ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ତିଲେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଲେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଲେ ମଧ୍ୟ ଆତ୍ମୀୟଙ୍କ ଅନାଦରଭାବ ବ୍ୟଥିତ କରିବ । ଯାତ୍ରା, ବାଣିଜ୍ୟ, ଯୋଗାଯୋଗ, ପଦସ୍ଥ ବ୍ୟକ୍ତିଙ୍କ ସାକ୍ଷାତ୍‌କାରରେ ସଫଳତା ମିଳିବ । ରଚନାତ୍ମକ କାର୍ଯ୍ୟ, ସନ୍ତାନ ହେତୁକ କୃତିତ୍ୱ ଏବଂ ଋଣ ପରିଶୋଧ ଜନିତ ଆତ୍ମତୃପ୍ତି ଲାଭ କରିପାରନ୍ତି ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ ବିଚାର ଓ ସୁଚିନ୍ତିତ ପରାମର୍ଶ ବନ୍ଧୁଙ୍କ ମନକୁ ପାଇବ । ନିଜ କ୍ଷେତ୍ରରେ ଅଟକି ରହିଥିବା କାମକୁ ନେଇ ମନ ବିଚଳିତ ରହିବ । ବ୍ୟସ୍ତତାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ବନ୍ଧୁଙ୍କ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ । ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ।

**ମିଥୁନ** ବାଦାନୁବାଦ କାରଣରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅମୀମାଂସିତ ରହିବ । କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ଦୂରକୁ ଯିବାକୁ ପଡ଼ିପାରେ । ମନର ଗୋପନ କଥାକୁ ଇଚ୍ଛା ଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ । ପରିବାରରେ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି ।

**କର୍କଟ** ସାମାଜିକ ସ୍ତରରେ ଜନହିତକର କାମ କରି ପ୍ରଶଂସାଭାଜନ ହେବେ । ପରିବାରରେ ମତଭେଦ ଘଟି କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ । ମାଲିମକଦ୍ଦମାରେ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ରହିପାରେ । ବନ୍ଧୁମାନଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ । ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ଫନ୍ଦିଫିକର କରିପାରନ୍ତି । ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ । ଆଜି ଅଫିସିଆଲି ଆଲୋଚନାରେ ସହକର୍ମୀଙ୍କ ସହ ଉତ୍ତବାଚ ଘଟିପାରେ ।

**କନ୍ୟା** ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସମାଦର, ସମସ୍ୟାର ସମାଧାନ ଓ ସୁସ୍ୱାଦୁଭୋଜନ ପ୍ରାପ୍ତି ହେବ । ବ୍ୟସ୍ତତା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ ହେବ । ପୂର୍ବ ରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟମାନେ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ଶତ୍ରୁତା କରିପାରନ୍ତି । ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ ।

**ତୁଳା** ବନ୍ଧୁଙ୍କ ସହଯୋଗ ଲାଭ କରି ନୂତନ କାର୍ଯ୍ୟଟି ସୁରୁଖୁରୁରେ ସମ୍ପନ୍ନ କରିବେ । ଶିଳ୍ପ, ବାଣିଜ୍ୟ, କାରିଗରି, ଆଇନ ଅଦାଲତ ଓ ଗଣତାନ୍ତ୍ରିକ ପଦ୍ଧତିର କାର୍ଯ୍ୟରେ ସଫଳତା ପାଇବେ । ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ଅର୍ଥର ଆବଶ୍ୟକତା ପଡ଼ିପାରେ । ପାରସ୍ପରିକ ଆଲୋଚନା କରି କାମ କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହେବ ।

**ବିଛା** ଆତ୍ମୀୟଙ୍କ ସାହାଯ୍ୟରୁ ପ୍ରତ୍ୟେକ କାମ ସରଳ ଓ ସହଜରେ ସମ୍ପନ୍ନ ହେବ । ବନ୍ଧୁଙ୍କ ପରାମର୍ଶକ୍ରମେ ଦୈନିକ କାର୍ଯ୍ୟଶୈଳୀର ପରିବର୍ତ୍ତନ କରି ଆତ୍ମତୃପ୍ତି ଲାଭ କରିବେ । ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି । ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ମନକୁ ବିଚଳିତ କରିପାରେ ।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ କାର୍ଯ୍ୟହାନି କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ । ପ୍ରତିକୂଳ ସମୟ ଚାଲିଥିବାରୁ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି । କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ଆର୍ଥିକ ଦୁରବସ୍ଥା କାର୍ଯ୍ୟଧାରାର ଗତିରୋଧ କରିବ ।

**ମକର** ତୀକ୍ଷ୍ଣ ବୁଦ୍ଧିମତ୍ତାର ପରିଚୟ ଦେଇ ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କରିପାରିବେ । ସହକର୍ମୀଙ୍କ ସହାୟତାରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ । ନୂତନ ବନ୍ଧୁତ୍ୱ, ରପ୍ତାନି ବାଣିଜ୍ୟ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସାଧନାରେ ଉନ୍ନତି କରିବେ । ଛୋଟ କଥାରେ ରାଗିବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ।

**କୁମ୍ଭ** ସକାଳୁ ବଚସାଜନିତ ମନ ଖରାପ ହୋଇଯାଇଥିଲେ ମଧ୍ୟ ପରେ ସବୁ କିଛି ଠିକ୍ ହୋଇଯିବ । କୌଣସି ବନ୍ଧୁଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । ପରୋକ୍ଷ ଶତ୍ରୁତା ହେତୁ କାମ ଶୃଙ୍ଖଳିତ ହେବା ସୂଚନା ରହିଛି । ଜମିଜମା, କଚେରି ମାମଲା, ଚୁକ୍ତିପତ୍ର, ବିବାଦର ସମାଧାନ କରିବାରେ ସଫଳ ହେବେ ।

**ମୀନ** ଆଜି କୌଣସି କାମ ଅଟକିବ ନାହିଁ, ମାତ୍ର ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ । ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ । ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ । ଏକାଧିକ ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ବନ୍ଧୁଙ୍କ କାର୍ଯ୍ୟକଳାପ ଆପଣଙ୍କୁ ଅସନ୍ତୁଷ୍ଟ କରିବ ।

ଆଜି ଜାନୁଆରୀ ୧୯ ତାରିଖ, କଶ୍ମୀରୀ ପଣ୍ଡିତଙ୍କ ନିର୍ବାସନ ଦିବସ, ମାଘ କୃଷ୍ଣ ଷଷ୍ଠୀ ରବିବାର, ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ପାଇଁ ଶୁଭଦିନ । ଦିବା ଘ.୦୬।୨୭ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୨୬ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ଗାଡ଼ିର ବୀମା ନ ଥିଲେ ...

ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଇ-ଡିଟେକ୍ସନରେ ପରମିଟ୍, ଫିଟନେସ୍, ଟିକସ ନିୟମ ଉଲ୍ଲଂଘନକାରୀଙ୍କୁ ଟୋଲ୍‌ଗେଟ୍‌ରେ ଚିହ୍ନଟ କରାଯାଉଥିଲା । ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ । ସେହିପରି ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି । ତେଣୁ ଗାଡ଼ିର ବୀମା ନ ଥିଲେ ତୁରନ୍ତ ବୀମା କରାଇନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

ସୂଚନାନୁସାରେ, ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଏହାର ଉଲ୍ଲଂଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ ଏପରିକି ଉଭୟ ଦଣ୍ଡର ପ୍ରାବଧାନ ରହିଛି । ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ ଏପରି କି ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ରହିଛି ।

## ଡାଲମିଆର କେ.ପି. ...

କାରଖାନାରେ ଗୁରୁବାର କୋଲ୍ ହପର ଭୁଶୁଡ଼ି ପଡିଥିଲା । ଏହାର ୪୦ ଘଣ୍ଟା ପରେ ଶନିବାର ୩ ଶ୍ରମିକଙ୍କ ମୃତଦେହ ଜବତ ହୋଇଛି । ମୃତ ଶ୍ରମିକ ହେଲେ ସୁଶାନ୍ତ ରାଉତ, ଦଶରଥ ପାତ୍ର ଓ ରଞ୍ଜିତ ଭୋଳ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ପରେ କମ୍ପାନୀ ପକ୍ଷରୁ ମୃତ ପ୍ରତ୍ୟେକ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ରାଶି ୨୫ଲକ୍ଷ ଟଙ୍କା, ଇନ୍‌ସ୍ୟୁରାନ୍ସ ବାବଦକୁ ୧୦ଲକ୍ଷ ଟଙ୍କା, ପରିବାରର ଜଣଙ୍କୁ ନିଯୁକ୍ତି, ପିଲାମାନଙ୍କୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଖର୍ଚ୍ଚ ବହନ ସହ ଘର ଯୋଗାଇଦେବା ପାଇଁ ଘୋଷଣା କରାଯାଇଛି । ପାୱାର ପ୍ଲାଣ୍ଟ ଏବଂ କୋଲ୍ ବଙ୍କର ଅସୁରକ୍ଷିତ ଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ କାମ କରିବାକୁ ବାରଣ କରାଯାଇଛି । ଏଥିସହ ୧୦ଟି ପ୍ରତିକାରମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଶିଳ୍ପ ପ୍ରତିଷ୍ଠାନରେ ଘଟିଥିବା ଏଭଳି ବଡ଼ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟ ଆମ ପାଇଁ ଏକ ବଡ଼ ଚାଲେଞ୍ଜ ଥିଲା । ଉଦ୍ଧାର କାର୍ଯ୍ୟ ସଫଳତାର ସହ ହୋଇଥିଲେ ମଧ୍ୟ ୩ ଜଣ ଶ୍ରମିକଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରି ନ ପାରିବା ଦୁଃଖର ବିଷୟ । ଏହି ଦୁର୍ଘଟଣା କେଉଁ କାରଣରୁ ଘଟିଲା ସେ ନେଇ ବୈଷୟିକ ଟିମ୍ ସହାୟତାରେ ତଦନ୍ତ କରାଯିବ । ଏଥିରେ ଯାହାର ବି ତ୍ରୁଟି ଥିବ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଦୁର୍ଘଟଣା ସମ୍ପୂର୍ଣ୍ଣଭାବେ ମନୁଷ୍ୟକୃତ । ଏହାର ଠିକ୍ ତଦନ୍ତ କରାଯାଇ ଭବିଷ୍ୟତରେ ଜିଲାରେ ଥିବା ବିଭିନ୍ନ କଳକାରଖାନାରେ ସୁରକ୍ଷା ବ୍ୟବସ୍ଥା ପ୍ରତି କଡ଼ା କଡ଼ି ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଜିଲାର ବିଶିଷ୍ଟ ଶ୍ରମିକ ନେତା ତଥା ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାସ ଦାବି କରିଛନ୍ତି । ସେ କହିଛନ୍ତି, ଦୁର୍ଘଟଣାରେ ମୃତକ ପରିବାରବର୍ଗଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୨ ନମ୍ବର ପ୍ଲାଣ୍ଟରେ ଥିବା ବଏଲର ଫାଟି ଯାଇ କୋଇଲା ଗଦା ହୋଇଯାଇଥିଲା । ଏଥିରେ ୩ ଜଣ ଶ୍ରମିକ ନିଖୋଜ ହୋଇଯାଇଥିଲେ । ଗତ ୩ଦିନ ଧରି ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଶନିବାର ପୂର୍ବାହ୍ନରେ କୋଇଲା ଓ ଲୁହାଗଦା ଭିତରେ ପୋତି ହୋଇଯାଇଥିବା ୩ ଜଣ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଥିଲା । କାରଖାନା ଭିତରେ ଆଗୁଆ ଆବଶ୍ୟକ ବୈଷୟିକ ସୁରକ୍ଷା ଅଭାବରୁ ଏଭଳି ଦୁର୍ଘଟଣା ଘଟିଲା ନା ଆଉ କିଛି ସେ ନେଇ ଶ୍ରମିକ ମହଲରେ ପ୍ରଶ୍ନ ଉଠିଛି । ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ(ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ରାଉରକେଲା ଅତିରିକ୍ତ ଜିଲାପାଳ ସନ୍ତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ କାରଖାନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଦ୍ଧାର କାର୍ଯ୍ୟ ଚାଲିଥିଲା ।

## ସଞ୍ଜୟ ରାୟ ...

(ବିଏନ୍‌ଏସ୍)ର ଦଫା ୬୪(ବଳାତ୍କାର), ଦଫା ୬୬(ମୃତ୍ୟୁ ଘଟାଇବା ପାଇଁ ଦଣ୍ଡ) ଏବଂ ୧୦୩(୧) (ହତ୍ୟା)ରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଦଫା ୧୦୩(୧) ଅନୁଯାୟୀ ତାଙ୍କୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ ଜେଲଦଣ୍ଡାଦେଶ ହୋଇପାରେ । ଡାକ୍ତରଙ୍କୁ ବଳାତ୍କାର ଏବଂ ଗଳାଚିପି ହତ୍ୟା କରିବା ମାମଲାରେ ସଞ୍ଜୟ ଦୋଷୀ ସାବ୍ୟସ୍ତ ହୋଇଥିବା ବିଚାରପତି କହିଛନ୍ତି । ତାଙ୍କ ବିରୋଧରେ ସମସ୍ତ ଅଭିଯୋଗକୁ ସିବିଆଇ ପ୍ରମାଣିତ କରିଥିଲା । ବିଚାରପତିଙ୍କ କହିବା ଅନୁଯାୟୀ, ସଞ୍ଜୟ ଅଗଷ୍ଟ ୮ ତାରିଖ ରାତି ୪ଟାରେ ହସ୍ପିଟାଲର ସେମିନାର ରୁମ୍‌ରେ ପ୍ରବେଶ କରିଥିଲେ । ଡ୍ୟୁଟିରେ ଥିବା ଡାକ୍ତର ଜଣକ ସେତେବେଳେ ସେଠାରେ ଶୋଇଥିବାବେଳେ ସଞ୍ଜୟ ତାଙ୍କୁ ଯୌନ ନିର୍ଯାତନା ଦେବା ପରେ ଗଳା ଚିପିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଅଭିଯୋଗକୁ ଆଧାରକରି ସଞ୍ଜୟଙ୍କ ନାମରେ ବିଏନ୍‌ଏସ୍‌ର ଦଫା ୬୪, ୬୬ ଏବଂ ୧୦୩(୧)ରେ ମାମଲା ରୁଜୁ ହୋଇଥିଲା । ସାକ୍ଷୀମାନଙ୍କ ବୟାନ ଏବଂ ଦାଖଲ ହୋଇଥିବା କାଗଜପତ୍ରରୁ ସଞ୍ଜୟ ଦୋଷୀ ପ୍ରମାଣିତ ହୋଇଛନ୍ତି । ସୋମବାର ଅପରାହ୍ନ ୧୨ଟା ୩୦ ମିନିଟ୍‌ରେ ଦଣ୍ଡ ଶୁଣାଣି କରାଯାଇ ଘୋଷଣା ହେବ । ରାୟ ଘୋଷଣା ପରେ ସଞ୍ଜୟଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରେସିଡେନ୍ସି କରେକ୍ସନାଲ ହୋମ୍‌କୁ ନିଆଯାଇଛି । ରାୟକୁ ମୃତା ଡାକ୍ତରଙ୍କ ମା’ ଗ୍ରହଣ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ରାୟ ମିଳି ନ ଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସଞ୍ଜୟ ଏକମାତ୍ର ଅପରାଧୀ ନୁହନ୍ତି । ଅନ୍ୟ ଯେଉଁମାନେ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି, ସେମାନଙ୍କୁ କାଠଗଡ଼ାକୁ ଅଣାଯାଉ ବୋଲି ଡାକ୍ତରଙ୍କ ମା’ ଦାବି କରିଛନ୍ତି । ଅନ୍ୟପକ୍ଷରେ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବେ ନାହିଁ ବୋଲି ସଞ୍ଜୟଙ୍କ ପରିବାର ପକ୍ଷରୁ କୁହାଯାଇଛି ।

# ୪ରୁ ଖଣ୍ଡଗିରି ମାଘମେଳା, ଅନୁଦାନ ରାଶି ୨ ଗୁଣ ବଢ଼ିଲା


ବୈଠକରେ ମେୟର ସୁଲୋଚନା ଦାସଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୧୮।୧(ବନ୍ଦନା ସେଠୀ)

■ ଖଣ୍ଡଗିରି ଛକରୁ ଜୟଦେବ ବାଟିକା ପର୍ଯ୍ୟନ୍ତ ଜବରଦଖଲ ହଟିବ
■ ପୋଲିସ ସହ ମୁତୟନ ହେବେ ୨୫୦ ଅବସରପ୍ରାପ୍ତ ସେନା କର୍ମଚାରୀ

ଖଣ୍ଡଗିରିଠାରେ ଫେବୃଆରୀ ୪ରୁ ଐତିହାସିକ ମାଘମେଳା ସହ ଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବିଏମ୍‌ସି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଖଣ୍ଡଗିରି ମେଳା ତଥା ଜାଗମରାର ଆରାଧ୍ୟ ଦେବତା ଅନନ୍ତ କେଶରୀଙ୍କ ଉତ୍ସବ ପାଇଁ ବିଏମ୍‌ସି ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଛି। ଗତଥର ଏହା ୨ଲକ୍ଷ ଥିଲା। ଏଥର ମେଳାରେ ୧ହଜାରରୁ ଅଧିକ ସାଧୁସନ୍ଥ ଯୋଗଦେବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଟେଣ୍ଟ, ଆଲୋକ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ। ବିଭିନ୍ନ ପ୍ରବେଶ ପଥରେ ଗେଟ୍ ଲାଗିବା ସହ ୧୦ଟି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡ଼ି ମୁତୟନ ରହିବ। ବଞ୍ଜାରାଙ୍କ ଅନୁପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନିଆଯିବ। ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷାକରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବ। କମିଶନ୍‌ରେଟ ପୋଲିସ ସହ ବିଏମ୍‌ସିର ୭ଟି ସ୍କ୍ୱାଡ୍ ଏବଂ ସ୍ୱତନ୍ତ୍ର ଭାବେ ୨୫୦ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଖଣ୍ଡଗିରି ଛକରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ଉଠାଯିବ। ସେହିପରି ଖଣ୍ଡଗିରି ପାହାଡ଼ ଉପରକୁ ପାଣି ନେବା ଏକ ବଡ଼ ସମସ୍ୟା ହୋଇଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ଖଣ୍ଡଗିରି ଛକରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ, ମେଳାପଡ଼ିଆ ଆଦି ଅଞ୍ଚଳକୁ ଆଲୋକୀକରଣ କରାଯିବ। ସୁରକ୍ଷା ପାଇଁ ସିସିଟିଭି, ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ମେଳାସ୍ଥଳରେ ୨୪ଘଣ୍ଟିଆ ସଫେଇ କର୍ମୀ ଓ ଗାଡ଼ି ରହିବ। ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ପୋଲିସ, ମେଡିକାଲ ଟିମ୍, ଅଗ୍ନିଶମ ବିଭାଗ, ୱାଟ୍‌କୋ, ବିଦ୍ୟୁତ୍ ଆଦି ଉପବିଭାଗର ସେବା ଶିବିର ରହିବ। ଚଳିତବର୍ଷ ମେଳାରେ ବ୍ୟବସାୟୀଙ୍କ ପାଇଁ ୪ ଶହରୁ ଅଧିକ ଷ୍ଟଲ୍ ଖୋଲାଯିବ। ଯେଉଁମାନଙ୍କର ବ୍ୟବସାୟିକ ଅନୁମତିପତ୍ର ଥିବ, ସେହିମାନଙ୍କୁ ହିଁ ଷ୍ଟଲ୍ ପକାଇବା ପାଇଁ ପ୍ରୋତ୍ସାହିତ କରାଯିବ। ଭ୍ରାମ୍ୟମାଣ ବ୍ୟବସାୟୀଙ୍କଠାରୁ ଟ୍ରେଡ୍ ଲାଇସେନ୍ସ ଫି ଆଦାୟ କରାଯିବ। କୌଣସି ବ୍ୟବସାୟୀ ଥର୍ମକୁଲ, ନିଷିଦ୍ଧ ପଲିଥିନ୍ ବା ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ଉପଯୋଗ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୪ଟି ସ୍ଥାନରେ ଗାଡ଼ି ପାର୍କିଂ ଲାଗି ବ୍ୟବସ୍ଥା କରାଯାଇଥିବାବେଳେ ଆଉ ଅଧିକ ସ୍ଥାନରେ ପାର୍କିଂ ସ୍ଥାନ ଚିହ୍ନଟ ପାଇଁ କମିଶନ୍‌ରେଟ ପୋଲିସ ଏବଂ ବିଏମ୍‌ସିର ସାଉଥ୍-ୱେଷ୍ଟ ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଦୁଇରୁ ତିନି କିଲୋମିଟର ଦୂରରେ ପାର୍କିଂ ସ୍ଥାନ ନିରୂପଣ କରି ସେଠାରୁ ଦେଖଣାହାରିଙ୍କୁ ବସ୍ ଯୋଗେ ଖଣ୍ଡଗିରି ମେଳାସ୍ଥଳକୁ ଆଣିବା ବ୍ୟବସ୍ଥା କରାଯିବ। ବିଏମ୍‌ସିର ଖାଦ୍ୟ ନିରାପତ୍ତା ଟିମ୍ ମେଳାରେ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟର ମାନ ଓ ଗୁଣବତ୍ତା ଯାଞ୍ଚ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଦୀଘା ମୁହାଣରେ ବୁଡ଼ିଲା ମାଛଧରା ଟ୍ରଲର



ଭୋଗରାଇ,୧୮।୧(ପ୍ରଦୀପ ଦାସ)

**ବର୍ତ୍ତିଲେ ୯ ମତ୍ସ୍ୟଜୀବୀ**

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଦୀଘା ସମୁଦ୍ର ମୁହାଣ ନିକଟରୁ ଏକ ମାଛଧରା ଟ୍ରଲର ମାଛ ମାରି କୂଳକୁ ଫେରୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଓ ଅଧିକ ଓଜନର ମାଛ ବୋଝେଇ ଯୋଗୁ ସମୁଦ୍ରରେ ଟ୍ରଲରଟି ବୁଡ଼ିବାକୁ ଲାଗିଥିଲା। ଟ୍ରଲର ବୁଡ଼ିଯାଉଥିବା ବେଳେ ମତ୍ସ୍ୟଜୀବୀମାନେ ଫୋନ୍‌ରେ କୂଳକୁ ସୂଚନା ଦେଇଥିଲେ। ସ୍ଥାନୀୟ ଉଦ୍ଧାରକାରୀ ଟିମ୍ ଜରୁରୀ ଭିତ୍ତିରେ ସେଠାରେ ପହଞ୍ଚି ଟ୍ରଲରରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଅକ୍ଷତବସ୍ଥାରେ ସମୁଦ୍ରରୁ ଉଦ୍ଧାର କରିଥିଲେ। କୂଳଠାରୁ ୨ଶହ ମିଟରରେ ଟ୍ରଲର ଦୁର୍ଘଟଣାଗ୍ରସ୍ତ କିଭଳି ଭାବରେ ହେଲା ତାହାକୁ ନେଇ ଦୀଘା ମେରାଇନ ପୋଲିସ ଅଧିକ ତଦନ୍ତ କରୁଛି।

## ମାଓବାଦୀଙ୍କ ସୁଡ଼ଙ୍ଗ ଠାବ, ବିପୁଳ ସାମଗ୍ରୀ ଜବତ

ମାଲକାନଗିରି,୧୮।୧
(ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ ସୁକ୍‌ମା ଓ ବିଜାପୁର ଜିଲ୍ଲା ସୀମାରେ ତଲାସି ବେଳେ ଯବାନମାନେ ମାଓବାଦୀଙ୍କ ଦ୍ୱାରା କରାଯାଇଥିବା ଏକ ବଡ଼ ଧରଣର ସୁଡ଼ଙ୍ଗକୁ ଶନିବାର ଠାବକରିଛନ୍ତି। ସୁଡ଼ଙ୍ଗ ଭିତରୁ ଯବାନମାନେ ବୋମା ତିଆରି ସାମଗ୍ରୀ, ବିପୁଳ ପରିମାଣର ବିଦ୍ୟୁତ୍ ତାର ସହ ବନ୍ଧୁକ ତିଆରି ମେସିନ ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ମାଓବାଦୀମାନେ ବଡ଼ଧରଣର ଆକ୍ରମଣ ପାଇଁ ଏହି ସୁଡ଼ଙ୍ଗ କରି ସେଥିରେ ଉକ୍ତ ସାମଗ୍ରୀଗୁଡ଼ିକ ରଖିଥିଲେ।

ସୂଚନାଯୋଗ୍ୟ, ଗତ ୨ ଦିନ ପୂର୍ବେ ଯବାନଙ୍କ ସହ ଗୁଳି ବିନିମୟରେ ଏହି ଅଞ୍ଚଳରେ ୧୨ ମାଓବାଦୀଙ୍କ ମୃତ୍ୟୁ ପରେ ଜୋରଦାର ତଲାସି ବେଳେ ଘଞ୍ଚ ଜଙ୍ଗଲରେ ଏକ ସୁଡ଼ଙ୍ଗ ଦେଖିବାକୁ ପାଇଥିଲେ। ଏହି ସୁଡ଼ଙ୍ଗ ଦେଇ ଟପ୍ ମାଓବାଦୀ ନେତା ହିଡ଼ମା ଓ ଅନ୍ୟ କେତେଜଣ ଲୁଚି ଖସିଯାଇଥିବା ସନ୍ଦେହ କରାଯାଉଛି। ତଲାସିରେ ଡିଆର୍‌ଜି ବିଜାପୁର, ଡିଆର୍‌ଜି ସୁକ୍‌ମା, ଡିଆର୍‌ଜି ଦାନ୍ତେୱାଡ଼ା, କୋବ୍ରା ଏବଂ ସିଆର୍‌ପିଏଫ୍ ୨୨୯ ବାଟାଲିୟନର ମିଳିତ ଟିମ୍ ସାମିଲ ଅଛନ୍ତି।

## ବସ୍ ଦୁର୍ଘଟଣାଗ୍ରସ୍ତ: ବାପଝିଅ ମୃତ, ୨୦ରୁ ଉର୍ଦ୍ଧ୍ୱ ଆହତ



ମାଲକାନଗିରି,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିରୁ ବିଶାଖାପାଟଣାସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲରେ ଚିକିତ୍ସା ପାଇଁ ରୋଗୀଙ୍କୁ ନେଇ ଯାଉଥିବା ଏକ ବସ୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବସ୍‌ଟି ରାସ୍ତାରେ ଖରାପ ହୋଇ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ବାପଝିଅଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମାଲକାନଗିରି ଜିଲ୍ଲା ପଡ଼ିଆ ଥାନା ଏମ୍‌ଭି ୫୮ ଗ୍ରାମର ସୁବ୍ରତ ରାୟ ଏବଂ ତାଙ୍କ ସାନ ଝିଅ। ଏହା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ ସୁବ୍ରତ ଏମ୍‌ଭି ୫୮ ଭାଜପା ଗ୍ରାମ ବୁଥ୍ ସଭାପତି ସହ ପଡ଼ିଆ ମଣ୍ଡଳ ଭାଜପା ଯୁବନେତା ଥିଲେ।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଗଜପତିନଗର ଥାନା ମଧୁପଦାଠାରେ ବସ୍‌ଟି ଏକ ଟ୍ରକ୍ ସହ ଧକ୍କାହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ ରୋଗୀ ବିଶାଖାପାଟଣା ଚିକିତ୍ସା ହେବା ପାଇଁ ଯାଉଥିଲେ। କୁହୁଡ଼ି ଯୋଗୁ ବସ୍ ଚାଳକ ଛିଡ଼ାହୋଇଥିବା ଟ୍ରକ୍‌କୁ ଦେଖି ନ ପାରି ଧକ୍କାଦେଇଥିଲେ। ସ୍ଥାନୀୟ ଲୋକ ଏବଂ ପୋଲିସ ସହଯୋଗରେ ଆହତମାନଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ସାତକୋଶିଆରେ ସରିଲା ପକ୍ଷୀ ଗଣନା


ଟିକରପଡ଼ା ରେଞ୍ଜରେ ପକ୍ଷୀ ଗଣନା କରାଯାଉଛି।

ଅନୁଗୋଳ,୧୮।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲ୍ଲାର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଶନିବାର ପକ୍ଷୀ ଗଣନା ଶେଷ ହୋଇଛି। ଗତ ୧୫ ତାରିଖରେ ପକ୍ଷୀ ଗଣନା ପାଇଁ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। କେଉଁଭଳି ଭାବେ ପକ୍ଷୀ ଗଣନା କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସକାଳ ୭ଟା ୪୦ରେ ୨ଟି ଟିମ୍ ସାତକୋଶିଆ ବନଖଣ୍ଡର ଟିକରପଡ଼ା ରେଞ୍ଜରୁ ପକ୍ଷୀ ଗଣନା ପାଇଁ ବାହାରିଥିଲା। ଗୋଟିଏ ଟିମ୍ ଟିକରପଡ଼ା ଠାରୁ ତଳମୁଣ୍ଡକୁ ଯାଇଥିବା ବେଳେ ଅନ୍ୟ ଏକ ଟିମ୍ ବିନିକେଇ ପର୍ଯ୍ୟନ୍ତ ଯାଇଥିଲା। ପ୍ରତି ଟିମ୍‌ରେ ୫ ଜଣ କର୍ମଚାରୀ ପକ୍ଷୀ ଗଣନା କାର୍ଯ୍ୟ କରିଥିଲେ। ଚଳିତବର୍ଷ ଟିକରପଡ଼ାରେ ସ୍କିମର ଏବଂ ଅନ୍ୟ ବହୁ ପକ୍ଷୀ ଦେଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୧୫ରେ ରାଜ୍ୟସ୍ତରୀୟ ପର୍ବତାରୋହଣ



ବୈଠକରେ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆର ନାଲ୍‌କୋ ଶାଖାର କର୍ମକର୍ତ୍ତାମାନେ।

ଅନୁଗୋଳ,୧୮।୧(ମାନସ ବିଶ୍ୱାଳ)

ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆର ନାଲ୍‌କୋ ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଜୈବ ବିବିଧତା ଓ ପର୍ବତାରୋହଣ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଗୋଳ ସହର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ଶାଖା ସଭାପତି ଭବାନୀ ପ୍ରସାଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃଆରୀ ୧୫ ଓ ୧୬ରେ ଏହି ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ବୈଠକରେ ରାଜ୍ୟ ସମ୍ପାଦକ ପ୍ରହ୍ଲାଦ ପଟ୍ଟନାୟକ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଥିରେ ୟୁଥ୍ ହଷ୍ଟେଲର ସଦସ୍ୟମାନେ ଅଂଶଗ୍ରହଣ କରିବେ। ଚଳିତବର୍ଷ ଟିକରପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ୟାମ୍ପ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଫେବୃଆରୀ ୧୫ରେ ଅନୁଗୋଳ ସହରରୁ ପର୍ବତାରୋହଣ ଟିମ୍ ଟିକରପଡ଼ା ଅଭିମୁଖେ ଯାତ୍ରା କରିବ। ଟିକରପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ୟାମ୍ପରେ ଅଂଶ ଗ୍ରହଣକାରୀ ରାତ୍ରି ଯାପନ କରିବେ। ଏହାପରେ ୧୬ ତାରିଖ ସକାଳେ ସେମାନଙ୍କୁ ସାତକୋଶିଆର ଜୈବ ବିବିଧତା ଉପରେ ବ୍ୟାପକ ଭାବେ ସଚେତନ କରାଯିବା ସହ ନିକଟରେ ଥିବା ପର୍ବତ ଆରୋହଣ କରାଯିବ। ପାହାଡ଼ ଚଢ଼ିବା ସମୟରେ ସେମାନଙ୍କୁ ଜୈବ ବିବିଧତା ଉପରେ ବୁଝାଯିବା ସହ ଆବଶ୍ୟକ ସତର୍କତା ସମ୍ପର୍କରେ ସଚେତନ କରାଯିବ। ଏହାପୂର୍ବରୁ ରେକି ପାଇଁ ଏକ ଟିମ୍ ଟିକରପଡ଼ା ଗସ୍ତ କରି ପାହାଡ଼ ଚମିବେ। ଅନୁଷ୍ଠିତ ଏହି ବୈଠକରେ ନାଲ୍‌କୋ ଶାଖା ସମ୍ପାଦକ ଦିଲୀପ କୁମାର ଦାସଙ୍କ ସହ ସଦସ୍ୟମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

# ଆମେରିକାରେ ଟିକ୍‌ଟକ ଭବିଷ୍ୟତ ଅନିଶ୍ଚିତ

ୱାଶିଂଟନ,୧୮।୧

**ସଂଘୀୟ ଆଇନକୁ ବଳବତ୍ତର ରଖିଲେ ସୁପ୍ରିମକୋର୍ଟ**




ଆମେରିକା ସୁପ୍ରିମକୋର୍ଟ ଶୁକ୍ରବାର ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକକୁ ସଂଘୀୟ ଆଇନରୁ ସୁରକ୍ଷା ଦେବା ପାଇଁ ଏକ ସର୍ବସମ୍ମତ ରାୟରେ ମନା କରିଦେଇଛନ୍ତି। ଫଳରେ ପ୍ୟାରେଣ୍ଟ କମ୍ପାନୀ ବାଇଟ୍‌ଡାନ୍ସ ଅଧୀନ ଟିକ୍‌ଟକର ଭବିଷ୍ୟତ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଟିକ୍‌ଟକ୍‌ର ଅପିଲକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାରୁ ରବିବାରଠାରୁ ଆମେରିକାରେ ଟିକ୍‌ଟକ ଉପରେ ନିଷେଧାଦେଶ ଲାଗୁ ହୋଇପାରେ।

ସଂଘୀୟ ଆଇନ ଅନୁଯାୟୀ, ବାଇଟ୍‌ଡାନ୍ସ ଟିକ୍‌ଟକର ମାଲିକାନା ସ୍ୱତ୍ୱ ଆସନ୍ତା ୧୯ ସୁଦ୍ଧା ହସ୍ତାନ୍ତର କରିବା ଆବଶ୍ୟକ ଥିଲା। ଏପରି ନ କଲେ ଦେଶବ୍ୟାପୀ ଏହା ଉପରେ କଟକଣା ଜାରି କରାଯିବ ବୋଲି ପୂର୍ବରୁ ତାଗିଦ କରାଯାଇଥିଲା। ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଟିକ୍‌ଟକ ଅନେକ ସମ୍ବେଦନଶୀଳ ୟୁଜର୍ସ ଡେଟା ହାତେଇ ତା'ର ଦୁରୁପଯୋଗ କରୁଥିବା ଜଣାପଡ଼ିବା ପରେ ଫେଡେରାଲ ଲ' ଅନୁଯାୟୀ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୦ରେ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ ମଧ୍ୟ ମାଲିକାନା ହସ୍ତାନ୍ତର ସମ୍ପୂର୍ଣ୍ଣ ହେବା ସ୍ଥିତିକୁ ଆସିଥିଲେ ଏଥିପାଇଁ ୬୦ରୁ ୯୦ ଦିନ ସମୟ ଦିଆଯିବ ବୋଲି ସଙ୍କେତ ଦେଇଥିଲେ। କିନ୍ତୁ ମାଲିକାନା ହସ୍ତାନ୍ତରର କୌଣସି ସୂଚନା ନ ମିଳିବାରୁ ସେଠାକାର ସର୍ବୋଚ୍ଚ ଅଦାଲତ ଡିଜିଟାଲ ଅଧିକାର ଗୋଷ୍ଠୀମାନଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଫଳରେ ଆମେରିକାରେ ଏହି ଚାଇନା ଆପ୍‌ର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲିହୋଇ ଯାଇଛି। ଏଥିସହ ଦେଶର ୧୭୦ ନିୟୁତ ୟୁଜର୍ସ ଟିକ୍‌ଟକ ବ୍ୟବହାରରୁ ବଞ୍ଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଭିମୁଖ୍ୟ ସ୍ପଷ୍ଟ କରାଯାଇଛି। ଟିକ୍‌ଟକକୁ ଆମେରିକାରେ ବ୍ୟବସାୟ କରିବାକୁ ହେଲେ ଆମେରିକୀୟ କିମ୍ବା ଅନ୍ୟ ମାଲିକାନା ଅଧୀନରେ ରହିବାକୁ ପଡ଼ିବ, ଯାହାକି କଂଗ୍ରେସ ପକ୍ଷରୁ ଜାତୀୟ ସୁରକ୍ଷାକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଥିବା ଅସୁବିଧା ଦୂର କରିପାରୁଥିବ। ତେବେ ହ୍ୱାଇଟ୍ ହାଉସ୍ ଏ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଟ୍ରମ୍ପ ପ୍ରଶାସନ ଉପରେ ଛାଡ଼ିଦେଇଛି। ଟ୍ରମ୍ପ ଶପଥ ନେବା ପରେ ଟିକ୍‌ଟକ ଉପରେ ବ୍ୟାନ୍ ପାଇଁ ଏକ୍ଜିକ୍ୟୁଟିଭ୍ ଅର୍ଡର ଜାରି କଲେ ଆମେରିକାରେ ବହୁ ବିଲିୟନ୍ ଡଲାର ଇନ୍‌ଫ୍ଲୁଏନ୍ସର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଯିବ।

# ସମ୍ପତ୍ତି ତାଲିକା ଦେବେ ଶ୍ରୀମନ୍ଦିର କର୍ମଚାରୀ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

**ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ବ୍ୟବସ୍ଥା ନେଇ ସମୀକ୍ଷା ବୈଠକ**

■ ଡ୍ୟୁଟି ସମୟରେ ମାଦକ ଦ୍ରବ୍ୟ, ମୋବାଇଲ ମନା
■ ସମସ୍ତ ରେକର୍ଡ କମ୍ପ୍ୟୁଟରୀକରଣ ହେବ: ମୁଖ୍ୟ ପ୍ରଶାସକ

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ବ୍ୟବସ୍ଥା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ଆନୁଷଙ୍ଗିକ ସମସ୍ତ ଉପବିଭାଗକୁ ନେଇ ଅନୁଷ୍ଠିତ ଏହି ବୈଠକରେ ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ଲାଗୁ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗୁରୁବାର ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ପାଳନ ନେଇ ପରାମର୍ଶ ଦେଇଥିଲେ। ତାହାକୁ ଅନୁପାଳନ କରିବା ପାଇଁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ଅଧିକାରୀ ଏଣିକି ଡ୍ୟୁଟି ସମୟରେ କୌଣସି ମାଦକ ଦ୍ରବ୍ୟ ସହ ପାନ, ଗୁଟ୍‌ଖା ବ୍ୟବହାର କରିବେ ନାହିଁ। ସେହିପରି ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ। ସମସ୍ତ ଅଧିକାରୀ ଓ କର୍ମଚାରୀ ବିଗତ ବର୍ଷ ପାଇଁ ସମ୍ପତ୍ତି ତାଲିକା ଜାନୁଆରୀ ୩୧ ସୁଦ୍ଧା ବାଧ୍ୟତାମୂଳକ ଭାବେ ଦାଖଲ କରିବେ। ଏହା ନ କଲେ ସେମାନଙ୍କୁ ପଦୋନ୍ନତି, ପୁରସ୍କାର କିମ୍ବା କୌଣସି ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ନାହିଁ। ଆବଶ୍ୟକ ପଡ଼ିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତ୍ୟେକ ଶୁକ୍ରବାର ସମସ୍ତ ଅଧିକାରୀ ଓ କର୍ମଚାରୀ ହସ୍ତତନ୍ତ ଲୁଗା ପିନ୍ଧି କାର୍ଯ୍ୟାଳୟ ଆସିବେ। ବୈଠକରେ ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ରାଜସ୍ୱ, ଭୂସମ୍ପତ୍ତି ଓ ମହାପ୍ରଭୁଙ୍କ ଜମିଜମା ସମସ୍ୟା, ଭକ୍ତଙ୍କ ଦାନ, ଖଣିଖାଦାନରୁ ରାଜସ୍ୱ ବୃଦ୍ଧି ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସ୍ୱଚ୍ଛତା ରକ୍ଷା ଉପରେ ଆଲୋଚନା ହୋଇଥିଲା।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ପ୍ରତ୍ୟେକ ମାସର ତୃତୀୟ ଶୁକ୍ରବାର ମାସିକ ସମୀକ୍ଷା ବୈଠକ କରାଯାଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଯାହା ବି ସମସ୍ୟା ରହିଛି ତାହା କିପରି ସମାଧାନ କରାଯାଇପାରିବ ସେ ନେଇ ଗୁରୁତ୍ୱ ଦିଆଯିବ। ବୈଠକରେ କିଛି ନିର୍ଦ୍ଦେଶନାମା ଜାରି କରାଯିବା ସହ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦୁର୍ନୀତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଦୁର୍ନୀତିରେ କେହି ସମ୍ପୃକ୍ତ ରହିଥିବା ପ୍ରମାଣ ମିଳିଲେ, ତଦନ୍ତ କରାଯିବ। ତଦନ୍ତରୁ ସତ ସାମ୍ନାକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଆବଶ୍ୟକ ପଡ଼ିଲେ ଚାକିରିରୁ ବରଖାସ୍ତ କରାଯିବ। ବଜେଟ ଉପରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିରର ସମସ୍ତ ରେକର୍ଡ କମ୍ପ୍ୟୁଟରୀକରଣ କରାଯିବ। ଫଳରେ ଠିକ୍ ସମୟରେ କାର୍ଯ୍ୟ ଶେଷ ହୋଇପାରିବ। ମହାପ୍ରଭୁଙ୍କ ସମସ୍ତ ଭୂସମ୍ପତ୍ତିର ଡିଜିଟାଇଜେଶନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମସ୍ତ ବିଭାଗର କାର୍ଯ୍ୟ କମ୍ପ୍ୟୁଟରୀକରଣ କରାଯିବ। ଯେଉଁ ବ୍ୟକ୍ତିମାନେ ଲ୍ୟାଣ୍ଡ ପାଇଁ ଆବେଦନ କରିବାକୁ ଚାହିଁବେ, ୟୁନିଫର୍ମ ପଲିସିରେ ତାଙ୍କ ନାମରେ ବା ସେମାନେ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ମହାପ୍ରଭୁଙ୍କ ଖଣିଖାଦାନରୁ ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି। ଚଳିତବର୍ଷ ପାଇଁ ରାଜସ୍ୱ ଟାର୍ଗେଟକୁ ଶ୍ରୀମନ୍ଦିର ପ୍ରଶାସନ ଅତିକ୍ରମ କରିଛି। ଅନଲାଇନ୍ ଡୋନେଶନ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଶ୍ରୀମନ୍ଦିର ପ୍ରଶାସନର ସେଣ୍ଟ୍ରାଲ୍ ଲାଇବ୍ରେରିରେ ଥିବା ପୁସ୍ତକର ଡିଜିଟାଇଜେଶନ କରାଯିବ। ଫଳରେ ଗବେଷକମାନେ ଲାଭାନ୍ୱିତ ହୋଇପାରିବେ। ବେଳାଭୂମିରେ ପୁଣି ସୂଚନାକେନ୍ଦ୍ର ଆରମ୍ଭ ହେବ। ସେବାୟତଙ୍କ ସ୍ୱାସ୍ଥ୍ୟବୀମା ଉପରେ ଗୁରୁତ୍ୱ ଦିଆଯାଉଛି। ଆଗକୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। କାର୍ଯ୍ୟାଳୟର ଯେଉଁ ସ୍ଥାନରେ ସିସିଟିଭି ଲାଗିନାହିଁ, ସେଠାରେ ଲଗାଯିବ। ସମସ୍ତ କାର୍ଯ୍ୟକୁ ବରିଷ୍ଠ ଅଧିକାରୀ ସମୀକ୍ଷା କରିବେ। ଶ୍ରୀମନ୍ଦିର ପରିସରରେ କେହି ମାଦକ ଦ୍ରବ୍ୟ ବ୍ୟବହାର ନ କରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ଭକ୍ତନିବାସ ନାମରେ ଯେପରି ଅନ୍‌ଲାଇନରେ ଠକେଇ ନ ହେବ, ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଅନ୍ୟପକ୍ଷରେ ନିଷ୍ପତ୍ତି ସ୍ୱାଗତଯୋଗ୍ୟ, କିନ୍ତୁ କାର୍ଯ୍ୟକାରିତା ଉପରେ ସଫଳତା ନିର୍ଭର କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୩୦ ଓଇଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୮।୧(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୦ଜଣ ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅଧିକାରୀଙ୍କୁ ବଦଳି କରିଛି। ଏନେଇ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଧ୍ରୁବଚରଣ ବେହେରାଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିବାବେଳେ ବିଶ୍ୱଜିତ ଘୋଷଙ୍କୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଓ ବିଶ୍ୱନାଥ ତରାଇଙ୍କୁ ଯୁଗ୍ମ ନିର୍ଦ୍ଦେଶକ ଭାବେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି। ସେହିପରି ଅମିତା ପଟ୍ଟନାୟକ, ସସ୍ମିତା ସାହୁ ଓ ଗୌରୀରାଣୀ ନାୟକଙ୍କୁ ଓସେପାର ଯୁଗ୍ମ ନିର୍ଦ୍ଦେଶକ, ଦୀପ୍ତିମୟୀ ଶୁଭଦର୍ଶିନୀଙ୍କୁ କଟକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ, ବନ୍ଦନା ମହାପାତ୍ରଙ୍କୁ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ, ଫୁଲମଣି ମୁର୍ମୁଙ୍କୁ ଯୁଗ୍ମ ନିର୍ଦ୍ଦେଶକ ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ରାଜଶ୍ରୀ ପଟ୍ଟନାୟକଙ୍କୁ ପ୍ରାଥମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ନିବେଦିତା ପାଣିଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ, ଅମ୍ରିତା ପ୍ରୀତିନନ୍ଦାଙ୍କୁ ବଦଳି ସହ ମାଧ୍ୟମିକ ବୋର୍ଡର ନିୟନ୍ତ୍ରକ ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ ନିରଞ୍ଜନ ସାହୁଙ୍କୁ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଭାବେ ବଦଳି କରାଯାଇଥିବା ବେଳେ ପ୍ରାଚୀ ତନୟା ଗିରିଙ୍କୁ ବାଲେଶ୍ୱରର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବିଶ୍ୱନାଥ ସାହୁଙ୍କୁ ବରଗଡ଼, ଜଗବନ୍ଧୁ ସାହୁଙ୍କୁ ଭଦ୍ରକ, ପ୍ରଦୀପ କୁମାର ନାଗଙ୍କୁ ବଲାଙ୍ଗୀର, ଚେମଲାଲ ଦୁବେଙ୍କୁ ବୌଦ୍ଧ, ଜେନ୍ଦ୍ରା କୁଜୁରଙ୍କୁ ଦେବଗଡ଼, ସୁସ୍ମିତା ସାହୁଙ୍କୁ ଗଞ୍ଜାମ, ନିତ୍ୟାନନ୍ଦ ବାରିକଙ୍କୁ ଯାଜପୁର, ରାଧାକାନ୍ତ ଛତ୍ରୀଙ୍କୁ କଳାହାଣ୍ଡି, ସୋନାମିକା ରାୟଙ୍କୁ ଖୋର୍ଦ୍ଧା, ଅକ୍ରୁର ବାରିକଙ୍କୁ ମାଲକାନଗିରି, ଚିତ୍ତରଞ୍ଜନ ପାଣ୍ଡେଙ୍କୁ ନୟାଗଡ, ରାମଚନ୍ଦ୍ର ନାହାକଙ୍କୁ ରାୟଗଡା, ଲକ୍ଷ୍ମଣ ଭୋଇଙ୍କୁ ସମ୍ବଲପୁର, ମିନାରାଣୀ ମଙ୍ଗଳଙ୍କୁ ସୋନପୁର, ପୂର୍ଣ୍ଣଚନ୍ଦ୍ର ବାରିହାଙ୍କୁ କେନ୍ଦୁଝର ଓ ବସନ୍ତ କୁମାର ନାୟକଙ୍କୁ କେନ୍ଦ୍ରାପଡାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଭାବେ ବଦଳି କରାଯାଇଛି।

"ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା' ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ? ତା' ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। -ଶ୍ରୀମା



# ଦାରିଦ୍ର୍ୟ ଓ ଅସମାନତା



ଆକାର ପଟେଲ

ତିନୋଟି ବୃହତ୍ ଦକ୍ଷିଣ ଏସୀୟ ଦେଶରେ ୩ଟି ମୁଖ୍ୟ ସମସ୍ୟା ରହିଛି। ପ୍ରଥମଟି ହେଉଛି ଦାରିଦ୍ର୍ୟ ଏବଂ ଦୁର୍ବଳ ଅର୍ଥନୈତିକ ଅଭିବୃଦ୍ଧି। ଦ୍ୱିତୀୟଟି ହେଉଛି ଆଭ୍ୟନ୍ତରୀଣ ଜାତୀୟତାବାଦ ଯାହା ପ୍ରତ୍ୟେକ ଦେଶର ନିଜସ୍ୱ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ। ତୃତୀୟଟି ହେଉଛି ବୃହତ୍ ଆଞ୍ଚଳିକ ଅସମାନତା ଥିବା ଏହି ସବୁ ଦେଶ ମଧ୍ୟରେ ତିକ୍ତତା। ନିଜ ଅଞ୍ଚଳ ସହ ଜଡ଼ିତ ଥିବା ବ୍ୟକ୍ତିମାନେ ପ୍ରଥମ ସମସ୍ୟାକୁ ଭଲ ଭାବେ ଜାଣିଥିବେ। ୨୦୨୦ରେ ଭାରତର ମୁଣ୍ଡ ପିଛା ଜାତୀୟ ଆୟ ୧୯୩୩ ଆମେରିକୀୟ ଡଲାର ଥିବାବେଳେ ବାଂଲାଦେଶର ୨୨୭୦ ଏବଂ ପାକିସ୍ତାନର ୧୫୦୧ ଡଲାର ଥିଲା। ଅନ୍ୟପଟେ ୨୦୨୦ରେ ଏହା ଏସୀୟ ଦେଶ କୋରିଆ (୩୪,୦୦୦ ଆମେରିକୀୟ ଡଲାର), ଜାପାନ (୩୯,୦୦୦) କିମ୍ବା ଚାଇନା (୧୦,୪୦୮) ଥିଲା। ଭାରତର 'ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି' ବିଷୟ ସୂଚିତ କଲାବେଳେ ଏହାର ବାସ୍ତବତାକୁ ପରଖିବା ଦରକାର। ଦୀର୍ଘମିଆଦୀରେ ଅନ୍ୟ ଏସୀୟ ଅର୍ଥ ବ୍ୟବସ୍ଥା ଯେଭଳି ଦ୍ରୁତ ଅଭିବୃଦ୍ଧି ହାସଲ କରିଛନ୍ତି ତାହା ଆମେ କରିନାହୁଁ। ବାସ୍ତବରେ ଆମ ପଡ଼ୋଶୀମାନଙ୍କ ପରି ଅଧିକ କିମ୍ବା କମ୍ ହେଉ ସମାନ ସ୍ଥିତିରେ ରହିଛୁ। ଯେଉଁମାନେ ଆମ ଦେଶରେ ରହୁଛନ୍ତି କିମ୍ବା ବାହାର ଦେଶର ସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି, ସେମାନେ ଦ୍ୱିତୀୟ ସମସ୍ୟାକୁ ସ୍ପଷ୍ଟଭାବେ ଅନୁଭବ କରିଥିବେ। ଉଲ୍ଲେଖନୀୟ ଯେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ଧର୍ମନିରପେକ୍ଷତା ଓ ସହାବସ୍ଥାନ କ୍ଷେତ୍ରରେ ଅବନତି ଘଟିଛି। ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେବାରେ ବ୍ୟାପକ ଜାତୀୟ ଶକ୍ତି ଯଥା: ଆଇନ, ଗଣମାଧ୍ୟମ, ନ୍ୟାୟିକ ବ୍ୟବସ୍ଥା ଓ ରାଜନୀତିକୁ ବ୍ୟବହାର କରାଯାଇଛି ଏବଂ ଏହା ହେଉଛି ନକାରାତ୍ମକ ଶକ୍ତି, ଅର୍ଥାତ୍ ଏହା ଫଳପ୍ରଦ ନୁହେଁ। ପୂର୍ବରୁ ଯାହା ବହୁବାର ଲେଖାହୋଇଛି, ପଢ଼ାଯାଇଛି, ଦେଖାଯାଇଛି ଏବଂ ଶୁଣାଯାଇଛି, ସେସବୁ ପୁନରାବୃତ୍ତିର କୌଣସି ଅର୍ଥ ନାହିଁ। ଯାହା ଆମ ପଡ଼ୋଶୀ ଦେଶରେ ଘଟୁଛି ତାହା ଭାରତରେ ଅଧିକ ଘଟୁଛି ବୋଲି ଯେଉଁମାନେ ଅସ୍ୱୀକାର କରନ୍ତି ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିବାର ବି କୌଣସି ପ୍ରୟୋଜନ ନାହିଁ।

ତୃତୀୟ ସମସ୍ୟା ସମ୍ପର୍କରେ ବିଶେଷଜ୍ଞମାନେ କମ୍ ଆଲୋଚନା କରୁଛନ୍ତି କିମ୍ବା ଏହାକୁ ସ୍ୱୀକାର କରୁନାହାନ୍ତି। ବୋଧହୁଏ ଜନଗଣନା ଏବଂ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ରହିବ। ଜନସଂଖ୍ୟାକୁ ଆଧାର କରି ଆସନ ଆବଣ୍ଟନ ବ୍ୟତୀତ ଅନ୍ୟ ଏକ ବିଷୟ ଅସହଯୋଗର ଭାବନା ସୃଷ୍ଟି କରେ। ଜୁଲାଇ ୨୦୨୩ରେ ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ରାଜ୍ୟୱାରି ବାର୍ଷିକ ମୁଣ୍ଡ ପିଛା ଆୟ ତଥ୍ୟ ପ୍ରକାଶ କରିଥିଲା। ଦାକ୍ଷିଣାତ୍ୟ ରାଜ୍ୟସବୁ ଭଲ କରିଥିଲେ। ବିଶେଷକରି ଆନ୍ଧ୍ର ପ୍ରଦେଶ(୨.୧୯ ଲକ୍ଷ ଟଙ୍କା), କେରଳ(୨.୨୮ ଲକ୍ଷ), ତାମିଲନାଡୁ(୨.୭୩ ଲକ୍ଷ ଟଙ୍କା), କର୍ଣ୍ଣାଟକ(୩.୦୧ ଲକ୍ଷ) ଏବଂ ତେଲଙ୍ଗାନା( ୩.୦୮ ଲକ୍ଷ ଟଙ୍କ)ର ବାର୍ଷିକ ମୁଣ୍ଡ ପିଛା ଆୟ ଜାତୀୟ ହାରାହାରିଠାରୁ ଉପରେ ରହିଥିଲା। ଏହାକୁ ବିହାର (୪୯,୦୦୦ ଟଙ୍କା), ଉତ୍ତରପ୍ରଦେଶ (୭୦,୦୦୦ ଟଙ୍କା) ଏବଂ ମଧ୍ୟପ୍ରଦେଶ (୧.୪ ଲକ୍ଷ ଟଙ୍କା) ସହ ତୁଳନା କରାଯାଇପାରେ। ଜାନୁଆରୀ ୨୦୨୪ରେ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା 'ରାଜ୍ୟୱାରି ଜିଏସ୍‌ଟି ସଂଗ୍ରହରେ ଭିନ୍ନତା' ଶୀର୍ଷକ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ୨୦୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଉତ୍ତରପ୍ରଦେଶ (୮୫,୦୦୦ କୋଟି ଟଙ୍କା), ମଧ୍ୟପ୍ରଦେଶ (୩୪,୯୯୩ କୋଟି) ଏବଂ ବିହାର (୧୬,୨୯୮ କୋଟି)ର ସଂଗୃହୀତ ଜିଏସ୍‌ଟିକୁ ଏକାଠିକଲେ ତାହା ପାଖାପାଖି କର୍ଣ୍ଣାଟକ ସହ ସମାନ (୧.୧୭ ଲକ୍ଷ କୋଟି ଟଙ୍କା)। ଆୟ ଏବଂ ଅବଦାନରେ ଏହି ବ୍ୟାପକ ତଥା ବିସ୍ତାରିତ ବ୍ୟବଧାନ ବ୍ୟତୀତ ସଂସାଧନ ଆବଣ୍ଟନରେ ପାର୍ଥକ୍ୟର ବାସ୍ତବତା ଜଣେ ଉପଲବ୍ଧି କରିପାରିବେ। ଭାରତ ଯଦି ଦାରିଦ୍ର୍ୟ ତଥା ଅସମାନତା ଦୂରକରିବାକୁ ଚାହୁଁଛି ତେବେ ବଣ୍ଟନର ଏବକାର ସମାନ ଢାଞ୍ଚାକୁ ଅନୁସରଣ କରାଯାଇପାରିବ ନାହିଁ। ଯେପର୍ଯ୍ୟନ୍ତ ଅସମାନତା ରହିଥିବ, ସେ ପର୍ଯ୍ୟନ୍ତ ଜାତୀୟ ଅର୍ଥନୀତି ପ୍ରତି ମୁଣ୍ଡ ପିଛା ଅଧିକ ଅବଦାନ ଥିବା ରାଜ୍ୟଗୁଡ଼ିକ ବଣ୍ଟନ ପ୍ରକ୍ରିୟାରେ କମ୍ ପାଇବେ। ଅନ୍ୟ ଏକ ପାର୍ଥକ୍ୟ ରହିଛି ଦ୍ୱିତୀୟ ସମସ୍ୟାର ପ୍ରତିକ୍ରିୟାରେ, ଯାହା ହେଉଛି ଆଭ୍ୟନ୍ତରୀଣ ଜାତୀୟତାବାଦ କିମ୍ବା ସଂଖ୍ୟାଗରିଷ୍ଠବାଦ ରାଜନୀତି। ଉତ୍ତର ଭାରତର ରାଜ୍ୟଗୁଡ଼ିକ ତୁଳନାରେ ଦକ୍ଷିଣାତ୍ୟ ରାଜ୍ୟଗୁଡ଼ିକ ଏଥିପ୍ରତି କମ୍ ଆଗ୍ରହୀ। ଯଦିଓ ଏହା ସତ୍ୟ ଯେ, ଦକ୍ଷିଣ ସମେତ ଭାରତର ସର୍ବତ୍ର ସଂଖ୍ୟାଲଘୁ ବିରୋଧୀ ରାଜନୀତି ଅଧିକ ଲୋକପ୍ରିୟ ହୋଇପାରିଛି, ତଥାପି କେତେକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଆସିଛି। ଫେବୃଆରୀ ୨୦୨୨ରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତର ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାରର ସ୍ଥିତି ପ୍ରକାଶ କରିଥିଲା। କେରଳରେ ପ୍ରତି ୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟୁଥିଲାବେଳେ କର୍ଣ୍ଣାଟକରେ ଏହି ସଂଖ୍ୟା ୨୧, ମଧ୍ୟପ୍ରଦେଶରେ ୪୬ ଏବଂ ଉତ୍ତରପ୍ରଦେଶରେ ୪୧ ଥିଲା। ମାତୃ ମୃତ୍ୟୁହାର(୧୦୦୦ ଜଣରେ) କେରଳରେ ୨ ଏବଂ ଉତ୍ତରପ୍ରଦେଶରେ ୧୭ ଥିଲା। ଅବଶ୍ୟ ଏସବୁ ସରକାରୀ ତଥ୍ୟ ଉପରେ କେହି ଦ୍ୱିମତ ହେବାର ନାହିଁ। ବାସ୍ତବରେ ପାର୍ଥକ୍ୟ ରହିଛି। ଭାରତରେ ଆଞ୍ଚଳିକ ଅସମାନତା ଥିବା ଭଳି ପାକିସ୍ତାନରେ ଏହା ଅତ୍ୟଧିକ। ବାଲୁଚିସ୍ତାନର ମୁଣ୍ଡ ପିଛା ଆୟ ଏହାର ପଡ଼ୋଶୀ ସିନ୍ଧର ଅଧାରୁ କମ୍। ପଞ୍ଜାବ ହେଉଛି ଏକମାତ୍ର ପ୍ରଦେଶ ଯାହାର ଲୋକସଂଖ୍ୟା ଜାତୀୟ ଜନସଂଖ୍ୟାର ଅଧାରୁ ଅଧିକ। ଏହି ଅସନ୍ତୁଳନ ବା ଅସମାନତା ଦୂରକରିବା ପାଇଁ ପାକିସ୍ତାନକୁ ସମାଧାନର ବାଟ ବାହାର କରିବାକୁ ପଡ଼ିବ। ଭାରତ ଏବଂ ବାଂଲାଦେଶକୁ ମଧ୍ୟ ତାହା କରିବାକୁ ହେବ। ଆଶ୍ଚର୍ଯ୍ୟର ବିଷୟ ଯେ, ଆମ ଦେଶ ବିଭାଜିତ ଏବଂ ବିଶ୍ୱର ସର୍ବନିମ୍ନ ସମନ୍ୱିତ ଦେଶ ହୋଇ ରହିଛି। ଆଶା କରାଯାଏ, ଦକ୍ଷିଣ ଏସିଆର ପ୍ରତ୍ୟେକ ଦେଶ ଏହାର ସମସ୍ୟାକୁ ଅନନ୍ୟ ବୋଲି ବିଚାରକରି ବିଶେଷ ସମାଧାନର ବାଟ ବାହାର କରିବ ଯାହା ଏହାର ଚାରିପାଖରେ ଘଟୁଥିବା ଘଟଣାକୁ ଦୂରକରିପାରିବ।

ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ ବା ଆସିଆନର କାର୍ଯ୍ୟରେ ସମସ୍ତଙ୍କର ଏକ ଖରାପ ଇତିହାସ ରହିଆସିଛି, କିନ୍ତୁ ଆଜି ଅର୍ଥନୈତିକ ଦୃଷ୍ଟିରୁ ଏକାଠି ରହିଛନ୍ତି କିମ୍ବା ୟୁରୋପୀୟ ୟୁନିୟନର କାର୍ଯ୍ୟ ଆମ ପାଇଁ ମୂଲ୍ୟହୀନ ହୋଇଛି। ତେବେ ଆମ ଅଞ୍ଚଳ ଏହାର ତିନୋଟି ସମସ୍ୟାର ସମାଧାନ କରିବାର ସମ୍ଭାବ୍ୟ ଉପାୟଗୁଡ଼ିକ କ'ଣ? ଆଗାମୀ କିଛି ସପ୍ତାହ ମଧ୍ୟରେ ଏହି ସ୍ତମ୍ଭରେ ଏ ବିଷୟରେ ମୋର ଅଧିକ କିଛି କହିବାକୁ ଅଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 2 | 3 | 9 | | 6 | |
| | | 5 | 6 | | 8 | | 2 | |
| | 7 | | | | | | | |
| | | | | 6 | | | | 8 |
| | | 9 | | | | 3 | | |
| 5 | | | 1 | | 4 | | | |
| | | | | | | 7 | | |
| | 5 | | 4 | | 6 | | | |
| 1 | 3 | | 9 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 7 | 3 | 5 | 9 | 2 | 6 | 1 |
| 1 | 3 | 6 | 2 | 7 | 4 | 5 | 8 | 9 |
| 5 | 9 | 2 | 8 | 6 | 1 | 4 | 3 | 7 |
| 9 | 7 | 1 | 6 | 4 | 2 | 8 | 5 | 3 |
| 2 | 4 | 5 | 9 | 8 | 3 | 1 | 7 | 6 |
| 3 | 6 | 8 | 5 | 1 | 7 | 9 | 2 | 4 |
| 8 | 1 | 4 | 7 | 2 | 6 | 3 | 9 | 5 |
| 6 | 5 | 9 | 4 | 3 | 8 | 7 | 1 | 2 |
| 7 | 2 | 3 | 1 | 9 | 5 | 6 | 4 | 8 |

ଗତକାଲିର ଉତ୍ତର

# ରାଜାଙ୍କ ଘୋଡ଼ା ଓ ସନ୍ନ୍ୟାସୀଙ୍କ ଦାଢ଼ି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବହୁ ପୁରାକାଳରେ ଜଣେ ରାଜା ଥିଲେ ଯେ ତାଙ୍କ ପ୍ରତିଷ୍ଠା, ପ୍ରତିପତ୍ତି ଓ ପ୍ରତାପ ପରାକ୍ରମରେ ଖଣ୍ଡମଣ୍ଡଳ ଥରହର ହେଉଥିଲା। ଦିନେ ରାଜା ଘୋଡ଼ାରେ ବସି ରାଜ୍ୟ ପରିକ୍ରମା କରୁଥିଲା ବେଳେ ଦେଖିଲେ ଜଣେ ସନ୍ନ୍ୟାସୀଙ୍କୁ। କେଇଜଣ ଶିଷ୍ୟ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ କିଛି ଭଲକଥା ଶୁଣାଉଥିବା ସନ୍ନ୍ୟାସୀଙ୍କୁ ଦେଖି ରାଜାଙ୍କ ମନରେ ପ୍ରଶ୍ନଟିଏ ଉଙ୍କିମାରିଲା। ସେ ଘୋଡ଼ାରୁ ଓହ୍ଲାଇ ସନ୍ନ୍ୟାସୀଙ୍କ ନିକଟକୁ ଗଲେ ଓ ପଚାରିଲେ- ''ତୁମର ସେଇ ଦାଢ଼ି ଓ ମୋର ଏହି ଘୋଡ଼ା ମଧ୍ୟରେ କିଏ ବଡ଼ ସନ୍ନ୍ୟାସୀ!''

ସନ୍ନ୍ୟାସୀ ଉତ୍ତରଦେଲେ- ''ଆପଣଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଏବେ ମୁଁ ସମ୍ପୂର୍ଣ୍ଣ ଅକ୍ଷମ ରାଜା। ତେବେ କଥା ଦେଉଛି, ଦିନେ ନା ଦିନେ ମୁଁ ଏହାର ଉତ୍ତର ଦେବି। ଉତ୍ତର ନ ଦେଇ ମୁଁ ଏ ଦୁନିଆ ଛାଡ଼ି ଯିବି ନାହିଁ।'' ସନ୍ନ୍ୟାସୀଙ୍କ ଉତ୍ତର ପ୍ରତି ଅବଜ୍ଞାଭାବ ଫିଙ୍ଗି ରାଜା ଫେରିଗଲେ ଘୋଡ଼ା ଚଢ଼ି। ବର୍ଷ ପରେ ବର୍ଷ ବିତିଗଲା। ନିଜ ଅସି ଓ ଅଶ୍ୱଶକ୍ତିର ପ୍ରଭାବରେ ଦିଗ୍‌ବିଜୟୀ ବୀରର ପ୍ରତିଷ୍ଠା ପାଇଲେ ରାଜା। ବାର୍ଦ୍ଧକ୍ୟବେଳେ ଅଚାନକ ସନ୍ନ୍ୟାସୀଙ୍କ ଆଶ୍ରମରୁ ପତ୍ରଟିଏ ପହଞ୍ଚିଲା ରାଜ ଦରବାରରେ। କାଳ ବିଳମ୍ବ ନ କରି ତାଙ୍କ ଆଶ୍ରମରେ ପହଞ୍ଚିବାକୁ ଚିଠିରେ ନିବେଦନ କରିଥିଲେ ସନ୍ନ୍ୟାସୀ।

ରାଜା ମନରେ ଉତ୍ସୁକତା ଭରି ସନ୍ନ୍ୟାସୀଙ୍କ ଆଶ୍ରମରେ ପହଞ୍ଚିଲାମାତ୍ରେ ସନ୍ନ୍ୟାସୀ କହିଲେ- ''ଆଜକୁ ପଚିଶବର୍ଷ ତଳେ ମୋତେ ପଚାରିଥିବା ପ୍ରଶ୍ନର ଉତ୍ତର ଦେବା ପାଇଁ ଆପଣଙ୍କୁ ଡକାଇଲି। ଅସାଧାରଣ ରାଜକୀୟ ପ୍ରତିଷ୍ଠାର ପ୍ରତୀକ ତୁମ ବଳବାନ୍ ଓ ବେଗବାନ୍ ଘୋଡ଼ାର ସମକକ୍ଷ ହେବା ପାଇଁ ସେଦିନ ସାଧାରଣ ମଣିଷତ୍ୱର ସନ୍ତକ ମୋର ଏହି ଅଯତ୍ନବର୍ଦ୍ଧିତ ଦାଢ଼ିର ସାମର୍ଥ୍ୟ ନ ଥିଲା। ସେଥିପାଇଁ ଉଭୟ ରାଜାଙ୍କ ଘୋଡ଼ା ଓ ମୋ ଦାଢ଼ିକୁ ନିଜ ନିଜ ସ୍ରୋତରେ ଭାସିଯିବା ପାଇଁ ମୁଁ ସମୟ ମାଗିଥିଲି। ଆପଣଙ୍କୁ ଦିଗ୍‌ବିଜୟୀ ହେବାକୁ ଛାଡ଼ିଦେଇ ମୁଁ ମଣିଷଟିଏ ହେବାର ଚେଷ୍ଟାରେ ଜୀବନ ବିତାଇଦେଲି। ଆଜି ମୋର ଶେଷ ସମୟ ଉପନୀତ ହୋଇଥିବାରୁ ମୁଁ ନିଃସନ୍ଦେହରେ କହିପାରେ ଯେ ଆପଣଙ୍କ ଘୋଡ଼ା ଅପେକ୍ଷା ମୋ ଦାଢ଼ି ବଡ଼। କହିବାବାହୁଲ୍ୟ, ରାଜପଣର ଔଜ୍ଜ୍ୱଲ୍ୟ ତୁଳନାରେ ମଣିଷପଣିଆର ଅନୁଜ୍ଜ୍ୱଳ ଆଲୋକକୁ ମହାନ୍ ପ୍ରତିପାଦିତ କରିଥିବା ସେଇ ସନ୍ନ୍ୟାସୀ ସଙ୍ଗେ ସଙ୍ଗେ ଆଖି ବୁଜିଦେଲେ।

ବହୁ ପୁରୁଣା ଯୁଗର ଆଭାସଧର୍ମୀ କାହାଣୀଟିଏ ଯେ। କ୍ଷମତା, ଅର୍ଥବଳ ଓ ବାହୁବଳ ତୁଳନାରେ ସଦାକାଳେ ମଣିଷପଣିଆର ଜୟ ଜୟକାର କରୁଥିବା ଆମ ସଂସ୍କାର ଓ ସଂସ୍କୃତିର ସଂବେଦ୍ୟ ସଙ୍କେତଟିଏ। ମଣିଷର ଚିତ୍ର ଓ ଚରିତ୍ର ଉତ୍ତୋଳିତ ହେଉଥିବା ଆମ ସମାଜ ଦର୍ପଣରେ ମୂଲ୍ୟବୋଧର ବାସ୍ତବ ପ୍ରତିଫଳନଟିଏ। ଅଥଚ ସମୟର ନବ୍ୟସ୍ୱର ମଧ୍ୟରେ ମଣିଷର ସଂଜ୍ଞା କେତେ ବଦଳିଯାଇଛି ଏହା ମଧ୍ୟରେ। ତା' ସହିତ କେଡ଼େ ଦ୍ରୁତ ଗତିରେ ରଙ୍ଗ ବଦଳାଇ ଚାଲିଛି ଏ ସମୟର ସମାଜ! ପ୍ରଗତିଶୀଳ ଆଧୁନିକ ଜୀବନଯାତ୍ରାର ଯାବତୀୟ ଆହ୍ୱାନ ସହ ତାଳଦେଇ ଏଠାରେ ରାଜା ଓ ତାଙ୍କ ଘୋଡ଼ାମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯୁଗର ଆବଶ୍ୟକତାକୁ ଚାହିଁ ଯେମିତି ବଢ଼ି ବଢ଼ି ଚାଲିଛି ବହୁବିଧ ବୈଜ୍ଞାନିକ ଉଦ୍ଭାବନ, ସେମିତି ବି ବଢ଼ି ବଢ଼ି ଚାଲିଛନ୍ତି କୁଶଳୀ ବୈଜ୍ଞାନିକ, କ୍ଷମତାଶାଳୀ ପ୍ରଶାସକ ଓ ରାଜନେତା। କେବଳ ଯାହା ସେହି ଅନୁପାତରେ କମିଚାଲିଛି ସନ୍ନ୍ୟାସୀଙ୍କ ଦାଢ଼ି। ଅବଲୁପ୍ତ ହେବାରେ ଲାଗିଛି ମଣିଷର ଅନ୍ତର୍ନିହିତ ମଣିଷତ୍ୱ। କାହାଣୀର ସେଇ ସନ୍ନ୍ୟାସୀଙ୍କ ପରି ଗୋଟିଏ ଜୀବନକାଳ ତ ଦୂରର କଥା, ମଣିଷତ୍ୱର ଉନ୍ମେଷ ପାଇଁ ଗୋଟିଏ ମୁହୂର୍ତ୍ତ ବି ବ୍ୟୟ କରିବାକୁ ସମୟ ନାହିଁ କାହାର! ବାସ୍, ସମୟ, ସୁଯୋଗ ଓ ସାମର୍ଥ୍ୟର ସଦ୍‌ବ୍ୟବହାର କରି ନେତା ହୁଅ କି ପ୍ରଶାସକ, ଡାକ୍ତର ହୁଅ କି ଇଞ୍ଜିନିୟର ଓ ଏ ସବୁ ହୋଇ ନ ପାରିଲେ ବେପାରୀ ହୁଅ କି ଶିକାରୀ; ଯାହା ବି ହୁଅ, ମଣିଷ ହୋଇ କି ଲାଭ ଯେ!



ପ୍ରକୃତରେ ମଣିଷ ମଧ୍ୟରୁ ମଣିଷତ୍ୱ ଟିକକ ବାଦ୍ ଦେଲେ ଆଉ ଯାହା ରହିଲା, ତା'ର ନାମ ମଣିଷ ନ ହୋଇ ଆଉ କିଛି ହୁଅନ୍ତା ସିନା, ମଣିଷଙ୍କ ବିଶାଳ ଭିଡ଼ ଭିତରୁ ମଣିଷତ୍ୱ ଥିବା ମଣିଷଟିଏ ଖୋଜୁଥିବା ମୁମ୍ବାଇ ସହରତଳି ଅଞ୍ଚଳର ସେଇ ଝିଅଟି ଅବା ଭୁବନେଶ୍ୱରର ସେଇ ଆହତ ବୃଦ୍ଧ ଜଣକ ଆଉ ପ୍ରତାରିତ ହୋଇ ନ ଥାନ୍ତେ! ହଁ, ମଣିଷତ୍ୱର ଗୁରୁତର ମରୁଡ଼ି ପଡ଼ିଥିବା ଇଲାକାରେ ବ୍ୟାକୁଳ ଭାବେ ମାନବିକତାର ଅପେକ୍ଷା ରଖୁଥିବା ସେଇ ଦୁହିଁଙ୍କ ଦୁଃଖଦ କାହାଣୀ ସମଗ୍ର ମାନବ ସମାଜ ପାଇଁ ଯେତିକି ଚିନ୍ତାଜନକ, ସେତିକି ବେଦନାଦାୟକ।

ବଡ଼ ଲୋମହର୍ଷଣକାରୀ ଥିଲା ମୁମ୍ବାଇ ମହାନଗରୀର ଏକ ବସ୍ତି ଅଞ୍ଚଳର ସେଇ ଦୃଶ୍ୟ। ଏକ ଛୋଟ ବଜାରର ମଧ୍ୟସ୍ଥଳରେ ଜଣେ ଦୁର୍ଦ୍ଧାନ୍ତ ଯୁବକ ଚୁଟି ଝିଙ୍କି ଅତ୍ୟନ୍ତ ନିର୍ମମ ଭାବେ ଜଣେ ଯୁବତୀଙ୍କୁ ନିର୍ଯାତନା ଦେଇ ଚାଲିଥିଲା। ପଥଚାରୀ ଏବଂ ଗାଡ଼ିମୋଟରରେ ଯାଉଥିବା ଲୋକେ କିଛି କ୍ଷଣ ପାଇଁ ଦୃଶ୍ୟଟିକୁ ଦେଖୁଥିଲେ ଓ ଯିଏ ଯା' ବାଟରେ ଚାଲିଯାଉଥିଲେ। ଆଉ ଥୋକେ ନିଜ ନିଜ ମୋବାଇଲରେ ଫଟୋ ଉଠାଉଥିଲେ। କୁହାଯାଉଥିଲା ଯେ, ଯୁବତୀଟି ସେଇ ଯୁବକର ଅଧା ପ୍ରେମିକା ଓ ଅଧା ପତ୍ନୀ ଥିଲା। ଯୁବତୀଟି ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ବିବାହ ପୂର୍ବରୁ ତାକୁ ନିଜ ସମ୍ପ୍ରଦାୟକୁ ଆଣିବାକୁ ଯୁବକ ଜଣକ ବହୁ ଚେଷ୍ଟା କରି ବିଫଳ ହେଲା ପରେ ସେଦିନ ତାକୁ ଜୋରଜବରଦସ୍ତ ଅପହରଣ କରିନେଉଥିଲା। ଆଖି ସାମ୍ନାରେ ଘଟୁଥିବା ଏହି ଅତ୍ୟାଚାରରୁ ଅପରାଧୀକୁ କାବୁ କରିବା ପାଇଁ ଘଟଣା ସମ୍ପର୍କରେ ପୋଲିସକୁ ଫୋନ୍ କରିବା ଲାଗି କାହାର ସାମାନ୍ୟ ଉଦ୍ୟମ ନ ଥିଲା।

'ମୁଁ ଓ 'ମୋର' ଭଳି ଏକ ବିଚିତ୍ର ଘୋଡ଼ାରେ ସବାର ହୋଇ ଦୌଡ଼ିଚାଲିଛି ମଣିଷ। ଯେ ପର୍ଯ୍ୟନ୍ତ ମୁଁ ଠିକ୍ ଅଛି, ମୋର କିଛି ହୋଇନାହିଁ, ସେଯାଏଁ ପାଖ ମଣିଷର ସମସ୍ୟା ପ୍ରତି ଆଖି କାନ ବନ୍ଦ ରଖିବାକୁ ଏକ ସଫଳ ଜୀବନର ମୂଳମନ୍ତ୍ର ମଣୁଛନ୍ତି ସଭିଏଁ! ସତରେ 'ମୁଁ'ରେ କ'ଣ ସରିଯାଏ ଜୀବନ? ଜନ୍ମର ଆଦ୍ୟ ଅଧ୍ୟାୟଠୁଁ ମୃତ୍ୟୁର ଶେଷପର୍ବ ପର୍ଯ୍ୟନ୍ତ ଅନ୍ୟ କେହି କ'ଣ ଲୋଡ଼ା ପଡ଼ନ୍ତିନି ଏଇ 'ମୁଁ' ପାଇଁ?

ଭୁବନେଶ୍ୱରର ଆଉ ଏକ ଘଟଣା। କେଇଦିନ ତଳେ ଏଇ ନଗରୀର ଏକ ଗଳି ରାସ୍ତାରେ ଜଣେ ଉଦ୍‌ଭ୍ରାନ୍ତ ତରୁଣ ବେପରୁଆ ସ୍କୁଟି ଚାଳନା କରି ଜଣେ ବୟସ୍କ ପଥଚାରୀଙ୍କୁ ଧକ୍କା ଦେଲା। ବୟସ୍କ ଜଣକ ତଳେ ପଡ଼ି ରକ୍ତାକ୍ତ ଶରୀର ନେଇ ତୀବ୍ର ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ମୋବାଇଲମନସ୍କ ତରୁଣଟି ଟିକିଏ ଅଟକିଗଲା ଓ ଚାରିଆଡ଼କୁ ଟିକେ ଚାହିଁଲା ପରେ ଦ୍ରୁତଗତିରେ ସେଠାରୁ ନିଷ୍କ୍ରାନ୍ତ ହୋଇଗଲା। ଅସହାୟ ବୃଦ୍ଧ ଜଣକ ସାହାଯ୍ୟ ଆଶାରେ ଚାରିଆଡ଼କୁ ଚାହୁଁଥିବା ବେଳେ ସେଇ ରାସ୍ତା ଦେଇ ସରକାରୀ କାରଟିଏ ଯାଇଥିଲା। କାର ଡ୍ରାଇଭର ରାସ୍ତାଧାରରେ ପଡ଼ିଥିବା ଆହତ ବୃଦ୍ଧଙ୍କୁ ଦେଖି ଗାଡ଼ିର ବେଗ କମାଇବାକୁ ଯାଉଥିବା ବେଳେ କାରରେ ସବାର ସରକାରୀ ବାବୁ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଲେ। ଶେଷରେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲା ଜଣେ ଟ୍ରଲି ରିକ୍ସାଚାଳକ!

କଠିନ ପରିଶ୍ରମ କରି ଢୋକେ ପିଇ ଦଣ୍ଡେ ଜିଉଁଥିବା ରିକ୍ସାଚାଳକଟି ତା'ର ଏହି ମହତ କାର୍ଯ୍ୟ ପାଇଁ କାହାଠୁ ସାବାସି ପାଇବାକୁ ଅପେକ୍ଷା କରି ନ ଥିବ ନିଶ୍ଚୟ। ମଣିଷଟିଏ ମଣିଷ ବୋଲାଇବାକୁ ଆଉ ଅଧିକ କ'ଣ ଲୋଡ଼ା ଯେ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ପଟ ପରିବର୍ତ୍ତନ



ଡ. ଦ୍ୱିତୀଚନ୍ଦ୍ର ସାହୁ

ତାସ ଖେଳୁଛନ୍ତି ଯଦି ପଟ ପରିବର୍ତ୍ତନ ହୋଇଗଲା, ଜାଣ ଆପଣଙ୍କ ଖରାପ ବେଳା ଆସିଗଲା। ନିଜର ଆବଶ୍ୟକତା ଥିବା ପଟ ତୁମ ବିରୋଧୀ ଖେଳାଳି ପାଖକୁ ଆସିଗଲା ମାନେ ଆପଣଙ୍କ ଅବସ୍ଥା ସାଂଘାତିକ। ଅର୍ଥ ସହ ତାସ ଖେଳୁଥିବେ ଯଦି ଆପଣ ହାରିବା ସୁନିଶ୍ଚିତ। ତାସ ଖେଳରେ ଗୋଟେ ଖଣ୍ଡ କାର୍ଡ ଜଣକୁ ଜିତାଇ ଦିଏ, ଆଉଜଣକୁ ହରାଇ ଦିଏ। ତାସ ଖଣ୍ଡର ପଟ ପରିବର୍ତ୍ତନ ହୁଏତ ମଣିଷକୁ କିଛି ସମୟ ପାଇଁ ଅସ୍ତବ୍ୟସ୍ତ କରିଦିଏ। କିନ୍ତୁ ମଣିଷର ପଟ ପରିବର୍ତ୍ତନ ସେହି ମଣିଷର ଚରିତ୍ରକୁ ଧ୍ୱଂସକରେ ଏବଂ ତା'ସହ ଯୋଡିହୋଇଥିବା ମଣିଷଙ୍କୁ ଯନ୍ତ୍ରଣା ଦିଏ। କେବଳ ଯନ୍ତ୍ରଣା ନୁହେଁ ପ୍ରଭୂତ କ୍ଷତି ମଧ୍ୟ ସହିବାକୁ ହୁଏ। ଆର୍ଥିକ କ୍ଷତିଠାରୁ ମାନସିକ ଆଘାତ ଆହୁରି ଗୁରୁତର ମନେହୁଏ। ସେହି ପଟ ପରିବର୍ତ୍ତନକାରୀ ଯଦି ନିଜ ମଣିଷ ହୁଅନ୍ତି ତେବେ ଦୁଃଖ ଅବର୍ଣ୍ଣନୀୟ। ଅଣ୍ଟି ଛୁରି ତଣ୍ଟିକାଟିବା ନ୍ୟାୟରେ ଯନ୍ତ୍ରଣାରୁ ଉପଶମ ମିଳିବା ସେତେଟା ସହଜ ନ ଥାଏ।

ପଟ ପରିବର୍ତ୍ତନ ଅର୍ଥ ପକ୍ଷ ପରିବର୍ତ୍ତନ। ଦିଗ ପରିବର୍ତ୍ତନ। ମାନସିକତା ପରିବର୍ତ୍ତନ। ନିଜ ସଂକଳ୍ପ ଓ ଚିନ୍ତାଧାରାର ପରିବର୍ତ୍ତନ। ମଣିଷ ନିଜ ବିଚାରବୋଧକୁ ଛାଡି ଅନ୍ୟ ଦିଗରେ ମୁହାଁଇବା। ରଙ୍ଗ ପରିବର୍ତ୍ତନ କରିବା। ମଣିଷ ସାଧାରଣତଃ ସୁବିଧା ଓ ସ୍ୱାର୍ଥ ଆଧାରରେ ନିଜ ରଙ୍ଗସହ ପଟ ପରିବର୍ତ୍ତନ କରେ। ଯେଉଁଠି ସ୍ୱାର୍ଥ ହାସଲର ସମ୍ଭାବନା ଥାଏ ସେଇ ପଟକୁ ଢଳିଯାଏ। କେବେ କେବେ କ୍ୱଚିତ ସମୟରେ ମଣିଷ ପରିସ୍ଥିତି ତଥା ଚାପରେ ପଡ଼ି ପଟ ପରିବର୍ତ୍ତନ କରେ। କିନ୍ତୁ ସେଇଟା ସାମୟିକ ହୋଇପାରେ, ଯଦି ସେହି ବ୍ୟକ୍ତିଜଣକ ଆପଣଙ୍କ ଅନ୍ତରଙ୍ଗ ଓ ପ୍ରକୃତ ବନ୍ଧୁ ହୋଇଥାଏ। କିନ୍ତୁ ଆଜିର ଦୁନିଆରେ ଏଭଳି ପ୍ରକୃତ ବନ୍ଧୁ ମିଳିବା ସହଜ ନୁହଁ। ସହମତିରେ ପଟ ପରିବର୍ତ୍ତନ ସାଂଘାତିକ ହୋଇଥାଏ। ଜାଣିଶୁଣି ଅନ୍ୟକୁ ଆଘାତ ଦେବାଲାଗି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ହୋଇଥିବା ପରିବର୍ତ୍ତନ ବାସ୍ତବରେ ଧୋକାବାଜମାନେ କରିପାରନ୍ତି। ଏମାନଙ୍କ ଅପକର୍ମ ଯୋଗୁ ଯୁଦ୍ଧର ଘନଘଟା ହୋଇଛି। ଜାତୀୟ ସ୍ୱାର୍ଥରେ ଗୁରୁତର କ୍ଷତି ପହଁଚିଛି। ଏବେ ମଧ୍ୟ ସମାଜରେ ଏଇ କିସମର ବ୍ୟକ୍ତିଙ୍କ ଅଭାବ ନାହିଁ। ଯାବତୀୟ ଲୋଭ, ଅର୍ଥ, ସୁନ୍ଦରୀନାରୀଙ୍କ ମୋହ, ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ମଣିଷ ନିଜ ଆଦର୍ଶକୁ ବିକି ଦେଇପାରେ। ଏମିତିକି ଦେଶର ଗୁପ୍ତ ତଥ୍ୟ ପ୍ରଦାନ କରିବାରେ ପଛଘୁଞ୍ଚା ଦିଅନ୍ତିନି।

ପଟ ପରିବର୍ତ୍ତନ କରିଥିବା ମଣିଷକୁ ଆପଣ ଚିହ୍ନିବେ କେମିତି? ଏହାବଡ଼ କଥା। ଯିଏ ପଟ ପରିବର୍ତ୍ତନ କରିବ ସେ ଆପଣଙ୍କ ସହ କଥା ହେବାକୁ ସାହସ କରି ପାରିବନି। ଆଖିକୁ ଆଖି ମିଶାଇ କଥା କହିପାରିବନି। କଥା କହିଲାବେଳେ ଥଙ୍ଗେଇବା ଆରମ୍ଭ କରିବ। ନିଜକୁ ଦୋଷୀ ଭାବିବ। ତାରି ଭିତରେ ତା'ର ବିବେକ ମାରିଗୋଡ଼ାଉଥିବ। ପୂର୍ବପରି ମିଳାମିଶା କରିବାକୁ ମନ କୁଳେଇବ ନାହିଁ। ମୋଟାମୋଟିଭାବେ ଆପଣଙ୍କ ନିକଟରେ ସ୍ୱାଭାବିକ ହେବାକୁ ତାକୁ ଡର ଲାଗିବ। ଆପଣଙ୍କ ବିଷୟରେ ପର ନିକଟରେ ଚର୍ଚ୍ଚାକରିବ। ଯଦି ସମ୍ଭବ ହେବ ସେ ଆପଣଙ୍କ ଶତ୍ରୁଙ୍କ ନିକଟକୁ ଯିବ। ତା'ପରେ ଆପଣ ଦେଖିଲାଭଳି ଶତ୍ରୁଙ୍କ ସହ ଆତଯାତ ହେବ। ଏଭଳି କରିବା ଦ୍ୱାରା ଆପଣ ବୁଝିବା ଆବଶ୍ୟକ ଆପଣଙ୍କ ମିତ୍ର ଆଉ ଆପଣଙ୍କର ନୁହେଁ। ସେ ପଟ ପରିବର୍ତ୍ତନ କରିଛି। କେବଳ ପଟ ପରିବର୍ତ୍ତନ କରିନି କପଟ ଆଚରଣ ମଧ୍ୟ କରିଛି। ଦୋମୁହାଁପଣକୁ ସେ ପ୍ରଦର୍ଶିତ କରିଛି। ଏଭଳି ପଟ ପରିବର୍ତ୍ତନକାରୀଙ୍କ ପ୍ରତି ଆପଣ ବେଶି ଚିନ୍ତାକରିବା ଆବଶ୍ୟକ ନାହିଁ। ଏତିକି ମନେରଖିଥିବେ ସେମାନେ ସେଇଠି ବି ତିଷ୍ଠି ପାରିବେନି। କାରଣ ଆପଣଙ୍କ ମାନସିକତାର ବିପରୀତ ବ୍ୟକ୍ତିତ୍ୱସମ୍ପନ୍ନ ଶତ୍ରୁପକ୍ଷଙ୍କ ନିଜର ହେବା ଦ୍ୱାରା କେବେନା କେବେ ସେଇଠୁ ବି ସେ ତଡ଼ାଖାଇବ ନତୁବା ସେମାନଙ୍କୁ ବି ପ୍ରତାରିତ କରିବ। ପୁନଶ୍ଚ ପଟ ପରିବର୍ତ୍ତନ କରିବ। ସେମାନେ ଅସ୍ଥାୟୀ ଶିବିରର ମଣିଷ। ସେମାନେ ନଷ୍ଟ ବୁଦ୍ଧି, ଅପରାଧପ୍ରବଣ, ମିଥ୍ୟାଚାରୀ, ଚରିତ୍ରହୀନ, ଖଳ ପ୍ରକୃତି ସର୍ବୋପରି ଚାଟୁକାର ଶ୍ରେଣୀୟ। ଆପଣଙ୍କଠାରୁ ଦୂରେଇଗଲା ବୋଲି ଦୁଃଖକରିବା ଅପେକ୍ଷା ଆନନ୍ଦରେ ବିଭୋର ହେବା ଉଚିତ। ଜଣେ ହିତଶତ୍ରୁ ଆପଣଙ୍କ ନିକଟରୁ ଚାଲିଗଲା।



ନିଜଲୋକଙ୍କ ପଟ ପରିବର୍ତ୍ତନ ଅବଶ୍ୟ ଅସହ୍ୟଲାଗେ। ମାତ୍ର ଏହାକୁ ଜୀବନର ଆଉ ଏକ ସିଦ୍ଧାନ୍ତ ବୋଲି ଧରିବାକୁ ହେବ। ଯେଉଁମାନେ ଆପଣଙ୍କ ନିକଟରେ ରହି ସମସ୍ତ ସୁବିଧା ସୁଯୋଗ ଏବଂ ଦୁନିଆରେ ପରିଚୟ ପାଇଥିବେ ସେମାନେ ପ୍ରଥମେ ପଟ ପରିବର୍ତ୍ତନ କରିବେ। ସେମାନଙ୍କ ଭିତରେ ବଢ଼ୁଥିବା ମହତ୍ ଆକାଂକ୍ଷା ସେମାନଙ୍କୁ ଖରାପ ଦିଗକୁ ନେବ। ସାମାନ୍ୟ ସ୍ୱାର୍ଥ ଓ ଲାଳସାରେ ସହଜରେ ବିକ୍ରିହୋଇଯିବେ ସେମାନେ। ସମାଜସହ ସେମାନଙ୍କ ସମ୍ପର୍କର ମାନେ କିଛି ନ ଥାଏ। ଚରିତ୍ର ଓ ଲଜ୍ଜାହୀନ ବ୍ୟକ୍ତିତ୍ୱମାନେ ପଟ ପରିବର୍ତ୍ତନ କରିପାରନ୍ତି ସହଜରେ। ଜଣେ ଦୁର୍ନୀତିଗ୍ରସ୍ତ ଓ ଟାଉଟର ଭାବେ ପରବର୍ତ୍ତୀ ସମୟରେ ସମାଜରେ ଗଣାହୁଅନ୍ତି ସେମାନେ।

ସାଧାରଣତଃ ରାଜନୀତିରେ ପଟ ପରିବର୍ତ୍ତନ ଦେଖାଯାଏ। କ୍ଷମତାଲୋଭରେ ଆଦର୍ଶ ଓ ନୀତି ନୈତିକତା ନ ଥିବା ରାଜନେତାମାନେ ପଟ ପରିବର୍ତ୍ତନ କରିଥାନ୍ତି। ସମୟର ଆବଶ୍ୟକତା ବୋଲି ଦ୍ୱାହିଦେଇ କ୍ଷମତା ଉପଭୋଗ କରିବାର ଇଚ୍ଛାକୁ ସାକାର କରନ୍ତି। ଆଉକିଛି ରାଜନେତା ବର୍ଷା ଯେଉଁଆଡେ ଛତା ସେଇ ଦିଗରେ ନ୍ୟାୟରେ ରାଜନୀତି କରନ୍ତି। ଭାରତୀୟ ରାଜନୀତିରେ ଏଭଳି ପଟ ପରିବର୍ତ୍ତନକାରୀଙ୍କ ଉଦାହରଣର ଅଭାବ ନାହିଁ।

ପଟ ପରିବର୍ତ୍ତନକାରୀ ସବୁବେଳେ ଆପଣଙ୍କ ପ୍ରେରଣା। ଜୀବନରେ ଅନେକ ବାସ୍ତବତାକୁ ଆପଣଙ୍କୁ ଦେଖାଏ। ମଣିଷ ଭିତରେ ଥିବା ଆଉ ଏକ ରୂପକୁ ଚିହ୍ନାଏ। ଆଜିକା ସମାଜରେ ବଞ୍ଚିବା ଲାଗି ଗୁରୁଜ୍ଞାନ ପ୍ରଦାନ କରେ। ପଟ ପରିବର୍ତ୍ତନରେ ଧକ୍କାଲାଗେ ସତ କିନ୍ତୁ ଏହା ଆପଣଙ୍କୁ ନିଜର ଓ ଦୁନିଆର ସତ୍ୟକୁ ଉନ୍ମୋଚନ କରିବାରେ ସହାୟକ ହୁଏ। ଜୀବନରେ ଅନେକ ମଣିଷ ପଟ ପରିବର୍ତ୍ତନ କରି ଦୁଃଖ ଦେବେ। ଏହାକୁ ନଗନ୍ୟ ମନେକରିବା ଉଚିତ। କାରଣ ସମୟ ଅନେକ ସମୟରେ ପଟ ପରିବର୍ତ୍ତନ କରେ। ତଥାକଥିତ ମଣିଷଙ୍କୁ ନିଃସ୍ୱ ଓ ଅସହାୟକରେ। ସେତେବେଳେ ଜୀବନ ସେମାନଙ୍କୁ ଅସଲି ରଙ୍ଗ ଦେଖାଇବା ଆରମ୍ଭ କରେ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ : ୯୪୩୭୯୦୯୬୭୧

## ଏଇ ଭାରତରେ

ପ୍ଲାଷ୍ଟିକ ପ୍ରଦୂଷଣ ଏବେ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି ଓ ଭବିଷ୍ୟତରେ ଏହା ଜୀବଜଗତ ପ୍ରତି ଘାତକ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି। ଏ ଦୃଷ୍ଟିରୁ ଯେଉଁମାନେ ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ବ୍ୟବହାରଯୋଗ୍ୟ ତଥା ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି ସେମାନେ ବାସ୍ତବରେ ପ୍ରଶଂସାଯୋଗ୍ୟ। ଏଭଳି ଦୁଇ ଭାଇ ହେଉଛନ୍ତି ବିକାଶ କୁମାର ଓ ରାହୁଲ ବର୍ଣ୍ଣୁକି। ସେମାନେ ଏବେ ସୁଦ୍ଧା ୧୦୦୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ବିନିଯୋଗ କରି ଆକର୍ଷଣୀୟ ଓ ପରିବେଶ ସହନୀୟ ଜିନିଷ ତିଆରି କରୁଛନ୍ତି। ଏଥିରୁ ମାସକୁ ପାଖାପାଖି ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେମାନେ ନିଜେ ନିର୍ମାଣ କରିଥିବା ମେଶିନରେ ଏହା କରୁଛନ୍ତି। ବିକାଶ ଆଇଆଇଟି ସ୍ନାତକୋତ୍ତର ଓ ରାହୁଲ ଏନ୍ଆଇଏଫ୍‌ଟିରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେମାନେ ଘରକୁ ଘର ଯାଇ ବର୍ଜ୍ୟ ସଂଗ୍ରହ କରୁଥିଲେ। ସେମାନଙ୍କୁ ଲୋକେ କବାଡିବାଲା କହୁଥିଲେ ଓ ତାହାକୁ ଖାତିର ନ କରି ଦୁହେଁ ଆଗକୁ ବଢ଼ିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜାନୁଆରୀ ୧୯୭୬

- ଭାରତ ମହାସାଗରରେ ନିଜର ନୌବାହିନୀର ସ୍ଥିତି ସୁଦୃଢ଼ କରିବା ନିମନ୍ତେ ଫ୍ରାନ୍ସ ସେଠାକୁ ୨ଟି ଲଢୁଆ ବୁଡ଼ାଜାହାଜ ଓ ଆଉ କେତୋଟି ସାହାଯ୍ୟକାରୀ ଜାହାଜ ପଠାଉଥିବାର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।
- ପଞ୍ଜାବର ଜନୈକ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ କଂଗ୍ରେସ ନେତା ଜ୍ଞାନୀ ଗୁରୁମୁଖ ସିଂହ ମୁସାଫିରଙ୍କ ପରଲୋକ।

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡ. ମନମୋହନ ସିଂଙ୍କୁ ଭାରତ ରତ୍ନ ଦିଆଯାଉ

ମହାଶୟ,
ଆର୍ଥିକ ସଂସ୍କାରର ଜନକ ତଥା ଦେଶରେ ଆର୍ଥିକନୀତିରେ ନୂଆ ଯୁଗ ଆରମ୍ଭ କରିଥିବା ପ୍ରବୀଣ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ଏକଦା ଏକ କଷ୍ଟସାଧ୍ୟ ସମୟରେ ଭାରତର ବିପର୍ଯ୍ୟସ୍ତ ଅର୍ଥନୀତିକୁ ବିକାଶର ରାସ୍ତା ଦେଖାଇଥିଲେ। ସେ ଭାରତକୁ ଆର୍ଥିକ ବିପତ୍ତିରୁ ବଞ୍ଚାଇଥିଲେ। ଏହା ବ୍ୟତୀତ 'ନିଶ୍ଚିତ କର୍ମ ନିଯୁକ୍ତି ଆଇନ', 'ସୂଚନା ଅଧିକାର ଆଇନ', 'ଖାଦ୍ୟ ସୁରକ୍ଷା ଆଇନ', 'ଶିକ୍ଷା ଅଧିକାର ଆଇନ', ଏକକ ପରିଚୟ ପତ୍ର 'ଆଧାର' ଇତ୍ୟାଦି ଯୁଗାନ୍ତକାରୀ ଆଇନର ପ୍ରଣେତା ଭାବରେ ସେ ଦେଶରେ ସର୍ବବିଦିତ। ଏହାଦ୍ୱାରା ସାଧାରଣ ନାଗରିକଙ୍କର ଉନ୍ନତି ପରିଲକ୍ଷିତ ହୋଇପାରିଛି। ଐତିହାସିକ 'ଭାରତ-ଆମେରିକା ଆଣବିକ ଚୁକ୍ତି'ର ଅଗ୍ରଦୂତ ଭାବେ ତାଙ୍କ ଅବଦାନ ଅତୁଳନୀୟ। ଦେଶରେ ଉଦାରୀକରଣ ସାହାଯ୍ୟରେ ଅର୍ଥନୈତିକ ସଂସ୍କାର ଆଣିଥିବା ସରଳ, ବିନୟୀ, ଭଦ୍ର ଓ ନମ୍ର ସ୍ୱଭାବର ବ୍ୟକ୍ତି ଡ. ମନମୋହନ ସିଂଙ୍କୁ ମରଣୋତ୍ତର 'ଭାରତ ରତ୍ନ' ଉପାଧିରେ ସମ୍ମାନିତ କରାଯାଉ।

– ନବନୀତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡି ନେତାଙ୍କ ସହ ନବଙ୍କର ଝଗଡ଼ା ଥିଲା: ନରସିଂହ

ଝାରସୁଗୁଡ଼ା/ଭୁବନେଶ୍ୱର,୧୮।୧
(ଆଶିଷ ରଞ୍ଜନ ଦାଶ/ସୁନିତ୍ ମିଶ୍ର)

## ଫୋରେନସିକ ଲାବରେଟୋରୀର ତଥ୍ୟକୁ ନେଇ ନେତାଙ୍କ ପ୍ରତିକ୍ରିୟା

- ସିବିଆଇ ତଦନ୍ତ ପାଇଁ ଲେଖିକି ଜଣାନ୍ତୁ: ଜୟନାରାୟଣ
- ଟିକେଟ ପାଇଁ ଚୁପ୍ ରହିଥିଲେ ଦୀପାଳି: ମନ୍ତ୍ରୀ କୃଷ୍ଣଚନ୍ଦ୍ର


ନରସିଂହ ମିଶ୍ର


ଜୟନାରାୟଣ ମିଶ୍ର


କୃଷ୍ଣଚନ୍ଦ୍ର ପାତ୍ର

ନବ ଦାସ ହତ୍ୟାକାଣ୍ଡ ନେଇ ରାଜ୍ୟ ଫରେନସିକ ସାଇନ୍ସ ରିପୋର୍ଟରେ ସାଙ୍ଘାତିକ ତଥ୍ୟ ସାମନାକୁ ଆସିଛି। ଏହି ରିପୋର୍ଟ ଅନୁଯାୟୀ ନବ ଦାସଙ୍କ ପଛରେ ଆସୁଥିବା ଗାଡ଼ିର ବାମ ପାର୍ଶ୍ୱରେ ୫ଟି ଗୁଳି ବାଜିଥିଲା। ଗାଡ଼ିରେ ବାଜିଥିବା ଗୁଳି ଓ ଖୋକା କୁଆଡ଼େ ଗଲା ତାହା କ୍ରାଇମବ୍ରାଞ୍ଚ ରିପୋର୍ଟରେ ଉଲ୍ଲେଖ କରାଯାଇନାହିଁ। କ୍ରାଇମବ୍ରାଞ୍ଚ କେବଳ ନବ ଦାସ ଓ ତାଙ୍କ ଗାଡ଼ିରେ ବାଜି ଥିବା ଗୁଳିର ହିସାବ ଦେଇ ତା'ର କାମ ସାରିଦେଇଛି। କ୍ରାଇମବ୍ରାଞ୍ଚ ରିପୋର୍ଟ କହୁଛି ଯେ ଗୋପାଳ ଦାସଙ୍କ ପାଖରୁ ୧୮ଟି ଜୀବନ୍ତ ଗୁଳି ଥିବା ମାଗାଜିନ ଓ ବାହାରେ ରଖିଥିବା ୩ଟି ଜୀବନ୍ତ ଗୁଳି ଜବତ ହୋଇଥିବା ବେଳେ ଗୋଟିଏ ଗୁଳି ଉପରକୁ ବ୍ଲାଙ୍କ୍ ଫାୟାରିଂ ହୋଇଥିଲା। ତାହା ହେଲେ ନବଙ୍କ ପଛପଟେ ଆସୁଥିବା ଗାଡ଼ିରେ ବାଜିଥିବା ଗୁଳି କିଏ ଫୁଟାଇଲା ଓ ତାହା କୁଆଡ଼େ ଗଲା ବୋଲି କୁହାଯାଉଛି। ଏଥିରୁ ସନ୍ଦେହ ପ୍ରକାଶ ପାଉଛି ଯେ ନବଙ୍କ ହତ୍ୟାରେ ୨ଟି ବନ୍ଧୁକ ବ୍ୟବହାର ହୋଇଥିବା ବେଳେ ଗୋପାଳଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ମଧ୍ୟ ଏହି ହତ୍ୟାକାଣ୍ଡରେ ଜଡ଼ିତ ଅଛନ୍ତି।

ନବଙ୍କ ହତ୍ୟା ମାମଲାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଯଦି କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ହେଉନାହିଁ ବୋଲି ଭାବୁଛନ୍ତି, ସେ ହାଇକୋର୍ଟ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ତଦନ୍ତ ପାଇଁ ଲେଖିବା ଉଚିତ। ତତ୍କାଳୀନ କ୍ରାଇମବ୍ରାଞ୍ଚ ଅନୁସନ୍ଧାନ ସନ୍ଦେହଜନକ ଥିଲା ବୋଲି ଜୟନାରାୟଣ କହିଛନ୍ତି। ସେପଟେ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି ଯେ ନବ ଦାସ ପ୍ରଥମେ ଜଣେ ବ୍ୟବସାୟୀ ପରେ ଜଣେ ନେତା। ତାଙ୍କର ବ୍ୟବସାୟକୁ ନେଇ ବିଜେଡି ଦଳର ବହୁଲୋକଙ୍କ ସହିତ ମଧ୍ୟ ଝଗଡ଼ା ହୋଇଥିଲା। ତାଙ୍କ ହତ୍ୟା ବ୍ୟବସାୟିକ, ରାଜନୈତିକ, ତଥା ବ୍ୟକ୍ତିଗତ ହୋଇପାରେ। ସିବିଆଇ ତଦନ୍ତ ନେଇ ନରସିଂହ କହିଛନ୍ତି ଯେ ସରକାରୀ ଦଳ ନବଙ୍କ ଝିଅଙ୍କୁ ଲିଖିତ ଆକାରରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦେବା ପାଇଁ କହୁଥିବା କଥାର କିଛି ଦରକାର ନାହିଁ। ଭାଜପା ସରକାର ଆସିବା ପୂର୍ବରୁ ନବଙ୍କ ସିବିଆଇ ତଦନ୍ତ କରିବା ନିର୍ବାଚନ ପ୍ରଚାର ସମୟରେ କହିଥିଲେ। ସରକାର ଚାହିଁଲେ ନିଜେ ତଦନ୍ତ କରାଇ ପାରିବେ। ଦିନକୁ ଦିନ ନବ ଦାସଙ୍କ ହତ୍ୟା ଘଟଣା ନେଇ ନୂଆ ତଥ୍ୟ ସାମ୍ନାକୁ ଆସୁଥିବା ବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରତି ଓଡ଼ିଶାବାସୀଙ୍କ ସନ୍ଦେହ ସୃଷ୍ଟି ହେଲାଣି ବୋଲି ନରସିଂହ କହିଛନ୍ତି।

ଅନ୍ୟପକ୍ଷରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଘଟଣାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଯେତେବେଳେ ନବ ଦାସଙ୍କ ମୃତ୍ୟୁ ହେଲା ତାଙ୍କ ଝିଅ ଦୀପାଳି ଚୁପ୍ ରହିଲେ ଓ କିଛି କହିଲେ ନାହିଁ। ବିଧାୟକ ଟିକେଟ ପାଇଁ ସେ ଆଶାୟୀ ରହିଲେ ଓ ବିଧାୟିକା ହେବା ପରେ ମଧ୍ୟ ନୀରବ ରହିଲେ ବୋଲି କୃଷ୍ଣ କହିଛନ୍ତି। ରାଜ୍ୟରେ ଭାଜପା ସରକାର ଆସିବା ପରେ ସେ ଏବେ ଆଲୁ ଖୋଲୁଛନ୍ତି। ଆଲୁ ଖୋଲିଲେ ନିଶ୍ଚିତ ଭାବେ ମହାଦେବ ବାହାରିବେ। କିଏ ଖୋଲୁଛନ୍ତି ଆଉ କିଏ ସହଯୋଗ କରୁଛନ୍ତି ତାହା ଦେଖାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ନବ ଦାସଙ୍କ ମୃତ୍ୟୁ ପଛରେ ଯିଏ ଅଛନ୍ତି, ସେ ଧରାପଡ଼ିବା ଉଚିତ। ଦୋଷୀ କିଏ ସାଧାରଣ ନାଗରିକ ଜାଣିବା ଦାରକାର। ଦୋଷୀ କିଏ ତାଙ୍କୁ ସେମାନେ ଚାପିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆମ ସରକାର ନିଶ୍ଚୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ତାଙ୍କର ବିଶ୍ୱାସ ଅଛି ବୋଲି ମନ୍ତ୍ରୀ କହିଛନ୍ତି।

# 'ସମ୍ବିଧାନ ଗୌରବ ଅଭିଯାନ'କୁ ସପ୍ତାହେ ବଢ଼ାଇଲା ଭାଜପା

ଭୁବନେଶ୍ୱର,୧୮।୧(ସୁନିତ୍ ମିଶ୍ର)

ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଡ୍କର ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଏଥିରେ ଆମ ସମସ୍ତଙ୍କ ଯୋଗଦାନ ଆବଶ୍ୟକ। ବିଗତ ଦିନଗୁଡ଼ିକରେ ଶାସନକର୍ତ୍ତାମାନେ ସମ୍ବିଧାନର ଦୁରୁପଯୋଗ କରୁଥିଲେ। ସମ୍ବିଧାନ କୌଣସି ବ୍ୟକ୍ତିବିଶେଷର ସ୍ୱାର୍ଥ କିମ୍ବା ଦଳର କ୍ଷମତା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ସମାଜ, ଦେଶ ତଥା ରାଷ୍ଟ୍ରର ହିତ ସାଧନ ପାଇଁ ବିନିଯୋଗ ହେବା ଆବଶ୍ୟକ। ଏନେଇ ଭାଜପା ଆମ୍ବେଡ୍କରଙ୍କ ୧୨୫ତମ ଜୟନ୍ତୀ ପାଳନ କରୁଥିବାବେଳେ ଦେଶକୁ ନୂତନ ସମ୍ବିଧାନ ଦେବା ପାଇଁ ଯେଉଁମାନେ ନିରନ୍ତର ପ୍ରୟାସ କରିଥିଲେ ସେମାନଙ୍କୁ ସ୍ମରଣ କରୁଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶନିବାର ଗଣମାଧ୍ୟମକୁ ମନମୋହନ କହିଛନ୍ତି, ଭାରତୀୟ ସମ୍ବିଧାନର ଗୌରବଶାଳୀ ଯାତ୍ରାର ୭୫ତମ ପୂର୍ତ୍ତି ଜାନୁଆରୀ ୨୬ରେ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ନଭେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ 'ସମ୍ବିଧାନ ଗୌରବ ଅଭିଯାନ' ପାଳନ କରୁଛି। ଏହି କାର୍ଯ୍ୟକ୍ରମକୁ ଆହୁରି ୧ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧିକରିବା ପାଇଁ ସ୍ଥିର କରାଯାଇଛି। ଏହିସମୟ ମଧ୍ୟରେ ୫୦ଟି ଜାଗାରେ ଆଲୋଚନାଚକ୍ର ତଥା ବୁଦ୍ଧିଜୀବୀ ସମ୍ମିଳନୀ କରାଯିବା ପାଇଁ ଯୋଜନା ହୋଇଛି। ସେଥିରୁ ୧୦ଟି ଜାଗାରେ କେନ୍ଦ୍ରୀୟ ନେତୃତ୍ୱ ଓ କେନ୍ଦ୍ରମନ୍ତ୍ରୀ ଆସି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଅବଶିଷ୍ଟ ଜାଗାରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ନେତୃତ୍ୱ, ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏପର୍ଯ୍ୟନ୍ତ ୩ ଜଣ କେନ୍ଦ୍ରୀୟ ନେତୃମଣ୍ଡଳୀଙ୍କଠାରୁ ସ୍ୱୀକୃତି ମିଳିଛି। ଆସନ୍ତା ୨୦ରେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ୨୨ରେ ରାଉରକେଲାଠାରେ ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ମଧ୍ୟପ୍ରଦେଶର ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଓ ୨୭ରେ ସମ୍ବଲପୁରରେ ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଶୁଭେନ୍ଦୁ ଦାସ ଅଧିକାରୀ ଆସି ସମ୍ବିଧାନ ଗୌରବ ଅଭିଯାନ ଉପଲକ୍ଷେ ହେବାକୁ ଥିବା ଆଲୋଚନାଚକ୍ରରେ ଯୋଗଦେବେ। କେବଳ ବୁଦ୍ଧିଜୀବୀ ସ୍ତରରେ ନୁହନ୍ତି, ତୃଣମୂଳ ସ୍ତରରେ କିପରି ଏହା ପହଞ୍ଚିପାରିବ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ସାଧାରଣ ଲୋକ ସମ୍ବିଧାନ ବିଷୟରେ ଯେପରି ଚର୍ଚ୍ଚା ଆଲୋଚନା କରିବେ ତାହା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏନେଇ ଜିଲାସ୍ତରରୁ ବିଧାନସଭା କ୍ଷେତ୍ର ପର୍ଯ୍ୟନ୍ତ ଏହି ଅଭିଯାନ କରିବା ଲାଗି ନିଷ୍ପତ୍ତି ହୋଇଥିବା ମନମୋହନ କହିଛନ୍ତି।


## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଇସ୍ତାହାର: 230 ତା: 15.01.25

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୦।୦୮।୧୯୯୮ରିଖ ପରିଶିଷ୍ଟ–VI ନିୟମ–2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟ ଗୁଡ଼ିକ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବିଷ୍ଟିତା ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | Conversion Case No. | Name of the Applicant | Mouza | House/ Plot | Location |
|---|---|---|---|---|---|
| 1. | 262/2023 | ମନୋହର ଜୟସ୍ୱାଲ | RTU-42 | BB/25 | ସିଭିଲ୍ ଟାଉନସିପ୍ |

ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା


# ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ସରପଞ୍ଚ


ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବୁରୁପଡା ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ବେହେରା ଓ ସମର୍ଥକ ଭେଟୁଛନ୍ତି।

ହିଞ୍ଜିଳିକାଟୁ,୧୮।୧(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବୁରୁପଡା ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ବେହେରା ଓ ତାଙ୍କର ସମର୍ଥକମାନେ ଶନିବାର ଭାଜପା ଛାଡ଼ି ବିଜେଡିରେ ମିଶିଛନ୍ତି। ସେମାନେ ବିଜେଡି ସୁପ୍ରିମୋ ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରରେ ନବୀନ ନିବାସରେ ଭେଟିବା ପରେ ଶଙ୍ଖ ଭବନରେ ଦଳରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ରୂପାନ୍ତର କମିଟି ଆବାହକ ସଞ୍ଜୟ ଦାସବର୍ମା ଓ ସଭ୍ୟ ସଂଗ୍ରହ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ ଓ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସ୍ୱାଗତ କରିଛନ୍ତି। ତୃଣମୂଳ ସ୍ତରରେ ନବୀନ ପଟ୍ଟନାୟକଙ୍କ ଉପରେ ଲୋକଙ୍କ ଆସ୍ଥା ଓ ଭରସା ଅତୁଟ ରହିଛି ବୋଲି ତାଙ୍କ ପ୍ରତିନିଧି ରୂପେ ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ଦାୟିତ୍ୱ ତୁଲାଉଥିବା ଦେବାନନ୍ଦ ମହାପାତ୍ର ଏହି ଅବସରରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳିକାଟୁ ବ୍ଲକ ବିଜେଡି ସଭାପତି ଦୁର୍ଗା ମାଧବ ମହାନ୍ତି, ଜିଲା ପରିଷଦ ସଭ୍ୟ ଏ ସୁଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ।

# ନୀତୀଶଙ୍କ ପୁଅ ରାଜନୀତିରେ ଯୋଗଦେବା ନେଇ ଚର୍ଚ୍ଚା

ପାଟନା, ୧୮।୧

ଆସନ୍ତା ଅକ୍ଟୋବର, ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଅନୁମାନ କରାଯାଉଛି। ଏହି ନିର୍ବାଚନରେ ପୁଣି ଥରେ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ସୁପ୍ରିମୋ ନୀତୀଶ କୁମାରଙ୍କୁ ଜିତାଇବାକୁ ତାଙ୍କ ପୁଅ ନିଶାନ୍ତ କୁମାର ଶନିବାର ରାଜ୍ୟବାସୀଙ୍କୁ ଅପିଲ କରିଛନ୍ତି। ନିଶାନ୍ତ ବାପା ନୀତୀଶଙ୍କ ସହ ଶନିବାର ବଖ୍‌ତିଆରପୁରସ୍ଥିତ ନିଜ ପୈତୃକ ଘରେ ପହଞ୍ଚିଥିଲେ। ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଶାନ୍ତ କହିଛନ୍ତି, ବିହାରର ସମସ୍ତ ଜଣସାଧାରଣଙ୍କୁ ନବ ବର୍ଷରେ ଶୁଭେଚ୍ଛା। ବାପା ଦୀର୍ଘ ୨ ଦଶନ୍ଧି ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଅନେକ ବିକାଶ ମୂଳକ କାମ କରିଛନ୍ତି। ତେଣୁ ଆସନ୍ତା ବିଧାନସଭା ନିର୍ବାଚନରେ ବିହାରର ମତଦାତା ତାଙ୍କୁ ପୁଣି ଥରେ ଭୋଟ ଦେଇ ସରକାରକୁ ଆଣନ୍ତୁ ବୋଲି ନିଶାନ୍ତ ଅପିଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜନୀତିରୁ ଦୂରରେ ଥିବା ନିଶାନ୍ତଙ୍କ ଏହି ଅପିଲ ପରେ ସେ ଖୁବ୍‌ଶୀଘ୍ର ରାଜନୀତିରେ ଯୋଗଦେବାକୁ ଯାଉଛନ୍ତି ବୋଲି ବିହାରରେ ଚର୍ଚ୍ଚା ଜୋର୍ ହୋଇଛି। ଗତ କିଛି ମାସ ହେବ ବିହାରରେ ନୀତୀଶ(୭୩)ଙ୍କ ଅସୁସ୍ଥତାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ନିଶାନ୍ତ ଆଗାମୀ ଦିନରେ ରାଜନୀତିରେ ଯୋଗଦେବା ସହ ଜେଡିୟୁର ନେତୃତ୍ୱ ନେବେ ବୋଲି ଅନୁମାନ କରାଯାଉଛି। ପ୍ରକାଶ ଯେ, ଗତବର୍ଷ ଜାନୁଆରୀରେ ନୀତୀଶଙ୍କ ନେତୃତ୍ୱାଧୀନ ଜେଡିୟୁ ଇଣ୍ଡିଆ ବ୍ଲକ୍‌ରୁ ଅଲଗା ହୋଇ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ରେ ଯୋଗଦେଇଥିଲା। ଏହାସହ ନୀତୀଶ ନବମ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।


ନିଶାନ୍ତ କୁମାର


भारतीय रिज़र्व बैंक
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

### ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ୍ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧୀନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ। ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥାଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥା ଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ।

### ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କ'ଣ କରିବେ?

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ।

### ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:

- ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ **30** ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ - ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ।
- ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥା ରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ।

ଧ୍ୟାନ ଦିଅନ୍ତୁ:

- ଆରବି-ଆଇଓଏସରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ।
- ଅଭିଯୋଗ ଅନ୍ୟ କୌଣସି ମଞ୍ଚ (ଯେପରି ନ୍ୟାୟାଳୟ) ରେ ବିଚାର ହୋଇ ନ ଥିବ / ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ।
- ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନ କରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ।

### ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:

- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017 " କୁ ପଠାଯାଇ ପାରିବ।

### ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇପାରିବେ ?

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ। ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି।

### ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

(ଡିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡିଆଇସିଜିସି)**
ମହାପ୍ରବନ୍ଧକ
ଡିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ,
ବାଇକୁଲା, ମୁମ୍ବାଇ - 400 008
ଇ-ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

## ସଂକ୍ଷେପରେ

### ମହିଳା ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ

**ଖଡ଼ିଆଳ,୧୮।୧(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ସାମାଜିକ କର୍ମୀ ବିନୋଦ ବିହାରୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ଫଣିନ୍ଦ୍ର ଦେଓ, ମୁଖ୍ୟବକ୍ତା ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ସୁସାହିତ୍ୟିକ ଗୌରାଙ୍ଗ କୁମାର ସାହୁ, ସମ୍ମାନିତ ଅଜିତ ପଣ୍ଡା, ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି ଓ ତପନ ରଞ୍ଜନ ଦାଶ ଯୋଗଦେଇ ଆତ୍ମବିଶ୍ୱାସୀ ହେବା ସହିତ କଠିନ ପରିଶ୍ରମ କରିବାକୁ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମହେଶ୍ୱତା ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। ସମାରୋହରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟୟନରତ ମହିଳା ଓ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ସର୍ବେକ୍ଷଣ

**କର୍ଲାମୁଣ୍ଡା,୧୮।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ୩ଜଣିଆ ଦଳରେ ଡା ସୁଭ୍ରାଜ୍ୟୋତି ରାଓ, ଯୁଗ୍ମ ନିର୍ଦ୍ଦେଶକଙ୍କ (ଟିମ ଲିଡର), ବସନ୍ତ କୁମାର ସାହୁ, ପରାମର୍ଶଦାତା ସିପି ଏବଂ ପ୍ରିତସ ନନ୍ଦା, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପିରାମଲ ୯ଟି ବିଷୟ ଯଥା ଡାକ୍ତରଖାନା ରକ୍ଷଣାବେକ୍ଷଣ, ସଫେଇ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଜୈବବର୍ଯ୍ୟ ବସ୍ତୁ ପରିଚାଳନା, ସଂକ୍ରମଣ ନିବାରଣ ଓ ନିୟନ୍ତ୍ରଣ, ଡାକ୍ତରଖାନା ପାଚେରୀ ଆରପାଖ, ଅନୁକୁଳ ପର୍ଯ୍ୟାବରଣ ଡାକ୍ତରଖାନା ଏବଂ ଜଳ, ସ୍ୱାସ୍ଥ୍ୟ ଓ ସଫେଇ ଅନୁଧ୍ୟାନ କରିଥିଲେ। ପ୍ରତିବର୍ଷ ଏହି କାୟାକଳ୍ପ ଡାକ୍ତରଖାନା ମୂଲ୍ୟାଙ୍କନ ସକାଶେ ରାଜ୍ୟସ୍ତରୀୟ ମୂଲ୍ୟାଙ୍କନ ଟିମ୍ ଆସନ୍ତି। ୨୦୧୭-୧୮ ମସିହାରୁ ଏପର୍ଯ୍ୟନ୍ତ ପ୍ରତିବର୍ଷ ଲଗାତାର ୭ଥର ଏହି କାୟାକଳ୍ପ ପୁରସ୍କାର ପାଇଆସୁଛି। ଏହି ଦଳରେ ଜିଲାସ୍ତରରୁ ରିତା ନାଏକ, ଆସିଷ୍ଟାଣ୍ଟ ମ୍ୟାନେଜର ଏବଂ ଜିଲା ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଆଶିଷ କୁମାର ଧରୁଆ, ଡାକ୍ତର ଅଖିଳେଶ ସାମଲ, ଡାକ୍ତର ଦେବ ସୌରଭ ପଣ୍ଡା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦାଶ, ବିପିଏମ ଅଜିତ ସିଂହ କୁମାର, ବିଡ଼ିଏମ୍ ବିଶ୍ୱଜିତ ମହାନ୍ତି, ଫାର୍ମାସିଷ୍ଟ ପବିତ୍ର ରଣା, ବିମଲ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ନବ ନିର୍ମିତ ଆଦିବାସୀ ଭବନ ଉଦ୍‌ଘାଟିତ



**ଖଡ଼ିଆଳ,୧୮।୧(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡାଠାରେ ନବ ନିର୍ମିତ ଆଦିବାସୀ ଭବନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ ମୁଖ୍ୟଅତିଥି ରୂପେ ଯୋଗଦେଇ ନବ ନିର୍ମିତ ଆଦିବାସୀ ଭବନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘ ସଭାପତି ବାଳକୃଷ୍ଣ ଶବର, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ଉପସଭାପତି କାର୍ତ୍ତିକେଶ୍ୱର୍ ମଲ୍ଲିକ, ଖଡ଼ିଆଳ ବ୍ଲକ ସଭାପତି ଜଗତ ରାମ ଶବର, ବୋଡ଼େନ ବ୍ଲକ ସଭାପତି ଭୁବନେଶ୍ୱର ମାଝି, ଖଡ଼ିଆଳ ନଗର ସଭାପତି ସୋମନାଥ ଶବର ଓ ଅନ୍ୟାନ୍ୟ ଅତିଥି ଭାବେ ଶୁଦ୍ଧି ଶବର, ବିଶିକେଶନ ବିଶ୍ୱାଳ, ରୋମାଞ୍ଚଳ ମାଝି, ପଦ୍ମନ ମାଝି ଓ ଗଡ୍ରାମୁଣ୍ଡା ଆଦିବାସୀ ଛାତ୍ରମାନେ ଯୋଗଦେଇଥିଲେ।



ଭଦ୍ରାଯୋରରେ ଦେଖାଦେଇଥିବା ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ।



ଭଦ୍ରାଯୋର ଡ୍ୟାମ୍‌ରେ ବନବିଭାଗ ପକ୍ଷରୁ ପକ୍ଷୀ ଗଣନା ଚାଲିଛି।

# ଦେଶୀଠାରୁ ବିଦେଶୀ ପକ୍ଷୀଙ୍କ ସଂଖ୍ୟାଧିକ

- ଭଦ୍ରାଯୋର ଡ୍ୟାମ୍‌ରେ ବନବିଭାଗ ପକ୍ଷରୁ ପକ୍ଷୀ ଗଣନା
- ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ ସଂଖ୍ୟା ସର୍ବାଧିକ

**ଭବାନୀପାଟଣା,୧୮।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଭଦ୍ରାଯୋର ଡ୍ୟାମରେ ଶନିବାର ସ୍ଥାନୀୟ ବନବିଭାଗ ରେଞ୍ଜ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା। ସକାଳ ୬ଠାରୁ ଏହି ପକ୍ଷୀ ଗଣନା ଆରମ୍ଭ ହୋଇ ପୂର୍ବାହ୍ନ ୧୦ ଟାରେ ସରିଥିଲା। ଏହି ସମୟରେ ଡ୍ୟାମରେ ୩୪ ପ୍ରକାର ପ୍ରଜାତିର ପକ୍ଷୀ ରହିଥିବା ଗଣନା କରିଥିଲେ। ସେଥିମଧ୍ୟରୁ ୧୧ ପ୍ରକାର ବିଦେଶୀ ଓ ଅବଶିଷ୍ଟ ସ୍ଥାନୀୟ ଅଞ୍ଚଳର ପକ୍ଷୀ ରହିଛି। ସମୁଦାୟ ଏହି ଡ୍ୟାମରେ ପ୍ରାୟ ୪୪୨୧ଟି ପକ୍ଷୀ ରହିଥିବାବେଳେ ସେଥିମଧ୍ୟରୁ ଦେଶୀ ପକ୍ଷୀଙ୍କଠାରୁ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ଅଧିକ ରହିଥିବା ବନବିଭାଗ ପକ୍ଷରୁ ଜଣାପଡିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ୨ହଜାରଟି ଏଠାରେ ଦକ୍ଷିଣ ୟୁରୋପର ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ ପକ୍ଷୀ ରହିଛି। ସେହିପରି ଗଡୱାଲ ୩ଶହ,ବାର୍ଣ୍ଣ ସ୍ୱାଲୋ ୫ଶହ,ଷ୍ଟିଲ୍ଟ ୩୦, ହୁଇସ୍ କର୍ଡ ଟନ୍ ୨୦, ବାଲାକ୍ସ କ୍ରେକ ୧, ରିଡ ୱାଭଲର ୪୦, ବଲୁ ଥ୍ରଟ୍ ୧ ପ୍ରମୁଖ ରହିଛି। ଜୁନାଗଡ ବନବିଭାଗ ରେଞ୍ଜ ପକ୍ଷରୁ ଏହି ପକ୍ଷୀ ଗଣନାରେ ସ୍ଥାନୀୟ ରେଞ୍ଜ ଅଧିକାରୀ ସୀମାଞ୍ଚଳ ମିଶ୍ର, ଜୀବ ବିଜ୍ଞାନୀ ସିଦ୍ଧାନ୍ତ କୁମାର ମହାନ୍ତ,ଫରେଷ୍ଟର କାହ୍ନୁଚରଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟନାୟକ ସମେତ ଫରେଷ୍ଟ ଗାର୍ଡ ମୁକ୍ତା ନାଏକ, ରଞ୍ଜିତା ବାରିକ, ତପସ୍ୱିନୀ ନାଏକ, ଶ୍ରୀନିବାସ ବାଣୁଆ, ବିଦ୍ୟୁପ୍ରଭା ଧଙ୍ଗଡା ମାଝୀ, ରୀନା ମାଝୀ, ମାଧବୀ ଗୋପାଲ,ପାରା ଗାର୍ଡ ରାକେଶ ଧଙ୍ଗଡାମାଝୀ, ଦୁର୍ଯ୍ୟୋଧନ ଶବର ପ୍ରମୁଖ ସାମିଲ ଥିଲେ।

# ୪ ଜଣଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନ



କଳା କ୍ଷେତରେ ମାର୍କଣ୍ଡ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**୧୨ବ୍ୟକ୍ତିତ୍ୱଙ୍କୁ ସ୍ୱତନ୍ତ୍ର ସମ୍ମାନ, ୨ଜଣଙ୍କୁ ମରଣୋତ୍ତର ସମ୍ମାନ**

**ଭବାନୀପାଟଣା,୧୮।୧(ଉତ୍ତମ କୁମାର ଦାସ)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦଯାପନୀରେ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସେଥିମଧ୍ୟରୁ ଜିଲାର ସର୍ବଶ୍ରେଷ୍ଠ ସମ୍ମାନ କୁହାଯାଉଥିବା କଳାହାଣ୍ଡି ବରପୁତ୍ର ସମ୍ମାନ କୃଷି କ୍ଷେତ୍ରରେ ବ୍ରଜେନ୍ଦ୍ର ପାଟଯୋଶୀ, କଳା କ୍ଷେତ୍ରରେ ମାର୍କଣ୍ଡ ନାଏକ, ସାହିତ୍ୟ କ୍ଷେତ୍ରରେ ଡ. ଦାଶରଥୀ ଆଚାର୍ଯ୍ୟ, କ୍ରୀଡ଼ା କ୍ଷେତ୍ରରେ ଟି. ରାମକ୍ରିଷ୍ଣାଙ୍କୁ ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଭବାନୀଶଙ୍କର ନିଆଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୁବ୍ରତ ବହିଦାର, ଘଟ କିଶୋର ଠେଲା, ପ୍ରଭଜ୍ୟୋତ କୌରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କର, ବୀରେନ୍ଦ୍ର ଆଚାର୍ଯ୍ୟ, ଯୁଧିଷ୍ଠିର ମୁଦୁଲି, ବିନୋଦ ବାତ୍ରା, ରାଜୁ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଜୀବନ ଘୁମୁରା ନୃତ୍ୟ ସହିତ ଜଡିତ ରହି ଏହାର ସୁଦୂର ପ୍ରସାରି ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଘୁମୁରା ଗୁରୁ କୈଳାସ ଚନ୍ଦ୍ର ନାଏକ, ସୁରେଶ ଚନ୍ଦ୍ର ସିଂହ, ଗୌରାଙ୍ଗ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳାହାଣ୍ଡି ଉତ୍ସବ ପରିଚାଳନା ଓ ପାରବା ମଞ୍ଚ ପରିଚାଳନାରେ ଦୀର୍ଘ ବର୍ଷ ଧରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ଉଦଘୋଷକ ସ୍ୱର୍ଗତ ସୁଶୀଲ ଗହୀର ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଦିବଂଗତ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ପୁରସ୍କାର ଓ ସମ୍ମାନ ଉପସମିତିର ଅଧ୍ୟକ୍ଷା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ଜୟନ୍ତ ବେହେରା, ଭାରତ ଭୂଷଣ ଦେଓ, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ ଓ ପ୍ରତାପ ପଣ୍ଡା ପ୍ରମୁଖ ପ୍ରତିଭା ଚୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯନ୍ତ୍ରୀଙ୍କୁ ମାଡ, ଗାଳିଗୁଲଜ ଅଭିଯୋଗରେ ୩ କୋର୍ଟ ଚାଲାଣ

**ଲାଞ୍ଜିଗଡ, ୧୮।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ ମାରିବା ଓ ଗାଳିଗୁଲଜ ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବିଜେପୁର ପୋଲିସ । ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଦ୍ୟା ଗୁଡ୍ଡୁ ଗୁରୁବାର ବ୍ଲକ ସହକାରୀ ଯନ୍ତ୍ରୀ ଏବଂ ଗ୍ରାମ ରୋଜଗାର ସେବକଙ୍କ ସହିତ ସରକାରୀ କାର୍ଯ୍ୟରେ ବେନଗାଁ ପଞ୍ଚାୟତ ଠାରେ ଏମ୍‌ଜିଏନ୍‌ଆରଇଜିଏ କାର୍ଯ୍ୟର ତଦାରଖ ପାଇଁ ଯାଇଥିଲେ। ସେହି ସମୟରେ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗ୍ରାମର ଅଗସ୍ତି ହରିଜନ, ଉଗ୍ରସେନ ହରିଜନ ଏବଂ କର୍ଣ୍ଣଦାନୀ ହରିଜନ ତିନିଜଣ ମିଶି ଯନ୍ତ୍ରୀ ଗୁଡ୍ଡୁଙ୍କୁ କୌଣସି କାର୍ଯ୍ୟ ହୋଇ ନ ଥିବା ବିଲ୍ ପେମେଣ୍ଟ କରିବା ପାଇଁ ବାଧ କରିଥିଲେ। କିନ୍ତୁ ଗୁଡ୍ଡୁ ରାଜି ନ ହେବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମୁଣ୍ଡକୁ ମୁଥ ଏବଂ ଗାଲକୁ ଚାପୁଡ଼ା ମାରିଥିବା ନେଇ ଯନ୍ତ୍ରୀ ଗୁଡ୍ଡୁ ବିଜେପୁର ଥାନାରେ ଗୁରୁବାର ଏକ ଲିଖିତ ଅଭିଯୋଗ କରିଥିଲେ । ଯନ୍ତ୍ରୀଙ୍କ ଅଭିଯୋଗ ଆଧାରରେ ୩ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ତଦନ୍ତ ଚଳାଇଥିଲେ। ଏନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୪/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବିଜେପୁର ଥାନାଧିକାରୀ ନୀଳାମ୍ବର ଯାନୀ ପ୍ରକାଶ କରିଛନ୍ତି ।

# ପଞ୍ଚାୟତ ପ୍ରତିନିଧି, ଅଧିକାରୀଙ୍କ ଏକାଭିମୁଖୀ ବୈଠକ

**କୋକସରା,୧୮।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଏକାଭିମୁଖୀ ବୈଠକରେ ଉପସ୍ଥିତ ଅଧିକାରୀ।

କଳାହାଣ୍ଡି ଜିଲା କୋକସରା ଗ୍ରାମପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ, ପଞ୍ଚଦଶ ଅର୍ଥ କମିଶନ ଯୋଜନା, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ବିଦ୍ୟୁତ୍, ଜଳସେଚନ ଓ ଅନ୍ୟାନ୍ୟ ଯୋଜନା ଉପରେ ଗ୍ରାମ ପଞ୍ଚାୟତର ସଶକ୍ତିକରଣ ଓ ବିକାଶମୂଳକ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ, କୃଷି ଅଧିକାରୀ ରାକେଶ ମାଝୀ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ଗ୍ରାମ୍ୟ ଜଳସେଚନ ଓ ପରିମଳ ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ, କନିଷ୍ଠ ଯନ୍ତ୍ରୀ ଫନୀନ୍ଦ୍ର ଆର୍କା, ବିଇଓ ରଶ୍ମିତା ନେତମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଜିପିଡ଼ିଓ ରାଜେନ୍ଦ୍ର ପାତ୍ର, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ହିମାଂଶୁ ଦାସ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବ୍ରଜମୋହନ ଦଳେଇ, ଏପିଓ ସତିଶ ବେହେରା, ବିପିସି ଜିତେନ୍ଦ୍ର ମିଶ୍ର ଓ ଅନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ ଭବିଷ୍ୟତ ପଟେଲ ପରିଚାଳନା କରିଥିବାବେଳେ ଗ୍ରାମ ପଞ୍ଚାୟତର ନାଏକ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ସିପିଏସ୍‌ଡବ୍ଲ୍ୟୁ ବାର୍ଷିକ ପ୍ରତ୍ୟାବର୍ତ୍ତନ ସମ୍ମିଳନୀ

**ନୂଆପଡ଼ା,୧୮।୧(ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ତିଖାଲି ଡ୍ୟାମ୍‌ଠାରେ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟାର ବାର୍ଷିକ ପ୍ରତ୍ୟାବର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସମସ୍ତ କର୍ମୀ ସହ ବୋର୍ଡ ସଭ୍ୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ପୂର୍ବ ବର୍ଷ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଆହୁରି ଲୋକମାନଙ୍କ ପାଇଁ ଉନ୍ନତମାନର କାମ କରବା ପାଇଁ ଅଧ୍ୟକ୍ଷ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜୱାହାର ବାରିକ ଓ ପ୍ରୀତିସାୟେ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କର୍ମୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାଣ୍ଡିଆ ଚାଷ ବୁଲି ଦେଖିଲେ ଜିଲାପାଳ, ଅଧିକାରୀ

**ନୂଆପଡ଼ା,୧୮।୧(ମକାରୁ ବେମାଲ)**

ନୂଆପଡ଼ା ଜିଲାର ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ଆଦିବାସୀଙ୍କ ଜୀବନ ଜିବିକାକୁ ସୁଦୃଢ କରିବା ସହ ମାଣ୍ଡିଆ ଭଳି ପାରମ୍ପରିକ ଚାଷ ପ୍ରତି ଉତ୍ସାହିତ କରିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ଜିଲାରେ କାର୍ଯ୍ୟରତ ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିପିଏସଡବ୍ଲ୍ୟୁ କେନ୍ଦୁଭଟା ଦ୍ୱାରା କରାଯାଇଥିବା ରବି ଋତୁ ମାଣ୍ଡିଆ ଚାଷ ତଳି ଜଗା ସମୟରେ ଜିଲାପାଳ ମଧୁସୁଦନ ଦାସ ଜିଲା କୃଷି ଅଧିକାରୀଙ୍କ ସହ ଚାଷୀଙ୍କ କ୍ଷେତକୁ ଯାଇ ମାଣ୍ଡିଆ ଚାଷ ସ୍ଥିତି ବୁଲି ଦେଖିଛନ୍ତି। ନୂଆପଡ଼ା ସଦର ବ୍ଲକ କେରମେଲି ପଞ୍ଚାୟତ ପେଠିଆପାଲି ଗାଁରେ ଶ୍ରୀଅନ୍ନ ଯୋଜନାରେ ଚାଷ କରିଥିବା ଚାଷୀମାନଙ୍କ ଚାଷ କ୍ଷେତକୁ ଦେଖିଛନ୍ତି। ଗାଁର ଅଗ୍ରଣୀ ଚାଷୀ ମଙ୍ଗଲୁ ମାଝି, ନୀଳାମ୍ବର ମାଝି, ଚୈନ ସିଂ ମାଝିଙ୍କ ଚାଷ ଜମି ଜିଲାପାଳ ଦେଖିଥିଲେ। ଏହି ଅବସରରେ ଜିଲାପାଳ ଦାସ ଚାଷୀମାନଙ୍କୁ ଅଧିକରୁ ଅଧିକ ଏହି ଯୋଜନାରେ ଚାଷ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହାର ଫାଇଦା ନେବା ପାଇଁ ଚାଷୀମାନଙ୍କୁ କହିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ହିରାଲାଲ ମାଝି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ସହକାରୀ କୃଷି ଅଧିକାରୀ ଆଶିଷ କୁମାର ମେହେର ଓ ସିପିଏସ୍‌ଡବ୍ଲ୍ୟୁ କର୍ମକର୍ତ୍ତା ଉପସ୍ଥି ଥିଲେ।



ଜିଲାପାଳ ମାଣ୍ଡିଆ ଛାଷ ଅନୁଧ୍ୟାନ କରୁଛନ୍ତି।

# ଭାରତୀୟ ମଜଦୁର ସଂଘର ଅଧିବେଶନ

**ଶ୍ରମିକଙ୍କ ବକେୟା ବର୍ଦ୍ଧିତ ମଜୁରି ପ୍ରାପ୍ୟ ନେଇ ଦାବି**

**କୋକସରା,୧୮।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଡାକବଙ୍ଗଳାଠାରେ କଳାହାଣ୍ଡି ଜିଲାସ୍ତରୀୟ ଭାରତୀୟ ମଜଦୁର ସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମଜଦୁର ସଂଘର ଜିଲା ସଭାପତି ଦେବେନ୍ଦ୍ର କୁମାର ପାଟଯୋଷୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ନିୟୋଜିତ ହେମାଳ ଶ୍ରମିକମାନେ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅନେକ ଆନ୍ଦୋଳନ ଓ ଦାବି ପରେ ୨୦୨୨/୨୩ ରେ ମଣ୍ଡିରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ସରକାର କୁଇଣ୍ଟାଲ ପ୍ରତି ମଜୁରି ପ୍ରାପ୍ୟ ୮.୦୭ ରୁ ୧୩.୧୭ ଟଙ୍କାକୁ ବୃଦ୍ଧି କରିଥିଲେ। ତେବେ ବର୍ଦ୍ଧିତ ମଜୁରି ୨୦୨୩-୨୪ ରୁ ଲାଗୁ ହୋଇଥିବା ବେଳେ ୨୨-୨୩ର ବର୍ଦ୍ଧିତ ମଜୁରି ଏଯାବତ ମିଳିନାହିଁ। ବାରମ୍ବାର ସରକାରଙ୍କୁ ବର୍ଦ୍ଧିତ ପ୍ରାପ୍ୟ ଦେବା ପାଇଁ ଦାବି ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ମଣ୍ଡିରେ ନିୟୋଜିତ ହେମାଳମାନେ ତାଙ୍କ ନ୍ୟାଯ୍ୟ ହକରୁ ବଞ୍ଚିତ ରହିଥିବା ନେଇ ଅଭିଯୋଗ କରିଛନ୍ତି। ଏହି ଅଧିବେଶନରେ ଜିଲା ମଜଦୁର ସଂଘର ସମ୍ପାଦକ ସୁରେନ୍ଦ୍ର ମୋହନ କରଙ୍କ ସମେତ ମଣ୍ଡି ହେମାଳ ସଂଘର ନେତା କୁଳ ପ୍ରଧାନୀ, ବିନୋଦ ମାଝୀ, ଯୁଧିଷ୍ଠିର ଦଳପତି, ଧନସିଂ ମାଝୀ, ପବିତ୍ର ମାଝୀ, ପରମେ ଗହୀର, ମୁରଲୀ ମାଝୀ, ରଘୁମଣି ରାଉତ, ପୁରନ୍ଧର ରାଉତ, ଲକ୍ଷ୍ମଣ କାଣ୍ଡଙ୍କ ସମେତ ଶତାଧିକ ହେମାଳ ଉପସ୍ଥିତ ରହି ସରକାରଙ୍କୁ ନିଜ ଦାବି ଉପସ୍ଥାପନ କରିଥିଲେ।




ମଜଦୁର୍ ସଂଘର ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତା।

# ପକ୍ଷୀ ଗଣନା ମକ୍‌ଡ୍ରିଲ, ସଚେତନତା କାର୍ଯ୍ୟକ୍ରମ

**କୋମନା,୧୮।୧(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ରେଞ୍ଜ ଅନ୍ତର୍ଗତ ତିଖାଲି ଡ୍ୟାମ ନିକଟ ବର୍ତ୍ତୀ ବେଲଗାଁଠାରେ କୋମନା ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ବେଲଗାଁ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପକ୍ଷୀଗଣନା ନେଇ ମକ୍‌ଡ୍ରିଲ ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ କର୍ମଚାରୀ, ଛାତ୍ରୀଛାତ୍ର, ପ୍ରକୃତି ପ୍ରେମୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଦୂର ବିକ୍ଷଣ ଯନ୍ତ୍ର, ବାଇନାକୁଲାର ଯନ୍ତ୍ର ଦ୍ୱାରା ଦୂର ସ୍ଥାନରେ ରହିଥିବା ପକ୍ଷୀଗୁଡିକକୁ ଛାତ୍ରୀଛାତ୍ର, ବନ କର୍ମଚାରୀ ଦେଖିଥିଲେ। ଫରେଷ୍ଟର ସମୀରକାନ୍ତ ଠାକୁର, ଲକ୍ଷ୍ମୀକାନ୍ତ ଘିବେଲା, ଜୟ ଲାଲ ଶୁକ୍ଲଲା, ଗୋପାଳ ମହାନନ୍ଦ, ଫରେଷ୍ଟ ଗାର୍ଡ ପରେଶ ଧରୁଆ, ଉତ୍ତମ ମେହେର, ଶଶୀଧର ଟାଣୀ, ଯାଜ୍ଞସେନୀ କ୍ଷେତି, ଅର୍ଚ୍ଚନା, ଓ ବନ କର୍ମଚାରୀ, ବେଲଗାଁ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରମୁଖ ଉପସ୍ଥିତ ଥିଲେ।



# ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ମହିଳା

**ନୂଆପଡ଼ା,୧୮।୧(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ସମ୍ଭବ ପ୍ରଜେକ୍ଟ ଆମ୍ବ ବଗିଚାଠାରେ ମଦର ଟେରେସା ସେବା ସଙ୍ଗଠନର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ, ମ୍ୟୁଜିକ ଚ୍ୟାୟର, ବକ୍ତୃତା, ଛୋଟି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ମହିଳା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅନୁଷ୍ଠାନ ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି, ତୁଳସ ପଟେଲ, ସଦାନନ୍ଦ ଯୋଶୀ, ଶତିସ ଯୋଶୀ, ତାରାଚନ ଖର୍ସେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହାତକୁ ହାତ ମିଳାଇ କାର୍ଯ୍ୟ କଲେ ସଙ୍ଗଠନ ମଜଭୁତ ହେବ ବୋଲି କହିଥିଲେ। କୃତୀ ମହିଳାଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ, ମଦ ବିରୋଧି ଅଭିଯାନ, ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧମାନଙ୍କ ସେବା, ଦାଦନ ଶ୍ରମିକ ଉପରେ ସଚେତନତା କରାଯିବ ବୋଲି ସଙ୍ଗଠନ ସମ୍ପାଦକ ମତବ୍ୟକ୍ତ କରିଥିଲେ। ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକ ଯୋଗାଇ ନ ଦେଲେ ଆନ୍ଦୋଳନ**

**ନୂଆପଡ଼ା,୧୮।୧(ମକାରୁ ବେମାଲ)**



ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ ।

ନୂଆପଡ଼ା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ବିଷୟ ଅନୁଯାୟୀ ଶିକ୍ଷକ ଯୋଗାଇ ଦେବା ଦାବିରେ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମିଶ୍ର ବୁଖିଶୀଘ୍ର ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମୟ ସୀମା ମଧ୍ୟରେ ଶିକ୍ଷକ ଯୋଗାଇ ନ ଦେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ବିଦ୍ୟାଳୟରେ ତାଲା ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ଯେ, ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଷୟ ଅନୁପାତରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧା ଉପୁଜୁଛି। ଫଳରେ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନ ଶିକ୍ଷକ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଚୌକିରେ ବସି ରହିଥାନ୍ତି। ବିଦ୍ୟାଳୟରେ କ'ଣ ହେଉଛି ଜାଣନ୍ତିନାହିଁ। ବିଜ୍ଞାନ ଶିକ୍ଷକ ନ ଥିବାରୁ ବିଜ୍ଞାନ ବିଷୟ ଛାତ୍ରୀଛାତ୍ର ଜାଣନ୍ତି ନାହିଁ। ଅଳ୍ପ ଦିନ ମଧ୍ୟରେ ବାର୍ଷିକ ପରୀକ୍ଷା ହେବାକୁ ଯାଉଛି। ପିଲା ବିଜ୍ଞାନ ବିଷୟରେ କ'ଣ ଲେଖିବେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। କୋମନା ଗୋଷ୍ଠୀ ଶିକ୍ଷା ଅଧିକରୀଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ପର୍ଯ୍ୟନ୍ତ ଅନେକ ଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଜି ଶେଷ ଥର ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛୁ। ଜାନୁଆରୀ ଶେଷ ସୁଦ୍ଧା ବିଷୟ ଅନୁଯାୟୀ ଆବଶ୍ୟକ ଶିକ୍ଷକ ଯୋଗାଇ ନ ଦେଲେ ବିଦ୍ୟାଳୟରେ ତାଲା ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇ ଶିକ୍ଷକ ପୂରଣ କରିବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡୋଳାମଣି ଶବର, ୱାର୍ଡ ସଭ୍ୟ କୁନୁ ଶବର, ସରସ୍ୱତୀ ବାରିକ, ଉଦ୍ଧବ ଶବର, ଗୋଦ୍ରୋ ବରିହା, ନଳିନୀ ରାଉତ, ବିଜୁଳି ଦାସ,ଗୋସ ମହମ୍ମଦ, ମୁରଲି ଦାସ, ଋତୁରାଜ ଶବର, ଚନ୍ଦ୍ରମଣି ଶବର, ହେମନ୍ତ ଶବର ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ୨୧ରେ ବରଗଡ଼ ବନ୍ଦ

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ)



ବରଗଡ଼ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୀଡ଼ିତା ଭିମସାର୍, ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ୬ଦିନ ବିତିଯାଇଛି, ମାତ୍ର ପୋଲିସ ହାତ ଖାଲିପଡ଼ିଛି। ଏହାକୁ ନେଇ ଅସନ୍ତୋଷର ତାତି ବଢ଼ିବାରେ ଲାଗିଛି। ଏ ନେଇ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବରଗଡ଼ ସଚେତନ ନାଗରିକ ମଞ୍ଚ ଆହ୍ୱାନରେ ଏକ ସର୍ବଦଳୀୟ ବୈଠକ ବସିଥିଲା। ବୈଠକରେ ଏହି ମାମଲାକୁ ସବୁମହଲରେ ନିନ୍ଦା କରାଯାଇଥିବା ବେଳେ ଘଟଣାର ବାସ୍ତବତାକୁ ଭିନ୍ନଦିଗକୁ ନେବା ପାଇଁ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଜାଣିଶୁଣି ବିଳମ୍ବ କରୁଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୧ତାରିଖ ବରଗଡ଼ରେ ୧୨ଘଣ୍ଟିଆ ବନ୍ଦ ପାଳନ ପାଇଁ ଡାକରା ଦିଆଯାଇଛି। ଉକ୍ତ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଜରୁରିକାଳୀନ ସେବା ଗାଡ଼ି ଚଳାଚଳ, ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପଟେ ବୈଠକରେ ଭାଜପାର କୌଣସି ପ୍ରତିନିଧି ଯୋଗ ନ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭାଜପାର ଜିଲା କାର୍ଯ୍ୟକାରୀ ସଭାପତି ଡା. ଅରୁପାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ବୈଠକରେ ଯୋଗଦାନ ପାଇଁ ତାଙ୍କୁ ଫୋନ କଲ୍ ଆସିଥିଲା। କିନ୍ତୁ ସେ ବରଗଡ଼ ବାହାରେ ଥିବାରୁ ବୈଠକରେ ଯୋଗଦେଇ ପାରି ନ ଥିଲେ।

ଯୁବ ସାମାଜିକ କର୍ମୀ ଅବିନାଶ ବାଗ ବୈଠକର ଆଭିମୁଖ୍ୟ ନେଇ ସୂଚନା ଦେଇଥିଲେ। ବୈଠକରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ଏହାର ନିରପେକ୍ଷ ତଦନ୍ତ ସହିତ ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ପୀଡ଼ିତା ଅନୁସୂଚିତ ଜାତିର ହୋଇଥିବାରୁ ସରକାରୀ ସ୍ତରରେ ତାଙ୍କୁ ଏବଂ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବା ଦରକାର। ସେହିପରି ପୀଡ଼ିତାଙ୍କୁ ଯେଭଳି ଉଚିତ ନ୍ୟାୟ ମିଳିପାରିବ ଏବଂ ବରଗଡ଼ରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପାଇଁ ଦଳମତ ନିର୍ବିଶେଷରେ ଏକଜୁଟ୍ ହୋଇ ପଦକ୍ଷେପ ନେବା, ଯାହାକି ଆଗାମୀ ଦିନ ପାଇଁ ଆହ୍ୱାନ ହେବ ବୋଲି କହିଥିଲେ। କଂଗ୍ରେସ ଜିଲା ସଭାପତି ହରଦୀପ ସିଂ, ନିପନ କୁମାର ଦାଶ ଉକ୍ତ ମାମଲାରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ସନ୍ଦେହ କରିବା ସହିତ ବୁର୍ଲାରେ ଚାଲିଥିବା ପୀଡ଼ିତାଙ୍କ ଚିକିତ୍ସା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ବରଗଡ଼ ମାଟିର ସ୍ୱାଭିମାନ ତଥା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସମସ୍ତେ ଏକାଠି ହୋଇ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ କରିଥିଲେ। ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନାଗରିକ ମଞ୍ଚ ଯାହାକିଛି ପଦକ୍ଷେପ ନେବ, ତାକୁ ସଂଘ ସମର୍ଥନ କରିବ ବୋଲି କହିଥିଲେ।

ସେହିପରି ବରଗଡ଼ ପୌରାଧକ୍ଷା କଳ୍ପନା ମାଝି, ଆମ୍ ଆଦମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ରମେଶ ପତି, ମେରିୟମ ବାର୍ଲା, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ, କଂଗ୍ରେସ ନେତା ବ୍ରହ୍ମା ମହାକୁଡ଼, ଯୁବ କଂଗ୍ରେସ ନେତା ଆଜାତ ପତି, ବିଜେଡିର ଜିଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଜିଲା ଓକିଲ ସଂଘ ସମ୍ପାଦକ ଦ୍ୟୁତିଶ ଆଚାର୍ଯ୍ୟ, ଚାଷୀନେତା ରମେଶ ମହାପାତ୍ର, ବିଜେଡି ଯୁବନେତା କରନ ସିକନ୍ଦର, ଅନୁପ କୁମାର ଶତପଥୀ, ଶୟନ ପଣ୍ଡା ପ୍ରମୁଖ ବୈଠକରେ ସାମିଲ ଥିଲେ। ବୈଠକରେ ଉପସ୍ଥିତ ସମସ୍ତ ଜନତାଙ୍କ ସମ୍ମତିକ୍ରମେ ଆସନ୍ତା ମଙ୍ଗଳବାର ବରଗଡ଼ରେ ୧୨ଘଣ୍ଟିଆ ବନ୍ଦ ନିଷ୍ପତ୍ତି ନିଆଯାଇଥିଲା। ଯୁବ ସାମାଜିକ କର୍ମୀ ତଥା ସଂକଳ୍ପ ପରିବାରର ଆବାହକ ବିକାଶ ଅଗ୍ରୱାଲ ବୈଠକକୁ ସଂଯୋଜନା କରିଥିଲେ। ଗତ ୧୨ତାରିଖ ଧନୁଯାତ୍ରା ଦେଖିବାକୁ ଆସି ପୀଡ଼ିତା ନିଖୋଜ ହୋଇଯାଇଥିଲେ। ୪୮ଘଣ୍ଟା ପରେ ବରଗଡ଼ ସହର ଉପକଣ୍ଠ କୁର୍ଲା ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରେ ତାଙ୍କୁ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କ ମା'ଙ୍କ ଏତଲା କ୍ରମେ ବରଗଡ଼ ଟାଉନ ଥାନାରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

**ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀ ଉଦ୍ଧାର ଘଟଣା**

- ସର୍ବଦଳୀୟ ବୈଠକରେ ନିଆଗଲା ନିଷ୍ପତ୍ତି
- ବୈଠକକୁ ଆସିଲେ ନାହିଁ ଭାଜପା ନେତା
- ପୋଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ

## ଚର୍ଚ୍ଚାରେ ପୀଡ଼ିତାଙ୍କ ପୋଷାକ

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ): ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ପୋଲିସ ଏ ଯାଏ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପଟେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ମଧ୍ୟ ସାଧାରଣରେ ନାନା ସନ୍ଦେହ ଉପୁଜିଛି। ଘଟଣା ଦିନ ପୀଡ଼ିତା ପିନ୍ଧିଥିବା ପୋଷାକ ଗାଏବ୍ ହେବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗତ ୧୫ତାରିଖ ପୀଡ଼ିତାଙ୍କ ଘରକୁ ପୋଲିସ ପହଞ୍ଚିଥିଲା ଏବଂ ପୀଡ଼ିତାଙ୍କ ପୁରୁଣା ପୋଷାକ ମାଗିଥିବା ନେଇ ଖୋଦ୍ ପୀଡ଼ିତାଙ୍କ ମା' କହିଛନ୍ତି। ସେହିପରି ପୀଡ଼ିତାଙ୍କୁ ଡାକ୍ତରଖାନା ନିଆଯାଇ ଥିବାବେଳେ ସେଠାରେ ଘଟଣା ଦିନ ପୀଡ଼ିତା ପିନ୍ଧିଥିବା ପୋଷାକ ବଦଳା ଯାଇଥିଲା। କେହି ଜଣେ ପୋଲିସ କର୍ମଚାରୀ କହିବାରୁ ଘଟଣା ଦିନ ପୀଡ଼ିତା ପିନ୍ଧିଥିବା ପୋଷାକ ଡଷ୍ଟବିନକୁ ଫିଙ୍ଗି ଦିଆଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଡାକ୍ତରଖାନାରେ ସେହିଦିନ ଉପସ୍ଥିତ ଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ସେଭଳି କହିଛନ୍ତି।

## ପୀଡ଼ିତାଙ୍କୁ ଭେଟିଲେ କଂସ ଅଭିନେତା



ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ): ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ଭୀମସାର୍, ବୁର୍ଲାରେ ଭର୍ତ୍ତି କରାଯାଇଛି। ଶନିବାର ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ବୁର୍ଲା ଯାଇ ପୀଡ଼ିତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥି ସହିତ ସେଠାରେ ଉପସ୍ଥିତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ପଚାରି ବୁଝିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଂସ ଅଭିନେତା ଭୁବନେଶ୍ୱରଙ୍କ ସହିତ ସମାଜିକ କର୍ମୀ ଡଃ ଜନନୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

## ପଦ୍ମପୁର ପାକ୍ସର ସାଧାରଣ ସଭା

ପଦ୍ମପୁର,୧୮।୧(ପ୍ରଦୀପ୍ତ ଦାଶ): ପଦ୍ମପୁର ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା ସ୍ଥାନୀୟ ଲାୟନ୍ସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ସମିତିର ସଭାପତି ପ୍ରୀତମ ମେହେର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଗୋପାଳ ଷଣ୍ଢ ପୂର୍ବ ବର୍ଷର ଆୟ ବ୍ୟୟ, ବାର୍ଷିକ ଅଟକଳ,ଋଣ ଲଗାଣ,ଅସୁଲି ଉପସ୍ଥାପନା କରିଥିଲେ। ବିଗତ ବର୍ଷର ଆୟବ୍ୟୟକୁ ସଭାରେ ଅନୁମୋଦନ କରାଯାଇଥିଲା। ସହ ସମ୍ପାଦକ ରାଜେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜାତୀୟ ଯୁବ ଦିବସ ପାଳିତ

ଝାରବନ୍ଧ,୧୮।୧(ଦେବେନ୍ଦ୍ର ସାହୁ): ବରଗଡ଼ ଜିଲା ଝାରବନ୍ଧ ବ୍ଲକର ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜାତୀୟ ଯୁବ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟାକ୍ରମରେ ମୁଖ୍ୟଅତିଥି ଭାବେ ସାନନ୍ଦ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷା ବିଭାଗର ମୁଖ୍ୟ ଯାଜ୍ଞସେନି ନାଏକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଅଧ୍ୟାପକ ଡଲଫିନ ସୁନା ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷା ପ୍ରତି ଯୁବପିଢ଼ି ଆଗ୍ରହ ପ୍ରକାଶ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ନବୀନ କୁମାର ମେହେର, ଗଗନ ବିହାରୀ ଡନସନା,ସାର୍ତ୍ତିକ, ତାପସରଞ୍ଜନ ସାହୁ, ମୁକେଶ ବାଗ, ଅଶୋକ କୁମାର ହାତୀ ସହଯୋଗ କରିଥିଲେ। ମିନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଘରେ ଘରେ ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ସରପଞ୍ଚ



ପାଇକମାଳ, ୧୮।୧(ବଢ଼ ଶତପଥୀ) ରାଜ୍ୟ ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ପରେ ଚଳିତ ମାସରୁ ନୂତନ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କୁ ଦେଇଛନ୍ତି। ୮୦ବର୍ଷ ଓ ୮୦% ଦିବ୍ୟାଙ୍ଗ ମହିଳା ଓ ପୁରୁଷମାନଙ୍କୁ ସରକାର ୩୫ଶହ ଟଙ୍କା ପ୍ରଦାନ କରୁଥିବାରୁ ପାଇକମାଳ ବ୍ଲକରେ ଏହା ଦିଆଯିବା ଆରମ୍ଭ ହୋଇଛି। ବରଗଡ଼ ଜିଲା ପାଇକମାଳ ବ୍ଲକର ଟେମେରୀ ଗ୍ରାମପଞ୍ଚାୟତ ଯୁବ ସରପଞ୍ଚ ଦିଲୀପ ବେହେରା ତାଙ୍କ ପଞ୍ଚାୟତର ସୋଢା, କୁର୍ଷାପାଲି, ଟେମେରୀ, ଧାନ୍ଦୁପାଲି ଆଦି ଗାଁରେ ଘର ଘର ଯାଇ ହିତାଧିକାରୀ ମାନଙ୍କୁ ତଥା ୮୦ବର୍ଷୀୟା ମହିଳା ଓ ପୁରୁଷ ତଥା ଶତକଡା ୮୦ଭାଗ ଦିବ୍ୟାଙ୍ଗମାନଙ୍କୁ ଶନିବାର ଭତ୍ତା ପ୍ରଦାନ କରୁଥିବା ଦେଖାଯାଇଛି। ବର୍ଦ୍ଧିତ ଭତ୍ତା ପାଉଥିବା ହିତାଧିକାରୀ ଖୁସି ଥିବାବେଳେ କମ ଟଙ୍କା ଭତ୍ତା ପାଉଥିବା ହିତାଧିକାରୀମାନେ ଦୁଃଖ ପ୍ରକାଶ କରୁଥିବା ଜଣାଯାଇଛି । ତେଣୁ ସେ କୌଣସି ବିଧବା, ଦିବ୍ୟାଙ୍ଗ ଆଦି ୮୦ ବର୍ଷରୁ କମ ହିତାଧିକାରୀଙ୍କୁ ମଧ୍ୟ ସରକାର ଏହି ବର୍ଦ୍ଧିତ ଭତ୍ତାରେ ସାମିଲ କରି ଭତ୍ତା ପ୍ରଦାନ କରିବାକୁ ଭାରତୀୟ ଜନତା ପାର୍ଟି ଓଡ଼ିଶା ସରକାର ପ୍ରଦାନ କରିବାକୁ ଯୁବ ସରପଞ୍ଚ ଦାବି କରିଛନ୍ତି।

### ସାମୂହିକ ବ୍ରତ ପ୍ରସ୍ତୁତି ବୈଠକ

ବରପାଲି,୧୮।୧(ଚିତ୍ତରଞ୍ଜନ ସାହୁ): ବରପାଲି ବ୍ଲକ ସନାତନି ବ୍ରାହ୍ମଣ ସମାଜର ଏକ ବୈଠକ ବ୍ଲକ ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟତଃ ଆସନ୍ତା ଫେବୃୟାରୀ ୧୮ ଓ ୧୯ ତାରିଖ ଦିନ ସାମୁହିକ ବ୍ରତ ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ସାତ ଜଣ ବ୍ରାହ୍ମଣ ବାଳକଙ୍କୁ ବ୍ରତ କରାଯିବ। ସ୍ଥାନୀୟ ନୃସିଂହ ମନ୍ଦିରରେ ବ୍ରତ ଅନୁଷ୍ଠିତ ହେବ। ଏହା ବ୍ୟତୀତ ପର୍ଶୁରାମ ଭବନ ନିର୍ମାଣ ପାଇଁ ବରଗଡ ଜିଲାପାଳଙ୍କୁ ସାକ୍ଷାତ କରି ଜମି ପାଇଁ ଆବେଦନ କରାଯିବ।



ଏସ୍‌ପିଙ୍କୁ ଭେଟିଥିବା ବିଜେଡ଼ିର ପ୍ରତିନିଧି ଦଳ।

# କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ)

ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ମାମଲାକୁ ନେଇ ଅସନ୍ତୋଷ ବଢ଼ି ଚାଲିଛି। ଶନିବାର ବିଜେଡିର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହା ସହିତ ଏହି ପ୍ରତିନିଧି ଦଳ ବରଗଡ଼ ଆସି ଏସ୍‌ପି ପି.ଏସ୍ ମୀନାଙ୍କୁ ଭେଟି ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ପଚାରି ବୁଝିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ବିଜେଡି ମହିଳା ରାଜ୍ୟ ସଭାନେତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌରାଧକ୍ଷା କଳ୍ପନା ମାଝି, ଦଳର ଜିଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ

ଗାଇସିଲେଟ,୧୮।୧ (ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦୀର୍ଘ ଆଠଦିନ ଧରି ମାଷ୍ଟର ଦେବୀ ଭୋଇଙ୍କ ଦ୍ୱାରା ବିଭିନ୍ନ କୌଶଳର ତାଲିମ ଦିଆଯାଇଥିଲା। ଶନିବାର ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଜୟ କେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଇସିଲେଟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ସୁଶ୍ରୀ ରାକ୍ଷୀ ମେହେର ସଭା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ନାରାୟଣ ମିଶ୍ର ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡା ରଚିତ ଓ ନିର୍ଦ୍ଦେଶିତ ଏକାଙ୍କିକା କୌସଲି ଭାଷାରେ ନାଟକ 'ଡାକୁ ଆସିଛନ କଲେଜ କେ' ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ତାଲିମରେ ଭାଗନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମରେ ସଂଯୋଜିକା ସୁଶ୍ରୀ ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ପୀଡ଼ିତାଙ୍କ ପୋଷାକ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଉଦ୍ଧାର ମାମଲାକୁ ନେଇ ଜିଲା କଂଗ୍ରେସ ଏକ ସଙ୍ଗୀନ ଅଭିଯୋଗ ଆଣିଛି। ଉକ୍ତ ମାମଲାକୁ ଚାପିଦେବା ତଥା ମାମଲାକୁ ଭିନ୍ନମୋଡ଼ ଦେବାର ଅପଚେଷ୍ଟା ଚାଲିଛି ବୋଲି ଶନିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂ କହିଥିଲେ, ଭୀମସାର୍, ବୁର୍ଲା ଡାକ୍ତରଖାନାରେ ପୀଡ଼ିତାଙ୍କ ଯେଭଳି ଚିକିତ୍ସା ଚାଲିଛି, ତାହା ଦୁର୍ଭାଗ୍ୟଜନକ। ଏଭଳି ଏକ ସମ୍ବେଦନଶୀଳ ଘଟଣାର ପୀଡ଼ିତାଙ୍କୁ ସ୍ୱତନ୍ତ୍ର କ୍ୟାବିନରେ ରଖି ଉଚ୍ଚତର ଚିକିତ୍ସା ଯୋଗାଇ ଦିଆଯିବା ଦରକାର। କେହି ଭେଟିବାକୁ ଗଲେ ପୋଲିସ ସଂକ୍ରମଣ ଆଶଙ୍କା ରହିଛି ବୋଲି କହୁଛି। କିନ୍ତୁ ପୀଡ଼ିତାଙ୍କ ପାଖରେ ଡାକ୍ତର ବଦଳରେ ପୋଲିସ କର୍ମଚାରୀମାନେ ରହୁଛନ୍ତି। ସେହିପରି କଂଗ୍ରେସ ନେତା ନିପନ କୁମାର ଦାଶ କହିଥିଲେ, ପୋଲିସ ମାମଲାର ବାସ୍ତବତାକୁ ଚାପିଦେବା ପାଇଁ ଉଦ୍ୟମ କରାଯାଉଛି। ପୀଡ଼ିତା ସମ୍ପୂର୍ଣ୍ଣଭାବେ ଚେତା ଫେରି ପାରି ନାହାନ୍ତି। ସେ ବୟାନ ଦେବା ସ୍ଥିତିରେ ନାହାନ୍ତି। କିନ୍ତୁ କାହାକୁ ଆଧାର କରି ଯୁବତୀ ଉଦ୍ଧାର ହେବା ଦିନ ବରଗଡ଼ ଦାୟିତ୍ୱରେ ରହିଥିବା ବଲାଙ୍ଗିର ଏସପି ମନଗଢ଼ା ବୟାନ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଘଟଣା ଦିନ ପୀଡ଼ିତା ପିନ୍ଧିଥିବା ପୋଷାକ କେଉଁଠି ଅଛି ଏବଂ କେଉଁ ଉଦ୍ଦେଶ୍ୟରେ ପୋଲିସ ପୀଡ଼ିତାଙ୍କ ଘରକୁ ଯାଇ ପୀଡ଼ିତାଙ୍କ ପୁରୁଣା ପୋଷାକ ମାଗିଥିଲା, ତାହା ପୋଲିସ ସ୍ପଷ୍ଟ କରୁ ବୋଲି ଦାଶ କହିଛନ୍ତି। ଏକ ଘଟଣାକୁ ପୋଲିସ ହାଲୁକାଭାବେ ନେଲେ ଆଗାମୀ ଦିନରେ କଂଗ୍ରେସ ନାରୀ ସୁରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦାଶ ଚେତାବନୀ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଯୁଗଳ ପ୍ରସାଦ ସିଂ, ବ୍ରହ୍ମା ମହାକୁଡ଼, ସରୋଜ ଷଡ଼ଙ୍ଗୀ, ଅଭିଷେକ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପୂର୍ବାହ୍ନରେ କଂଗ୍ରେସର ପ୍ରତିନିଧି ଦଳ ଭୀମସାର୍, ବୁର୍ଲା ଯାଇ ପୀଡ଼ିତା ଏବଂ ସେଠାରେ ଥିବା ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ।

# ପଲସଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଳ,୧୮।୧(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ପଲସଦା ବରଗଡ଼ ଜିଲା ପାଇକମାଳ ବ୍ଲକ ପଲସଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ସାହୁ ଏବଂ ପୀତାମ୍ବର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗଜିନ୍ଦ୍ର ସାହୁ, ବିଚିତ୍ର ପ୍ରଧାନ, ପ୍ରଦୀପ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ସିଂ ବରିହା ଏବଂ ଅନ୍ୟ ସଭ୍ୟ ସଭ୍ୟାମାନେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଦୀପ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଷଷ୍ଠରୁ ଦଶମ ଶ୍ରେଣୀର ସମାପ୍ତି ସୂଚକ ଆକଳନ-୧ରେ ସର୍ବାଧିକ ନମ୍ବର ରଖିଥିବା ପ୍ରତି ଶ୍ରେଣୀରୁ ତିନି ଜଣ ଲେଖାଏ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବର୍ଗରେ ଜିଲା ସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଏବଂ ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ନବମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ଛି ଛି ଛି ରେ ମଦୁଆ ଛି' ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ସମିଆଁର୍ ଖେଲ' ନାଟକ ଦର୍ଶକମାନଙ୍କ ମନ ଜିଣି ନେଇଥିଲା। ଛାତ୍ରୀଛାତ୍ରମାନେ ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱନାଥ ସାହୁ ନୂତନ ଡିଇଓ

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ) ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଜିଲା ଶିକ୍ଷାଧିକାରୀ (ଡିଇଓ)ସ୍ତରରେ ଅଦଳବଦଳ କରାଯାଇଛି। ଏଥିରେ ବରଗଡ଼ ଡିଇଓ ରାଧାକାନ୍ତ ଛତ୍ରୀଙ୍କୁ କଳାହାଣ୍ଡି ଡିଇଓ ଭାବେ ବଦଳି ହୋଇଛି। ଅନ୍ୟପଟେ ତାଙ୍କ ସ୍ଥାନରେ ମାଲକାନଗିରି ଡିଇଓ ବିଶ୍ୱନାଥ ସାହୁଙ୍କୁ ଅବସ୍ଥାପିତ କରାଯାଇଛି।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ପାଇକମାଳ,୧୮।୧(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଳସ୍ଥିତ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପ୍ରଭାତ କୁମାର ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ସାହୁ ଓ ମୀନା କୁମାରୀ ସାହୁ ଯୋଗଦେଇ ସାଂପ୍ରତିକ ଯୁଗରେ ଯୁବକମାନଙ୍କର କର୍ତ୍ତବ୍ୟ ତଥା ଦେଶ ଗଠନରେ ଯୁବକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜାତୀୟ ଯୁବ ଦିବସର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଯୁବ ରେଡକ୍ରସ ସଂଯୋଜକ ଦେବାଶିଷ ଭଏନା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପକ୍ଷୀ ସମାଗମସ୍ଥଳ ପରିଦର୍ଶନ

ବରଗଡ଼,୧୮।୧(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତ ଅଧିନରେ ଥିବା କର୍ଲାଯୋରୀ ଏବଂ ଅନ୍ତପାଲି ଗ୍ରାମ ପକ୍ଷୀ ସଂରକ୍ଷଣ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାକାର ପକ୍ଷୀମାନଙ୍କ ସଂଖ୍ୟା ଏବଂ ସେମାନଙ୍କ ଜୀବନଶୈଳୀ ଅନୁଧ୍ୟାନ ପାଇଁ ଶନିବାର ବରଗଡ଼ ବନାଞ୍ଚଳ ଅଧିକାରୀ ଆରତୀ ନେଗୀଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନପାଳ ସୁଶିଲ ମାଝୀ, ପରିବେଶବିତ୍ ସଞ୍ଜୟ ଖମାରୀ, ବନରକ୍ଷୀ କିଶୋର ସେଠ, ଜଙ୍ଗଲ ସୁରକ୍ଷାର ଷ୍ୱାର୍ଡ ମନୋରଞ୍ଜନ ସାହୁ, ସୁମନ୍ତ ମିର୍ଦ୍ଧା ପ୍ରମୁଖ ଥିଲେ। ସ୍ଥାନୀୟ ଆର୍ଦ୍ରଭୂମିସ୍ଥଳ ପରିଦର୍ଶନ ସହିତ ବାଇନୋକୁଲାର ମାଧ୍ୟମରେ ସେମାନଙ୍କ ପ୍ରଜାତି ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ ଏବଂ ଡ୍ରୋନ କ୍ୟାମେରା ବ୍ୟବହାର କରି ସେମାନଙ୍କ ଗତିବିଧିର ସ୍ପଷ୍ଟଚିତ୍ର ଉତ୍ତୋଳନ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ ବର୍ଷ ଏ ଅଞ୍ଚଳକୁ ବିଭିନ୍ନ ପ୍ରଜାତିର ପରିବ୍ରାଜକ ପକ୍ଷୀ ଅକ୍ଷୟା ତୃତୀୟା ବେଳକୁ ଆଗମନ କରି ଶୀତଋତୁ ଆରମ୍ଭ ହେବାର ଅଳ୍ପଦିନ ଯାଏ ଆସ୍ଥାନ ଜମାଇବା ସହିତ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲି ଯାଇଥାନ୍ତି। ତଥାପି ଆର୍ଦ୍ରଭୂମି ସ୍ଥଳରେ କିଛି ପ୍ରଜାତିର ପକ୍ଷୀ ଜଳକ୍ରୀଡ଼ା କରିବା, ଖାଦ୍ୟ ସଂଗ୍ରହ କରିବା ଏବଂ ନୀଳ ଆକାଶରେ ଦଳବଦ୍ଧ ହୋଇ ଉଡ଼ିବାର ଅପୂର୍ବ ଦୃଶ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସ୍ଥାନୀୟ ପକ୍ଷୀମାନଙ୍କ ମଧ୍ୟରେ କର୍ମୋରେଣ୍ଟ, ଇଗ୍ରିଟ୍, ହେରନ୍, କିଙ୍ଗଫିସର୍ ଆଦି ବିଭିନ୍ନ ପ୍ରଜାତିର ଦେଖିବାକୁ ମିଳିଥାଏ।

**ବୋରାସମ୍ବର କ୍ରିକେଟ କପ ଟୁର୍ନାମେଣ୍ଟ**

# ଦ୍ୱିତୀୟ ସେମିଫାଇନାଲରେ ରାଜମଣ୍ଡ୍ରି ଓ ବରଗଡ଼

ପଦ୍ମପୁର,୧୮।୧(ପ୍ରଦୀପ୍ତ ଦାସ)




ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡିଆଠାରେ ୨୯ ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପର ଅଷ୍ଟମ ଦିବସର ଦିତୀୟ ଗ୍ରୁପର ସେମିଫାଇନାଲ ମ୍ୟାଚ ଶନିବାର ରାଜା ୱାରିୟର ରାଜମଣ୍ଡ୍ରି ଓ ବ୍ଲୁ ଡାଇମଣ୍ଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବରଗଡ଼ କ୍ରିକେଟ ଦଳ ଟସ ଜିଣି ରାଜମଣ୍ଡ୍ରି ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ରାଜମଣ୍ଡ୍ରି ଦଳ ନିର୍ଦ୍ଧାରିତ ୩୪.୫ ଓଭରରେ ସମସ୍ତେ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା ଓ ଦଳ ପକ୍ଷରୁ ପ୍ରବୀଣ ୪୯ ବଲରେ ୪୮ ରନ, ଲାବନ ୫୪ ବଲରେ ୪୪ ରନ, ଗଣେଶ ୧୩ ବଲରେ ୧୯ ରନ ମନୀକାନ୍ତ ୩୯ ବଲରେ ୪୦ ରନ କରିଥିଲେ। ବରଗଡ ପକ୍ଷରୁ କମଲ ଦୟାଲ ୨୩ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ବରଗଡ ଦଳ ୩୪.୧ଓଭରରେ ସମସ୍ତ ଉଇକେଟ ହରାଇ ୧୮୬ ରନ କରି ୮ ରନରେ ପରାସ୍ତ ହୋଇଥିଲେ। ବରଗଡ଼ ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟୋଫର ୩୮ ବଲରେ ୮୦ ରନ ଓ ପ୍ରବୀଣ ଲୁହା ୩୯ ବଲରେ ୩୬ ରନ ସଂଗ୍ରହ କରିଥିଲେ। ରାଜମଣ୍ଡ୍ରି ଦଳ ପକ୍ଷରୁ ଗଣେଶ ଓ ଚନ୍ଦୁ ରବଡା ୩ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ସାବିତ୍ରୀ ବାଗ ଓ ସମ୍ମାନିତ ଅତିଥି ଭାବରେ ୱାର୍ଡ ମେମ୍ବର ପ୍ରିୟରଞ୍ଜନ ଭୋଇ, କବିତା ସେଠ, ସଂଯୁକ୍ତା ପୃଷ୍ଟି, କ୍ଷୀର ସାନବର୍ଷା, ସବିତା ବରିହା ଯୋଗଦାନ ଦେଇ ମ୍ୟାନ ଅଫ ଦି ମ୍ୟାଚ ଭାବରେ ରାଜମଣ୍ଡ୍ରି ଦଳର ଗଣେଶକୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଅମ୍ପାୟାର ବଳରାମ ପଟ୍ଟନାୟକ ଏବଂ ବିଶ୍ୱମ୍ବର ମହାକୁର ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ କେଶରଞ୍ଜନ ପ୍ରଧାନ, ରୋହିଣି ପାଣ୍ଡେ,କୁମାର ଆନନ୍ଦ, ବିକାଶ କୁମ୍ଭାର, ଦିବ୍ୟ ପଣ୍ଡା ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ରାଜାୱାରିୟର ରାଜମଣ୍ଡ୍ରି ଓ ୟୁନିଅନ ସ୍ପୋର୍ଟିଙ୍ଗ କଟକ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଟ୍ରକକୁ ପିଟିଲା ଟ୍ରକ୍: ଚାଳକ ମୃତ

**ଲହୁଣୀପଡା,୧୮।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ଛକ ନିକଟରେ ଛିଡା ହୋଇଥିବା ଏକ ଟ୍ରକକୁ ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ଅଞ୍ଚଳର କହ୍ନେୟା କୁମାର ସର୍ଣକାର। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓ -୧୪ଏଇ- ୧୪୮୪ ଟ୍ରକଟି ଲହୁଣୀପଡା ପଟେ ଆସୁଥିବା ବେଳେ କଲେଇପୋଷ ଛକ ନିକଟସ୍ଥ ବାସୁବାହାଲରେ କୌଣସି କାରଣ ଯୋଗୁ ରାସ୍ତା କଡରେ ଛିଡା ହେଇଥିଲା। ସନ୍ଧ୍ୟା ୫ଟାରେ ଅନ୍ୟ ଏକ ଲହୁ ପଥର ବୋଝେଇ ଟ୍ରକ ଓ -୩୫ଏଚ -୨୩୧୦ ଦ୍ରୁତ ଗତିରେ ଆସି ଛିଡା ହୋଇଥିବା ଟ୍ରକର ପଛରେ ଶକ୍ତ ଧକ୍କା ମାରିଥିଲା। ଫଳରେ ଚାଳକ କ୍ୟାବିନ ଭିତରେ ଚାପି ହୋଇ ରହି ଯାଇଥିଲା। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାବିନ ତାଡି ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଉଭୟ ଟ୍ରକକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳେଇଥିବା ଜଣାପଡିଛି।

### ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୪୭୧ ପରୀକ୍ଷାର୍ଥୀ

**କୁଆଁରମୁଣ୍ଡା,୧୮।୧(ମହେନ୍ଦ୍ର କୁମାର ସାହୁ):** ଜବାହାର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଶନିବାର ଆରମ୍ଭ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ନିମନ୍ତେ କୁଆଁରମୁଣ୍ଡା ବ୍ଲକରୁ ୫୧୫ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜିକରଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୪୪ ଜଣ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତ ରହିଥିଲେ। କେବଳ ୪୭୧ ଜଣ ପ୍ରବେଶିକା ପରୀକ୍ଷା ଦେଇଛନ୍ତି ବୋଲି କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ ସୂଚନା ଦେଇଛନ୍ତି। ଏଥିପାଇଁ କୁଆଁରମୁଣ୍ଡା ହରିହର ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେଲିପୋଷରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ହରିହର ହାଇସ୍କୁଲରେ ୨୨୩ ଜଣ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ବୋଲି ବିଇଓ ପଧାନ ସୂଚନା ଦେଇଛନ୍ତି।

### ବରିଷ୍ଠ ଖବରଦାତାଙ୍କ ବିୟୋଗ

**ଟେନସା,୧୮।୧(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଟେନସାରେ ରହୁଥିବା ଜଣେ ବରିଷ୍ଠ ଖବରଦାତା ରଞ୍ଜନ ମହାନ୍ତି(୬୮)ଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ସେ ୧୯୯୨ ରୁ ୨୦୧୬ ପର୍ଯ୍ୟନ୍ତ ଟେନସା ରହି କୋଇଡା ବ୍ଲକରେ ଖବରଦାତାଭାବେ କାର୍ଯ୍ୟ କରୁଥିଲେ। ସଫଳ ଖବରଦାତା ପାଇଁ ବିଭିନ୍ନ ଅନୁଷ୍ଠାନ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କଠାରୁ ଶ୍ରେଷ୍ଠ ଖବରଦାତା ଭାବେ ପୁରସ୍କୃତ ମଧ୍ୟ ହୋଇଥିଲେ। କିଛିଦିନ ଧରି ଶାରୀରିକ ଅସୁସ୍ଥତାରୁ ଅଚେତ ହୋଇପଡ଼ିଥିଲେ। ପରିବାରବର୍ଗ ଲୋକେ ତାଙ୍କୁ ଟେନସା ସେଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ଭିଡ଼ ଲାଗିବା ସହ ତାଙ୍କର ଜିରୋ ପଏଣ୍ଟ ସ୍ଥିତ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକ ମାତ୍ର ପୁଅ ରାକେଶ ମହାନ୍ତି ମୁଖାଗ୍ନି ଦେଇଥିଲେ ।

### ସିପିଏସ୍‌ଡବ୍ଲ୍ୟୁ ବାର୍ଷିକ ପ୍ରତ୍ୟାବର୍ତ୍ତନ ସମ୍ମିଳନୀ

**ନୂଆପଡ଼ା,୧୮।୧(ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ତିଖାଲି ଡ୍ୟାମ୍‌ଠାରେ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟାର ବାର୍ଷିକ ପ୍ରତ୍ୟାବର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସମସ୍ତ କର୍ମୀ ସହ ବୋର୍ଡ ସଭ୍ୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ପୂର୍ବ ବର୍ଷ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଆହୁରି ଲୋକମାନଙ୍କ ପାଇଁ ଉନ୍ନତମାନର କାମ କରବା ପାଇଁ ଅଧ୍ୟକ୍ଷ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜୱାହାର ବାରିକ ଓ ପ୍ରୀତିସାୟେ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କର୍ମୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜମା ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

# ବନ୍ଦ ହେଲା ଗ୍ରାମସଭା, ଫେରିଲେ ଅଧିକାରୀ

**ବନ୍ଧମୁଣ୍ଡା,୧୮।୧(ସୁବ୍ରତ ଦେ)**

ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସମସ୍ତ ଉଦ୍ୟମ ସତ୍ତ୍ୱେ ଗ୍ରାମସଭା ହେଇ ପାରିଲା ନାହିଁ। ବିଶ୍ରା ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ହେବାକୁ ଥିବା ଗ୍ରାମସଭାକୁ ଆଦିବାସୀଙ୍କ ବିରୋଧ ପ୍ରଦର୍ଶନର ସାମ୍ନା ହେବାକୁ ପଡ଼ିଲା। ଜିଲା ପ୍ରଶାସନ ପକ୍ଷରୁ ଶନିବାର ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଆୟୋଜନ କରିବା ପାଇଁ ରାଉରକେଲା ଉପଜିଲାପାଳ ବିଜୟ ନାୟକ, ରାଉରକେଲା ଅତିରିକ୍ତ ଏସପି ଆର.କେ ମିଶ୍ର, ଡିଏସପି ନିର୍ମଳ ମହାପାତ୍ର ଏବଂ ରାଉରକେଲା ଇସ୍ପାତ କାରଖାନାର କେତେଜଣ ଅଧିକାରୀ ଉପସ୍ଥିତ ଥିଲେ। ବନ୍ଧମୁଣ୍ଡା ପଞ୍ଚାୟତର ଡୁମେରତା ରେଳବାଇ ଷ୍ଟେଶନରୁ ବାରକାନି ଦେଇ ରାଉରକେଲା ଷ୍ଟିଲପ୍ଲାଣ୍ଟ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରେଳ ଲାଇନର ନିର୍ମାଣ କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏହି ଗ୍ରାମସଭା ଆୟୋଜିତ ହେଇଥିଲା। ମାତ୍ର ସ୍ଥାନୀୟ ଆଦିବାସୀ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରକୁ ବନ୍ଦ କରି ଦେବା ସମେତ ଗ୍ରାମସଭାକୁ ବିରୋଧ କରିଥିଲେ। ୩ ଦିନ ପୂର୍ବରୁ ମଧ୍ୟ ଗ୍ରାମବାସୀ ସୁନ୍ଦରଗଡ଼ ଜିଲାପାଳଙ୍କ ନିକଟରେ ସ୍ମାରକପତ୍ର ଦାଖଲ କରି ଗ୍ରାମସଭାକୁ ବର୍ଜନ କରିଥିଲେ। ପରେ ଜିଲା ପ୍ରଶାସନ ଗ୍ରାମସଭା ଆୟୋଜନ କରିଥିଲେ। ହେଲେ ଦୀର୍ଘ ସମୟ ଧରି ବିରୋଧ ପ୍ରଦର୍ଶନ ପରେ ଦିନ ପ୍ରାୟ ୧୨ଟା ସମୟରେ ସମସ୍ତ ପ୍ରଶାସନିକ ଅଧିକାରୀ ଖାଲି ହାତରେ ଫେରି ଯାଇଥିଲେ। ସ୍ଥାନୀୟ ଆଦିବାସୀମାନେ ଦିନସାରା ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ପୂର୍ବରୁ ଆଦିବାସୀ ଗ୍ରାମବାସୀ ଏବଂ ପ୍ରଶାସନ ମଧ୍ୟରେ ଚାଲିଥିବା ଜମି ବିବାଦର ସମାଧାନ ହେବାପରେ ହିଁ ନୂଆ ନିର୍ମାଣ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ହେବ। ପୁରୁଣା ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀ ସେମାନଙ୍କ ଧର୍ମଘଟ ଜାରି ରଖିବେ।

## ବଣାଇଁ ବନଖଣ୍ଡରେ ପକ୍ଷୀ ଗଣନା

**ବଣାଇଁ,୧୮।୧(ପ୍ରଦୀପ ତ୍ରିପାଠୀ)**



ଅଧିକାରୀମାନେ ପକ୍ଷୀ ଗଣନା କାର୍ଯ୍ୟରେ ଲାଗିଛନ୍ତି।

ବଣାଇଁ ବନଖଣ୍ଡରେ ଶନିବାରଠାରୁ ପକ୍ଷୀ ଗଣନା ଆରମ୍ଭ ହୋଇଛି। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପକ୍ଷୀ ଗଣନା ପାଇଁ ୨୬ଟି ଟିମ ନିୟୋଜିତ ହୋଇଛନ୍ତି। ଚଳିତବର୍ଷ ଗଣନା କାର୍ଯ୍ୟରେ ଜିପିଏସ, ବାଇନାକୁଲାର, ୱାକିଟକି, କ୍ୟାମେରା ବ୍ୟବହାର କରାଯାଇଛି। ସୂଚନା ଅନୁଯାୟୀ, ବଣାଇଁ ବନଖଣ୍ଡ ଅଧୀନ ସୋଲ, ଜର୍ଡା, ତାମଡା, ବଣାଇଁ, କୁଳିପୋଷ, ବରସୁଆଁ, କୋଇଡା ଆଦି ୭ଟି ରେଞ୍ଜରେ ପକ୍ଷୀ ଗଣନା ଚାଲିଛି । ଏହି ପକ୍ଷୀ ଗଣନାରେ ୧୨୦ ଜଣ କର୍ମଚାରୀ ସାମିଲ ଅଛନ୍ତି । ଏନେଇ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ତେବେ ଟିମରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ଓୟୁଏଟିର ଛାତ୍ରୀଛାତ୍ର, ୱାଇଲ୍ଡ ଓଡ଼ିଶାର କାର୍ଯ୍ୟକର୍ତ୍ତା, ବିଭିନ୍ନ ରେଞ୍ଜ ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ହୋଇଛନ୍ତି। ଗତବର୍ଷ ବଣାଇଁ ବନଖଣ୍ଡରେ ୪୭ ପ୍ରକାରର ୪୧୦୫ ପକ୍ଷୀ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩୦୮ଟି ବିଦେଶାଗତ ପକ୍ଷୀ ରହିଥିଲେ। ପୂର୍ବ ବର୍ଷ ତୁଳନାରେ ଜଳାଶୟ ଗୁଡିକରେ ଭଲ ପାଣି ରହିଥିବାରୁ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି। ଏଥର ବିଦେଶାଗତ କେତେ ନୂଆ ଅତିଥି ପକ୍ଷୀ ଆସିଛନ୍ତି ତା ଉପରେ ମଧ୍ୟ ବିଭାଗ ନଜର ରଖିଛି। ତେବେ ରବିବାର ସମସ୍ତ ରେଞ୍ଜରୁ ତଥ୍ୟ ଆସିବା ପରେ ପକ୍ଷୀଙ୍କ ସଂଖ୍ୟା ଜଣାପଡି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଯନ୍ତ୍ରୀଙ୍କୁ ମାଡ, ଗାଳିଗୁଲଜ ଅଭିଯୋଗରେ ୩ କୋର୍ଟ ଚାଲାଣ

**ଲାଞ୍ଜିଗଡ, ୧୮।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ ମାରିବା ଓ ଗାଳିଗୁଲଜ ଅଭିଯୋଗରେ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି ବିଜେପୁର ପୋଲିସ । ଲାଞ୍ଜିଗଡ଼ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଦ୍ୟା ଟୁଡୁ ଗୁରୁବାର ବ୍ଲକ ସହକାରୀ ଯନ୍ତ୍ରୀ ଏବଂ ଗ୍ରାମ ରୋଜଗାର ସେବକଙ୍କ ସହିତ ସରକାରୀ କାର୍ଯ୍ୟରେ ବେନଗାଁ ପଞ୍ଚାୟତ ଠାରେ ଏମ୍‌ଜିଏନ୍‌ଆରଇଜିଏ କାର୍ଯ୍ୟର ତଦାରଖ ପାଇଁ ଯାଇଥିଲେ। ସେହି ସମୟରେ ବେନଗାଁ ପଞ୍ଚାୟତ ପଦ୍ମଥୋପାର ଅଗସ୍ତି ହରିଜନ, ଉଗ୍ରସେନ ହରିଜନ ଏବଂ କର୍ଣ୍ଣଦାନୀ ହରିଜନ ତିନିଜଣ ମିଶି ଯନ୍ତ୍ରୀ ଟୁଡୁଙ୍କୁ କୌଣସି କାର୍ଯ୍ୟ ହୋଇ ନ ଥିବା ବିଲ୍ ପେମେଣ୍ଟ କରିବାକୁ କହିଥିଲେ। ରାଜି ନ ହେବାରୁ ଗାଳିଗୁଲଜ ସହିତ ମୁଥ ମାରିଥିବା ଯନ୍ତ୍ରୀ ଟୁଡୁ ଥାନାରେ ଅଭିଯୋଗ କରିଥିଲେ।

## ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ନୂଆପଡ଼ା,୧୮।୧(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ବିଷୟ ଅନୁଯାୟୀ ଶିକ୍ଷକ ଯୋଗାଇ ଦେବା ଦାବିରେ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରକ୍ତ ଜିଲା ଶିକ୍ଷା ଅଧିକାରୀ ମିଶ୍ର ବୁଖିଶୀଘ୍ର ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମୟ ସୀମା ମଧ୍ୟରେ ଶିକ୍ଷକ ଯୋଗାଇ ନ ଦେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ବିଦ୍ୟାଳୟରେ ତାଲା ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ଯେ, ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଷୟ ଅନୁପାତରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧା ଉପୁଜୁଛି। ଫଳରେ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନ ଶିକ୍ଷକ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଚୌକିରେ ବସି ରହିଥାନ୍ତି। ବିଦ୍ୟାଳୟରେ କ'ଣ ହେଉଛି ଜାଣନ୍ତିନାହିଁ। ବିଜ୍ଞାନ ଶିକ୍ଷକ ନ ଥିବାରୁ ବିଜ୍ଞାନ ବିଷୟ ଛାତ୍ରୀଛାତ୍ର ଜାଣନ୍ତି ନାହିଁ। ଅଳ୍ପ ଦିନ ମଧ୍ୟରେ ବାର୍ଷିକ ପରୀକ୍ଷା ହେବାକୁ ଯାଉଛି। ପିଲା ବିଜ୍ଞାନ ବିଷୟରେ କ'ଣ ଲେଖିବେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। କୋମନା ଗୋଷ୍ଠୀ ଶିକ୍ଷା ଅଧିକରୀଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ପର୍ଯ୍ୟନ୍ତ ଅନେକ ଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଜି ଶେଷ ଥର ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛୁ। ଜାନୁଆରୀ ଶେଷ ସୁଦ୍ଧା ବିଷୟ ଅନୁଯାୟୀ ଆବଶ୍ୟକ ଶିକ୍ଷକ ଯୋଗାଇ ନ ଦେଲେ ବିଦ୍ୟାଳୟରେ ତାଲା ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇ ଶିକ୍ଷକ ପୂରଣ କରିବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡୋଳାମଣି ଶବର, ୱାର୍ଡ ସଭ୍ୟ କୁନୁ ଶବର, ସରସ୍ୱତୀ ବାରିକ, ଉଦ୍ଧବ ଶବର, ରତ୍ନରାଜ ଶବର, ଚନ୍ଦ୍ରମଣି ଶବର, ହେମନ୍ତ ଶବର ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମାଣ୍ଡିଆ ଚାଷ ବୁଲି ଦେଖିଲେ ଜିଲାପାଳ, ଅଧିକାରୀ



**ନୂଆପଡ଼ା,୧୮।୧(ମକାରୁ ବେମାଲ)**

ନୂଆପଡ଼ା ଜିଲାର ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ଆଦିବାସୀଙ୍କ ଜୀବନ ଜିବିକାକୁ ସୁଦୃଢ କରିବା ସହ ମାଣ୍ଡିଆ ଭଳି ପାରମ୍ପରିକ ଚାଷ ପ୍ରତି ଉତ୍ସାହିତ କରିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ଜିଲାରେ କାର୍ଯ୍ୟରତ ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିପିଏସଡବ୍ଲ୍ୟୁ କେନ୍ଦୁଭଟା ଦ୍ୱାରା କରାଯାଇଥିବା ରବି ଋତୁ ମାଣ୍ଡିଆ ଚାଷ ତଳି ଜଗା ସମୟରେ ଜିଲାପାଳ ମଧୁସୂଦନ ଦାସ ଜିଲା କୃଷି ଅଧିକାରୀଙ୍କ ସହ ଚାଷୀଙ୍କ କ୍ଷେତକୁ ଯାଇ ମାଣ୍ଡିଆ ଚାଷ ସ୍ଥିତି ବୁଲି ଦେଖିଛନ୍ତି। ନୂଆପଡ଼ା ସଦର ବ୍ଲକ କେରମେଲି ପଞ୍ଚାୟତ ପେଠିଆପାଲି ଗାଁରେ ଶ୍ରୀଅନ୍ନ ଯୋଜନାରେ ଚାଷ କରିଥିବା ଚାଷୀମାନଙ୍କ ଚାଷ କ୍ଷେତକୁ ଦେଖିଛନ୍ତି। ଗାଁର ଅଗ୍ରଣୀ ଚାଷୀ ମଙ୍ଗଲୁ ମାଝି, ନୀଳାମ୍ବର ମାଝି, ଚୈନ ସିଂ ମାଝିଙ୍କ ଚାଷ ଜମି ଜିଲାପାଳ ଦେଖିଥିଲେ। ଏହି ଅବସରରେ ଜିଲାପାଳ ଦାସ ଚାଷୀମାନଙ୍କୁ ଅଧିକରୁ ଅଧିକ ଏହି ଯୋଜନାରେ ଚାଷ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହାର ଫାଇଦା ନେବା ପାଇଁ ଚାଷୀମାନଙ୍କୁ କହିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ହିରାଲାଲ ମାଝି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ସହକାରୀ କୃଷି ଅଧିକାରୀ ଆଷିଶ କୁମାର ମେହେର ଓ ସିପିଏସ୍‌ଡବ୍ଲ୍ୟୁ କର୍ମକର୍ତ୍ତା ଉପସ୍ଥି ଥିଲେ।

## ଆତ୍ମଶକ୍ତିକୁ ଜାଗ୍ରତ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ

**ସୁନ୍ଦରଗଡ,୧୮।୧(ଜୟ ନାରାୟଣ ମେଣ୍ଟୁଳି)**



ସ୍ଥାନୀୟ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶନିବାର ଶେଷ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ସମାଜସେବୀ ସୁଷମା ପଟେଲ ଯୋଗଦାନ ଦେଇ ଆତ୍ମଶକ୍ତିକୁ ଜାଗ୍ରତ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷା ଇନ୍ଦିରା ଗଡନାୟକ ଆତ୍ମସୁରକ୍ଷା ତାଲିମକୁ ଭବିଷ୍ୟତରେ ଉଚିତ ସମୟରେ ପ୍ରୟୋଗ କରିବା ପାଇଁ କହିଥିଲେ। ୮ ଦିନ ଧରି ଆତ୍ମସୁରକ୍ଷା ପ୍ରତି ତାଲିମ ଦେଉଥିବା ମାଷ୍ଟର ଟ୍ରେନର ରିଜର୍ଭ ପୋଲିସ ବିଭାଗର ସବିତା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମାଷ୍ଟର ଟ୍ରେନର ଅମିତା ସାହୁ ଶିଖାଯାଇଥିବା ତାଲିମକୁ ଛାତ୍ରୀମାନଙ୍କ ଦ୍ୱାରା ମନେପକାଇଦେଇ ଏହାକୁ ଜୀବନର ଅସ୍ତ୍ର ଭାବେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ଗ୍ରହଣ କରିଥିବା ତାଲିମକୁ ପ୍ରଦର୍ଶନ କରିଥିଲେ। କଲେଜର ସମସ୍ତ ବିଭାଗର ଅଧ୍ୟାପକମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ଗଣିତ ବିଭାଗର ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ବେହେରା ସଭା ପରିଚାଳନା କରିବା ସହ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜକ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜ୍ଞାନେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ମଜଦୁର ସଂଘର ଅଧିବେଶନ

**କୋକସରା,୧୮।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)**

### ଶ୍ରମିକଙ୍କ ବକେୟା ବର୍ଦ୍ଧିତ ମଜୁରି ପ୍ରାପ୍ୟ ନେଇ ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଡାକବଙ୍ଗଳାଠାରେ କଳାହାଣ୍ଡି ଜିଲାସ୍ତରୀୟ ଭାରତୀୟ ମଜଦୁର ସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମଜଦୁର ସଂଘର ଜିଲା ସଭାପତି ଦେବେନ୍ଦ୍ର କୁମାର ପାଟଯୋଷୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ନିୟୋଜିତ ହେମାଳ ଶ୍ରମିକମାନେ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅନେକ ଆନ୍ଦୋଳନ ଓ ଦାବି ପରେ ୨୦୨୨/୨୩ ରେ ମଣ୍ଡିରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ସରକାର କୁଇଣ୍ଟାଲ ପ୍ରତି ମଜୁରି ପ୍ରାପ୍ୟ ୮.୦୭ ରୁ ୧୩.୧୭ ଟଙ୍କାକୁ ବୃଦ୍ଧି କରିଥିଲେ। ତେବେ ବର୍ଦ୍ଧିତ ମଜୁରି ୨୦୨୩-୨୪ ରୁ ଲାଗୁ ହୋଇଥିବା ବେଳେ ୨୨-୨୩ର ବର୍ଦ୍ଧିତ ମଜୁରି ଏଯାବତ ମିଳିନାହିଁ। ବାରମ୍ବାର ସରକାରଙ୍କୁ ବର୍ଦ୍ଧିତ ପ୍ରାପ୍ୟ ଦେବା ପାଇଁ ଦାବି ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ମଣ୍ଡିରେ ନିୟୋଜିତ ହେମାଳମାନେ ତାଙ୍କ ନ୍ୟାଯ୍ୟ ହକରୁ ବଞ୍ଚିତ ରହିଥିବା ନେଇ ଅଭିଯୋଗ କରିଛନ୍ତି। ଏହି ଅଧିବେଶନରେ ଜିଲା ମଜଦୁର ସଂଘର ସମ୍ପାଦକ ସୁରେନ୍ଦ୍ର ମୋହନ କରଙ୍କ ସମେତ ମଣ୍ଡି ହେମାଳ ସଂଘର ନେତା କୁଳ ପ୍ରଧାନୀ, ବିନୋଦ ମାଝୀ, ଯୁଧିଷ୍ଠିର ଦଳପତି, ଧନସିଂ ମାଝୀ, ପବିତ୍ର ମାଝୀ, ପରମେ ଗହୀର, ମୁରଲୀ ମାଝୀ, ରଘୁମଣି ରାଉତ, ପୁରନ୍ଦର ରାଉତ, ଲକ୍ଷ୍ମଣ କାଣ୍ଡଙ୍କ ସମେତ ଶତାଧିକ ହେମାଳ ଉପସ୍ଥିତ ରହି ସରକାରଙ୍କୁ ନିଜ ଦାବି ଉପସ୍ଥାପନ କରିଥିଲେ।

## ପକ୍ଷୀ ଗଣନା ମକ୍‌ଡ୍ରିଲ, ସଚେତନତା କାର୍ଯ୍ୟକ୍ରମ

**କୋମନା,୧୮।୧(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ରେଞ୍ଜ ଅନ୍ତର୍ଗତ ତିଖାଲି ଡ୍ୟାମ ନିକଟ ବର୍ତ୍ତୀ ବେଲଗାଁଠାରେ କୋମନା ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ବେଲଗାଁ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପକ୍ଷୀଗଣନା ନେଇ ମକ୍‌ଡ୍ରିଲ ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ କର୍ମଚାରୀ, ଛାତ୍ରୀଛାତ୍ର, ପ୍ରକୃତି ପ୍ରେମୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଦୂର ବିକ୍ଷଣ ଯନ୍ତ୍ର, ବାଇନାକୁଲାର ଯନ୍ତ୍ର ଦ୍ୱାରା ଦୂର ସ୍ଥାନରେ ରହିଥିବା ପକ୍ଷୀଗୁଡିକକୁ ଛାତ୍ରୀଛାତ୍ର, ବନ କର୍ମଚାରୀ ଦେଖିଥିଲେ। ଫରେଷ୍ଟର ସମୀରକାନ୍ତ ଠାକୁର, ଲକ୍ଷ୍ମୀକାନ୍ତ ଘିବେଲା, ଜୟ ଲାଲ ଶୁକ୍ଳା, ଗୋପାଳ ମହାନନ୍ଦ, ଫରେଷ୍ଟ ଗାର୍ଡ ପରେଶ ଧରୁଆ, ଉତ୍ତମ ମେହେର, ଶଶୀଧର ଟାଣୀ, ଯାଜ୍ଞସେନୀ କ୍ଷେତି, ଅର୍ଚ୍ଚନା, ଓ ବନ କର୍ମଚାରୀ, ବେଲଗାଁ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରମୁଖ ଉପସ୍ଥିତ ଥିଲେ।



## ଆଭାସି ମାଧ୍ୟମରେ ଚାଷୀଙ୍କ ସହ ଉଚ୍ଚ ଅଧିକାରୀଙ୍କ ଆଲୋଚନା

### ସଫେଇ ନଦୀରେ ବ୍ୟାରେଜ ନିର୍ମାଣ

**ବଡ଼ଗାଁ,୧୮।୧(ଅଶୋକ ଷଡ଼ଙ୍ଗୀ)**



ଚାଷୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରି ପଞ୍ଚାୟତର ଛାମୁଣ୍ଡା ରାଜସ୍ୱ ଗ୍ରାମ ନିକଟ ସଫେଇ ନଦୀରେ ଜଳ ସେଚନ ବିଭାଗ ଦ୍ୱାରା ବ୍ୟାରେଜ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଚୂଡ଼ାନ୍ତ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ୟାରେଜ ନିର୍ମାଣକୁ ବଡ଼ଗାଁ, ତୁଡାଲଗା, ଫୁଲବାରି ଓ ଭୋଇପାଲି ଗ୍ରାମ ପଞ୍ଚାୟତର ଚାଷୀମାନେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହିତ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ ଗତ କିଛିଦିନ ତଳେ ବିଭାଗୀୟ ଅଧିକାରୀମାନେ ସେହି ସ୍ଥାନକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ଚାଷୀମାନେ ବ୍ୟାରେଜ ନିର୍ମାଣ ପାଇଁ ନିରୁପିତ ସ୍ଥାନରୁ ୨୫୦ ମିଟରରୁ ୩ ଶହ ମିଟର ଉପର ମୁଣ୍ଡରେ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସହ ଜଳ ସେଚନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ମୁଖ୍ୟ ଯନ୍ତ୍ରୀ ଆଭାସି ମାଧ୍ୟମରେ ଆଲୋଚନା କରିଥିଲେ। ବ୍ୟାରେଜ ନିର୍ମାଣ ସ୍ଥାନକୁ ୧୪୦ ମିଟର ଉପରକୁ ଉଠାଇବାକୁ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ସ୍ଥାନ ନିରୂପଣ ଚୂଡ଼ାନ୍ତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ନାଗରିକ ସଂଘର ସଭାପତି ଦିଲୀପ ପୁରୋହିତ, ଯୁବ ଚାଷୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ, କାହ୍ନା ସା, ଖଗେଶ୍ୱର କିଷାନ ପ୍ରମୁଖ ଆଖପାଖ ଅଞ୍ଚଳର ଚାଷୀମାନେ ଆଭାସି ମାଧ୍ୟମରେ ଆଲୋଚନା କରିଥିଲେ। ଏଥିରେ ଜଳସେଚନ ଅନୁସନ୍ଧାନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର ଦେହୁରୀଆଙ୍କ ସହିତ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୭ ତାରିଖଠାରୁ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଶତପଥିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଦେବଜାନୀ କର, ସୁବ୍ରତା ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ ଓ ଜନଶନ ସ୍ୱାଇଁ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଅନୁଷ୍ଠାନର କ୍ରୀଡା ଶିକ୍ଷକ କାଶୀନାଥ ଶବରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମାଷ୍ଟର ଟ୍ରେନର ଭାବେ ଲଭଲୀ ଧଳ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ।

# ଫ୍ୟାନ୍‌ସି ଡ୍ରେସ୍ ପ୍ରତିଯୋଗିତା: ଭାଗ ନେଲେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର

ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)



ଫ୍ୟାନସି ଡ୍ରେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ଅତିଥି।

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲାର ବିଭିନ୍ନ ବିଦ୍ୟାଳୟକୁ ନେଇ ବିଦ୍ୟାଳୟସ୍ତରୀୟ ଫ୍ୟାନ୍‌ଶି ଡ୍ରେସ ପ୍ରତିଯୋଗିତା ଆୟୋଜିତ ହେଇଯାଇଛି। ପ୍ରତିଯୋଗିତା ୩ଟି ସବଜୁନିୟର, ଜୁନିୟର ଏବଂ ସିନିୟର ବିଭାଗ କରାଯାଇଛି। ସବଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶ୍ରୀମାନ ଦିବ୍ୟାଂସ କୁମାର ସେଠୀ ଡାନିଆଲ ପବ୍ଲିକ ସ୍କୁଲ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି କୁମାରୀ ଶ୍ରଦ୍ଧା ସତରୂପା ସାହୁ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କୁମାରୀ ଶ୍ରୀୟଂଶି ପ୍ରଧାନ ଡିଭାଇନ ପବ୍ଲିକ ସ୍କୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୋମେଶ ରାଉତ ତୃତୀୟ ସ୍ଥାନ ଡିଭାଇନ୍ ପବ୍ଲିକ ସ୍କୁଲ ଏବଂ ଶ୍ରୀସାଇ ଶ୍ରେୟାନ ନାଏକ ଚିନ୍ମୟ ବିଦ୍ୟାଳୟ। ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଅନିକେତ ରାଜଗୁରୁ କେନ୍ଦ୍ରୀୟ ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି କୁମାରୀ ସିଦ୍ଧି ପ୍ରଜ୍ଞା ବେହେରା ଚିନ୍ମୟ ବିଦ୍ୟାଳୟ ଓ କୁମାରୀ ସାଇ ମନଜ୍ଞା ସାମଲ ନୋଟାରି ଡେମ ସ୍କୁଲ ଏବଂ ବାପି ଦେହୁରୀ ଡାନିଆଲ୍ ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି କୁମାରୀ ଯଶଭି ଅଗ୍ରୱାଲ ଚିନ୍ମୟ ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି କୁମାରୀ ସ୍ୱାଧି ସୁମନ ବେଉରା ଡିଭାଇନ୍ ପବ୍ଲିକ ସ୍କୁଲ ଓ ଶ୍ରେନ୍ୟା ସିଂ ଡିଭାଇନ୍ ପବ୍ଲିକ ସ୍କୁଲ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୁମାରୀ ପ୍ରତ୍ୟୁଷା ରାଣୀ ମିଶ୍ର ଚିନ୍ମୟ ବିଦ୍ୟାଳୟ ଏବଂ ଆଦିତ୍ୟଂସୁ କୁମାର ସାହୁ ନୋଟାରୀ ଡେମ ସ୍କୁଲ। ଏଥିରେ ବିଚାରକ ଥିଲେ ଜନ୍ମାଜୟ ନାୟକ, ରାକେଶ ଶତପଥୀ ଏବଂ ଅମ୍ଳାନସୁ ପୂଜାରୀ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡ ପଡ଼ିଆରେ ପୁରସ୍କୃତ କରାଯିବ। ମଞ୍ଚ ପରିଚାଳନା କରିଥିଲେ ବିଶାଲ ନାଏକ ଏବଂ ଶିବାଶିଷ ଝାଙ୍କର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ସୁଜିତ କୁମାର ପାତ୍ରଙ୍କ ସଭାପତିତ୍ୟରେ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ଉଦ୍‌ଘାଟନ କରିଥିଲେ। ପ୍ରକାଶ ଦେବତା, ଚିତ୍ତରଞ୍ଜନ ଦାସ, ଶୁଭମ୍ ମହାଙ୍କୁର, ରିତିକ୍ ଦେହୁରୀ, କୁମାରୀ ଜୁଲି ରାଣୀ ଷଣ୍ଢ, କୁମାରୀ ବିଷ୍ଣୁ ପ୍ରିୟା ଗଡତିୟାଙ୍କ ସମତେ ଅନ୍ୟମାନେ ସହଯୋଗ କରିଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହିଳା ଉଚ୍ଚମାଧ୍ୟମିକ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱ ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ସିଦ୍ଧାର୍ଥ ଗୁରୁ ଏବଂ ମୁଖ୍ୟବକ୍ତା ଭାବେ ଡାକ୍ତର ଭାରତ ଭୂଷଣ ନନ୍ଦ ଯୋଗଦେଇ କର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ରୀତାଞ୍ଜଳୀ ସାଏ ମନ୍ତ୍ରପାଠ କରିଥିବା ବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା। ବରିଷ୍ଠ ଅଧ୍ୟୟାପିକା ଲତିକା ନନ୍ଦ ଅନୁଷ୍ଠାନର ବାର୍ଷୀକ ବିବରଣୀ ପାଠ କରିବା ପରେ ଅତିଥି ଓ ବକ୍ତାମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ଅଧ୍ୟାପକ ଅରୁଣ କୁମାର ବିଶ୍ୱାଳ, ଅପନ କୁମାର ସାହୁ, ଅଧ୍ୟାପିକା ପ୍ରତିଭା ବେହେରା, ଶାରଦା ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆ, ପ୍ରକାଶ କୁମାର ପ୍ରଧାନ, ଜ୍ୟୋସ୍ନାମୟୀ ଜେନା, ବିପିନ ବିହାରୀ ମହାପାତ୍ର, ଭଗବାନ ଗଡନାୟକ, ଫଣୀନ୍ଦ୍ର କୁମାର ପ୍ରଧାନ ଓ ବ୍ରିଜୟ କୁମାର ମେହେରଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

## ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ



ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ନେଇ ସଚେତନତା କରାଯାଉଛି।

ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଦେବଗଡ଼ ଥାନା ପୋଲିସ ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ହେଲମେଟ କିମ୍ବା ସିଟବେଲ୍ଟ ନ ଲଗାଇ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ଚକୋଲେଟ ଦେଇ ଉତ୍ସାହିତ କରାଯାଉଥିବା ବେଳେ ହେଲମେଟ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ପୋଲିସ ପକ୍ଷରୁ ମାଗଣାରେ ହେଲମେଟ ପ୍ରଦାନ କରାଯାଇଥିଲା। ଏଥି ସହିତ ଭବିଷ୍ୟତରେ ହେଲମେଟ ନ ପିନ୍ଧି ଗାଡି ଚଳାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଦେବଗଡ଼ ପୌରାଞ୍ଚଳର ବୀର୍ସା ମୁଣ୍ଡା ଛକରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେବଗଡ଼ ଥାନା ଥାନା ଅଧିକାରୀ ସରୋଜ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିନବ ସଚେତନତା କାର୍ଯ୍ୟକ୍ରମରେ ଦେବଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସୌମ୍ୟରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦେବଗଡ଼ ଥାନାର ବହୁ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଝାରସୁଗୁଡ଼ା,୧୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ସାହାପଡ଼ାର ଜଣେ ଧର୍ମପ୍ରାଣା ମହିଳା ରାସେଶ୍ୱରୀ ପାଣିଗ୍ରାହୀ (୭୨)ଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ରାସେଶ୍ୱରୀ ସାହାପଡ଼ା, ତାରେଇକେଲା, ବୃନ୍ଦାମାଲ ଆଦି ସ୍ଥାନରେ ହେଉଥିବା ସମସ୍ତ ଧର୍ମ କାର୍ଯ୍ୟରେ ଯୋଗଦେବା ସହିତ ସାଧାରଣ ଲୋକ ସହ ସବୁବେଳେ ଜଡିତ ରହୁଥିଲେ। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ସନାତନ ପାଣିଗ୍ରାହୀ, ପୁଅ ଅନ୍ତର୍ଯ୍ୟାମୀ, ଅମୀୟ, ସଞ୍ଜୟ ଓ ବଡ଼ବୋହୁ ଧରିତ୍ରୀ, ଡୋଳେଶ୍ୱରୀ, ସଂଗୀତା ପ୍ରମୁଖ ଉପସ୍ଥିତ ଥିବା ବେଳେ ୟସ, ଇଶା, ଟୁକଟୁକ ନାତିନାତୁଣୀ ରହିଥିଲେ। ରାସେଶ୍ୱରୀଙ୍କ ପରଲୋକରେ ବଡ଼ମାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ ବୈଠକ



ବୈଠକରେ ସ୍ୱର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ।

ଝାରସୁଗୁଡ଼ା,୧୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବେହେରାମାଲସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠରୋଗ) ଡାକ୍ତର ଲକ୍ଷ୍ମଣ କୁମାର କର୍ମୀ, ଜିଲା ଭେଷଜ ଅଧିକାରୀ ତଥା ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଦଳେଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଚିନ୍ମୟ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଆସନ୍ତା ୩୦ରୁ ଫେବୃଆରୀ ୧୩ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ଗାଁ କଲ୍ୟାଣ ସମିତି, ପଞ୍ଚାୟତ, ବିଦ୍ୟାଳୟ ତଥା ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରରେ କୁଷ୍ଠରୋଗ ନିରାକରଣ ସମ୍ପର୍କିତ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତବର୍ଷର ସନ୍ଦର୍ଭ ଅନୁଯାୟୀ କୁଷ୍ଠ ରୋଗ ଦ୍ୱାରା ପ୍ରଭାବିତ କେହି ଯେପରି ପଛରେ ରହି ନ ଯାଆନ୍ତି ତାହାକୁ ସୁନିଶ୍ଚିତ କରିବା ସକାଶେ ସଚେତନତା ସୃଷ୍ଟି କରିବା ସହ ଏହି ରୋଗ ସମ୍ପର୍କିତ ଭୁଲ ଧାରଣା ଦୂର କରିବା ଉପରେ ଆଲୋଚନା କରାଯାଇଥିଲା। ଅଭିଯାନରେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଯତ୍ନବାନ କାର୍ଯ୍ୟ ପାଇଁ ସହଯୋଗ କାମନା କରାଯାଇଥିଲା। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିବା ବେଳେ ଡାକ୍ତର ହର ପ୍ରସାଦ ପ୍ରଧାନ, ସୁରେଶ ଚନ୍ଦ୍ର ସେଠୀ ଏବଂ ଆଶୁତୋଷ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବିକଲା ଆଦିବାସୀ ସମାଜ

**ଏସ୍‌ଟିଏସ୍‌ସିଙ୍କ ଜମି ପରମିଶନ ଅନିୟମିତତା**

ଝାରସୁଗୁଡ଼ା,୧୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାରେ ଏସ୍‌ଟିଏସ୍‌ସିଙ୍କ ଜମିକୁ ଅଣ ଏସ୍‌ଟିଏସ୍‌ସି ବ୍ୟକ୍ତିଙ୍କୁ ହସ୍ତାନ୍ତର ଲାଗି ଓଡ଼ିଶା ଭୂସଂସ୍କାର ଆଇନର ଧାରା ୨୨ ଅନୁଯାୟୀ ପରମିଶନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଏବଂ ଅନିୟମିତତା ହେଉଛି। ଏହାର ତଦନ୍ତ ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଝାରସୁଗୁଡ଼ା ସମ୍ମିଳିତ ଆଦିବାସୀ ସମାଜ ଦାବି କରିଛି। ଗୁରୁବାର ସଙ୍ଗଠନର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଆଲୋଚନା ପରେ ଏହାର ତଦନ୍ତ କରାଯିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ସଭାପତି ମାଧବ ସିଂ ନାଏକ, ଉପଦେଷ୍ଟା ପ୍ରଭାକର ଓରାମ, ଉପ ସଭାପତି ପ୍ରେମସାଗର ଧୁରୁଆ, ସଚିବ ତ୍ରିଲୋଚନ ଡନସେନା, ଗଜେନ୍ଦ୍ର ଓରାମ, ଦିଲୀପ କୁମାର ଲୁହା, ତପନ କାଲୋ, କପିଳ କିଷାନ, ରାଜେଶ ସତନାମୀ ପ୍ରମୁଖ ଜିଲାପାଳଙ୍କ ସାକ୍ଷାତ କରି ଆଲୋଚନା କରିଥିଲେ। ଜିଲାପାଳ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଙ୍ଗଠନ ବାଧ୍ୟ ହେବ ବୋଲି ଚେତାବନୀ ଦେଇଥିଲେ।

## ସରକାରୀସ୍ତରରେ ବିସ୍ଥାପନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ଭାଗିପାଲି ଗ୍ରାମକୁ ସରକାରୀସ୍ତରରେ ବିସ୍ଥାପନ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଗ୍ରାମବାସୀ ଜିଲାପାଳ ସୁନୀଲ ଆବୋଲି ନରୱାଣେଙ୍କୁ ବିସ୍ଥାପିତ କରିବା ପାଇଁ ପୁଣି ନିବେଦନ କରିଛନ୍ତି। ଯଦି ଏହା ଉପରେ କୌଣସି ନିଷ୍ପତ୍ତି ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ଭାଗିପାଲି ଗ୍ରାମବାସୀ କହିଛନ୍ତି। ସୂଚନା ଯେ, ଭାଗିପାଲି ଗ୍ରାମର ଚାରିଆଡେ କମ୍ପାନୀ ରହିଥିବାରୁ ଏହାଦ୍ୱାରା ହେଉଥିବା ପ୍ରଦୂଷଣରେ ଗ୍ରାମବାସୀ ଅଣନିଶ୍ୱାସୀ ହେବା ସଙ୍ଗେ ସଙ୍ଗେ ଛୋଟ ବାଳିକା, ବାଳକ, ଛାତ୍ରୀଛାତ୍ରମାନେ କମ୍ପାନୀର ଉଚ୍ଚ ଶବ୍ଦରେ ପାଠ ପଢି ପାରୁନାହାନ୍ତି। କୌଣସି ପନିପରିବା, ଫୁଲ, ଫଳ ଗଛ ଲଗାଇଲେ ମଧ୍ୟ ତାହା କମ୍ପାନୀର ପାଉଁଶ, ତଥା ରାସାୟନିକ ପଦାର୍ଥର ସଂପର୍ଶରେ ଆସି ପୂର୍ଣ୍ଣ ହିସାବରେ ପରିପକ୍ୱ ହୋଇପାରୁନାହିଁ। ଯାହା ଦ୍ୱାରା ଭାଗିପାଲି ଗ୍ରାମବାସୀ ଏହିପରି ପରିବେଶରେ ବଞ୍ଚିବା କଷ୍ଟକର ମନେ କଲେଣି। ୩ ବର୍ଷ ମଧ୍ୟରେ ତତ୍କାଳୀନ ଜିଲାପାଳ ଆମ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ଉପଜିଲାପାଳଙ୍କ ସହିତ ଏକ ଟିମ ପଠାଇଥିଲେ। ଏହି ଟିମ ସରଜମୀନ ତଦନ୍ତ କରି ଭାଗିପାଲି ଗ୍ରାମ ବିସ୍ଥାପିତ ହେବା ଉଚିତ ବୋଲି ମତ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଉପରେ ଜିଲା ପ୍ରଶାସନ କୌଣସି ନିଷ୍ପତ୍ତି ନେଇନାହିଁ। ଏଥିଯୋଗୁ ଭାଗିପାଲି ଗ୍ରାମବାସୀ ଗତ ୨୦୨୪ ସାଧାରଣ ନିର୍ବାଚନରେ ମତଦାନରୁ ବିରତ ହୋଇଥିଲେ।

## ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୮।୧(ଆଶିଷ ରଞ୍ଜନ ଦାଶ)



ମତଦାତା ଦିବସ ପାଇଁ ବୈଠକର ଆଲୋଚନା କରାଯାଉଛି।

ଝାରସୁଗୁଡ଼ା ବେହେରାମାଲସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ-୨୦୨୫ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଉପଜିଲାପାଳ ଭିକ୍ଟୋରିଆ ଏକ୍କା, ଡେପୁଟି କଲେକ୍ଟର ନିର୍ବାଚନ ଲୋପାମୁଦ୍ରା ସାମଲ, ସହକାରୀ ଜିଲାପାଳ ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୫ତାରିଖରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ସକାଶେ ବୈଠକରେ ୱାକାଥନ, ଶପଥ ପାଠ, ନୂତନ ଭୋଟରଙ୍କୁ ଫଟୋ ପରିଚୟ ପ୍ରଦାନ, ବିଏଲଓ, ବିଏଲଓ ସୁପରଭାଇଜର ଓ ଏଇଆରଓମାନଙ୍କୁ ସମ୍ବର୍ଦ୍ଧନା ତଥା ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ ରଚନା, କୁଇଜ୍ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୫ ତାରିଖ ସକାଳ ସାଢେ ୭ଟାରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୱାକାଥନ, ଜିଲା କାର୍ଯ୍ୟାଳୟଠାରେ ରଙ୍ଗୋଲି ପ୍ରତିଯୋଗିତା, ସାଧାରଣ ସଭା, ଶପଥ ପାଠ, ପୁରସ୍କାର ବିତରଣ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଛି। ସେହିପରି ଜାତୀୟ ମତଦାତା ଦିବସ ଉପଲକ୍ଷେ ପ୍ରତି ବୁଥ୍ ସ୍ତରରେ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶପଥ ପାଠ କାର୍ଯ୍ୟକମ ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

## ଗୋପାଳକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେଲିପାଲି ଗ୍ରାମ ପଞ୍ଚାୟତ କଦମ୍ବଦର୍ହ ଗ୍ରାମରେ ତ୍ରିଦିବସୀୟ ଗୋପାଳକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଆୟୋଜିତ ହେଉଥିବା ଏହି ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳ ଓ ବସନ୍ତ କୁମାର ପେଣ୍ଡେଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୁନାମୁଣ୍ଡା ଏବଂ ଆୟୋଜକ ଅନୁଷ୍ଠାନ କଦମ୍ବଦର୍ହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ପପୁନ ସାହୁ ଏବଂ ଶ୍ରୀକାନ୍ତ ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁଶୀଳ ବିଶ୍ୱାଳ ଓ ସୁଜିତ କୁମାର ଶବର ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବୁଲୁ ପ୍ରଧାନ, ଚନ୍ଦନ କୁମାର ପେଣ୍ଡେଇ, ଅରୁଣ କୁମାର ମାଟିଆରୀ, ନିତେଶ ପେଣ୍ଡେଇ ଓ ଲିକୁନ ମହାକୁଳ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳି।

## ତୃତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ

କୋଲାବିରା,୧୮।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ବେଦାନ୍ତର ମିଳିତ ଆନୁକୂଲ୍ୟରେ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହାଠାରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଏବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପଚାଶ ଜଣ ଏ'୧ ଆକାଂକ୍ଷୀ ଛାତ୍ରୀଛାତ୍ରମାନଙ୍କୁ ନେଇ ତୃତୀୟ ତଥା ଏ ଶିକ୍ଷା ବର୍ଷର ଶେଷ ୩ଦିନିଆ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛ। ଉଦ୍‌ଯାପନୀରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଉଦ୍ଦିଷ୍ଟ ଅଭିନବ କାର୍ଯ୍ୟକ୍ରମ 'ଉନ୍ମେଷ'ର ଭୂୟସୀ ପ୍ରଶଂସା କରିବା ସହିତ ଶିକ୍ଷା ଗ୍ରହଣ ପାଇଁ ସମର୍ପିତ ହୋଇ ସ୍ୱାବଲମ୍ବୀ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଡ଼ା. ରାଧାକାନ୍ତ ଗଡ଼ତିଆ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନସିକ ଚାପମୁକ୍ତ ହୋଇ ସଫଳତା ଆଡ଼କୁ ଅଗ୍ରସର ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ବିଦ୍ୟାଳୟର ସଭାପତି ତୁଳାରାମ ସେନାପତି, ବେଦାନ୍ତର ଆସିଷ୍ଟାଣ୍ଟ ମ୍ୟାନେଜର ଅମନ୍ ପ୍ରକାଶ ସିଂ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମ ସଫଳ ରୂପାୟନ ପାଇଁ ୧୫ଜଣ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ସବିତା ସାହୁ, ଦୁଃଖିଶ୍ୟାମ ବେହେରା, ଅରୁଣ ଭୋଇଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**୧୦୨୬ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନ ଅଶି ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି । ବ୍ଲକର ୧୯ଗୋଟି ପଞ୍ଚାୟତର ୧୦୨୬ଜଣ ହିତାଧିକାରୀଙ୍କୁ ଏହି ଭତ୍ତା ବଣ୍ଟନ କରାଯାଇଛି । ଏହି ଅବସରରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂଜା ବେହେରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ଉପାଧ୍ୟକ୍ଷା ଧନମନତୀ ଖୁରା ମଞ୍ଚାସନ ଥିଲେ ।

## ସଂକ୍ଷେପରେ

### ସରଗାଡ଼ ଟିକ୍ରାପଡ଼ା ଅଞ୍ଚଳରେ ଜବର ଦଖଲ ଉଚ୍ଛେଦ

ଲୋଇସିଂହା,୧୮।୧(ସୁଶାନ୍ତ ବାରିକ)

ଗତ ଦୁଇଦିନ ଧରି ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ସରଗାଡ଼ ପଞ୍ଚାୟତ ସଦର ଗ୍ରାମର ଟିକ୍ରାପଡା ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ସଂଘମିତ୍ରା କାଲୋ ଓ ଅତିରିକ୍ତ ତହସିଲଦାର ଆଶିଶା ବାଗଙ୍କ ଉପସ୍ଥିତିରେ ୪୮ ଘର ଭଙ୍ଗା ଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ବଲାଙ୍ଗୀର ସଦର ମହକୁମା ଦେଇ ଲୋଇସିଂହା ବ୍ଲକ ସରଗାଡ, ଉପରବାହାଲ, ରେଙ୍ଗାଲି ଦେଇ ପାଟଣାଗଡ଼କୁ ରାସ୍ତା ସଂଯୋଗୀକରଣ ହୋଇଛି। ପିଡବ୍ଲୁଡି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପ୍ରଶସ୍ତିକରଣ କାମ ହାତକୁ ନିଆଯାଇଛି। ହେଲେ ଉକ୍ତ ରାସ୍ତାରେ ଜବରଦଖଲ ଯୋଗୁ ରାସ୍ତା ପ୍ରଶସ୍ତିକରଣ କାମରେ ସମସ୍ୟା ସୃଷ୍ଟି ହେଉଥିଲା। ଲୋଇସିଂହା ତହସିଲ ପକ୍ଷରୁ ଉକ୍ତ ରାସ୍ତାରେ ଜବର ଦଖଲ କରିଥିବା ୪୮ ବ୍ୟକ୍ତିଙ୍କୁ ନୋଟିସ କରାଯାଇଥିଲା। ୪୫ ଫୁଟ ଚଉଡ଼ା କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏ ନେଇ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ରାସ୍ତା ୩୫ ଫୁଟ ଚଉଡ଼ା ଅନୁଯାୟୀ ଉଚ୍ଛେଦ ନିଷ୍ପତ୍ତି ପରେ ଲୋକେ ସହମତି ପ୍ରକାଶ କରିଥିବା ଜଣାଯାଇଛି।

### କଟକ ରାଇଜିଙ୍ଗ ଷ୍ଟୁଡେ ଦଳ ଫାଇନାଲରେ

**ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ପାଟଣାଗଡ,୧୮।୧(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ରମାଇଁ ହାଇସ୍କୁଲ ଖେଳପଡ଼ିଆଠାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବି ପୁଲର ପ୍ରଥମ ସେମିଫାଇନାଲ ମ୍ୟାଚ ପାଟଣାଗଡ ଓ କଟକ ରାଇଜିଙ୍ଗ ଷ୍ଟୁଡେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୬ ଓଭର ୪ ବଲରେ ସମସ୍ତ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କଟକ ରାଇଜିଙ୍ଗ ଷ୍ଟୁଡେ ଦଳ ୨୫ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ମୁଖ୍ୟଅତିଥି ଭାବରେ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୂଝାରୀ ଓ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଉପସ୍ଥିତ ଥିଲେ। ସନ୍ତୋଷ ନାୟାର ଓ ଅଂଶୁମାନ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଗଜପତି ନାୟକ ଓ ପାହୁଲ ରାଉତ ସ୍କୋର ଦାୟିତ୍ୱରେ ଥିଲେ। ସତ୍ୟ ରଥ ଓ ପୃଥୀରାଜ ମିଶ୍ର ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ କଟକ ରାଇଜିଙ୍ଗ ଷ୍ଟୁଡେ ଦଳର ଆଦିତ୍ୟ ରାଉତ ୫୨ବଲରେ ୫୫ ରନ ହାସଲ କରି ବୋଲିଂରେ ୩ ଓଭରରେ ୨ ଗୋଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ରବିବାର ଫାଇନାଲ ମ୍ୟାଚ ରାଞ୍ଚି ସେରସା ଓ କଟକ ରାଇଜିଙ୍ଗ ଷ୍ଟୁଡେ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

### ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ମିଳନୀ

ଲୋଇସିଂହା,୧୮।୧(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଶିକ୍ଷାଅଧିକାରୀ ରୀନା କୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଟଙ୍କଧର ଭୋଇ, ନୋଡାଲ ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, ସ୍ଥାନୀୟ ଭାରପ୍ରାପ୍ତ ଅଶୋକ ମେହେର, ବିଜ୍ଞାନ ଆବାହକ ହେମନ୍ତ ବାରିକ, ଓଷ୍ଟା ପୂର୍ବତନ ସଭାପତି ଅବନୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବୈଠକରେ ଉତ୍କର୍ଷ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ବନବାସୀ ଛତ୍ରିଆଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୨୦ରୁ ବଲାଙ୍ଗୀର ଲୋକ ଉତ୍ସବ

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଲୋକ ଉତ୍ସବ ସମ୍ପର୍କରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୨୨ତମ ବଲାଙ୍ଗୀର ଲୋକ ଉତ୍ସବ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଆୟୋଜନ ହେବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ବଲାଙ୍ଗୀର ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗୌରବ ଶିୱାଜୀ ଇସଲୱାର ଶନିବାର ଅପରାହ୍ଣରେ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଡାକି ଲୋକଉତ୍ସବ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

୨୦ ତାରିଖ ସକାଳ ୯ଟା ସମୟରେ କୋଶଳ କଳାମଣ୍ଡଳ ପଡିଆରେ ମଞ୍ଚ ପୂଜା ଓ ପତାକା ଉତ୍ତୋଳନ କରାଯିବ। ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଅପରାହ୍ଣ ୨ଟା ସମୟରେ ପୁରୁଣା ମଞ୍ଚରେ କବିତା ଓ ମିନି ଗଳ୍ପ ପାଠୋତ୍ସବ ହେବ। ସନ୍ଧ୍ୟା ୬ଟାରେ ୨୨ତମ ଲୋକଉତ୍ସବର ଉଦ୍‌ଘାଟନୀ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଲୋକଉତ୍ସବ ସହ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାକୁ ମଧ୍ୟ ଅତିଥିମାନେ ଉଦ୍‌ଘାଟନ କରିବେ। ସନ୍ଧ୍ୟା ୭ଟା ୩୦ମିନିଟରୁ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହେବ। ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁରୂପ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଲୋକ ଗୀତ, ଲୋକନୃତ୍ୟ, ଲୋକବାଦ୍ୟ ଓ ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ୨୧ରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ସମ୍ମାନ ଅନୁଷ୍ଠିତ ହେବ। ୨୨ ଏବଂ ୨୩ ତାରିଖ ପୂର୍ବାହ୍ଣ ୧୦ ଘଟିକା ସମୟରେ ପୁରୁଣା ମଞ୍ଚ ଠାରେ ଜିଲାସ୍ତରୀୟ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତବର୍ଷ ଆସାମର ବିହୁ ଓ ରାଭା, ରାଜସ୍ଥାନର ଘୁମର, ମହାରାଷ୍ଟ୍ରର ଲାବଣୀ, ହରିୟାଣାର ଘୁମର, ଫାଗ, ପଶ୍ଚିମବଙ୍ଗର ଝୁମର, ମଣିପୁରର ଢୋଲ ଚଲନ ନୃତ୍ୟ ପରିବେଷଣ ହେବ। ଏହାସହିତ କଳାହାଣ୍ଡିର ସାନ୍ତାଳି, ଘୁମୁରା ନୃତ୍ୟ, ସୁନ୍ଦରଗଡର ଝୁମର ନୃତ୍ୟ, ସାନ୍ତାଳୀ ନୃତ୍ୟ, ଗଞ୍ଜାମର ଯୋଡି ଶଙ୍ଖ, ପଶୁମୁଖା, ଭଦ୍ରକର ମୋଗଲ ତାମସା ନୃତ୍ୟ, ଢେଙ୍କାନାଳର ଲଉଡି ନୃତ୍ୟ, ପୁରୀର ଘଟନୃତ୍ୟ, ମାଲଖମ୍ଭ, ଗୋଟିପୁଅ, ବରଗଡର ସମ୍ବଲପୁରୀ ନୃତ୍ୟ, ସମ୍ବଲପୁରର ଝୁମର ନୃତ୍ୟ ସହ ବଲାଙ୍ଗୀରର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି। ଲୋକଉତ୍ସବରେ ସମୁଦାୟ ୧୫୦ଟି ଷ୍ଟଲ ଲାଗିବ। ଖବରଦାତା ସମ୍ମିଳନୀରେ ଏଡିଏମ୍ ଡ. ବିଜୟାନନ୍ଦ ସେଠୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ।

## ସଙ୍ଗଠିତ ହୋଇ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା କରିବାକୁ ଆହ୍ୱାନ



ଖପ୍ରାଖୋଲ,୧୮।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ସଭା ଗୃହଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ବନାଗ୍ନି ସଚେତନତା ଶିବିର ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଅରବିନ୍ଦ ନାଏକ ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ବାନାଗ୍ନିର କାରଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସଙ୍ଗଠିତ ଉଦ୍ୟମ କରିବାକୁ ଅତିଥିମାନେ ଆଲୋକପାତ କରିଥିଲେ। ଯୁବକ, ମହିଳା, ବନ ସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ

**ହରିଶଙ୍କରରେ ବନାଗ୍ନି ସଚେତନତା ଶିବିର**

ଆସିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ଭାନପୁର ସରପଞ୍ଚ ରିନା ଜାଲ, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରି ପୂଝାରୀ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ବିପିନ ବିହାରୀ ସାହୁ, ନୃପ ନାଗଙ୍କ ସମେତ ବନସୁରକ୍ଷା ସମିତି ସଭ୍ୟ, ଅଗ୍ନିଶମ ବିଭାଗ କର୍ମଚାରୀ,ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆମ ଜଙ୍ଗଲ ଯୋଜନାର ବିଷ୍ଣୁ ଛୁରା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଡ଼ ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏନ୍ଏଏ ଜରାସିଂହାକୁ ୪-୧ରେ ହରାଇ ବୌଦ୍ଧ ବିଜୟୀ


ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ ।

ଦେଓଗାଁ,୧୮।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ତୃତୀୟ ମା' ପାଟଖଣ୍ଡା ଅଲ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନି ଷ୍ଟାଡିୟମଠାରେ ତୃତୀୟ ମା' ପାଟଖଣ୍ଡା ଫୁଟବଲ କପ୍ ଶନିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଗେହ୍ଲାମା କ୍ଲବ ବୌଦ୍ଧ ଓ ଜରାସିଂହା ବିଏନଏଏ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୪-୧ ଗୋଲରେ ବୌଦ୍ଧ ଦଳ ବିଜୟୀ ହୋଇଥିଲେ । ଶୁଶାନ୍ତ ଥନାପତିଙ୍କ ତତ୍ତ୍ୱାବଧାନରେ ଖେଳକୁ ଦେବାଶିଷ ବାଗ, ସଞ୍ଜନ କୁଦେଇ, ତ୍ରିନାଥ ଚନ୍ଦନ, ଲୁକୁ ଦଣ୍ଡସେନା ପରିଚାଳନା କରିଥିଲେ। ଭୋଲା ପଥ୍ରୀମାଲି ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମିଶ୍ର ତାଙ୍କ ବକ୍ତବ୍ୟରେ କ୍ରୀଡାର ବିକାଶ ହେଲେ ଅଞ୍ଚଳର ବିକାଶ ସୁନିଶ୍ଚିତ ବୋଲି କହିବା ସହ ଏହି ଷ୍ଟାଡିୟମର ଉନ୍ନତୀକରଣ ଦିଗରେ ମୋର ପ୍ରୟାସ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମିତିସଭ୍ୟ ଅମିତ ତ୍ରିପାଠୀ, ଦୁର୍ଗାପ୍ରସାଦ ସିଂ ଦେଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ଖେଳାଳି ପ୍ରଦୀପ ପୁଟେଲ ଓ ସୁଦାମ ବାଗଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟକୁ ବିଏନଏଏ ର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ରବିବାର ନବରଙ୍ଗପୁର ଓ ନୂଆପଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

## ମାଗଣା ମହିଳା ଶିଶୁ ଯତ୍ନ ଶିବିର

ଟିଟିଲାଗଡ଼,୧୮।୧(ଶରତ ମିଶ୍ର)

କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ସରକାର ଏବଂ ରାଜସ୍ଥାନୀ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବରେ ପରିଚାଳିତ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଏକ ଦିବସୀୟ ମାତୃ ଓ ଶିଶୁ ଯତ୍ନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଶାଖାପାଟଣାସ୍ଥିତ ରେନବୋ ମାତୃ ଓ ଶିଶୁ ଡାକ୍ତରଖାନାର ଶିଶୁ ରୋଗ ବିଶେଷଜ୍ଞ ଡା. ଶାଶ୍ୱତ ମହାନ୍ତି, ପ୍ରସୂତି ବିଶେଷଜ୍ଞ ଡା. ଏମଭିଆର ଶୈଳଜା ଯୋଗଦେଇ ମାଗଣା ଚିକିତ୍ସା କରିବା ସହ ପରାମର୍ଶ ତଥା ଔଷଧ ବଣ୍ଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଡାକ୍ତର ମା' ନିଜ ଶିଶୁଙ୍କୁ ଅତି କମ୍‌ରେ ଦୁଇ ବର୍ଷ ପର୍ଯ୍ୟନ୍ତ ନିଜ କ୍ଷୀର ପାନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଗାଈ କିମ୍ବା ମଇଁଷି କ୍ଷୀର ମା' କ୍ଷୀରର ବିକଳ୍ପ ନୁହେଁ ବୋଲି କହିଥିଲେ । ଅନ୍ୟପକ୍ଷରେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଅଭାବରୁ ମା'ର ଗର୍ଭରେ ଶିଶୁ ଉପଯୁକ୍ତ ଭାବରେ ବଢ଼ି ନ ପାରି ପରେ ଜନ୍ମିତ ଶିଶୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା କହିଥିଲେ। ଏନେଇ ସଚେତନତା ସୃଷ୍ଟି ସହ ଏହି ଅଞ୍ଚଳରେ ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧି ବିଶେଷ ଭୂମିକା ନିର୍ବାହ କରିବାକୁ ଆହ୍ୱାନ କରିଥିଲେ । ରାଜସ୍ଥାନୀ ଫାଉଣ୍ଡେଶନର ଅଧ୍ୟକ୍ଷ ଜଗଦୀଶ ଶର୍ମା, ସଭ୍ୟ ବିନୋଦ ମରୋଡିଆ, ଡା. ବରିନ ମଣ୍ଡଳ, ମା' ମାଟି ମହିଳା ସେବା ସମିତି ସଭାନେତ୍ରୀ ଲକ୍ଷ୍ମୀ ବଗର୍ତ୍ତି, ଜୟନ୍ତୀ ପ୍ରଧାନ, ପ୍ରଗତି ମାରୱାଡି ସେବା ସଂଗଠନର ସଦସ୍ୟା ନିଲମ ଅଗ୍ରୱାଲ, ରୋଶନୀ ମେହେର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଜଣେ ମାତ୍ର ପ୍ରସୂତି ରୋଗ ବିଶେଷଜ୍ଞ ଥିବା ବେଳେ ଅବ୍ୟବସ୍ଥା ଲାଗି ରହିଛି । ଏଭଳି ପରିସ୍ଥିତିରେ ଶିବିର ଆୟୋଜନ ଆଶ୍ୱସ୍ତିର ବିଷୟ ହୋଇଛି ।

## ମା' ଘଣ୍ଟାସୁଣୀ ଲୋକ ଉତ୍ସବ ପାଳିତ



ସାହିତ୍ୟ ଓ କବିତା ପାଠ ଆଲୋଚନା କରୁଛନ୍ତି ।

ଟିଟିଲାଗଡ,୧୮।୧(ସନ୍ତୋଷ ପଟ୍ଟନାୟକ)

ଉପଖଣ୍ଡସ୍ତରୀୟ ମା' ଘଣ୍ଟାସୁଣୀ ଲୋକ ଉତ୍ସବ ଓ ଲୋକ ସାହିତ୍ୟ ଆଲୋଚନା ସ୍ଥାନୀୟ ବାଳକ ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ବରିଷ୍ଠ ସାହିତ୍ୟିକ ଭିକାରୀ ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ଲୋକକଳା, ସାହିତ୍ୟ ଓ ସଂସ୍କୃତିର ସାଂପ୍ରତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଆଲୋଚକ ଭାବରେ ଗୌତମ କ୍ଷେତି, ବିରଞ୍ଚି ନାରାୟଣ ଦାସ, ନାରାୟଣ ମିଶ୍ର, ଦିଲିପ କୁମାର ପଶାୟତ, ଭିକାରୀ ମିଶ୍ର ପ୍ରମୁଖ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜ୍ୟୋତି ପ୍ରକାଶ ଗଡତ୍ୟା ସଭା ପରିଚାଳନା କରିଥିଲେ । ଟିକେଲାଲ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ନୀଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ନପୂର୍ଣ୍ଣା ନନ୍ଦ, ସୁଷମା ବେହେରା,ବନ୍ଦନା କର, ଜସ୍ମିନ ମିଶ୍ର ଏବଂ ଲକ୍ଷ୍ମୀ ପ୍ରିୟା ବଗର୍ତ୍ତିଙ୍କ ସଂଯୋଜନା ରେ ବହୁ କବି ,କବୟିତ୍ରୀ ଲୋକ କବିତା ଆବୃତ୍ତି କରିଥିଲେ।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୮।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



କୁତୁର୍ଲା କଲେଜ ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ଯାଉଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ଇକୋ କ୍ଲବ ଦ୍ୱାରା ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ତଥା ନୋଡାଲ ଅଧିକାରୀ ବିଜୟ କୁମାର ଜାଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧକେଲ ଗାଁର ବନପାଳ ଆଦିତ୍ୟ କୁମାର ନନ୍ଦ ଯୋଗଦେଇ ବୃକ୍ଷରୋପଣ ଓ ତାର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ବେଣୁଧର ପଧାନ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ ।ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଶପଥପାଠ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ କୁତୁର୍ଲା, ଆମ୍ବପାଲିକୁ ଯାଇ ଲୋକଙ୍କୁ ସଚେତନ କରିଥିଲେ। ପରେ କଲେଜ ପରିସରରେ ଚାରା ରୋପଣ କରାଯାଇଥିଲା। ଅଧ୍ୟାପକ ବଳରାମ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ସରିଲା

ବେଲପଡ଼ା,୧୮।୧(ମନୋଜ କୁମାର ମିଶ୍ର)


ଆଗଲପୁର ପଞ୍ଚାୟତ ହାଇସ୍କୁଲରେ ପରୀକ୍ଷା ଚାଲିଛି ।

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଶନିବାର ଦିନ ଜିଲାର ୧୪ଟି ବ୍ଲକର ୩୪ଟି ସେଣ୍ଟରରେ ପରୀକ୍ଷା ହୋଇଥିଲା । ୮୦ଟି ସିଟ୍ ପାଇଁ ସମୁଦାୟ ଜିଲାରେ ୫୬୩୧ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲା ବେଳେ ୫୧୫୪ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ। ୪୭୭ ଜଣ ଅନୁପସ୍ଥିତ ରହିଥିଲେ । ଜିଲାରେ ୩୪ଟି ସ୍କାଡ୍ ଦଳ ନିୟୋଜିତ ଥିବା ବେଳେ ୩୦୦ରୁ ଅଧିକ ପରୀକ୍ଷକ ରହିଥିବା ନବୋଦୟ ବିଦ୍ୟାଳୟ ସୂତ୍ରରୁ ପ୍ରକାଶ।

## ନିର୍ମାଣାଧୀନ ଯାତ୍ରୀ ବିଶ୍ରାମାଗାରରେ ଫାଟ


କାନ୍ଥରେ ହୋଇଥିବା ଫାଟ ।

ଲୋଇସିଂହା,୧୮।୧(ସୁଶାନ୍ତ ବାରିକ)

ଲୋଇସିଂହା ଥାନା ରୁଗୁଡିଖାଲ ଛକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣାଧୀନ ରହିଛି। କିନ୍ତୁ ବିଶ୍ରାମଗାର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଉକ୍ତ ବିଶ୍ରାମାଗାରର ସ୍ଥାୟୀତ୍ୱ ଓ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ଯାତ୍ରୀବାହୀ ବସ୍ ରହୁଥିବା ବିଭିନ୍ନ ଛକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହେଉଛି। ଏହି କ୍ରମରେ ଲୋଇସିଂହା ଥାନା ଓ ଆଗଲପୁର ବ୍ଲକ ସୀମାନ୍ତ ରୁଗୁଡିଖାଲ ଛକ ନିକଟରେ ଉକ୍ତ ବିଶ୍ରାମଗାର ନିର୍ମାଣ ହେଉଛି । ନିକଟରେ ଏହି ଯାତ୍ରୀ ବିଶ୍ରାମଗାର ଛାତ ସେଣ୍ଟ୍ରିଂ ଖୋଲାଯାଇଛି । ଏହା ଖୋଲିବା ପରେ ଛାତ ତଳ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ନିମ୍ନମାନର କାମ ନେଇ କାମ ତଦାରଖ କରୁଥିବା ଠିକାଦାର ଓ ଶ୍ରମିକଙ୍କ ନିକଟରେ ଅଭିଯୋଗ କରିଥିଲେ । ହେଲେ ଏହାକୁ ଲୁଚାଇବାକୁ ଯାଇ ଫାଟ ସ୍ଥାନରେ ପ୍ଲାଷ୍ଟର କରି ଦିଆଯାଇଛି । ଏପରି କି ଯାତ୍ରୀ ବିଶ୍ରାମାଗାର ନିକଟରେ ସୂଚନା ଫଳକ ଲଗା ଯାଇ ନ ଥିବାରୁ କେଉଁ ବିଭାଗ ପକ୍ଷରୁ କାମ ହେଉଛି ଏବଂ ପ୍ରକଳ୍ପର ବ୍ୟୟ ଅଟକଳକୁ ନେଇ ସ୍ଥାନୀୟ ଲୋକେ ଅଜ୍ଞ ରହିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସ୍କୁଲର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା

ଲାଠୋର,୧୮।୧(ଭୁବନେଶ୍ୱର ବାରିକ)


ଶିଶୁମାନେ ବାର୍ଷିକ ଉତ୍ସବରେ ନାଟକ 'ପରୀ' ପରିବେଷଣ କରୁଛନ୍ତି ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସ୍କୁଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ଖପ୍ରାଖୋଲ ବ୍ଲକ ନୋମିନି ସନ୍ତୋଷ ଭଇଁସାଲ ଯୋଗଦେଇ ଛାତ୍ର ଜୀବନରେ କଠୋର ପରିଶ୍ରମ ଉପରେ ଗୁରୁତ୍ୱ ଆରୋପ କରିବା ସହ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ଫଣ୍ଡର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ଅତିରିକ୍ତ

**ନାଟକ ପରୀ ଦର୍ଶକଙ୍କ ଲୁହ ଗଡ଼େଇଲା**

ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସହଦେବ ଭୋଇ, ପୁରାତନ ଛାତ୍ର ସଂଘ ସଭାପତି ସଞ୍ଜୀବ ସାହୁ, କରୁଆଁଝର ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ ତାଣ୍ଡି ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁନୀତା ବାର୍ଲା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତଥା ବିଦ୍ୟାଳୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪ ଜଣ ଶିକ୍ଷକଙ୍କୁ ଅତିଥିମାନଙ୍କ ଦାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ଜ୍ୟୋତି କାଲୋ ଏବଂ ଶିକ୍ଷକ ନୀଳାମ୍ବର କୁମ୍ଭାରଙ୍କ ନିର୍ଦ୍ଦେଶନାରେ ନାଟକ ପରୀ ମଞ୍ଚସ୍ଥ ହୋଇଥିଲା । କିପରି ଜଣେ ଶିଶୁକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଯୌନ ଶୋଷଣ କରାଯିବା ସହ ଶେଷରେ ଅମାନୁଷିକ ଭାବେ ହତ୍ୟା କରାଯାଉଛି ଏବଂ ଏପରି ଘୃଣ୍ୟ କାର୍ଯ୍ୟକଳାପ ସମାଜରୁ କିପରି ବିଲୁପ୍ତ କରି ଶିଶୁମାନଙ୍କୁ ସୁରକ୍ଷିତ କରାଯାଇ ପାରିବ ସେ ଉପରେ ଏହି ନାଟକ ପର୍ଯ୍ୟବେଶିତ ହୋଇଥିଲା । ଶିକ୍ଷକ ଆକାଶ କୁମାର ସାହୁ ଓ ନୀଳାମ୍ବର କୁମ୍ଭାର ଉତ୍ସବ ପରିଚାଳନା କରିଥିଲେ । ସତ୍ୟବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୪୩ ଦଳ ପରେଡରେ ଭାଗ ନେବେ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରେ ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପଳଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜିତ ହୋଇଥଲା। ରାମେଶ୍ୱର ଷ୍ଟାଡିୟମଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ। ସକାଳ ୭ଟାରେ ସହରର ବିଭିନ୍ନ ଛକ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁଷ୍ପ ମାଲ୍ୟାର୍ପଣ କରାଯିବ। ସକାଳ ସାଢ଼େ ୭ଟାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ସାଢ଼େ ୮ଟାରେ ଷ୍ଟାଡିୟମରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପରେଡ଼ ଦଳ ସହ ୪୩ଟି ଦଳ ଅଂଶଗ୍ରହଣ କରିବେ। ପରେଡ଼ ପଡିଆରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭିନ୍ନ ବିଭାଗ ନିଜ ବିଭାଗର ସଫଳତା ଓ ଜନ କଲ୍ୟାଣ ଯୋଜନା ଶୀର୍ଷକ ଉପରେ ସମ୍ବଳିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସମ୍ମିଳିତ ପରେଡ଼ରେ ଅଂଶଗ୍ରହଣ କରିବେ। ଉକ୍ତ ଦିନ ସନ୍ଧ୍ୟାରେ ନୂତନ ଟାଉନ ହଲଠାରେ ଆୟୋଜିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ଜିଲାସ୍ତରୀୟ ଅଧିକାରୀ ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ସୁବର୍ଣ୍ଣପୁରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

# ବନ ବିଭାଗ ପକ୍ଷରୁ ବୌଦ୍ଧରେ ପକ୍ଷୀ ଗଣନା

ବୌଦ୍ଧ,୧୮।୧(ଅଜିତ କୁମାର ବାରିକ)

ବୌଦ୍ଧ ବନଖଣ୍ଡ ପକ୍ଷରୁ ଶନିବାର ଦିନ ବୌଦ୍ଧ ଜିଲାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନେତୃତ୍ୱରେ ଜିଲାରେ ପକ୍ଷୀ ଗଣନା ଆରମ୍ଭ ହୋଇଥିଲା । ବୌଦ୍ଧ ବନଖଣ୍ଡ ଅଧୀନସ୍ଥ ପାଞ୍ଚଟି ରେଞ୍ଜ ବୌଦ୍ଧ, କଣ୍ଟାମାଳ, ମନମୁଣ୍ଡା, ପୁରୁଣାକଟକ, ମାଧପୁରରେ ଏହି ପକ୍ଷୀ ଗଣନା ହୋଇଥିଲା । ଚଳିତ ବର୍ଷ ଜିଲାରେ ୩୦ରୁ ଉର୍ଦ୍ଧ୍ୱ ଟିମ୍ ଗଠନ କରାଯାଇ ପକ୍ଷୀ ଗଣନା କରାଯାଇଥିଲା। ଜିଲା ଦେଇ ଯାଇଥିବା ମହାନଦୀ, ତେଲନଦୀ, ବାଘନଦୀ, ସାଲୁଙ୍କି ସମେତ ବିଭିନ୍ନ ପୋଖରୀ ଓ ଜଳାଶୟଗୁଡିକରେ ପକ୍ଷୀ ଗଣନା ହୋଇଥିଲା । କ୍ୟାମେରା, ବାଇନା କୁଲାର ନେଇ ଡଙ୍ଗାରେ ଯାଇ ପକ୍ଷୀ ଗଣନା କରାଯାଇଥିଲା।ଚଳିତବର୍ଷ ବୌଦ୍ଧ ଜିଲାକୁ ଅନେକ ବିଦେଶୀ ପକ୍ଷୀ ଆସିଥିବାର ଜଣାପଡିଛି। ଏହି ବିଦେଶୀ ପକ୍ଷୀଙ୍କ ମଧ୍ୟରୁ ଅନେକ ସାଇବେରିଆ ଓ ଅଧିକ ଶୀତ ଅନୁଭୂତ ହେଉଥିବା ଅଞ୍ଚଳରୁ ଆସିଥିବା ଜଣାପଡିଛି। ସେଥିମଧ୍ୟରୁ ଅନେକ ପକ୍ଷୀ ଫେରି ଯାଉଥିବା ବେଳେ ଆଉ କିଛି ପକ୍ଷୀ ନ ଫେରି ସେଠାରେ ରହିଯାଇଥାନ୍ତି । ଏପରିକି ଅତୀତରେ ବନ ବିଭାଗ ପକ୍ଷରୁ ଜିଲାକୁ ଆସିଥିବା କେତେକ ବିଦେଶୀ ପକ୍ଷୀଙ୍କ ଦେହରେ ରେଡିଓକଲାର ଲଗାଯାଇ ତାଙ୍କର ଗତିବିଧି ଲକ୍ଷ୍ୟ କରାଯାଇଥିଲା। ସେଥିମଧ୍ୟରୁ ଅନେକ ପକ୍ଷୀ ସାଇବେରିଆକୁ ଯାଇଥିଲେ ଓ ତା ପରବର୍ଷ ପୁଣିଥରେ ଜିଲାକୁ ଫେରିଥିଲେ। ଚଳିତବର୍ଷ ଡେରିରେ ଶୀତ ହେବାରୁ ପକ୍ଷୀଗଣନା ବିଳମ୍ବରେ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ରାମଚଣ୍ଡୀ କ୍ରଶରରେ ଆୟକର ବିଭାଗର ଚଢ଼ାଉ

ବାଉଁଶୁଣୀ,୧୮।୧(ଦେବାଶିଷ ନେପାକ)

ଶୁକ୍ରବାର ପୂର୍ବାହ୍ନରେ ବାଉଁଶୁଣୀ ଥାନା ଗୋଛାପଡ଼ା ପଞ୍ଚାୟତ ବିଜାପଦରସ୍ଥିତ ରାମଚଣ୍ଡି କ୍ରଶରରେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଆୟକର ବିଭାଗର ୫ ଜଣିଆ ଟିମ୍ ଚଢାଉ କରି କାଗଜପତ୍ର ଯାଞ୍ଚ କରିଥିଲେ । ପୋଲିସ ଫୋର୍ସ ମଧ୍ୟ ଏହି ଚଢାଉରେ ସାମିଲ ଥିଲେ। ସୂଚନା ଅନୁଯାୟୀ, ରାମଚଣ୍ଡି ଫାର୍ମର ବିଭିନ୍ନ କ୍ରଶର ଏବଂ ଠିକା ସଂସ୍ଥାଗୁଡିକରେ ବ୍ୟାପକ ଆର୍ଥିକ ଅନିୟମିତତା ହେବା ସହିତ ଆୟକର ଠକେଇ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା ।

### ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୮।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ମାରୁତି ବିହାରଠାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପୁରାଣ ଗାୟକ ସତ୍ୟବ୍ରତ ମିଶ୍ର ଯୋଗ ଦେଇ ପାରାୟଣ ଗାନ କରି ରାମ କଥା ଶୁଣାଇ ଥିଲେ। ପାରାୟଣ ଶ୍ରବଣ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବୈଠକ

ଅମରପାଲି,୧୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ତ୍ରୟୋଦଶ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖଣ୍ଡହତାର ପ୍ରଧାନଶିକ୍ଷକ ସନ୍ତୋଷ ରଥ, ମୁର୍ଷୁଣ୍ଡୀ ରଘୁନାଥ ହାଇସ୍କୁଲ ପ୍ରଧାନଶିକ୍ଷକ କାଳିଆ କର୍ମୀ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିଙ୍କ ସମେତ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ସହକାରୀ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଗଜୁରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ ଗତ ମାସିକ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ଉତ୍କର୍ଷ, ଆକାଂକ୍ଷା କାର୍ଯ୍ୟକ୍ରମ, ଖାନ ଏକାଡେମୀର ଗଣିତ ଦକ୍ଷତା ବୃଦ୍ଧି ପଦକ୍ଷେପ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଅପାର ଆଇଡି କାର୍ଯ୍ୟକ୍ରମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନୀରେ ଉନ୍ନତି ପାଇଁ ପ୍ରସ୍ତୁତି, ମାଧ୍ୟମିକ ବିଦ୍ୟାଳୟରେ ଡିଜିଟାଲ ମୂଲ୍ୟବୋଧ, ଆୟୋଜକ ବିଦ୍ୟାଳୟ ପରିଦର୍ଶନ, ବିଦ୍ୟାଳୟ ମାନଙ୍କର ଡିଜିଟାଲ ମୂଲ୍ୟାଙ୍କନ ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ବିଇଓ କୁମ୍ଭକାର ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ସମସ୍ତ ଶିକ୍ଷଣ କାର୍ଯ୍ୟକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକରେ ଥିବା ୧୯ଗୋଟି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ କେନଝିରିଆପାଲିର ସହକାରୀ ଶିକ୍ଷକ ଗୌରୀ ଶଙ୍କର ପୂଜାହାରୀ, ମୀନକେତନ ରଣା, ଜୀବର୍ଦ୍ଧନ ରଣା, ଜଗଦୀଶ ପଧାନ ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ ଓ କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ କୁମାର ଭୁକ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବିଧାୟକ, ପୌରାଧ୍ୟକ୍ଷା ଓ ଅନ୍ୟ ଅତିଥି ବୃନ୍ଦ ଟ୍ରଫିକୁ ଉନ୍ମୋଚନ କରୁଛନ୍ତି।

# ସର୍ବଭାରତୀୟ ଲାଲମନି କ୍ରିକେଟ ଉଦ୍‌ଘାଟିତ

## ଟର୍ଫ ଉଇକେଟ୍‌ରେ ଟୁର୍ନାମେଣ୍ଟ ଆଜିଠୁ

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସର୍ବଭାରତୀୟ ୩୬ତମ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସୁବର୍ଣ୍ଣପୁର ସହର ଗାନ୍ଧୀ ଷ୍ଟାଡିୟମରେ ୧୯ ତାରିଖ ରବିବାରଠାରୁ ଆରମ୍ଭ ହେବ। ଏହା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୋନପୁର ବିଧାୟକ ତଥା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଓ ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଟ୍ରଫି ଓ ଲୋଗୋକୁ ଉନ୍ମୋଚନ କରିଥିଲେ। ଜିଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ଉପସଭାପତି ସତ୍ୟ ନାରାୟଣ ରାଓ, ସମ୍ପାଦକ ପ୍ରଦୀପ ସେଠୀ ଓ ପ୍ରଯୋଜକ ମାନେ ମଞ୍ଚାସିନ ଥିଲେ। ବି.ଏସ୍. ରାଓ ସଭାକୁ ସଂଯୋଜନା କରିଥିଲେ। ସଭା ପରେ ମଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନରେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ଥର ପାଇଁ ଗ୍ରୀନ୍ ଟର୍ଫ ଉଇକେଟ୍‌ରେ ମ୍ୟାଚ୍ ହେବ। ତେଣୁ ଟୁର୍ନାମେଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ କ୍ରିକେଟ୍ ପ୍ରେମୀ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାରୁ ଶ୍ରେଷ୍ଠ ୪ଟି ଦଳ ଓ ଉତ୍ତରପ୍ରଦେଶର ପ୍ରୟାଗରାଜ, ମଥୁରା, ଆନ୍ଧ୍ରପ୍ରଦେଶର ଭାଇଜାଗ୍, ଦିଲ୍ଲୀ ଏବଂ ରାଞ୍ଚିର କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ସୌରଭ ତିୱାରୀ ଓ ବିଧାୟକ ବୃନ୍ଦ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବ ବର୍ଷ ମାନଙ୍କ ଭଳି ମ୍ୟାଚ୍ ଗୁଡିକ ଟି-୨୦, ଟି-୧୦ ଓ ସୁପର ୨ ଓଭର ଫର୍ମାଟ୍‌ରେ ଖେଳାଯିବ।

# ଆକ୍ରମଣ କରି ଅଧିକାରୀଙ୍କଠାରୁ ୨୦ହଜାର ଲୁଟିନେଲେ

## ୩ଅଭିଯୁକ୍ତ ଅଟକ

ଅମରପାଲି,୧୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କୋଟସମଲାଇ-ଠେଙ୍ଗୋ ଡ୍ୟାମ ରାସ୍ତାର ସିନାପାଲି ଛକରେ ଡକାୟତି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ କୁବେର କର୍ମୀଙ୍କୁ ଛୁରାରେ ଆକ୍ରମଣ କରି ୨୦ ହଜାର ଟଙ୍କା ସହିତ ତାଙ୍କର ବାଇକକୁ ଲୁଟି ନେଇଛନ୍ତି ଡକାୟତ ଦଳ। ଏନେଇ ସେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଜିଲା ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ କର୍ମୀ ଉଲୁଣ୍ଡା ବ୍ଲକର ବିଭିନ୍ନ ଗାଁକୁ ଯାଇ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଥିଲେ । ସେ କୋଟସମଲାଇରୁ ଠେଙ୍ଗୋଡ୍ୟାମ ରାସ୍ତାରେ ସୁନାପାଲିକୁ ଗଲାବେଳେ ସୁନାପାଲି ଛକରେ କେତେଜଣ ତାଙ୍କ ଗାଡ଼ି ଅଟକାଇ ଆକ୍ରମଣ କରିଥିଲେ। ଯାହା ଟଙ୍କା ଅଛି ଦିଅ କହିବାରୁ ଭୟରେ କୁବେର ନିଜ ମନିପର୍ସ ଦେଇଥିଲେ। ପରେ ସେ ଧରିଥିବା ବ୍ୟାଗକୁ ଓ କୁବେରଙ୍କ ବାଇକ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ମନିପର୍ସରେ ପ୍ରାୟ ୨୦ ହଜାର ଟଙ୍କା ଥିବାବେଳେ ବ୍ୟଗରେ ଅଫିସ କାଗଜପତ୍ର ଥିବା କୁବେର କହିଛନ୍ତି। ଛୁରା ମାଡ ଯୋଗୁ ଜ୍ୟାକେଟ ଚିରି ଯାଇଥିବାବେଳେ ମୋବାଇଲ ଗ୍ଲାସ ଗାର୍ଡ ଭାଙ୍ଗିଯାଇଛି। ତେବେ ତୁରନ୍ତ ସେ ପଡୋଶୀ ଗାଁକୁ ଫୋନ ଯୋଗେ କହିବାରୁ ଲୋକ ବାଟରେ ଅଟକାଇ ଗାଡ଼ି ଉଦ୍ଧାର କରିଛନ୍ତି। ପୋଲିସ ଏହି ଡକାୟତି ଘଟଣାରେ ୩ ଜଣଙ୍କୁ ଧରି ଅଟକ ରଖିଛି। ସମାନ ଢଙ୍ଗରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ହରିଣାପାଲି ଛକ ନିକଟରେ ମଧ୍ୟ ଉଲୁଣ୍ଡା କେଉଟିପାଲି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ତାଙ୍କଠାରୁ ଏକ ପଲସର ବାଇକ ମଧ୍ୟ ଦୁର୍ବୃତ୍ତ ଲୁଟି ନେଇଥିବା ଜଣା ପଡ଼ିଛି। ଏନେଇ ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଠକୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରାରେ ବାହାରିଥିବା ମହିଳାମାନେ।

ଅମରପାଲି,୧୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବିରାମହରାଜପୁର ବ୍ଲକ ହିଲୁଙ୍ଗ ଗ୍ରାମ ପଞ୍ଚାୟତର ଲୁଚାବନ୍ଧ ପଞ୍ଚଦୋଳ ହନୁମାନ ଆଶ୍ରମ ପରିସରରେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହରିହର ଯୋରରେ ପୂଜାର୍ଚ୍ଚନା ପରେ ୧୦୮ ମହିଳା ଜଳପୂର୍ଣ୍ଣ କଳସ ଧରି ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମଠାଧୀଶ ଗୋପାଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କର୍ତ୍ତାଭାବେ ସପତ୍ନୀକ ଶ୍ୱେତ କଳତା ଓ ଗୋପିକା ମହାକୁର କାର୍ଯ୍ୟ କରିଥିଲେ। ବରାଝୁଲା, ଲୁଚାବନ୍ଧ, ପୁଲେଶ୍ୱର, ଜମ୍ବାଲିପାଲି, ମେଣ୍ଢାମାଳର ମହିଳାମାନେ କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ଫେବୃଆରୀ ୧୧ରୁ ପାପକ୍ଷୟ ଲୋକ ମହୋତ୍ସବ

## ପୂର୍ଣ୍ଣାଙ୍ଗ କମିଟି ଗଠିତ

ବିନିକା, ୧୮।୧( ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଲୋକ ମହୋତ୍ସବ ଆସନ୍ତା ଫେବୃୟାରୀ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବକୁ ସଫଳ କରିବା ନେଇ ସମସ୍ତଙ୍କ ପ୍ରସ୍ତାବ କ୍ରମେ ନୂତନ କମିଟି ଗଠନ କରାଯାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ବିଭାଗ ବଣ୍ଟନ କରାଯାଇଛି। ଶନିବାର ସ୍ଥାନୀୟ ସ୍ୱୋର୍ଟ୍ସକ୍ଲବଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ନୂତନ ସଭାପତି ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ମହୋତ୍ସବ ପରିଚାଳନା ନେଇ ଗଠିତ ନୂତନ ପୂର୍ଣ୍ଣାଙ୍ଗ କମିଟିରେ ସମ୍ପାଦକଭାବେ ସମ୍ବିତ ନେପାକ, ଉପସଭାପତି ପ୍ରଦୀପ ସେଠୀ, ଓମପ୍ରକାଶ ଅଗ୍ରୱାଲ, ବିଜୟ ବରାଇ, ସହସମ୍ପାଦକ ଉମାକାନ୍ତ ଦୀପ, କୋଷାଧ୍ୟକ୍ଷଭାବେ ଚରଣ ମେହେରଙ୍କୁ ରଖାଯାଇଛି। ଏଥିସହ ଉପଦେଷ୍ଟା ମଣ୍ଡଳୀରେ ୧୫ ଜଣ, ଅର୍ଥ ବିଭାଗରେ ୧୩ଜଣ, ସାଂସ୍କୃତିକ ବିଭାଗରେ ୧୧ ଜଣ, ଖାଦ୍ୟ ଓ ପାନୀୟ ଜଳ ବିଭାଗରେ ୭ଜଣ, ଅଫିସିଏଲ ୪ଜଣ, ଶାନ୍ତିଶୃଙ୍ଖଳା ବିଭାଗ ରେ ୫ ଜଣ, ଅତିଥି ସତ୍କାର ୮ ଜଣ, ସୂଚନା ବିଭାଗରେ ଜଣ, କାର୍ଯ୍ୟାଳୟ ପରିଚାଳନା ୩ ଜଣ, ମହୋତ୍ସବ ପେଣ୍ଡାଲ ସଜାସଜ୍ଜା ଭୀମସେନ ସାହୁ, ସାଂସ୍କୃତିକ ଦଳଙ୍କୁ ସହଯୋଗରେ ଅଜିତ ସାହୁ ଓ ସହଯୋଗୀ, ସୋସିଆଲ ମିଡ଼ିଆରେ ସୁମନ୍ତ ସାହୁ ପ୍ରମୁଖ ଦାୟିତ୍ୱ ଦିଆଯାଇଛି।

# ସାନକଲରାକୋଠା ସ୍କୁଲରେ ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ

ଖୁଣ୍ଟିଗୋରା,୧୮।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନକଲରାକୋଠାରେ ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଦେବାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ଖୁଣ୍ଟିଗୋରା କ୍ଲଷ୍ଟର ସଂଯୋଜକ ଶତ୍ରୁଘ୍ନ ଜାନୀଙ୍କ ଆବାହକତ୍ୱରେ ହୋଇଥିବା ଏହି ବୈଠକରେ କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗଦେଇ ବିଭିନ୍ନ ଆଲୋଚନା କରିଥିଲେ। ବୈଠକରେ ଶିକ୍ଷକ ଧର୍ମାନନ୍ଦ ସାହୁ, ଗୋବର୍ଦ୍ଧନ ମାଲିକ ଓ ଭୂପେନ୍ଦ୍ର ଭୋଇ ସହଯୋଗ କରିଥିଲେ।


ବୈଠକରେ ଉପସ୍ଥିତ ଶିକ୍ଷକବୃନ୍ଦ।

# ସୁରଜ ଏଫସି ଫୁଲବାଣୀ ସେମିଫାଇନାଲରେ

## ୨୧ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ

ହରଭଙ୍ଗା,୧୮।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକିର ଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଳେଶ୍ୱର ପକ୍ଷରୁ ୨୧ ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଦିନ ଗ୍ରୁପ ବିର ପ୍ରଥମ ଖେଳ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ନିରାକାର ଭୋଇ, ସମ୍ମାନିତ ଅତିଥି ଭାବେ ପୁରୁଣାକଟକ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ସୁଶାନ୍ତ ପ୍ରଧାନ, ତିଳେଶ୍ୱର ପଞ୍ଚାୟତର ନାଏବ ସରପଞ୍ଚ ରାଜେଶ୍ୱରୀ ପ୍ରଧାନ, ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ, ସଂପାଦକ ମହେଶ୍ୱର ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରୁପ ବିର ପ୍ରଥମ ଖେଳ ସମ୍ବଲପୁର ଏଫସି ଓ ସୁରଜ ଏଫସି ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଫୁଲବାଣୀ ଦଳ ଗୋଟିଏ ଗୋଲ ଦେଇ ଆଗରେ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ଦେଇ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଖେଳକୁ ରେଫରି ଦିଲିପ ରାଉତ, ସଲିଲ ବେହେରା, ଲକ୍ଷ୍ମଣ ସେଠ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ପାପୁନ ବେହେରା କାର୍ଯ୍ୟ ତୁଲାଇଥିଲେ। ବଜାର ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଧାରା ବିବରଣୀ ସିମୁନ ନାଏକ ପ୍ରଦାନ କରିଥିଲେ। ରବିବାର ଦିନ ଗ୍ରୁପ ବିର ଦ୍ୱିତୀୟ ଖେଳ ଫୁଟବଲ କ୍ଲବ ତିଳେଶ୍ୱର ଓ ଦ୍ୱିତୀୟ ବାଟାଲିୟନ ଖାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ।


ଖେଳାଳି ଓ ଅତିଥି।

**ସଂକ୍ଷେପରେ**

## ରେଳଷ୍ଟେଶନରୁ ଗଞ୍ଜେଇ ଧରପଗଡ଼: ୨ ଗିରଫ

**ରାଉରକେଲା,୧୮।୧(ସଙ୍ଗୀତା ଜେନା):** ବେଆଇନ ମାଦକ ଦ୍ରବ୍ୟ କାରବାର ବିରୋଧରେ ଅଭିଯାନ ଜାରି ରହିଛି। ରେଳବାଇ ସୁରକ୍ଷା ବଳ ପକ୍ଷରୁ ମାଦକ ଦ୍ରବ୍ୟ ପରିବହନ ଉପରେ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଅଭିଯାନ କରାଯାଇଛି। ଏହି କ୍ରମରେ ଶନିବାର ସକାଳ ପ୍ରାୟ ସାଢ଼େ ୫ଟାରେ ରେଳବାଇ ଷ୍ଟେସନ ଦ୍ୱିତୀୟ ଦ୍ୱାରରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ବ୍ୟାପକ ଗଞ୍ଜେଇ ସହ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସେକ୍ଟର-୧୪ ପ୍ରଫୁଲ ନାୟକ(୩୮) ଏବଂ ସେକ୍ଟର-୧୬ ଶିବାଜୀ ନଗରର ମମତା ସିଂହ(୪୭) । ଏମାନଙ୍କ ଟ୍ରଲି ବ୍ୟାଗରୁ ଲକ୍ଷାଧିକ ଟଙ୍କାର ୩୮.୬୫୦ କେଜି ଗଞ୍ଜେଇ ଓ କାର ଜବତ ହୋଇଛି। ଏ ନେଇ ପ୍ରଥମେ ଆରପିଏଫ୍ ପକ୍ଷରୁ ମାମଲା(ନଂ୪୫୯/୨୫) ରୁଜୁ କରାଯାଇ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପରେ ଅବକାରୀ ବିଭାଗ ପକ୍ଷରୁ ପୂର୍ବାହ୍ନରେ ଓରାମପଡ଼ା ସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା। ଡେପୁଟି ସୁପରିଟେଣ୍ଡେଣ୍ଟ ଅର୍ଚ୍ଚନା ବାରିକ, ଅବକାରୀ ଅଧିକାରୀ ଅଜୟ ପ୍ରଧାନ ପ୍ରମୁଖ ଉକ୍ତ ଖବରଦାତା ସମ୍ମିଳନୀରେ ସୂଚନାଦେଇ କହିଲେ, ଷ୍ଟେସନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ଗଞ୍ଜେଇ ଫୁଲବାଣୀ ଅଞ୍ଚଳରୁ ଆଣି ପଶ୍ଚିମବଙ୍ଗ ଯୋଗାଣ କରିଥାନ୍ତେ ବୋଲି ତଦନ୍ତରେ ସ୍ୱୀକାର କରିଛନ୍ତି। ବିଶେଷ ଭାବେ ଏହାକୁ ଟ୍ରେନ ମାଧ୍ୟମରେ ଚାଲାଣ କରାଯାଇଥାଏ। ଏମାନଙ୍କୁ ପଚରାଉଚୁରା କରାଯାଉଛି। ଏଥିରେ ସମ୍ପୃକ୍ତ ଆହୁରି କିଛି ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ ଆଶା କରାଯାଉଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କୁହାଯାଇଥିଲା।

## ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ଅନିମେଷ ଚୌଧୁରୀଙ୍କ ଦେହାନ୍ତ



**ରାଉରକେଲା,୧୮।୧(ବିପ୍ଳବରଞ୍ଜନ ଦାଶ):** ପୂର୍ବତନ ଜାତୀୟସ୍ତରୀୟ ଫୁଟବଲ ଖେଳାଳି ଅନିମେଷ ଚୌଧୁରୀଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଅନିମେଷ ୧୯୮୧ରୁ ୧୯୯୬ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନା ଟିମ ପକ୍ଷରୁ ଫୁଟବଲରେ ଖେଳୁଥିଲେ। ସେ ଜୁନିୟର ଇଣ୍ଡିଆ, ୱାରି ଆଥଲେଟିକ କ୍ଲବ କୋଲକତା, ଆରିୟନ କ୍ଲବ କୋଲକତା ଟିମରେ ଖେଳି ନିଜର ଚମତ୍କାର ପ୍ରତିଭା ପ୍ରତିପାଦନ କରିଥିଲେ। ସେ ତାଙ୍କର ସିଆଇଏସ୍‌ଏଫ ଚାକିରିରୁ ଅବସର ନେବାପରେ କୋଲକତାର ଅଶୋକନଗରରେ ରହୁଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ତାଙ୍କ ବଡ଼ଭାଇ ସମରେଶ ଚୌଧୁରୀ ଜଣେ ଆନ୍ତର୍ଜାତିକ ଫୁଟବଲ ଖେଳାଳି ଅଟନ୍ତି। ତାଙ୍କର ମୃତ୍ୟୁରେ ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସମ୍ପାଦକ ଦେବଦତ୍ତ ଜେନା, ବୁଟୁ ଖାଡିଆ, ହୀମାଦ୍ରୀ ବରୁଆ, ଜର୍ଜ କୁଲୁ, କମଳ ଦତ୍ତ, ସଞ୍ଜୟ ବେବୁତା, ଆଶିଷ ସାହା ଜୀବନ ଏକ୍କା, ନିଖିଳ କଳାକାର ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ କନ୍‌କ୍ଲେଭ ସହାୟକ

**ବିପିୟୁଟିର ଇଣ୍ଡଷ୍ଟ୍ରି ଏକାଡେମିକ୍ କନକ୍ଲେଭ ଉଦ୍‌ଘାଟିତ**

**ରାଉରକେଲା,୧୮।୧(ଦିନେଶ ମିଶ୍ର)**

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ନେତାଜୀ ସୁଭାଷବୋଷ ଅଡିଟୋରିୟମ୍ କକ୍ଷରେ ବିପିୟୁଟି ପକ୍ଷରୁ ଆୟୋଜିତ ଇଣ୍ଡଷ୍ଟ୍ରି ଏକାଡେମିକ୍ କନକ୍ଲେଭ-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇ ଦିନିଆ ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭ ଉତ୍ସବକୁ ରାଉରକେଲା ଇସ୍ପାତ କାରଖାନାର ପ୍ରଭାରୀ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ବୈଷୟିକ ଶିକ୍ଷାର କୌଶଳ ଓ ଦକ୍ଷତା ଦିଗରେ ଉଜ୍ଜଳ ଭବିଷ୍ୟତ ଗଠନ କରିବାରେ ଏହି କନକ୍ଲେଭ ବେଶ ସହାୟକ ହେବ ବୋଲି ଅତିଥି ବର୍ମା ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ । ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଯେମିତିକି ଟ୍ରାଫିକ ପରିଚାଳନା, ଆବର୍ଜନା ପରିଚାଳନା, ଜଳ ପରିଚାଳନା, ଡ୍ରେନ ପରିଚାଳନା ଭଳି ସମସ୍ୟାକୁ ଦୂର କରିବା ପାଇଁ ଭବିଷ୍ୟତରେ ପ୍ରଶାସନ ଏହି କନକ୍ଲେଭରେ ଅଂଶଗ୍ରହଣ କରିବା ଉଚିତ ବୋଲି କମିସନର କୁଲକର୍ଣ୍ଣି ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭରେ ଓଡିଶାର ବ୍ଲାକ୍ ଡାଇମଣ୍ଡ କଲେଜ ଅଫ ଇଞ୍ଜିନିୟରିଂ ଟେକ୍ନୋଲୋଜି ଝାରସୁଗୁଡା, ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନଲୋଜି ସାରଙ୍ଗ, ବାଲେଶ୍ୱର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ଭଳି ପ୍ରାୟ ୬୦ଟି କଲେଜରୁ ୨ଶହ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି କନକ୍ଲେଭରେ ଟାଟା, ସେଲ୍, ମହାବୀର ଫୋରୋ, ମାରୁତି, ଇଣ୍ଡିଆନ ଚାମ୍ବର ଅଫ କମର୍ସ, ଆପଲୋ ହସ୍ପିଟାଲ, ଟିପିଡବ୍ଲ୍ୟୁଓଡିଏଲ ଭଳି ପ୍ରାୟ ୫୦ଟି କମ୍ପାନୀ ଓ ତାଙ୍କର ଅଭିଜ୍ଞ କର୍ମଚାରୀ ଓ ଅଧ୍ୟାପକ ଓ ଅଧାପିକାମାନେ ଉପସ୍ଥିତ ଥିଲେ। କନକ୍ଲେଭର ସଂଯୋଜକ ଡକ୍ଟର ବିକ୍ରମାଦିତ୍ୟ ଦାସ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିପିୟୁଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏହି କନକ୍ଲେଭ ଆୟୋଜିତ ହୋଇଥିଲା। କନକ୍ଲେଭରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କ ଉଜ୍ଜଳ ଭବିଷ୍ୱତ କାମନା ସହ ଶିକ୍ଷାପ୍ରତିଷ୍ଠାନ ଗୁଡିକ ଘନିଷ୍ଠତା ଉପରେ କୁଳପତିପ୍ରଫେସର ରଥ ବିସ୍ତୃତ ଆଲୋଚନା କରିଥିଲେ। ବିପିୟୁଟିର ଅଧ୍ୟାପକ ସଙ୍ଗୀପ୍ତା ପୁରୀ ଏହି ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିପିୟୁଟିରେ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ପ୍ଲେସମେଣ୍ଟ ଓ ଶିଳ୍ପ ତାଲିମ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭରେ ଉପସ୍ଥିତ ଅତିଥି।

## ନାବାଳିକା ଗଣବଳାତ୍କାର ମାମଲା: ଗିରଫଦାରି ସଂଖ୍ୟା ୬କୁ ବୃଦ୍ଧି


ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଉଛି।

**ରାଉରକେଲା,୧୮।୧(ସଙ୍ଗୀତା ଜେନା)**

ବିଶ୍ରା ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀ(୧୬)ଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ଶନିବାର ଆଉ ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଅଭିଯୁକ୍ତମାନେ ହେଲେ ବିଶ୍ରା ବାଙ୍କାଟୋଲାର ହୁଲାସ ମୁଣ୍ଡାରୀ (୪୩), ଜାମବେର୍ଣ୍ଣାର ବୁଢ଼ା ଓରାମ(୩୦), ଆନନ୍ଦ ଓରାମ(୨୩), ଅଭିଷେକ ମହତୋ(୨୬),ମଙ୍ଗଲନାଥ ଓରାମ(୨୭) ଓ ସଞ୍ଜୟ ଓରାମ(୨୮)। ପୋକସୋ ମାମଲା(ନଂ.୧୭/୨୫)ରେ ଅଭିଯୁକ୍ତମାନଙ୍କୁକୋର୍ଟଚାଲାଣକରାଯାଇଛି। ଗୁରୁବାର ରାତିରେ ବିଶ୍ରା ଥାନାଅଞ୍ଚଳରେ ଅନୁଷ୍ଠିତ ଟୁସୁ ମେଲଣ ଯାତ୍ରା ଦେଖିବାକୁ ଯାଇ ନାବାଳିକା ଗଣବଳାତ୍କାରର ଶୀକାର ହୋଇଥିଲେ। ଘଟଣା ସ୍ଥଳରୁ ଖସି ଆସି ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଶୁକ୍ରବାର ପୋଲିସ ୫ ଜଣଙ୍କୁ ଏବଂ ଶନିବାର ଜଣଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ପୋଲିସ ଦେଇଥିବା ସୂଚନା ଅନୁଯାୟୀ, ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ୨ ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଘଟଣା ସ୍ଥଳରେ ଫରେନସିକ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, କିରଣ ପ୍ରସାଦ ସାହୁ, ପ୍ରଦୀପ ସାହୁ ଓ ଗୟାଧର ବାରିକ ଉଦ୍ୟମରେ ଅଭିଯୁକ୍ତଙ୍କୁ ଠାବ କରାଯାଇଥିଲା। ସୂଚନଯୋଗ୍ୟ, ତେତରକେଲା ଅଞ୍ଚଳରେ ଟୁସୁ ମେଲଣ ଅବସରରେ ଏପରି ଅଘଟଣ ହୋଇଥିଲା।


ଟୁସୁ ମେଳଣରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମେଢ଼।

## ଡିଜିଟାଲ କର୍ମଶାଳା ଉଦ୍‌ଘାଟିତ

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ୟୁନିଟେକ୍ ପକ୍ଷରୁ ଡିଜିଟାଲ ଲରନିଙ୍ଗ୍ କର୍ମଶାଳା ଅଧକ୍ଷ ଡ. ସନାତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୟୁନିଟେକ୍‌ର ଅଧକ୍ଷ ନରେଶ ଆରିୟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ଯୁଗରେ ଡିଜିଟାଲ ଶିକ୍ଷାର ଆବଶ୍ୟକତା ଓ ତାହାର ଉପକାରିତା ଉପରେ ଅଧକ୍ଷ ଆରିୟା ବିସ୍ତୃତ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ୟୁନିଟେକ୍‌ର ନିର୍ଦ୍ଦେଶକ ରଷି ଆରିୟା ଯୋଗଦେଇ ଆଗାମୀ ଦିନରେ ଇଣ୍ଟରନେଟ୍, ସୋସିଆଲ ମିଡିଆ ଓ ଶିକ୍ଷାରେ ଡିଜିଟାଲାଇଜିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ କଲେଜର ବିଭିନ୍ନ ବିଭାଗରୁ ପ୍ରାୟ ୨୩୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କର୍ମଶାଳାରେ କଲେଜର ଅଧ୍ୟାପିକା ଅମିୟା ଟୋପୋ ମଞ୍ଚ ପରିଚାଳନା କରିଥିଲେ। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ଶିକ୍ଷା ଆବଶ୍ୟକତାକୁ ନେଇ କର୍ମଶାଳାରେ ଉପସ୍ଥିତ ଥିବା ବିଦ୍ୟାର୍ଥୀମାନେ ମନ ଭିତରେ ଥିବା ବିଭିନ୍ନ ସନ୍ଦେହକୁ ପ୍ରଶ୍ନ ପ୍ରଚାରି ଦୂର କରିଥିଲେ। ଏଥିରେ ୟୁନିଟେକ୍‌ର ଅଧକ୍ଷଙ୍କ ସହ ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମତବିନିମୟ କରିଥିଲେ। ଯେଉଁ ଛାତ୍ରଛାତ୍ରୀମାନେ ଡିଜିଟାଲ ଶିକ୍ଷା ନେବାକୁ ଉତ୍ସୁକ ସେମାନଙ୍କୁ ଏହି ବ୍ୟବସ୍ଥା କଲେଜ ପକ୍ଷରୁ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ପ୍ରଧାନ ଆହ୍ୱନ ଦେଇଥିଲେ। ଶେଷରେ କଲେଜର ଅଧକ୍ଷା ଡ. ଦିବ୍ୟକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ନେହେରୁ ଯୁବକେନ୍ଦ୍ର ତରଫରୁ ସଡ଼କ ସୁରକ୍ଷା ସପ୍ତାହ


ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଭାରେ ଉପସ୍ଥିତ ଅତିଥି।

**ରାଉରକେଲା,୧୮।୧(ବିପ୍ଳବରଞ୍ଜନ ଦାଶ)**

ବେଦବ୍ୟାସ ଗୁରୁକୁଳ କଲେଜଠାରେ ନେହେରୁ ଯୁବକେନ୍ଦ୍ର ସୁନ୍ଦରଗଡ଼ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ତରଫରୁ ଡ. ଅମୂଲ୍ୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣୀତରଙ୍ଗ ଥାନାର ଆଇଆଇସି ଗଗନ ବିହାରୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଥାନାର ଏଏସଆଇ ଶଶିକାନ୍ତ ଅମାଟ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ କଲେଜର ଅଧାପକ ଓ ଅଧାପିକା ଡ. ପରମେଶ୍ୱର ଶତପଥୀ, କେଦାର ନାଥ ପାଢ଼ୀ, କଳୀଙ୍କରି ପଣ୍ଡା, ଚନ୍ଦ୍ରଧ୍ୱଜ ମାଝିଁ, ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମମାଲ ଦାସ ପ୍ରମୁଖ ଯୋଗଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଡ. ଅମୂଲ୍ୟ କୁମାର ଜେନା ସଡ଼କ ସୁରକ୍ଷା ଉପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ମୁଖ୍ୟଅତିଥି ପିଲାମାନଙ୍କୁ ଟ୍ରାଫିକ ନିୟମ ଉପରେ ତାଲିମ ଦେଇଥିଲେ। ସମସ୍ତେ ରାଉରକେଲାର ଜନଗହଳି ଜାଗାରେ କିପରି ନିୟନ୍ତ୍ରଣ କରିବେ ତା'ଉପରେ ଅବଗତ କରାଇଥିଲେ। କଲେଜର ୨୫ ଛାତ୍ରୀଛାତ୍ରଙ୍କୁ ନେହେରୁ ଯୁବ କେନ୍ଦ୍ର ତରଫରୁ ବେନିଅନ ଓ ଟୋପି ପ୍ରଦାନ କରାଯାଇଥିଲା। ସଭା ପରେ ଏକ ରାଲିରେ ବେଦବ୍ୟାସ ଏରିଆ ଦେଇ ବୁଲିଥିଲେ। ରାଉରକେଲାର ବେଦବ୍ୟାସ, ପାନପୋଷ, ଉଦିତନଗର, ଟ୍ରାଫିକ ଗେଟ, ହକି ଛକରେ ଡ୍ୟୁଟି କରିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଚନ୍ଦ୍ରଧ୍ୱଜ ମାଝୀ ଧନ୍ୟବାଦ ଦେଇଥିଲେ।

## ମହିଳା ସମ୍ମାନ, ଅସ୍ମିତାର ପ୍ରତୀକ ଟୁସୁପର୍ବ

**ଝିରପାଣିରେ ଟୁସୁ ଓ ମକର ମିଳନ**

**ରାଉରକେଲା,୧୮।୧(ସଙ୍ଗୀତା ଜେନା)**

ଝିରପାଣି ସ୍ଥିତ ୟଙ୍ଗ ଆଦିବାସୀ କ୍ଲବ ପଡ଼ିଆରେ ୨୪ତମ ଟୁସୁ ଓ ମକର ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ହାଲୁ ମୁଣ୍ଡାରୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ଶାରଦା ନାୟକ ଯୋଗଦେଇ କହିଲେ, ଆଦିବାସୀ ସମାଜରେ ଟୁସୁ ପର୍ବର ମହାତ୍ମ୍ୟ ରହିଆସିଛି। ଏହାକୁ ଆଦିବାସୀ ଭଉଣୀମାନେ ଅତନ୍ତ ଆଦର ଓ ଶ୍ରଦ୍ଧାରେ ପାଳିଥାନ୍ତି। ମହିଳା ସମ୍ମାନ ଓ ଅସ୍ମିତାର ପ୍ରତୀକ ଟୁସୁପର୍ବ। ଅନୁଷ୍ଠାନ ଦୀର୍ଘବର୍ଷରୁ ପରମ୍ପରାକୁ ବଂଚାଇ ରଖିଥିବା ଯୋଗୁ ନାୟକ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଜିଲା ପରିଷଦ(କ) ହାଲୁ ମୁଣ୍ଡାରୀ, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ମଙ୍ଗଲୁ ଖାଡିଆ, ରାମସିଂହ ଖାଡ଼ିଆ, ଗୌରୀ କୁମ୍ଭାର, ସାଧାରଣ ସମ୍ପାଦକ ନିଳାମ୍ବର ମୁଣ୍ଡାରୀ, କୋଷାଧ୍ୟକ୍ଷ କିଶୋର ମୁଣ୍ଡାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ମିଳନ କାର୍ଯ୍ୟକ୍ରମରେ ଝିରପାଣି, ବନ୍ଧମୁଣ୍ଡା, ଜଗଦା ଆଦି ଅଞ୍ଚଳରୁ ୧୩ଟି ଟୁସୁ ମେଢ଼ ପଦାର୍ପଣ କରିଥିଲା। ପାରମ୍ପରିକ ଆଦିବାସୀ ନୃତ୍ୟ ସହ ନାଗପୁରୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଟୁସୁ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଦଶରଥ କଂସାରୀ, ଜଗନ୍ନାଥ ମୁଣ୍ଡାରୀ, ହେମନ୍ତ ମୁଣ୍ଡାରୀ, ମହେନ୍ଦ୍ର କୁମ୍ଭାର, ନବୀନ ମୁଣ୍ଡାରୀ, ଶ୍ୟାମଲାଲ ମୁଣ୍ଡାରୀ, ଅଜୟ ଖାଲଖୋ, ଅମିତ ବାରା, ଗଣେଶ ଲୋହାର, ରାଜେଶ ଖାଡ଼ିଆ, ରବି ମହାଲି, ପଣ୍ଡିତ ମୁଣ୍ଡାରୀ, ଅଜୟ ବାରିକଙ୍କ ସମେତ ଅନ୍ୟମାନେ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖ ଟୁସୁ ବିସର୍ଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ସାହିତ୍ୟ ସୃଜନୀ ସମାରୋହ

**ରାଉରକେଲା,୧୮।୧(ବିପ୍ଳବରଞ୍ଜନ ଦାଶ)**

ସହରର ଅଗ୍ରଣୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ରାଉରକେଲା ସାହିତ୍ୟ ସଂସଦର ମାସିକ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ରାଘୁନାଥପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛ। ସଂସଦର ଆବାହକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ ସଭାପତିତ୍ୱ କରିଥିଲେ। ସଂସଦର ସଭାପତି ବିଜୟ କୁମାର ସାହୁ ସ୍କୁଲର ପିଲାଙ୍କୁ ନେତାଜୀ ସୁଭାସ ବୋଷଙ୍କ ଜୀବନାଦର୍ଶନରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଂସଦର ଉପସଭାପତି ରମେଶ ଚନ୍ଦ୍ର ବାରିକ, ଓଡିଶାର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୀବନି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସୀମନ୍ତିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସବିତା ବସ୍ତିଆ, ଶିକ୍ଷୟିତ୍ରୀ ଲୀତାଞ୍ଜଳୀ ସାହୁ, ଶିକ୍ଷକ ଦେବେନ୍ଦ୍ର ସାହୁ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ମାତୃଶକ୍ତି ମିଶନର ମାତୃ ସମ୍ମିଳନୀ


ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

**ରାଉରକେଲା,୧୮।୧(ବିପ୍ଳବରଞ୍ଜନ ଦାଶ)**

୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମାତୃଶକ୍ତି ମିଶନର ପ୍ରଥମ ମାତୃ ସମ୍ମିଳନୀ ୨୦୨୫ ସେକ୍ଟର ୬ସ୍ଥିତ ଇସ୍ପାତ ସରୋବରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଶନର ଏମ୍.ଡି ଡାକ୍ତର ସାମନ୍ତ କୁମାର ସାହୁଙ୍କ ଅଧକ୍ଷତା ଓ ଜିଲା ସଭାପତି ଶକ୍ତିପ୍ରଦା ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷା କଲ୍ୟାଣୀ ମିଶ୍ର ଓ ସମାଜସେବୀ କିଶାନ ଗୋୟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃଶକ୍ତି ମିଶନର ଆଭିମୁଖ୍ୟ ଓ ସମାଜ ପ୍ରତି ଦାୟିତ୍ୱବୋଧ ସହ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ମାମାନଙ୍କ ସଶକ୍ତିକରଣ ସମାଜକୁ ଏକ ନୂତନ ବାର୍ତ୍ତା ଦେବାସହ ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ହେବ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଏମ୍.ଡି ଡାକ୍ତର ସାହୁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ବୀଣାପାଣି ରାଉତ ସ୍ୱାଗତ ଭାଷଣ ଓ ରାଜ୍ୟ ସମ୍ପାଦିକା ପୁଷ୍ପଲତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଟି ଗୃପର ପାଞ୍ଚଶହରୁ ଉର୍ଦ୍ଧ୍ୱ ମା'ମାନେ ଯୋଗଦେଇଥିଲେ। ଏହି ମା'ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଯଥା ରଙ୍ଗୋଲି, ସଙ୍ଗୀତ, ମେହେନ୍ଦି, ନୃତ୍ୟ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇ ସେଥିରେ ଉତ୍କର୍ଷତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରିବେଷଣ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ଆବାହିକା ଶକ୍ତିପ୍ରଦା ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜରେଇକେଲା ସଭାପତି ଇନ୍ଦୁ ସାହୁ, ହେମଗିରି ସଭାପତି କୁମୁଦିନୀ ମେହେର, ସୁନ୍ଦରଗଡ ସଭାପତି ପ୍ରଭାସିନୀ ସେଠ୍, ମହେନ୍ଦ୍ର, ଶୁଭାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

**ରାଉରକେଲା,୧୮।୧(ଦିନେଶ ମିଶ୍ର)**

ସହରର ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆଦର୍ଶ ସାହିତ୍ୟ ଘର ଠାରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ଓ ସମ୍ପାଦକ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଏହି ଆସରରେ ଆଲୋଚକ ଭାବେ ଶୁସିଳାବତି ସରକାରୀ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଜ୍ଞାନରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ରାଉରକେଲା କଲେଜର ପ୍ରାକ୍ତନ ଅଧକ୍ଷା ତଥା ଗାଳ୍ପିକା ସୁଜ୍ଞତା ପ୍ରଧାନ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତାପାଠୋତ୍ସବ ଶିକ୍ଷାବିତ ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। କବୟିତ୍ରୀ ନିରୁପମା ପତି ତଥା ରଶ୍ମି ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଜୟ କୁମାର ପାଣି, ଗଗନ ବିହାରୀ ନାୟକ, ଧରିତ୍ରୀ ପାଇକରାୟ, କୁଞ୍ଜବିହାରୀ ରାଉତ, ପ୍ରତାପ କୁମାର ପଣ୍ଡା, ବ୍ରଜ ବିହାରୀ ଦାଶ, ଶ୍ରୀକାନ୍ତ ମେହେର, ଅଶୋକ କୁମାର ପଟ୍ଟନାୟକ, ସସ୍ମିତା ପ୍ରଧାନ, ନିରୁପମା ପତି ପ୍ରମୁଖ ସ୍ୱରଚିତ କରିବା ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ଡକ୍ଟର ସନାତନ ପ୍ରଧାନ ଆସର ସମ୍ପର୍କରେ ଓ ଅନୁଷ୍ଠାନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଉରୀବନ୍ଧୁ ସାହୁ, ଡାକ୍ତର ବସନ୍ତ କୁମାର ଦାସ, ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟ, ନମିତା ଦାସ, ପଞ୍ଚାନନ ପାତ୍ର, ଜଗନ୍ନାଥ ରାଉତ, ଶରତ ଚନ୍ଦ୍ର ପଣ୍ଡା, ଟୁକୁଲା ପାଢୀ, ରାଜଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଜ୍ଞାନ ପ୍ରଦର୍ଶନୀରେ ୧୦୦ ପ୍ରକଳ୍ପ

ସମ୍ବଲପୁର,୧୮।୧(ବି.ଶଙ୍କର)

ବାର୍ଷିକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ସମ୍ବଲପୁର ସ୍ଥିତ ସେଣ୍ଟ ଆର୍ନୋଲ୍ଡ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୁକ୍ତଲାଲ ଏକ୍କା ଓ ସହପ୍ରଧାନ ଶିକ୍ଷକ ଫାଦର ଲ୍ୟାମ୍ବିଙ୍କ ଦିଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା । ଛାତ୍ରୀଛାତ୍ରଙ୍କ ରଚନାଶୀଳତା, ନବୀନତା ଓ ଟାଲେଣ୍ଟ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ବିଜ୍ଞାନ ପ୍ରଦର୍ଶନୀରେ ୧୦୦ ମଡେଲ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ଅନିଲ କୁମାର ପ୍ରଧାନ, ସୁଶ୍ରୀତା ରାଜଗୁରୁ, ସ୍ଥିତି ପ୍ରଜ୍ଞାନ ମିଶ୍ର ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ପୁନମ ଶର୍ମା ଓ ମୋନିକା ସେହଗାଲଙ୍କ ସହିତ ସମସ୍ତ ଶିକ୍ଷକମାନେ ଦାୟିତ୍ୱ ନିର୍ବାହ କରିଥିଲେ । ନିପଟାନ ଓ ସମେକିକରଣ ନ୍ୟାୟାଳୟର ଅତିରିକ୍ତ ଆୟୁକ୍ତ ମିର୍ଦ୍ଧା ଟୋପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀକୁ ଫାଦର ଜୋସେଫ୍ ଡାନିଏଲ ଓ ସେଣ୍ଟ ଆର୍ନୋଲ୍ଡ ସ୍କୁଲର ଜେଷ୍ଟିନ୍ ଜନ୍ ଓ ଜୋସେଫ୍ ରେଡ଼ି ମୂଲ୍ୟାଙ୍କନ କରିଥିଲେ ।

### ଅବସରପ୍ରାପ୍ତ ଅଧ୍ୟାପିକାଙ୍କ ପରଲୋକ

ସମ୍ବଲପୁର,୧୮।୧(ବି.ଶଙ୍କର)



ସମ୍ବଲପୁର ସହରର ମହାନ୍ତିପଡା ବାସିନ୍ଦା ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଉଲ୍ଲାସିନୀ ସାହାଣୀଙ୍କ ଶୁକ୍ରବାର ଅପରାହ୍ନରେ ମହାନ୍ତିପଡ଼ାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସେ ଅବିବାହିତା ଥିଲେ। ଲରମ୍ଭା ମହାବିଦ୍ୟାଳୟରେ ଅଧ୍ୟାପନା ସମୟରେ ସେ ସହଯୋଗୀ ଏବଂ ଛାତ୍ରୀଛାତ୍ରଙ୍କ ବେଶ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ଶନିବାର ମନ୍ଦଲିଆସ୍ଥିତ ରାଜଘାଟରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ପୁତୁରା ସ୍ୱର୍ଗତ ଡ.ପୂର୍ଣ୍ଣାନନ୍ଦ ଦାନୀଙ୍କ ପୁଅ ସତ୍ୟସ୍ୱରୂପ ଦାନୀ ମୁଖାଗ୍ନି ଦେଇଥିଲେ ।

# ଚେଷ୍ଟା ଜାରି ରଖିଲେ ନିଶ୍ଚିତ ସଫଳତା ମିଳିବ

କୁଚିଣ୍ଡା,୧୮।୧(ବିରଞ୍ଚି ଦର୍ଦ୍ଦା)




ବାର୍ଷିକ ଉତ୍ସବରେ ମନ୍ତ୍ରୀ ରବିନାରାୟଣ ନାଏକ ଉଦବୋଧନ ଦେଉଛନ୍ତି ।

**ହୀରାଧର ଯୁବକ ସଂଘ ହାଇସ୍କୁଲ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଚନ୍ଦନୀମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ଶନିବାର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନଶିକ୍ଷକ କମଳ ଲୋଚନ ବେହେରା ସଭାପତିତ୍ୱ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗୁଣାତ୍ମକ ଶିକ୍ଷାଦାନ ଓ ଶୃଙ୍ଖଳାଗତ ବାତାବରଣ ଯୋଗୁ ଏହି ହାଇସ୍କୁଲର ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ଅଧ୍ୟୟନରେ ଚେଷ୍ଟା ଜାରି ରଖିଲେ ନିଶ୍ଚିତ ଭାବେ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷାଅଧିକାରୀ ଡ.ପ୍ରମୋଦ କୁମାର ପଣ୍ଡା ମୁଖ୍ୟବକ୍ତା, ଭାଜପା ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଲ କର, ସମ୍ବଲପୁର ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ ହରିନାରାୟଣ ପଣ୍ଡା, ସମ୍ବଲପୁର ଜୁନିୟର ସାଇନ୍ସ କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀ ଗୌରାଙ୍ଗ କୁସୁମ, ହାଇସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲ, ହାଇସ୍କୁଲ ପ୍ରତିଷ୍ଠାତା ସମ୍ପାଦକ ଜଗତ୍ରାମ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷକ ଓ ପିଲାଙ୍କ ମଧ୍ୟରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂସ୍କୃତ ଶିକ୍ଷକ ବିଭୂତି ଭୂଷଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତିପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଦେବାନନ୍ଦ କର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ରାଜେଶ କୁମାର ନାୟକ, ଜେହେରୁଲାଲ ପଟେଲ, ଚେଙ୍ଗିଙ୍ଗ ନାୟକ, ସୁଗତ ପଟେଲ ସହଯୋଗ କରିଥିଲେ।

# ଗ୍ରାମ୍ୟ ଜଳ ଓ ପରିମଳ କମିଟି କର୍ମଶାଳା

କୁଚିଣ୍ଡା,୧୮।୧(ବିରଞ୍ଚି ଦର୍ଦ୍ଦା)

ଗୋଷ୍ଠି ପରିଚାଳିତ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) ଯୋଜନା ଆନୁକୂଲ୍ୟରେ ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶନିବାର ଗ୍ରାମ୍ୟ ଜଳ ପରିମଳ ତଦାରଖ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସେ କର୍ମଶାଳାରେ ଅଧ୍ୟକ୍ଷତା କରି କହିଥିଲେ ଯେ, ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଉନ୍ନତ ପରିମଳ ସୁବିଧା ଯୋଗାଇଦେବା ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ଗାଁରେ ଥିବା ପାନୀୟ ଜଳ ଓ ପରିମଳ ପରିଚାଳନା ପାଇଁ ଗ୍ରାମ୍ୟ ଜଳ ଓ ପରିମଳ ତଦାରଖ କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଗାଁକୁ ସଶକ୍ତ ଗ୍ରାମରେ ପରିଣତ କରି ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ। ମାଷ୍ଟର ଟ୍ରେନର ଗଣେଷ ରାମ ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ, ଏହାର ପରିଚାଳନା ଓ ପ୍ରକଳ୍ପର ରକ୍ଷଣାବେକ୍ଷଣ, ବିବାଦ ସମାଧାନ, ଜଳର ଗୁଣବତ୍ତା ତଦାରଖ, ମାସିକ ଜଳଯୋଗାଣ ଦେୟ, ସରକାରୀ ସମ୍ପତ୍ତିର ସୁରକ୍ଷା ଆଦି ବିଷୟରେ ଆଲୋକପାତ କରିଥିଲେ। ଏହାଛଡା ପଞ୍ଚାୟତର ନିର୍ବାଚିତ ସରପଞ୍ଚଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସହଭାଗିତା ତଥା ସେମାନଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଜନାକୁ ସଫଳ ରୂପାୟନରେ ସହାୟକ ହେବ ବୋଲି ସେ କହିଥିଲେ। ଏହି କର୍ମଶାଳାରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଜିପିଡିଓ ମସ୍ତରାମ ପ୍ରଧାନଙ୍କ ସମେତ ବ୍ଲକର ୧୭ଗୋଟି ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଷଣ୍ଢପଥର ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା




କ୍ରୀଡା ସମାରୋହରେ ଉପସ୍ଥିତ ଅତିଥି ବୃନ୍ଦ।

ଜମନକିରା,୧୭।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଷଣ୍ଢପଥର ଆଶ୍ରମ ସ୍କୁଲ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷା ତୀର୍ଥରାଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବରେ ମୁଖ୍ୟଅତିଥିଭାବେ ଷଣ୍ଢପଥର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗଦେଇ ମଶାଲ ଜାଳି କ୍ରୀଡା ମହୋତ୍ସବକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋସ୍ନା ଦାଶ ଯୋଗଦେଇ କ୍ରୀଡା କିପରି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଶାରୀରିକସ୍ତରରେ ଲାଭ ଦେଇଥାଏ ସେ ନେଇ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଐଶ୍ୱର୍ଯ୍ୟା ନାୟକ, ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ପଟେଲ, ବିନାୟକ ପାଣ୍ଡେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୫୦, ୧୦୦, ୨୦୦ ମିଟର ଦୌଡ଼, ସର୍ଟପୁଟ୍, ଡିସ୍କସ୍ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ, ବସ୍ତାଡିଆଁ, ମ୍ୟାଜିକ ଚେୟାର, ଜିଲାବି ଖିଆ, ଲୁଚି ଖେଳ ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ କାହ୍ନୁ ଚରଣ ଦାଶ, ଉର୍ମିଳା ସିଂ ମହାପାତ୍ର, ଜ୍ୟୋତି କିସାନ, ଦମୟନ୍ତୀ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ସୁପରସିକ୍ସ କ୍ରିକେଟ ଟୁର୍ନାମେଣ୍ଟ: ସରାପାଲି ଚାମ୍ପିୟନ



ଟ୍ରଫି ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

ନାକଟିଦେଉଳ,୧୮।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ପଞ୍ଚାୟତ. ଅନ୍ତର୍ଗତ ଚନ୍ଦ୍ରପୁର ଜଗତ ଜନନୀ ଯୁବକ ସଂଘ ଆୟୋଜିତ ମା' ଦୁର୍ଗା ସୁପରସିକ୍ସ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସରାପାଲି ଏବଂ ଚନ୍ଦ୍ରପୁର ମଧ୍ୟରେ ହୋଇଥିଲା। ଟସ୍ ଜିଣି ସରାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୯୫ ରନ କରିଥିବା ବେଳେ ଜବାବରେ ଚନ୍ଦ୍ରପୁର ଦଳ ୬୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅଜିତ କୁମାର ସାହୁ ଏବଂ ଗୌରାଙ୍ଗ ସାହୁ ମ୍ୟାଚ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟରେ ସରାପାଲିର କରନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଚୈତନ୍ୟଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ଘୋଷଣା କରାଯାଇଥିଲା। ଅନାଦି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜିଲା ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘର ପୂର୍ବତନ ସମ୍ପାଦକ ପଙ୍କଜ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ବିଶି ଏବଂ ବିଚିତ୍ର ବିଶି ପ୍ରମୁଖ ଯୋଗଦେଇ ବିଜେତା ସରାପାଲି ଏବଂ ଉପ ବିଜେତା ଚନ୍ଦ୍ରପୁର ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

# କୁସୁମୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଚିଣ୍ଡା,୧୮।୧(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁସୁମୀ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପୁନମ ସୋରେଙ୍ଗଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, କୁସୁମୀ ଗ୍ରାମ କମିଟି ସଭାପତି ଆଦିତ୍ୟ ପଟେଲ, ପୂର୍ବତନ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ପଟେଲ, ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଚନ୍ଦ୍ରଭାନୁ ନାୟକଙ୍କ ନିର୍ଦ୍ଦେଶିତ ଶ୍ରୀ ଗଣେଷ ଗୀତିନାଟ୍ୟକୁ ଛାତ୍ରୀମାନେ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଅରୁଣ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କେଉଁଝରର ତାରିଣୀ ଏକାଡେମୀକୁ ହରାଇଲା କଟକ

ସମ୍ବଲପୁର,୧୮।୧(ବି.ଶଙ୍କର)



ଫୁଟବଲ ପ୍ରତିଯୋଗିତାରେ ଅତିଥିମାନଙ୍କ ସହ ଖେଳାଳିମାନେ ।

**ବୁର୍ଲା ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ କପ୍**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁର୍ଲା କପ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦର୍ଶନୀ ମ୍ୟାଚରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁର୍ଲା କ୍ରୀଡା ସଂଘ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ସମାରୋହରେ ସେ କହିଛନ୍ତି ବୁର୍ଲା, ହୀରାକୁଦ ସମେତ ସମ୍ବଲପୁରରେ ଫୁଟବଲ ଖେଳ ପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢିବା ବହୁତ ଖୁସିର କଥା । ବୁର୍ଲା ସମେତ ସମ୍ବଲପୁରରେ କ୍ରୀଡାର ବିକାଶ ପାଇଁ ଜିଲା ପ୍ରଶାସନ ଯୋଜନା କରିବା ଦରକାର। ବିଶେଷ ଭାବେ ୨୦୩୬ ଅଲିମ୍ପିକରେ ଓଡ଼ିଆ ପିଲାମାନେ କିପରି ଅଧିକରୁ ଅଧିକ ଭାଗ ନେବେ, ଏଥିପାଇଁ ଆମେ ସମସ୍ତେ ପ୍ରୟାସ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଜୟ ନାରାୟଣ ମିଶ୍ର, ନାଉରୀ ନାୟକ, ଦେବେନ୍ଦ୍ର ମହାପାତ୍ର, ଡ.ପ୍ରମୋଦ ରଥ, ରାମଚନ୍ଦ୍ର ମେହେର, ସୁଶାନ୍ତ ପୁରୋହିତ, ସୁଶିଲ କର, ଦୁଲାଲ ଚନ୍ଦ୍ର ପ୍ରଧାନ, ସମିର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ସୁଧୀର ରଞ୍ଜନ ବହିଦାର, ରାମଦାସ ପଣ୍ଡା, ମୋତିଲାଲ ତନ୍ତୀ, ସୁଶ୍ରୀ ଶୁଭଶ୍ରୀ ମିଶ୍ର ଉପସ୍ଥିତ ଥିଲେ । କଟକ ନିତା ସ୍ପୋର୍ଟିଂ ଏକାଡେମୀ ବନାମ କେଉଁଝର ତାରିଣୀ ଏକାଡେମୀ ମଧ୍ୟରେ ମ୍ୟାଚରେ କଟକ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ବୁର୍ଲା କ୍ରୀଡା ସଂଘ ସାଙ୍ଗଠନିକ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, ଉପାଧ୍ୟକ୍ଷ ରମେଶ ଆଚାର୍ଯ୍ୟ ଓ ପ୍ରଦୀପ ମିଶ୍ର ଏବଂ ଫୁଟବଲ କମିଟି ଅଧ୍ୟକ୍ଷ ସୁରିନ୍ଦର ସିଂ କାବଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ଖଣ୍ଡିଆମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନାକଟିଦେଉଳ,୧୮।୧(ବୈକୁଣ୍ଠନାଥ ସାହୁ)



ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଖଣ୍ଡିଆମୁଣ୍ଡା ସରକାରୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ କିସିଣ୍ଡା କ୍ଲଷ୍ଟର ସିଆରସିସି କେଦାର ବେହେରା, ମୁଖ୍ୟବକ୍ତାଭାବେ ମୋଚିବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଜତ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଜରବଗା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଙ୍କଜ ବେହେରା, ଜାମୁମାଳ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ଧାମ ଏବଂ କିସିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମିର୍ଦ୍ଧା ଯୋଗଦେଇ ଦୃଢ଼ ଆତ୍ମ ବିଶ୍ୱାସ ଏବଂ ଲକ୍ଷ୍ୟ ରଖି ଛାତ୍ରୀଛାତ୍ର ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ଏବଂ ଇଚ୍ଛାଶକ୍ତି ଛାତ୍ରୀଛାତ୍ରଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବାଳକ ବର୍ଗରେ ତୃତୀୟ ଶ୍ରେଣୀ ଛାତ୍ର ହିମାଂଶୁ ମୁଣ୍ଡା ଚାମ୍ପିୟନ ଏବଂ ବାଳିକା ବର୍ଗରେ ଚାମ୍ପିୟନ ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା କିସାନଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସୁରେଶ କୁମାର ମାହାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ ବେହେରା ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ବୃନ୍ଦାବତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ନୂଆଁଗାଁ ଏମ୍‌ବିସିସି ଚାମ୍ପିୟନ

ନାକଟିଦେଉଳ,୧୮।୧(ବୈକୁଣ୍ଠନାଥ ସାହୁ)



ଟ୍ରଫି ସହିତ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲାଣ୍ଡିମାଳ ମା' ଖଡ୍ଗଧାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜେଶ ସ୍ମାରକୀ କ୍ରିକେଟ କପ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଁଗାଁ ଏମବିସିସି ଏବଂ ନୂଆଁଗାଁ ଆରସିସି ମଧ୍ୟରେ ହୋଇଥଲା। ଏମବିସିସି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୨ ଉଇକେଟ ହରାଇ ୯୯ରନ କରିଥିଲା। ଜବାବରେ ଆରସିସି ଦଳ ୩ଉଇକେଟ ହରାଇ ୫୨ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଟୁର୍ନାମେଣ୍ଟରେ ଏମବିସିସିର ମାନସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଆରସିସିର ଜୁଲୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ମହେଶ କୁମାର ସ୍ୱାଇଁ ଏବଂ ରାଜେନ୍ଦ୍ର କୁମାର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ବିଶୁ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଯୁଧିଷ୍ଠିର ପ୍ରଧାନ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏବଂ ଅବସରପ୍ରାପ୍ତ କୃଷି ଅଧିଦର୍ଶକ କାଶୀନାଥ ସାହ ଯୋଗଦେଇ ବିଜେତା ଏମବିସିସି ଏବଂ ଉପବିଜେତା ଆରସିସିକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

# କାଳୀୟ ଦଳନ, ରାଧାକୃଷ୍ଣ ଲୀଳାରେ ଲୋକେ ଭାବବିହ୍ୱଳ

ସମ୍ବଲପୁର,୧୮।୧(ବି.ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରା ସକାଶେ ଗୋପପୁର (ଚାଉଁରପୁର) କୃଷ୍ଣମୟ ହୋଇଛି। କୃଷ୍ଣଙ୍କ ନାମ ସଂକୀର୍ତ୍ତନରେ ଅଞ୍ଚଳ ମୁଖରିତ ହୋଇଛି। ଭକ୍ତମାନେ କୃଷ୍ଣ ଓ ବଳରାମଙ୍କ ଗୁଣଗାନ କରି ଭାବବିହ୍ୱଳ ହୋଇଛନ୍ତି। ଚାଉଁରପୁର ମହିଳା ସଂକୀର୍ତ୍ତନ୍ୟ ଓ ରାଢ଼ଆପାଲି କଳାକାରଙ୍କ କୃଷ୍ଣ ଭଜନରେ ଗୋପପୁର ପ୍ରକୃତ ପକ୍ଷେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏଥିସହ ମହାନଦୀରେ କାଳୀୟ ଦଳନ ଓ ରାଧାକୃଷ୍ଣଙ୍କ ଲୀଳା ଦୃଶ୍ୟରେ ଗୋପପୁରବାସୀ ଅଭିଭୂତ ହୋଇଯାଇଥିଲେ। କୃଷ୍ଣଙ୍କ ମାଟିଖିଆରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖାଯିବା ନାଟକୀୟ ଦୃଶ୍ୟ ଗୋପପୁର ବାସୀଙ୍କ ମୁହଁରେ ହସ ଫୁଟାଇ ସତ୍ୟ ଯୁଗର ଆତ୍ମ ବିଶ୍ୱାସ ତୋଳିଥିବା ଭଳି ମନେ ହେଉଥିଲା। ସେହିପରି କାଳିଆ ଦଳନ ପରେ କୃଷ୍ଣ ବଳରାମ ସୁସଜ୍ଜିତ ରଥରେ ଉପବିଷ୍ଟ ହୋଇ ମହୁଲପାଲି, ସିର୍କିଡି, ଆମସଢ଼ା କଟାପାଲି, ଗୋଶାଳା, ଝାଙ୍କରପାଲି, ପରଦେଶୀପଡା ନଗର ଭ୍ରମଣ କରିଥିଲେ। ଯୁବନେତା ଦିଲ୍ଲୀପ ଦୁରିଆ ରାଜ ଅତିଥି ଭାବେ ଯୋଗଦେଇ ଏଭଳି ଭାବଗତ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆୟୋଜକ କମିଟିକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା ଗୋପପୁର କମିଟି ସମ୍ପାଦକ ଗଣେଶ ମହନ୍ତମ ସଭା କାର୍ଯ୍ୟ ପରିଚାଳନା କରିଥିବା। ସମ୍ବଲପୁରୀ ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, କାର୍ଯ୍ୟକାରୀ କମିଟି ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ, ଗୋପପୁର ଧନୁଯାତ୍ରା କମିଟି ସଭାପତି ଆଦିତ୍ୟ ପ୍ରସାଦ ନାୟକ, ସୁରଜ ମହାପାତ୍ର, ଯୋଗେନ୍ଦ୍ର ମାଝୀ ଗୋପପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସମ୍ବଲପୁରୀ ଧନୁଯାତ୍ରା**



ଶନିବାର କୃଷ୍ଣ ଓ ବଳରାମଙ୍କୁ ନଗର ଭ୍ରମଣ ବେଳେ ପୂଜାର୍ଚ୍ଚନା କରାଯାଉଛି।

# ଝାଡ଼ାବାନ୍ତିରେ ୨୦ ଆକ୍ରାନ୍ତ

■ ସ୍ଥିତି ପରଖିଲା ଜିଲା ଟିମ୍
■ ଦୂଷିତ ପାଣିରୁ ବ୍ୟାପୁଛି ଡାଇରିଆ

**କୁନ୍ଦୁରା,୧୮।୧ (ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶୀ ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଢିଗୁଡ଼ା ଗ୍ରାମର ୨୦ଜଣ ଝାଡ଼ାବାନ୍ତିରେ ଶୁକ୍ରବାର ଆକ୍ରାନ୍ତ ହୋଇଛନ୍ତି। ଶନିବାର ମେଡିକାଲ ଟିମ୍ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବିଶେଷଜ୍ଞ ଟିମ୍ କହିଛି। ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ନେଇ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗଣେଶ ପ୍ରସାଦ ଦାସ ଓ ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ନାୟକଙ୍କ ସୂଚନା ପରେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ୧୫ଜଣ ଗ୍ରାମବାସୀ ନିକଟସ୍ଥ ସୋଲାର ପମ୍ପରୁ ଆସୁଥିବା ଦୂଷିତ ପାଣି ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ ଯାଇ ଚିକିତ୍ସା ଆରମ୍ଭ କରିଥିଲେ। ସନ୍ଧ୍ୟାରେ ପୁଣି ୫ଜଣ ଆକ୍ରାନ୍ତ ହେବା ପରେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ସେଠାରେ ରହି ଚିକିତ୍ସା ଜାରି ରଖିଛନ୍ତି। ଜିଲାସ୍ତରରୁ ଏକ ଟିମ୍ ପହଞ୍ଚି ୪ ସ୍ୱାବ୍ ଟେଷ୍ଟ ଏବଂ ୫ଟି ପାଣି ପରୀକ୍ଷାକରି ଏହା ଦୂଷିତ ଥିବା ଓ ପଚାଗନ୍ଧ ହେଉଥିବା ଜାଣିଥିଲେ। ସୋଲାର ଟ୍ୟାଙ୍କିରୁ ବାହାରୁଥିବା ପାଣି ଦୂଷିତ ଥିବା ବେଳେ ମଇଳା ଜମି ରହିଥିବାରୁ ଝାଡ଼ାବାନ୍ତି ହୋଇଥିବା ଜିଲା ବିଶେଷଜ୍ଞ ଟିମ୍ କହିଛି। ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସ, ପିଏଚ୍ଇଓ ନିତୁ ଶତପଥୀ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ କାମରାଜ ପଲେଇ, ଏପିଡେମୋଲୋଜିଷ୍ଟ ବସନ୍ତ ସ୍ୱାଇଁ ଏବଂ ଡ. ସାଗର ସେଠୀ ପାଣିଟାଙ୍କି ସହ ସକ୍ ପିଟ୍ ସଫା କରାଇଥିଲେ। ଗ୍ରାମର ରଞ୍ଜନ ବିଷୋୟୀ,ଡାଲି ବିଷୋୟୀ,ସୁରେନ୍ଦ୍ର ବିଷୋୟୀ,ଦୈମତି ପୂଜାରୀ, ଜଗଦୀଶ ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ଗରାହାଣ୍ଡିଆ, ଦିବ୍ୟାଂଶୁ ବିଷୋୟୀ,ସୁମନ ବିଷୋୟୀ, ଦୀପା ବିଷୋୟୀ,ସୁରଜ ପୂଜାରୀ,ରଜନୀ ବିଷୋୟୀ,ମିଥୁନ ବିଷୋୟୀ, ସନ୍ତୋଷ ଗରାହାଣ୍ଡିଆ,ଚଞ୍ଚଳା ବିଷୋୟୀ, ଦିବ୍ୟ ବିଷୋୟୀ, ରତ୍ନା ଗରା ହାଣ୍ଡିଆ, ସତ୍ୟବତୀ ବିଷୋୟୀ, ପଦ୍ମା ପୂଜାରୀ, ଘାସିରାମ ପୂଜାରୀ ଓ ଧନ ବିଷୋୟୀ ପ୍ରମୁଖ ଆକ୍ରାନ୍ତ ହୋଇଛନ୍ତି। ଶନିବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ପରିବା କ୍ଷେତରୁ ହାତୀ ମୃତଦେହ ଠାବ

**ବେଗୁନିଆ,୧୮।୧(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଅଧୀନ ଡାଲତୋଳା ଗ୍ରାମ ନିକଟ କଣୀପାରି ଜଙ୍ଗଲ ପାର୍ଶ୍ୱରେ ଥିବା ପରିବା କ୍ଷେତରୁ ଶନିବାର ବନ ବିଭାଗ ଏକ ହାତୀର ମୃତଦେହ ଠାବ କରିଛି। ଏହାର ବୟସ ୧୫ବର୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ୍ କହିଛନ୍ତି। ସୂଚନା ମୁତାବକ, ଏହି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୧୮ଟିକିଆ ହାତୀପଲ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଏବଂ ପାଚେରି ଭାଙ୍ଗୁଥିବା ନଜିର ରହିଛି। ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡ଼ିଯାଉଛି। ଡାଲତୋଳା, ଦେଉଳି ଏବଂ ପରିଛଳ ଗ୍ରାମର ମଧ୍ୟଭାଗରେ ଥିବା କଣୀପାରି ଜଙ୍ଗଲ ପାର୍ଶ୍ୱରେ ଥିବା ଜଣେ ଚାଷୀଙ୍କ ପରିବା କ୍ଷେତରେ ଶନିବାର ଏକ ହାତୀ ଶୋଇଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହାତୀଟି ମରିପଡ଼ିଥିବା ଜାଣିବା ପରେ ଖୋର୍ଦ୍ଧା ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଖୋର୍ଦ୍ଧା ଡିଏଫ୍ଓ ପାଣ୍ଡିଆନ୍ ଏବଂ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ନିକଟରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏନେଇ ଡିଏଫ୍ଓ ପାଣ୍ଡିଆନ୍ କହିଛନ୍ତି, ଦୈନିକ ସନ୍ଧ୍ୟାରେ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟହେବ।

# ବାଇକ୍ ମୁହାଁମୁହିଁ, ପ୍ରଧାନ ଶିକ୍ଷକଙ୍କ ସମେତ ୨ ମୃତ

**ଫୁଲବାଣୀ,୧୮।୧ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଗୋଛାପଡା ଥାନା ଅଧୀନ ଡେରାକୁମ୍ପା ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଧାନ ଶିକ୍ଷକ ଚକାପାଦ ଥାନା ଘାଟିଗୁଡା ଗାଁର ରବିଚନ୍ଦ୍ର ଦାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅନ୍ୟ ବାଇକ୍ ଆରୋହୀ ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡା ଗାଁର ବିଶମ୍ବର କହଁରଙ୍କୁ ମେଡିକାଲ ନେବା ବାଟରେ ଜୀବନ ଯାଇଛି।

ଫିରିଙ୍ଗିଆ ବ୍ଲକ ନୂଆପଦରସ୍ଥିତ ବନବାସୀ ଉଚ୍ଚବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ନିଜ ପରିବାର ସହ ଫୁଲବାଣୀ ସହରରେ ରହି ଆସୁଥିଲେ। ଶନିବାର ସକାଳେ ସେ ଲୋଇସିଂ ହାଇସ୍କୁଲକୁ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାଇକ୍‌ରେ ଯାଉଥିଲେ। ଫୁଲବାଣୀ–ଗୋଛାପଡା ମୁଖ୍ୟରାସ୍ତାର ଡେରାକୁମ୍ପାରେ ଥିବା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଗୋଛାପଡା ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ରୁ ଛିଟିକି ରାସ୍ତାରେ କଚାଡି ହୋଇପଡ଼ିବାରୁ ରବିଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଗାଡିକୁ ଧକ୍କା ଦେଇଥିବା ୨ ବାଇକ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ ଗୋଛାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ବିଶମ୍ବରଙ୍କ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ପହଞ୍ଚି ମୃତଦେହ ଜବତ କରିଥିଲେ। ନୂଆପଦର ହାଇସ୍କୁଲ ଖେଳଶିକ୍ଷକ ଗୌରଚନ୍ଦ୍ର ମହାନ୍ତି, ଫିରିଙ୍ଗିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାଜୀ କହଁରଙ୍କ ସହ ଅନ୍ୟ ଶିକ୍ଷକମାନେ ପହଞ୍ଚିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲା

**ଛେଣ୍ଡିପଦା,୧୮।୧(ଅଜିତ ଧଳ):** ଅନୁଗୋଳ ଜିଲା ଛେଣ୍ଡିପଦା ସମନ୍ୱିତ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ଜଣେ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଶନିବାର ତାଲା ପକାଇ ଅଟକ ରଖିଥିଲେ ଜଣେ ୱାର୍ଡମେମ୍ବର। ସମ୍ପୃକ୍ତ ସୁପରଭାଇଜର ଏକ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ୨୩ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ବୈଠକ କରୁଥିବାବେଳେ ସ୍ଥାନୀୟ ୱାର୍ଡମେମ୍ବର ସେଠାରେ ପହଞ୍ଚି ଦୁର୍ବ୍ୟବହାର କରିବା ସହିତ ମୁଖ୍ୟ ଫାଟକରେ ତାଲା ପକାଇ ଅଟକ ରଖିଥିଲେ। ଘଟଣାକୁ ନେଇ ସୁପରଭାଇଜର୍ ଛେଣ୍ଡିପଦା ସିଡିପିଓଙ୍କୁ ଫୋନ୍‌ରେ ଅବଗତ କରାଇବାପରେ ସିଡିପିଓ ବାଗଡିଆ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ସୁପରଭାଇଜରଙ୍କ ସହିତ ୨୩ ଅଙ୍ଗନୱାଡ଼ି କର୍ମୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ୱାର୍ଡ ସଭ୍ୟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।


## ODISHA CONSTRUCTION CORPORATION LTD.

(A Govt. of Odisha Undertaking)
CENTRAL WORKSHOP, RASULGARH,
BHUBANESWAR-751010 (ODISHA)
Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)

**Tender Call Notice No.OCC/CWS/PROC/FAB-08/57/2024-25, dtd. 16.01.2025**

**No.CAD-2211:**Type of Work: Labour charges for sand blasting and application of one coat primer of finished fabricated items of Kanupur Irrigation Project. Total No. of Work: 01 (One). Period of Supply: 01 (One) Month.

| Procurement Officer | Tender Call Notice No. | Cost of Tender document (including GST) | Sale of Tender document | Submission of tender document (Off-line mode) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ FAB-08/ 57/ 2024-25 dtd.16.01.2025 | Rs.7080/- (Non-Refundable) | 18.01.2025 10.00 AM to 28.01.2025, 1.00 PM | 18.01.2025 10.00 AM to 28.01.2025 3.00 PM |

Date of Opening of the Tender : **28.01.2025 at 4.00 P.M.**
Further details can be seen from the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website).**

**Sd./- Senior Manager (Mech.)-I, OCC Ltd., Bhubaneswar**
OIPR-34163/11/0041/2425

## GOVERNMENT OF ODISHA
E.Mail- rw_sundargarh@yahoo.co.in
## OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH

E-PROCUREMENT NOTICE
**BID IDENTIFICATION NO.ONLINE-SESNG-26 OF 2024-25**

**No.O-1270:**Name of the Work: Road Works, 2. Total No. of Works: 1 No. Road, 3.Estimated Cost: Rs.58.82 Lakhs, 4. Class of Contractor:- Only 'B', 5. Period of Completion: 01 Calendar Month. 6. Type of Tender: Double Cover. 7. Other details:

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-26 of 2024-25 | 20.01.2025 10.00 A.M. | 27.01.2025 05.00 P.M. |

Further details can be seen from the website www.tendersorissa.gov.in

**Sd./- Superintending Engineer, Rural Works Division, Sundargarh**
OIPR-25046/11/0037/2425

GOVERNMENT OF ODISHA
Phone:9438660004, e-mail:eephbls@gmail.com
## OFFICE OF THE EXECUTIVE ENGINEER, P.H. DIVISION, BALASORE

NATIONAL COMPETITIVE BIDDING THROUGH e-Procurement (Online Mode)
**Invitation for Bids (IFB) Dt.15.01.2025**

**No.C-1495:**The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double Cover System in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. in Lakh) | Class of Contractor | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-28 dt.15.01.2025 | 724.87 | 'A' & 'Special' Class | 12 (Twelve) Months | 11.00 Hrs. of dt.22.01.2025 | 17.00 Hrs. of dt.10.02.2025 | 17.00 Hrs. of 04.02.2025 | 11.00 Hrs. of 11.02.2025 |

**The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/ corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.**

**Name and Address of the Officer Inviting Bid:- The Superintending Engineer, P.H. Division, Balasore-756056, Odisha, Phone:9438660004**

OIPR-13053/11/0013/2425 **Sd./- Superintending Engineer, P.H. Division, Balasore**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, MALKANGIRI

E-mail: eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING
**Bid Identification No:RWSS_MKG_ONLINE_07/2024-25 DATED 16.01.2025**

**No.O-1287:**The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways for the works detailed in the table below to be eventually drawn up in P-1 contract.
1.Name of the Work: Supply & Installation of Laboratory Furniture's for District Water Testing Laboratory (As detailed in TCN). 2. No.of Works: 01 No. 3. Estimated Cost: Rs.20.04 Lakhs. 4. Tender Paper Cost: Rs.6000/- each. 5. Class of Contractor: Authorised Manufacuturer/ Dealer/ Distributor. 6. Period of Completion: 02 (Two) Calendar Months. 7. **Critical dates:**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender clarification | Date of Opening of the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_07 of 2024-25 | 22.01.2025 at 09.00 Hours | 31.01.2025 upto 17.00 Hours | 29.01.2025 | 01.02.2025 At 11.00 Hours |

❖Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.** ❖ Subsequent corrigendum if required shall be appeared in the website. ❖ Authority reserves the right to reject any or all tenders without assigning any reason thereof.

**OIPR-25044/11/0007/2425** **Sd./- Superintending Engineer, RWS&S Division, Malkangiri**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KESINGA

E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-05/2024-25**

**No.O-1278:**1. Name of Works: Building Works (As per annexure). 2. Total No. of Work: 8 Nos. 3. Estimated Cost: Rs.4.19 Lakhs to Rs.38.02 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Additional Chief Engineer, Rural Works Division, Kesinga | RWKSNG- on-line-05/ 24-25 | 20.01.2025 at 14.00 P.M. | 30.01.2025 upto 17.00 P.M. | 27.01.2025 upto 11.00 A.M. | 31.01.2025 at 11.00 P.M. |

Further details can be seen from the Website i.e. www.tenderodisha.gov.in

**Sd./- Additional Chief Engineer, Rural Works Division, Kesinga**
OIPR-25153/11/0007/2425

## Government of Odisha
No.O-1275
## Office of the Superintending Engineer Rural Works Division, Dhenkanal

E-Mail:eerwdivisiondhenkanal@yahoo.co.in
**e-Procurement Notice No.07/Road Works/2024-25**

1. Name of the Work : Road Works
2. Total No. of Works : 05 (Five) Nos (1 no. Package)
3. Estimated Cost : Rs.80.77 Lakh (approx)
4. Class of Contractor : "B" Class
5. Period of Completion : 04 (Four) Calendar Months
6. EMD Required : As mentioned in the Annexure at Column-04
7. Online for Bidding : 21.1.2025 at 11.00 AM to 30.01.2025 upto 3.00 P.M.
8. Last Date & Time of seeking tender clarification : 29.01.2025 upto 4.00 PM
9. Date & Time of opening of tender (Technical & Financial Bid) : 30.01.2025 Technical Bid at 5.00 PM & 01.02.25 (Financial Bid) at 11.00 AM

Other details can be seen from the website http://tendersorissa.gov.in

**Sd./- Executive Engineer R.W.Division, Dhenkanal**
OIPR-25101/11/0013/2425

## GOVERNMENT OF ODISHA
No.B-838
## "e" - PROCUREMENT NOTICE

Bid Identification No. E.E. GTN (R&B) - 21/2024-25
E-mail address - eeghatagaon2015@gmail.com
Letter No. 902 dt. 10.01.2025

| | | | |
|---|---|---|---|
| 1. | The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Single Cover/Double Cover** system in online mode from the eligible contractor for Building work/EI work as mentioned below. | | |
| 2. | Nature of the work | : | Building (Composite) / E.I. Works |
| 3. | Numbers of work | : | 6 (Six) Nos. |
| 4. | Estimated cost | : | Rs. 14.07 Lakhs & 54.81 Lakhs |
| 5. | Period of completion | : | 01 (One) Month to 03 (Three) Months / Annual Maintenance. |
| 6. | Date & Time of availability of bid document in the portal | : | From 11.30 A.M. of dt. 20.01.2025 to 05.00 P.M. of dt. 31.01.2025 |
| 7. | Last Date / Time for receipt of bids in the portal | ; | 05.00 P.M. of dt. 31.01.2025 |
| 8. | Date of opening of Bid | : | 11.00 A.M. of dt. 01.02.2025 |
| 9. | Further details can be seen from the e-procurement portal **https://tendersodisha.gov.in**. Any addendum / corrigendum / cancellation of tender can also be seen in the same website only. | | |

**Sd./- Executive Engineer Ghatagaon(R&B) Division**
OIPR-34140/11/0009/2425

## OFFICE OF THE DISTRICT MAGISTRATE AND COLLECTOR, BALANGIR
## NOTICE INVITING APPLICATIONS FOR SETTLEMENT OF IMFL 'OFF' SHOPS OF BALANGIR DISTRICT

**No. 144/Ex.,** **Date: 15.01.2025**

No. F-118: Applications are invited for settlement IMFL 'off' Shop, Cudapali of this district for the remaining period of the year 2024-25 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from 31.01.2025 to 31.03.2025. Lottery will be held on 31.01.2025 at Collectorate Conference Hall, Balangir from 4.30 P.M. onwards.
The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office and Collectorate, Balangir.

**Sd./- Collector, Balangir**
OIPR-36025/11/0002/2425

## OFFICE OF THE PANCHAYAT SAMITI, BANPUR
## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଣପୁର

Tel. No. : 06756-253130(O), E-mail : ori-banpur@nic.in
Letter No. 10343 Date. 03.12.2024

**CORRIGENDUM**

**No.i-420** : In partial modification to this office order No. 10246, dated 25.11.2024, it is hereby informed that the date of availability of e-Tender for online bidding & opening of e-Tender shall be read as 27.01.2025 to 10.02.2025 & 12.02.2025 respectively.
The all other text in the NIT remaining unchanged.

**Sd./- Block Development Officer Banpur**
OIPR-19081/11/0005/2425

## SAMBALPUR MUNICIPAL CORPORATION

**Notice No. 418/SMC** **Date: 16.01.2025**

No. C-1486: Sealed EOI are invited from agencies empanelled and approved by Directorate of Horticulture, Bhubaneswar, Odisha for development of two number of Nurseries under SMC area (i.e. One inside Sen Park, Gole Bazar and one inside Burla Micro Composting Centre). The tender documents should be received through Registered/Speed Post only in address to the Commissioner, Sambalpur Municipal Corporation, Durgapali, Sambalpur, PIN - 768006 on or before 10.02.2025 by 2.00 P.M. The tender document along the items list can be downloaded from SMC official website **www.smcsambalpur.nic.in**.
The authority reserves the right to cancel any or all the Bids without assigning any reason thereof.

**Sd./- Municipal Commissioner Sambalpur Municipal Corporation**
OIPR-13122/11/0064/2425

## GOVERNMENT OF ODISHA
No. B-851
## "e" - PROCUREMENT NOTICE WORKS DEPARTMENT

E-mail: ceworldbankprojects@gmail.com
Bid Identification No. CE-Bridges - 16/2024-25

1. The Chief Engineer (Bridges), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 21.01.2025 to 5.00 P.M. of 06.02.2025
7. Date of Opening of Bid : Dt.07.02.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer, Bridges Odisha, Bhubaneswar**
OIPR-34174/11/0033/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALANGIR

Phone No. : 06652-232982 (Off) e-mail ; mid_balangir@yahoo.co.in
**'e'-Procurement Notice**
**Bid Reference No. - SE-MID-BLGR-08/2024-25**
**No. - 45/MID//Date-16.01.2024**

**No.A-905** : Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | | |
|---|---|---|---|
| 1. | Name of the works | : | Construction of New Check Dams |
| 2. | No. of Works | : | **15 (Fifteen)** Nos. |
| 3. | Estimated cost | : | Varies from **Rs. 38.59** Lakh to **Rs. 84.74** lakh Only (Approx) |
| 4. | Period of completion | : | **03 (Two) to 04 (Four)** Calendar months |
| 5. | Date and time of availability of bid documents in the portal | : | from **Dt. 20.01.2025** at 10.00 A.M. to **Dt. 29.01.2025** up to 5.00 P.M. |
| 6. | Last date / time of receipt of bids in the portal | : | **Dt. 29.01.2025** up to 5.00 P.M. |
| 7. | Date of opening of Technical Bid | : | **Dt. 30.01.2025** at 10.00 A.M. Onwards |
| 8. | Date of Opening of Financial Bid | : | To be intimated Later on |
| 9. | Date of lottery scheduled to be held (if required) | : | **Dt. 06.02.2025** at 11.00 A.M. in the O/O S.E.M.I. Division, Balangir |
| 10. | Name and address of the OIT | : | O/O The Superintending Engineer, M.I. Division, Balangir, Near Sub-Collector Office, Balangir, Dist. - Balangir |
| 11. | Further details can be seen from the e-Procurement market place | : | http://tendersodisha.gov.in |

**Sd./- Superintending Engineer M.I. Division, Balangir**
OIPR-32063/11/0007/2425

## OFFICE OF THE SUPERINTENDING ENGINEER UPPER KOLAB HEAD WORKS DIVISION KOLABNAGAR, DIST:-KORAPUT, PIN-764011

e-mail ld-seukhwdivision@gmail.com
No.120, Dated 15.01.2025
**1st Corrigendum to e-Procurement Notice No. SE-UKHWD-11-2024-25 dated 13.01.2025**

**No.A-914:a)** Revised date & time of availability of bid documents online: 18.01.2025 at 10.30 Hours to 27.01.2025 upto 17.30 Hours.
**b)** Period of online bidding is extended further upto 27.01.2025.
**c)** Date of Opening of the bids on-line is rescheduled further as 28.01.2025 at 10.30 A.M.
All other terms & conditions of the notice shall remain unaltered.

**Sd./- Superintending Engineer U.K.H.W. Division, Kolabnagar**
OIPR-32015/11/0022/2425

## ODISHA PUBLIC SERVICE COMMISSION CUTTACK
## NOTICE

**No. 405/P.S.C.** **Dt.17.01.25**
**1E-52-2024/25 (DR-III)**

No. D-234: It is for information of all concerned that, the **Written Examination** of Optional Subjects (Paper-I and Paper-II) for recruitment to the post of **Post Graduate Teachers in Physics, Mathematics & Odia,** pursuant to Advt. No. 25 of 2023-24, which was cancelled on 06.10.2024, **has been rescheduled to be held on 19.01.2025.** In this connection the examination centres in 05 zones have been modified.
**Hence, the candidates are required to download the Admission Certificate afresh from 13.01.2025 onwards and reach the Examination centre as per the venue mentioned.**
**N.B.:** Admission Certificate downloaded before 13.01.2025 for the said recruitment shall not be considered for getting admission into the examination centre.

OIPR-12002/11/0134/2425 **Sd./- Secretary**

## BERHAMPUR MUNICIPAL CORPORATION

No. 528 Date : 13.01.2025

**No.C-1438** : Sealed Quotations are invited to be reached by Speed Post / Registered Post / By hand to be submitted at Single Window of BeMC for **"Quotation for Supply of Iron and Welding Materials."** The detailed terms & Conditions are available at our official website www.berhampur.gov.in. The Last date of receipt of Quotation in this office by Dt. 30.01.2025 by 5.30 P.M. and will be opened on Dt. 31.01.2025 at 11.30 A.M. in the office chamber of undersigned.
The authority reserves the right to accept or reject any quotation without assigning any reason thereof.

**Sd./- Commissioner Berhampur Municipal Corporation**
OIPR-13035/11/0027/2425

## OFFICE OF THE PRINCIPAL S.C.S. AUTONOMOUS COLLEGE, PURI

**No. 128** **Date: 16.01.2025**

**TENDER CALL NOTICE**

No. CAD-2209: Sealed tenders are invited from interested reputed registered firms/authorized suppliers having valid up-to-date GST/IT Clearance Certificate alongwith Dealership Certificate for supply of Laboratory equipments/articles of reputed make, so as to reach the undersigned on or before 25.01.2025 by 5.00 P.M. by Regd./Speed Post.
For details, visit the College website: **http://scscollege.nic.in/**

**Sd./- Principal S.C.S. (A) College, Puri**
OIPR-11021/11/0008/2425

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

Phone-0680-2404096, E-mail:eerwgmt@yahoo.co.in
Government of Odisha e-Procurement Notice
Bid Identification No.Online Tender/14/SERWD-II/2024-25
No.O-1278: Memo No.323/RWD-IIGB, Date 10.01.25

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.7.56 Lakhs to Rs.33.61 Lakhs |
| 3 | Period of Completion | :: | 1 (One) Months as per Annexure |
| 4 | Date & Time of availability of Bid documents in the Portal | :: | 17.01.2025 at 10.00 AM to 24.01.2025 upto 5.00 P.M. |
| 5 | Last Date/Time for receipt of Bids in the Portal | :: | 24.01.2025 upto 5.00 P.M. |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal tendersodisha.gov.in/nicgep/app

**Sd./- Superintending Engineer R.W.Division-II, Ganjam, Berhampur**
OIPR-25073/11/0013/2425

# ଆଜିଠୁ ଇସ୍ରାଏଲ୍-ହମାସ୍ ଯୁଦ୍ଧବିରତି

**ପ୍ରଥମ ପର୍ଯ୍ୟାୟରେ ୭୩୭ ବନ୍ଦୀଙ୍କୁ ମୁକ୍ତ କରିବ ଇସ୍ରାଏଲ୍**

**୩୩ ପଣବନ୍ଦୀଙ୍କୁ ଛାଡ଼ିବ ହମାସ୍**

କାଏରୋ,୧୮।୧

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୧୫ ମାସ ଧରି ଲାଗିରହିଥିବା ଯୁଦ୍ଧର ଅବସାନ ଘଟିବାକୁ ଯାଉଛି। ରବିବାର ସ୍ଥାନୀୟ ସମୟ ସକାଳ ୮ଟା ୩୦ରୁ ଯୁଦ୍ଧବିରତି କାର୍ଯ୍ୟକାରୀ ହେବ ବୋଲି କାତାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶନିବାର କହିଛି। ଜନସାଧାରଣ ସତର୍କତା ଅବଲମ୍ବନ କରିବା ସହ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରିବା ଲାଗି କାତାର ବହିର୍ବ୍ୟାପାର ମନ୍ତ୍ରୀ ମଜିଦ ଅଲ୍-ଅନ୍‌ସାରୀ କହିଛନ୍ତି। ଶନିବାର ଭୋର ସମୟରେ ଇସ୍ରାଏଲ୍ କ୍ୟାବିନେଟ୍ ଗାଜାରେ ଅସ୍ତ୍ରବିରତି ରାଜିନାମାକୁ ଅନୁମୋଦନ କରିଥିଲା। ରାଜିନାମା ଅନୁଯାୟୀ, ପଣବନ୍ଦୀମାନଙ୍କୁ ମୁକ୍ତ କରାଯିବା ସହ ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟିବ। ପ୍ରଥମ ପର୍ଯ୍ୟାୟରେ ୭୩୭ ଜଣ ବନ୍ଦୀ ଓ ଅଟକଙ୍କୁ ମୁକ୍ତ କରିଦିଆଯିବ ବୋଲି ଇସ୍ରାଏଲ୍ ନ୍ୟାୟ ମନ୍ତ୍ରଣାଳୟ କହିଛି।



ଯୁଦ୍ଧବିରତିର ଦିନକ ପୂର୍ବରୁ ଗାଜାର ଖାନ୍ ୟୁନିସ୍ ସହରର କ୍ଷୁଦ୍ଧ କ୍ଷତିଗ୍ରସ୍ତ ପାଲେଷ୍ଟିନୀୟମାନେ ଏକ ଦାତବ୍ୟ ରୋଷଶାଳାରୁ ଖାଦ୍ୟ ସଂଗ୍ରହ କରୁଛନ୍ତି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିବା ସହ ପ୍ରାୟ ୨୫୦ ଜଣଙ୍କୁ ପଣବନ୍ଦୀ କରି ଗାଜା ନେଇଯାଇଥିଲେ। ସେବେଠାରୁ ଇସ୍ରାଏଲ୍ ଗାଜା ଉପରେ ଜୋର୍‌ଦାର ଆକ୍ରମଣ ଜାରି ରଖିଥିଲା। ଏଥିରେ ୪୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ଆହତ ହୋଇଛନ୍ତି। ବହୁ ଲକ୍ଷ ଲୋକ ଘରଦ୍ୱାର ହରାଇଛନ୍ତି। ଅନେକେ ଦେଶ ଛାଡ଼ି ପଳାଇଥିବାବେଳେ ବହୁ ଲୋକ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହିଛନ୍ତି। ଗାଜାର ଅନେକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ ହୋଇଯିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଆମେରିକା, କାତାର ଏବଂ ଇଜିପ୍ଟ ପକ୍ଷରୁ ଦୀର୍ଘ ମାସ ହେଲା ଉଦ୍ୟମ ଜାରି ରହିବା ପରେ ଶେଷରେ ଏହା ସଫଳ ହୋଇଛି। ଶନିବାର ସକାଳେ ଅସ୍ତ୍ରବିରତି ଚୁକ୍ତିନାମାକୁ ଇସ୍ରାଏଲ୍ କ୍ୟାବିନେଟ୍ ଅନୁମୋଦନ କରିଥିବା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଯୁଦ୍ଧବିରତିକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି।

ଅସ୍ତ୍ରବିରତି ଖବର ସତ୍ତ୍ୱେ ଶନିବାର କେନ୍ଦ୍ରୀୟ ଇସ୍ରାଏଲ୍‌ରେ ସାଇରନ୍ ବାଜିଥିଲା। ୟେମେନ୍‌ରୁ ଛଡ଼ାଯାଇଥିବା ଏକ ରକେଟକୁ ଇସ୍ରାଏଲୀ ସେନା ପ୍ରତିହତ କରିଥିବା କହିଛି। ଇରାନ ସମର୍ଥିତ ହୁଟି ଆତଙ୍କବାଦୀମାନେ କିଛି ସପ୍ତାହ ହେଲା ଇସ୍ରାଏଲ୍ ଉପରେ ଆକ୍ରମଣ ଚଳାଇଛନ୍ତି। ଗାଜା ଯୁଦ୍ଧକୁ ନେଇ ଇସ୍ରାଏଲ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ର ଉପରେ ଚାପ ପକାଇବା ନିମନ୍ତେ ଏହି ଆକ୍ରମଣ କରାଯାଇଥିବା ହୁଟି ପକ୍ଷରୁ କୁହାଯାଇଛି। ସେହିପରି ଇସ୍ରାଏଲ୍ ମଧ୍ୟ ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଶୁକ୍ରବାର ଇସ୍ରାଏଲୀ ସେନାର ଆକ୍ରମଣରେ ଅନ୍ୟୂନ ୨୩ ଜଣ ପାଲେଷ୍ଟିନୀୟ ନିହତ ହୋଇଥିଲେ। ସିଜ୍‌ଫାୟାରର ପ୍ରଥମ ଦଫାରେ ଆସନ୍ତା ୬ ସପ୍ତାହ ମଧ୍ୟରେ ୩୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହା ବଦଳରେ ଇସ୍ରାଏଲ୍ ଅନେକ ଶହ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିଦେବ। ଦ୍ୱିତୀୟ ପର୍ଯ୍ୟାୟରେ ପୁରୁଷ ସୈନ୍ୟଙ୍କ ସମେତ ଅବଶିଷ୍ଟ ବନ୍ଦୀଙ୍କୁ ମୁକ୍ତ କରାଯିବ। ଇସ୍ରାଏଲ୍ ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ହମାସ୍ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକ୍ତ କରିବ ନାହିଁ ବୋଲି କହିଛି। ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ହମାସ୍ ୩୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବା ବଦଳରେ ଜେରୁଜେଲମ୍ ୧,୯୦୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବ। ବନ୍ଦୀ ଥିବା ୧,୯୦୦ଙ୍କ ମଧ୍ୟରୁ ଗାଜାର ୧,୧୬୭ ଜଣ ପୂର୍ବରୁ ଇସ୍ରାଏଲ୍ ଦ୍ୱାରା ଗିରଫ ହୋଇଥିଲେ, ଯେଉଁମାନଙ୍କର ୨୦୨୩ ଅକ୍ଟୋବର ୭ ହମାସ୍ ଆକ୍ରମଣ ସହ କୌଣସି ସମ୍ପର୍କ ନାହିଁ। ଏହି ପର୍ଯ୍ୟାୟରେ ମହିଳା ଓ ୧୯ ବର୍ଷରୁ କମ୍ ପିଲାଙ୍କୁ ମୁକ୍ତ କରିଦିଆଯିବ। ଯେଉଁ ପାଲେଷ୍ଟିନୀୟ ବନ୍ଦୀ ମରଣାନ୍ତକ ଆକ୍ରମଣରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ସେମାନଙ୍କୁ ଗାଜା କିମ୍ବା ଅନ୍ୟତ୍ର ନିର୍ବାସନରେ ଛଡ଼ାଯିବ। ସେମାନଙ୍କୁ ଇସ୍ରାଏଲ୍ କିମ୍ବା ୱେଷ୍ଟବ୍ୟାଙ୍କ ଆସିବାକୁ ଦିଆଯିବ ନାହିଁ। ଚୁକ୍ତି ଅନୁଯାୟୀ ହମାସ୍ ଅସ୍ତ୍ରବିରତିର ପ୍ରଥମ ଦିନରେ ୩ ମହିଳା ପଣବନ୍ଦୀଙ୍କୁ ଏବଂ ସପ୍ତମ ଦିନରେ ୪ ଜଣଙ୍କୁ ମୁକ୍ତ କରିବାକୁ ଥିବାବେଳେ ପରବର୍ତ୍ତୀ ୫ ସପ୍ତାହରେ ଅବଶିଷ୍ଟ ୨୬ ଜଣଙ୍କୁ ଛାଡ଼ିବ।

## ସଂକ୍ଷେପରେ

### ସୈଫ୍‌ଙ୍କୁ ଆକ୍ରମଣ ମାମଲା: ସନ୍ଦିଗ୍ଧ ଅଟକ



ଆକାଶ କୈଳାସ କନୌଜିଆ

ମୁମ୍ବାଇ, ୧୮।୧

ଅଭିନେତା ସୈଫ୍ ଅଲୀ ଖାନଙ୍କୁ ହୋଇଥିବା ଆକ୍ରମଣ ମାମଲାରେ ଜଣେ ସନ୍ଦିଗ୍ଧଙ୍କୁ ଛତିଶଗଡ଼ର ଦୁର୍ଗରୁ ଗିରଫ କରାଯାଇ ଅଟକ ରଖାଯାଇଛି। ସନ୍ଦିଗ୍ଧ ଜଣକ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ରେଲୱେ ପ୍ରୋଟେକ୍ସନ ଫୋର୍ସ(ଆର୍‌ପିଏଫ୍)ର ସହଯୋଗରେ ତାଙ୍କୁ ଗିରଫ କରାଯାଇଥିବା ନେଇ ମୁମ୍ବାଇ ପୋଲିସ ସୂଚନା ଦେଇଛି। ଏହି ସନ୍ଦିଗ୍ଧର ଫଟୋକୁ ମୁମ୍ବାଇ ପୋଲିସ ଜାରି କରିଛି। ଶନିବାର ରାତିରେ ମୁମ୍ବାଇ ପୋଲିସର ଏକ ଟିମ୍ ରାୟପୁର ପହଞ୍ଚି ଅଟକ ଥିବା ଉକ୍ତ ସନ୍ଦିଗ୍ଧଙ୍କୁ ପଚରାଉଚରା କରିବେ। ସନ୍ଦିଗ୍ଧଙ୍କର ନାମ ଆକାଶ କୈଳାଶ କନୌଜିଆ (୩୧) ହୋଇଥିବା ଜଣାପଡ଼ିଛି।

### କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

କୋଟା, ୧୮।୧

ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ପାଇଁ ପ୍ରସ୍ତୁତି କରୁଥିବା ଜଣେ ୧୭ ବର୍ଷୀୟ ବାଳକ ମହନ ଜୈନ ଶନିବାର ଆତ୍ମହତ୍ୟା କରିଛନ୍ତି। ରାଜସ୍ଥାନର ବୁନ୍ଦି ଜିଲା ନିବାସୀ ମହନ କୋଟାର ଜବାହର ନଗର ଅଞ୍ଚଳରେ ନିଜ ଜେଜେ ମା’ ଓ ସମ୍ପର୍କୀୟ ଭାଇଙ୍କ ସହ ଗତ ୩ ବର୍ଷ ହେବ ରହୁଥିଲେ। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ମହନ କୋଟାର ଏକ କୋଚିଂ ସେଣ୍ଟର ମାଧ୍ୟମରେ ଜେଇଇ ପାଇଁ ପ୍ରସ୍ତୁତି କରୁଥିଲେ। ପ୍ରକାଶ ଯେ, ଦେଶର କୋଚିଂ ହବ୍ ଭାବେ ପରିଚିତ କୋଟାରେ ଏହା ହେଉଛି ଚଳିତ ବର୍ଷର ଚତୁର୍ଥ ଆତ୍ମହତ୍ୟା ମାମଲା।

## ତେହେରାନରେ ୨ ବିଚାରପତିଙ୍କୁ ଗୁଳିକରି ହତ୍ୟା

ଦୁବାଇ,୧୮।୧

ଇରାନ ରାଜଧାନୀ ତେହେରାନ୍‌ରେ ଜଣେ ବନ୍ଧୁକଧାରୀ ଶନିବାର ୨ ଜଣ ଖ୍ୟାତନାମା ବିଚାରପତିଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଉଭୟ ବିଚାରପତି ୧୯୮୮ରେ ସରକାରଙ୍କ ସମାଲୋଚକମାନଙ୍କୁ ଫାଶୀଦଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ। ବିଚାରପତି ମହମ୍ମଦ ମୋଘେଇସେ ଏବଂ ଅଲି ରାଜିନିଙ୍କୁ ହତ୍ୟା ଘଟଣାରେ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଗଣ ମୃତ୍ୟୁଦଣ୍ଡ ସହ ସମ୍ପୃକ୍ତ ରାଜିନିଙ୍କୁ ପୂର୍ବରୁ ଟାର୍ଗେଟରେ ରଖାଯାଇଥିଲା। ୧୯୯୯ରେ ତାଙ୍କୁ ହତ୍ୟା ଉଦ୍ୟମ ବିଫଳ ହୋଇଥିଲା। ଉଭୟ ମୌଲବୀ ଇରାନ ସୁପ୍ରିମକୋର୍ଟର ବିଚାରପତି ଥିଲେ ବୋଲି ସରକାରୀ ନ୍ୟୁଜ୍ ଏଜେନ୍ସି କହିଛି। ଜଣେ ବିଚାରପତିଙ୍କ ଅଙ୍ଗରକ୍ଷୀ ଆହତ ହୋଇଥିବାବେଳେ ଆକ୍ରମଣକାରୀ ନିହତ ହୋଇଛନ୍ତି। ତେବେ ଆକ୍ରମଣକାରୀଙ୍କର ସୁପ୍ରିମକୋର୍ଟରେ କୌଣସି ମାମଲା ନ ଥିଲା ଏବଂ ସେ ଉକ୍ତ ବେଞ୍ଚର ମହକିଲ ନ ଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## କେଜ୍‌ରିୱାଲଙ୍କ କାର୍‌କୁ ଆକ୍ରମଣ ଅଭିଯୋଗ

ନୂଆଦିଲ୍ଲୀ,୧୮।୧

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କ କାର୍‌କୁ ଆକ୍ରମଣ କରାଯାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶନିବାର ଅଭିଯୋଗ କରିଛି। ଏହାକୁ ନେଇ ଆପ୍ ଏବଂ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ତେଜିଛି। ଭାଜପା ପ୍ରାର୍ଥୀ ପର୍ଭେଶ ବର୍ମାଙ୍କ ସମର୍ଥକମାନେ କେଜ୍‌ରିୱାଲଙ୍କ ଗାଡ଼ିସମୂହ ଉପରେ ଟେକାପଥର ମାଡ଼ କରୁଥିବାର ଭିଡିଓ ଆପ୍ ସୋସିଆଲ ମିଡିଆରେ ଶେୟାର କରିଛି। ପ୍ରଚାରକୁ ପ୍ରଭାବିତ କରିବା ପାଇଁ ଆକ୍ରମଣକାରୀମାନେ କେଜ୍‌ରିୱାଲଙ୍କୁ ଆହତ କରିବାକୁ ଚାହିଁଥିଲେ ବୋଲି ଦଳ ଅଭିଯୋଗ କରିଛି। ଅନ୍ୟପକ୍ଷରେ କେଜ୍‌ରିୱାଲଙ୍କ କାର୍ ଧକ୍କାରେ ଜଣେ ଭାଜପା କର୍ମୀ ଆହତ ହୋଇ ଲେଡି ହାର୍ଡିଙ୍ଗ୍ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ପର୍ଭେଶ ଅଭିଯୋଗ କରିଛନ୍ତି।

## ନିଯୁକ୍ତିଦାତାଙ୍କ ମଞ୍ଜୁରୀ ବିନା ଇପିଏଫ୍ ସ୍ଥାନାନ୍ତର କରିହେବ

ନୂଆଦିଲ୍ଲୀ,୧୮।୧(ପି.ଟି.)

ନିଯୁକ୍ତିଦାତାଙ୍କ ବିନା ଯାଞ୍ଚ ଏବଂ ଅନୁମୋଦନରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭.୬ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ସେମାନଙ୍କ ନାମ, ଜନ୍ମତାରିଖ ଆଦି ଅନ୍‌ଲାଇନରେ ବଦଳାଇପାରିବେ। ଏହା ବ୍ୟତୀତ ଇ-କେୱାଇସି ଇପିଏଫ୍ ଆକାଉଣ୍ଟ ଥିବା ସଦସ୍ୟମାନେ ଅନ୍‌ଲାଇନରେ ସେମାନଙ୍କ ଇପିଏଫ୍ ଟ୍ରାନ୍ସଫର କ୍ଲେମ୍ ଫାଇଲ୍ କରିପାରବେ। ଏଥିପାଇଁ ନିଯୁକ୍ତିଦାତାଙ୍କ ହସ୍ତକ୍ଷେପ ଆବଶ୍ୟକ ପଡ଼ିବ ନାହିଁ। ଆଧାର ଓଟିପି ବଳରେ ଏହା କରାଯାଇପାରିବ। କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ଦୁଇଟି ନୂଆ ସେବାର ଶୁଭାରମ୍ଭ କରିଛନ୍ତି। ସଦସ୍ୟଙ୍କ ପ୍ରୋଫାଇଲ ବା କେୱାଇସି ପ୍ରସଙ୍ଗକୁ ନେଇ ୨୭ ପ୍ରତିଶତ ଅଭିଯୋଗ ରହିଥିବାବେଳେ ଉକ୍ତ ସେବା ବଳରେ ତାହା ଯଥେଷ୍ଟ ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ନିଯୁକ୍ତିଦାତାମାନଙ୍କର ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ସେମାନେ ମଧ୍ୟ ଏଭଳି ଅନୁରୋଧରୁ ମୁକ୍ତ ହୋଇପାରିବେ। ଇପିଏଫ୍‌ଓ ପୋର୍ଟାଲରେ ମିଳିତ ଘୋଷଣାନାମା ପ୍ରକ୍ରିୟାକୁ ସରଳ କରାଯାଇଛି। ଏହାଦ୍ୱାରା କର୍ମଚାରୀ ନିଜେ ନିଜର ବ୍ୟକ୍ତିଗତ ତଥ୍ୟରେ ରହିଥିବା ତ୍ରୁଟି ସଂଶୋଧନ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

## ମୋତେ ହତ୍ୟା ଉଦ୍ୟମ ହୋଇଥିଲା: ହାସିନା

ନୂଆଦିଲ୍ଲୀ, ୧୮।୧



ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଗତବର୍ଷ ଅଗଷ୍ଟ ୫ରେ ହତ୍ୟା ଉଦ୍ୟମ ହୋଇଥିଲା, ଯେଉଁଥିରୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ଏକ ଅଡିଓ କ୍ଲିପ୍ ଜରିଆରେ କହିଛନ୍ତି। ଶନିବାର ତାଙ୍କ ଦଳ ଆୱାମୀ ଲିଗ୍ ପକ୍ଷରୁ ଫେସ୍‌ବୁକରେ ଜାରି କ୍ଲିପ୍‌ରେ ହାସିନା କହିଛନ୍ତି, ଅଗଷ୍ଟ ୫ରେ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେବାରୁ ସେ ବାଂଲାଦେଶରୁ ପଳାୟନ କରିବାକୁ ବାଧ ହୋଇଥିଲେ। ଭାରତ ଆସିବାର ଅଳ୍ପ କିଛି ସମୟ ପୂର୍ବରୁ ତାଙ୍କୁ ଓ ତାଙ୍କ ଭଉଣୀଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ଯଦି ସେ ଆଉ ୨୦ରୁ ୨୫ ମିନିଟ ବାଂଲାଦେଶରେ ରହିଥାନ୍ତେ ତେବେ ଭଉଣୀଙ୍କ ସହ ତାଙ୍କୁ ହତ୍ୟା କରାଯାଇଥାନ୍ତା ବୋଲି ହାସିନା କହିଛନ୍ତି।

## ଆଇପିଏସ୍‌ଙ୍କ ସମ୍ପୃକ୍ତି ଅଭିଯୋଗର ତଦନ୍ତ ଦାବି

କୋଲକାତା,୧୮।୧

**ଆର୍.ଜି. କର ମାମଲା**




କୋଲକାତାର ବହୁଚର୍ଚ୍ଚିତ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ମହିଳା ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ପୋଲିସ ସ୍ୱେଚ୍ଛାସେବୀ ସଞ୍ଜୟ ରାୟ ଶନିବାର ଦୋଷୀ ସାବ୍ୟସ୍ତ ହେବା ପରେ ଦେଇଥିବା ଚାଞ୍ଚଲ୍ୟକର ବୟାନକୁ ନେଇ ରାଜନୀତି ଜୋର୍ ଧରିଛି। ସେ ନିର୍ଦ୍ଦୋଷ ଏବଂ ତାଙ୍କୁ ଭୁଲ୍‌ରେ ଫସାଇଦିଆଯାଇଥିବା ସଞ୍ଜୟ କହିଛନ୍ତି। ଅପରାଧ ସହ ଜଣେ ଆଇପିଏସ୍ ଅଫିସର ସମ୍ପୃକ୍ତ ଥିବା ସଞ୍ଜୟ କହିଥିବାରୁ ଘଟଣା ପଛରେ ବୃହତ୍ତର ଷଡ଼ଯନ୍ତ୍ର ଥିବା ଅଭିଯୋଗ ପୁଣି ଥରେ ମୁଣ୍ଡ ଟେକିଛି। ଭାଜପାର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ କୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ ମୃତା ଡାକ୍ତରଙ୍କ ମାଆବାପା ଓ ଜୁନିୟର ଡାକ୍ତରମାନେ ଆଣିଥିବା ବୃହତ୍ତର ଷଡ଼ଯନ୍ତ୍ର ଅଭିଯୋଗର ଅଧିକ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ଆର୍.ଜି. କର ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷ ଏବଂ କୋଲକାତାର ପୂର୍ବତନ ପୋଲିସ କମିଶନର ବିନୀତ ଗୋୟଲ ଦଣ୍ଡିତ ହୋଇଥିଲେ ଅଧିକ ଖୁସି ହୋଇଥାନ୍ତୁ ବୋଲି ଶୁଭେନ୍ଦୁ କହିଛନ୍ତି। ସେହିପରି ରାୟକୁ ନେଇ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସନ୍ଦେହ ପ୍ରକାଶ କରିଛନ୍ତି। ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣା ସହ ଅଧିକ ଅପରାଧୀ ସମ୍ପୃକ୍ତ। ପ୍ରମାଣ ନଷ୍ଟ କରାଯାଇଥିବା ନେଇ ଅନେକେ ଅଭିଯୋଗ ଉଠାଇଥିବାରୁ ଏହା ଚିନ୍ତାଜନକ ବୋଲି ମନ୍ତ୍ରୀ କହିଛନ୍ତି। ଜୁନିୟର ଡାକ୍ତର ଅନିକେତ ମାହାତୋ ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅପରାଧ ପଛରେ ଥିବା ଗଭୀର ଷଡ଼ଯନ୍ତ୍ରକୁ ନେଇ ସିପିଆଇ(ଏମ୍) ନେତ୍ରୀ ବ୍ରିନ୍ଦା କରାଟ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଚେନ୍ନାଇ ବେଳାଭୂମିରେ ୫୦୦ ଅଲିଭ୍ ରିଡ୍‌ଲେ ମୃତ

ଚେନ୍ନାଇ,୧୮।୧



ଗତ ଦୁଇ ସପ୍ତାହ ମଧ୍ୟରେ ଚେନ୍ନାଇ ଉପକୂଳରେ ୫୦୦ରୁ ଅଧିକ ମୃତ ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ଦେଖିବାକୁ ମିଳିଛି। ଏପରି ଘଟଣା ଗତ ୨ ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ନ ଥିଲା। ପ୍ରତିବର୍ଷ ଚେନ୍ନାଇ ଉପକୂଳରେ ପ୍ରାୟ ୧୦୦ରୁ ୨୦୦ ବୟସ୍କ କଇଁଛଙ୍କର ମୃତ୍ୟୁ ଘଟିଥାଏ। ଚେନ୍ନାଇ ଉପକୂଳକୁ କମ୍ ସଂଖ୍ୟକ କଇଁଛ ପ୍ରଜନନ ପାଇଁ ଆସୁଥିବାରୁ ସ୍ଥାନୀୟ କଇଁଛ ସଂରକ୍ଷଣ କର୍ମୀ ଶ୍ରବଣ କ୍ରିଷ୍ଣନ ଚିନ୍ତିତ ଥିବା କହିଛନ୍ତି। ସମୁଦ୍ରକୂଳରେ କଇଁଛ ଅଣ୍ଡାକୁ ଯେପରି କ୍ଷତି ନ ପହଞ୍ଚିବ, ସେଥିପାଇଁ ସଂରକ୍ଷଣ କର୍ମୀମାନେ କାର୍ଯ୍ୟ କରୁଛନ୍ତି। ୧୫ ଦିନ ମଧ୍ୟରେ ସେମାନେ କେବଳ ୪ଟି କଇଁଛ ବସା ଖୋଜି ପାଇଛନ୍ତି, ଯାହା ଚିନ୍ତାଜନକ।

ପରିବେଶବିତ୍ ତଥା ଜଙ୍ଗଲ ବିଭାଗର ଅଧିକାରୀମାନେ ଗତ କିଛିଦିନ ହେବ ଚେନ୍ନାଇ ଉପକୂଳରେ ପ୍ରତିଦିନ ଅତି କମ୍‌ରେ ୧୫ରୁ ୨୦ କଇଁଛ ମୃତ ଅବସ୍ଥାରେ ପାଉଛନ୍ତି। ବେଳେବେଳେ ଏହି ସଂଖ୍ୟା ଆହୁରି ଅଧିକ ହୋଇଥାଏ। ମତ୍ସ୍ୟଜୀବୀ ବ୍ୟବହାର କରୁଥିବା ଜାଲ ଯୋଗୁ କଇଁଛଙ୍କ ମୃତ୍ୟୁ ହେଉଥିବା ଆଶଙ୍କା କରାଯାଉଛି। ଚେନ୍ନାଇର ବନ୍ୟପ୍ରାଣୀ ୱାର୍ଡେନ ମନୀଷ ମୀନା କହିଛନ୍ତି, ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ସଚେତନତା ପ୍ରୟାସ କରାଯାଉଛି। ଜାଲରେ ଫସିଥିବା କଇଁଛଗୁଡ଼ିକୁ ମୁକ୍ତ କରିବାକୁ ମତ୍ସ୍ୟଜୀବୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମାଛଧରା ଉପରେ ନଜର ରଖିବାକୁ ତଟରକ୍ଷୀ ବାହିନୀକୁ କୁହାଯାଇଛି। ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ଅସୁରକ୍ଷିତ ପ୍ରଜାତି ବିବେଚନା କରାଯାଉଛି। ସେମାନେ ସାମୁଦ୍ରିକ ପ୍ରଦୂଷଣର ଶିକାର ହେବା ସହ ଅନେକ ସମୟରେ ମତ୍ସ୍ୟଜୀବୀଙ୍କ ଜାଲରେ ଫସିଯାଆନ୍ତି।

## ‘ଦେଶ ସୁରକ୍ଷାରେ ଏନ୍‌ଡିଆର୍‌ଏଫ୍ ଟିମ୍‌ର ଅବଦାନ ଅତୁଳନୀୟ’

**ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ପ୍ରତିଷ୍ଠା ଦିବସ**



ପ୍ରତିବର୍ଷ ଜାନୁଆରୀ ୧୯ରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ପ୍ରତିଷ୍ଠା ଦିବସ ପାଳନ କରାଯାଏ। ୨୦୦୬ରେ ଏହି ବାହିନୀ ଗଠନ ହେବା ପରଠାରୁ କର୍ମଚାରୀମାନେ ଦେଶରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) ପାଇଁ ବିପର୍ଯ୍ୟୟ ପରିଚାଳନା ଏବଂ ସାମୁଦାୟିକ ସଚେତନତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୨ଟି ବାଟାଲିୟନ ଅଛି ଯେଉଁଥିରେ ବିଶେଷଜ୍ଞ, ବହୁ-କୁଶଳୀ କର୍ମଚାରୀ ଅଛନ୍ତି। ଏହି ବାଟାଲିୟନଗୁଡ଼ିକ ୧୬ଟି ଭିନ୍ନ ସ୍ଥାନରେ ଅବସ୍ଥିତ। ବିପର୍ଯ୍ୟୟ ସ୍ଥାନରେ ସେମାନଙ୍କର ନିୟୋଜିତ ପାଇଁ ପ୍ରଶମନ ସମୟ ହ୍ରାସ କରିବା ପାଇଁ ଏହା କରାଯାଏ।

ଭାରତ ୧୯୯୦ରୁ ୨୦୦୪ ପର୍ଯ୍ୟନ୍ତ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳସ୍ୱରୂପ ବିପର୍ଯ୍ୟୟ ପରିଚାଳନା ଆଇନ ୨୬ ଡିସେମ୍ବର ୨୦୦୫ରେ କାର୍ଯ୍ୟକାରୀ ହେଲା। ଏହି ଆଇନ ଅନୁଯାୟୀ, ବିପର୍ଯ୍ୟୟ ପରିଚାଳନା ପାଇଁ ଯୋଜନା, ନୀତି ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଗଠନ କରାଯାଇଥିଲା। ଏହି ବାହିନୀ ୧୯ ଜାନୁଆରୀ ୨୦୦୬ରେ ଦେଶରେ ପ୍ରତିଷ୍ଠିତ ହୋଇଥିଲା। ଯାହାର ମୂଳମନ୍ତ୍ର ହେଉଛି ‘ସର୍ବଦା ସବୁଠାରେ ବିପର୍ଯ୍ୟୟ ସେବା’। ଏହାର ଅର୍ଥ ହେଉଛି ସମସ୍ତ ପରିସ୍ଥିତିରେ ନିରନ୍ତର ବିପର୍ଯ୍ୟୟ ପ୍ରଶମନ ସେବା। ପ୍ରତିଷ୍ଠା ହେବା ଦିନଠାରୁ ପ୍ରତିବର୍ଷ ଦେଶ ଏନ୍‌ଡିଆର୍ ପ୍ରତିଷ୍ଠା ଦିବସ ପାଳନ କରିଆସୁଛି।

ଏନ୍‌ଡିଆର୍‌ଏଫ ପ୍ରତିଷ୍ଠା ଦିବସ ପାଳନର ମହତ୍ତ୍ୱ ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା ଦିବସ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବାକୁ ସ୍ମରଣ କରେ। ବିପର୍ଯ୍ୟୟ ପରିଚାଳନା ସମୟରେ ଦେଶର ସୁରକ୍ଷା ପ୍ରତି ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ସେନାକୁ କୃତଜ୍ଞତା ଜଣାଇବାର ଏହା ଏକ ଦିନ। ଏହି ଦିବସଟି ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ସେବା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ମଧ୍ୟ ପାଳନ କରାଯାଏ। ଦେଶର ନାଗରିକମାନଙ୍କୁ ଅବଗତ କରାଯାଇଛି ଯେ, କିପରି ବିପର୍ଯ୍ୟୟ ପରିଚାଳନା ବାହିନୀ ଅଗଣିତ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି ଯେତେବେଳେ ଅନ୍ୟ କୌଣସି ସୁରକ୍ଷା ବଳ ସେମାନଙ୍କ ପାଖରେ ପହଞ୍ଚି ପାରି ନ ଥିଲା।

## ଫୁରସତ୍

### ହୁଇଲ ଚେୟାରରେ ୧୪ ଦେଶ ଭ୍ରମଣ

ଗୟା

ବିହାରର ଗୟା ନିବାସୀ ଭିନ୍ନକ୍ଷମ ହାସନ ଇମାମ ହୁଇଲ ଚେୟାରରେ ଯାତାୟାତ କରନ୍ତି। ସେ ବିନା ସହଯୋଗରେ ୨ ବର୍ଷ ମଧ୍ୟରେ ୧୪ ଦେଶ ଯାତ୍ରା କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ଦେଶ ଓ ସଂସ୍କୃତିର ଲୋକଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଶାରୀରିକ ଅକ୍ଷମତା କୌଣସି ବ୍ୟକ୍ତି ଦେଖିଥିବା ସ୍ୱପ୍ନକୁ ଅଟକାଇ ପାରେ ନାହିଁ। ବିଶ୍ୱବ୍ୟାପୀ ଲୋକଙ୍କୁ ଏହି ସନ୍ଦେଶ ପ୍ରଦାନ କରିବାକୁ ସେ ୧୪ ଦେଶ ଭ୍ରମଣ କରିଥିବା କହିଛନ୍ତି। ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପଢ଼ା ଶେଷ କରିଥିବା ଇମାମ ଏହି ଯାତ୍ରାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର୍ ମାନି ନ ଥିଲେ। ହୁଇଲ ଚେୟାରରେ ୧୪ ଦେଶ ଭ୍ରମଣ କରିଥିବାରୁ ତାଙ୍କୁ ନୂତନ ପରିଚୟ ମିଳିଥିବା ଇମାମ କହିଛନ୍ତି।

### ପୋଲିସ ହେବେ ଶାହିଦ୍



ଶାହିଦ କପୁର

ମୁମ୍ବାଇ

ମୁମ୍ବାଇରେ ଅନୁଷ୍ଠିତ ଏକ ଗ୍ରାଣ୍ଡ ଇଭେଣ୍ଟରେ ‘ଦେବା’ ଫିଲ୍ମର ଟ୍ରେଲରକୁ ରିଲିଜ୍ କରାଯାଇଛି। ଏହି ଫିଲ୍ମ ସହ ଅଭିନେତା ଶାହିଦ କପୁର ପୁଣିଥରେ ତାଙ୍କ ଆକ୍ସନ୍-ଥ୍ରୀଲର ମୋଡ୍‌କୁ ଫେରୁଥିବାର ନଜରକୁ ଆସିବେ। ଫିଲ୍ମରେ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଶାହିଦଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଛି।

‘ଦେବା’ର ଟ୍ରେଲରରେ ଶାହିଦଙ୍କୁ କ୍ରୋଧିତ ଅବତାରରେ ଦେଖିବାକୁ ମିଳିଛି। ତାଙ୍କ ଚରିତ୍ରର କେବଳ ଗୋଟିଏ ଲକ୍ଷ୍ୟ ରହିଛି, ତାହା ହେଉଛି ସ୍ୱାଧୀନତା। ପିଲାଦିନେ ଶାହିଦଙ୍କ ଭାଇଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏଥିପାଇଁ ଶାହିଦ ଦେଶର ସିଷ୍ଟମକୁ ଦୋଷ ଦେଇଛନ୍ତି। ପୋଲିସ ଅଧିକାରୀ ହେବା ପରେ ମଧ୍ୟ ଶାହିଦ ସିଷ୍ଟମ ବାହାରକୁ ଯାଇ ଅପରାଧୀ ତଥା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖିବାକୁ ମିଳିଛି। ଟ୍ରେଲରର ଏକ ଦୃଶ୍ୟରେ ଶାହିଦଙ୍କ ସିନିୟର, ସେ ପୋଲିସ କି ମାଫିଆ ବୋଲି ଶାହିଦଙ୍କୁ ପଚାରିଛନ୍ତି। ଉତ୍ତରରେ ଶାହିଦ କହିଛନ୍ତି, ସେ ଜଣେ ମାଫିଆ। ତେବେ ଉତ୍କୃଷ୍ଟ ସଂଳାପ ଓ ଆକ୍ସନ୍ ଦୃଶ୍ୟ ଯୋଗୁ ଅନେକ ଚଳଚ୍ଚିତ୍ରପ୍ରେମୀ ଏହି ଟ୍ରେଲରକୁ ପସନ୍ଦ କରିଛନ୍ତି। ପ୍ରକାଶ ଯେ, ରୋଶନ ଆଣ୍ଡ୍ରୁଜ୍‌ଙ୍କ ନିର୍ଦ୍ଦେଶିତ ‘ଦେବା’ ଆସନ୍ତା ୩୧ରେ ମୁକ୍ତିଲାଭ କରିବ। ଫିଲ୍ମରେ ଶାହିଦଙ୍କ ବିପକ୍ଷରେ ଅଭିନେତ୍ରୀ ପୂଜା ହେଗ୍‌ଡ଼େ ନଜରକୁ ଆସିବେ।

# ୮ ବର୍ଷ ଧରି ଏନ୍‌ଆଇବି ନାଁରେ ଠକେଇ, ୨ ଗିରଫ

## ଗୋଇନ୍ଦା ବିଭାଗରେ ଚାକିରି ଦେବାକୁ କହି ଲୁଟିଛନ୍ତି ୨ କୋଟିରୁ ଊର୍ଦ୍ଧ୍ୱ

**ବଲାଙ୍ଗୀର, ୧୮।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ନ୍ୟାଶନାଲ ଇଣ୍ଟେଲିଜେନ୍ସ ବ୍ୟୁରୋ (ଏନ୍‌ଆଇବି) ନାଁରେ ଜାଲ୍ ଗୋଇନ୍ଦା ବିଭାଗ ଖୋଲି ବଲାଙ୍ଗୀର ସମେତ ଆନ୍ତଃ ରାଜ୍ୟ ସ୍ତରରେ ସକ୍ରିୟ ଥିବା ଏକ ବଡ଼ଧରଣର ସାଇବର ଠକ ଦଳର ପର୍ଦ୍ଦାଫାଶ ଜିଲା ପୋଲିସ କରିଛି। ଏହି ମାମଲାରେ ପୋଲିସ ରାଜ୍ୟ ବାହାରୁ ମୁଖ୍ୟ ଅଭିଯୁକ୍ତ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳାପୁରର ମାତୃ ପ୍ରସାଦ ସେଠୀ ଓରଫ୍ ସିଆର ନନ୍ଦ (୫୪) ଓ ସହ ଅଭିଯୁକ୍ତ କୋଲକାତା ରବୀନ୍ଦ୍ରନଗର ଥାନା ନିବାସୀ ଗୋପାଳ କୁମାର ସ (୩୫)ଙ୍କୁ ଗିରଫ କରିଛି। ବଲାଙ୍ଗୀର ପୋଲିସ ଏକାଧିକ ସ୍ଥାନରେ ଚଢ଼ାଉ କରି ୨୫ଟି କମ୍ପ୍ୟୁଟର ସିଷ୍ଟମ, ପ୍ରିଣ୍ଟର ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ନଗଦ ୨ ଲକ୍ଷ ୭ ହଜାର ଟଙ୍କା, ୧୨ଟି ମୋବାଇଲ ଫୋନ, ୮ଟି ସିମ୍‌କାର୍ଡ, ୨୪ଟି ବ୍ୟାଙ୍କ ପାସ୍‌ବୁକ୍ ଓ ଏଟିଏମ୍ କାର୍ଡ, ୧୫ଟି ଜାଲ୍ ଆଇଡି କାର୍ଡ, ପୋଲିସ ଗାଡ଼ିରେ ବ୍ୟବହୃତ ହେଉଥିବା ଏକ ହଳଦିଆ ବତି, ୪ଟି ଭଡ଼ା କାରକୁ ପୋଲିସ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଶନିବାର ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ଏହି ଆନ୍ତଃ ରାଜ୍ୟ ସାଇବର ଠକ ଦଳ ସମ୍ପର୍କରେ ସୂଚନା ଦେଇଛନ୍ତି।

ବଲାଙ୍ଗୀର ସହରରେ ନ୍ୟାଶନାଲ ଇଣ୍ଟେଲିଜେନ୍ସ ବ୍ୟୁରୋ (ଏନ୍‌ଆଇବି) ନାଁରେ ଏକ ଜାଲ୍ ଗୋଇନ୍ଦା ବିଭାଗ ଖୋଲି ବେକାର ଯୁବତୀଯୁବକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଟଙ୍କା ଠକେଇ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ପରେ ବଲାଙ୍ଗୀର ସାଇବର ଥାନାରେ ଏକ ମାମଲା (୧/୨୫) ରୁଜୁ କରାଯାଇଥିଲା। ବଲାଙ୍ଗୀର ଏସ୍‌ପି ଖିଲାରି ଆଡିସିନାଲ ଏସ୍‌ପି ହିମାଂଶୁ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ ୨୦୧୬ରୁ ନ୍ୟାଶନାଲ ଇଣ୍ଟେଲିଜେନ୍ସ ବ୍ୟୁରୋ ନାଁରେ ୱେବ୍‌ସାଇଟ୍ ଖୋଲି ଓଡ଼ିଶା, ତେଲଙ୍ଗାନା, ମହାରାଷ୍ଟ୍ର ସମେତ ଅନ୍ୟ ରାଜ୍ୟରେ ସକ୍ରିୟ ରହିଥିବା ଏହି ସାଇବର ଠକ ଗ୍ୟାଙ୍ଗ୍ କିଛିବର୍ଷ ତଳେ ବଲାଙ୍ଗୀର ସହରର ଗୋକୁଳ ଧାମରେ ଏକ ହାଇଫାଇ ଅଫିସ ଖୋଲିଥିଲେ। ଏହି ଅଫିସରୁ ବିଭିନ୍ନ ଚାକିରି ଆଶାୟୀ ଯୁବତୀ, ଯୁବକଙ୍କୁ ଚାକିରି ଦେବା ନାଁରେ ଟାର୍ଗେଟ କରୁଥିଲେ। ସେମାନଙ୍କୁ ଏନ୍‌ଆଇବିରେ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଅସୁଲ କରୁଥିଲେ। ୱେବ୍‌ସାଇଟ୍‌ରେ ଉପଲବ୍ଧ ବିଭିନ୍ନ ରାଜ୍ୟର ଏନ୍‌ଆଇବି ତଥ୍ୟ ଦେଖାଇ ଆଶାୟୀଙ୍କୁ ଏହା ଏକ ଠିକ୍ ସଂସ୍ଥା ବୋଲି ବିଶ୍ୱାସ ଜନ୍ମାଉ ଥିଲେ। ଏପରି କି କେତେଜଣ ଯୁବତୀଯୁବକଙ୍କୁ ଏନ୍‌ଆଇବିର ବିଭିନ୍ନ ବିଭାଗ ଅଧିକାରୀ ଭାବେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ଯେଉଁମାନଙ୍କୁ ନିଯୁକ୍ତିପତ୍ର ଦେଇଥିଲେ ସେମାନଙ୍କୁ ଜାଲ ଆଇଡି କାର୍ଡ ମଧ୍ୟ ପ୍ରଦାନ କରିଥିଲେ। କଲିକତାରୁ ସମସ୍ତ ଆଇଡି କାର୍ଡ ତିଆରି କରୁଥିଲେ। ଏହାସହିତ ଏଫ୍‌ସିଆରଏ ଆକାଉଣ୍ଟ (ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ) ଖୋଲା ଯାଇଥିବା କଥା କହି ଏହି ଦୁଇ ଠକ ବିଭିନ୍ନ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। ଆକାଂକ୍ଷା ଟ୍ରଷ୍ଟ, ସ୍ୱାଧୀନ ସଂକଳ୍ପ, ଅତୁଲ୍ୟ ଫାଉଣ୍ଡେଶନ, କୁବେର ମେମୋରିଆଲ୍ ଟ୍ରଷ୍ଟ, କଲ୍ୟାଣୀ ଫାଉଣ୍ଡେଶନ, ମାତୃମୟୀ ଫାଉଣ୍ଡେଶନ୍, ଓବାସା ଏବଂ ନ୍ୟାଶନାଲ ଇଣ୍ଟେଲିଜେନ୍ସ ବ୍ୟୁରୋ ନାଁରେ ସାଇନ୍‌ବୋର୍ଡ ଲଗାଇ ବିଭିନ୍ନ ସ୍ଥାନରେ ଅଫିସ ମଧ୍ୟ ଖୋଲିଥିଲେ। ବଲାଙ୍ଗୀରର ଗୋକୁଳ ଧାମ୍, ଖଲିଆପାଲି ଓ ରାଜେନ୍ଦ୍ରପଡ଼ାଠାରେ ବିଭିନ୍ନ ଟ୍ରଷ୍ଟ ଓ ଏନ୍‌ଆଇବି ସାଇନବୋର୍ଡ ଲଗାଇ ଅଫିସ ଖୋଲିଥିଲେ। ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ବିଭିନ୍ନ ସାମଗ୍ରୀ, ସାଇନ୍‌ବୋର୍ଡ ଓ କମ୍ପ୍ୟୁଟର ସାମଗ୍ରୀ ସହ ଆନୁଷଙ୍ଗିକ ସାମଗ୍ରୀ ଜବତ କରିଛି। ଏହା ସହିତ ବିଭିନ୍ନ ଜିଲାର ଯୁବତୀ ଯୁବକଙ୍କ ଜାଲ୍ ଗୋଇନ୍ଦା ଅଫିସରଙ୍କ ଆଇଡି କାର୍ଡ, ଆଫିଡାଭିଟ୍ ଓ ନିଯୁକ୍ତିପତ୍ରକୁ ପୋଲିସ ଜବତ କରିଛି। ବଲାଙ୍ଗୀର ସମେତ ସୋନପୁର ଜିଲାରେ ମଧ୍ୟ ଏନ୍‌ଆଇବିର ଏକ ଜାଲ୍ ଅଫିସ ଖୋଲିଥିବା ଏସ୍‌ପି ଖିଲାରି ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଆଡିଶନାଲ ଏସ୍‌ପି ବେହେରା, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ସାଇବର ଥାନାଧିକାରୀ ଭାରତୀ ନାଏକ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ଲକ୍ଷ୍ମୀପୋର ଥାନାଧିକାରୀ ଅନିତା ପ୍ରଧାନ, ସାଇବର ଥାନା ଇନ୍ସପେକ୍ଟର ଦେବାଶିଷ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଅଭିଯୁକ୍ତ ମାତୃ ପ୍ରସାଦ ସେଠୀ ଓ ଗୋପାଳ କୁମାର ସ।

## ନ୍ୟାୟ ନ ପାଇ ଥାନାରେ ଫିନାଇଲ୍ ପିଇ ଗୁଜରାଟୀ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଦ୍ରକ,୧୮।୧(ସନାତନ ରାଉତ)**

ବିବାହ ପରେ ସ୍ୱାମୀଙ୍କ ପ୍ରତାରଣାର ଶିକାର ହେଲେ। ବ୍ୟବସାୟ କରିବାର ଆଳ ଦେଖାଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ସ୍ୱାମୀ ଫେରାର ହୋଇଗଲେ। ଏନେଇ ଗୁଜରାଟରୁ ଭଦ୍ରକ ଆସି ବାରମ୍ବାର ବନ୍ତ ଥାନାରେ ଅଭିଯୋଗ କଲେ। ଏପରି କି ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦେଖାକରି ନ୍ୟାୟ ଭିକ୍ଷା କଲେ। ହେଲେ କେଉଁଠାରୁ ନ୍ୟାୟ ପାଇଲେ ନାହିଁ। ମହିଳା ଜଣକ ଶନିବାର ଅପରାହ୍ଣରେ ବନ୍ତ ଥାନାରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମହିଳା ଜଣକ ହେଲେ ଗୁଜରାଟ ଅହମଦାବାଦର ହୀରାଲ ହସମୁଖ୍‌ଲାଲ ମୋଦି। ପୋଲିସ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

ହୀରାଲ ଦର୍ଶାଇଛନ୍ତି ଯେ, ବନ୍ତ ଥାନା ଅଧୀନ ନରସିଂହପୁର ଗ୍ରାମର ମନୋଜ ନାୟକ ଅହମଦାବାଦରେ ରହିବା ବେଳେ ତାଙ୍କ ସମ୍ପର୍କରେ ଆସିଥିଲେ। ମନୋଜଙ୍କ ଗାଁରେ ଆଳୁ, ପିଆଜର ବଡ଼ ବ୍ୟବସାୟ ଚାଲିଥିବା ବେଳେ ୩୫ ଏକର ଜମି, ଦାମୀ କାର୍ ଥିବା ପ୍ରଲୋଭନ ଦେଖାଇ ତାଙ୍କୁ ପ୍ରେମଜାଲରେ ଫସାଇ ୨୦୧୯ ଡିସେମ୍ବର ୯ରେ ବିବାହ କରିଥିଲେ। ପରେ ବ୍ୟବସାୟ କରିବା ପାଇଁ ଅଧିକ ଟଙ୍କା ଆବଶ୍ୟକ ଦର୍ଶାଇ ତାଙ୍କ ପରିବାରଠାରୁ ବିଭିନ୍ନ କିସ୍ତିରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ବିବାହର ବର୍ଷେ ପରେ ମନୋଜ ତାଙ୍କୁ ଗାଁକୁ ଆଣିଥିବା ବେଳେ ସେ ସବୁ ସତ ଜାଣିପାରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସ୍ୱାମୀ ପ୍ରତାରଣା କରିବାରୁ ସେ ଅହମଦାବାଦରୁ ଆସି ୨୦୨୪ ନଭେମ୍ବର ୯ରେ ବନ୍ତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୭୬/୨୪) ରୁଜୁ ହୋଇଥିଲା। ମନୋଜ ଫେରାର ଥିବାବେଳେ ପୋଲିସ ତାଙ୍କୁ ଗିରଫ କରୁ ନ ଥିବାରୁ ହୀରାଲ ନ୍ୟାୟ ପାଇଁ ବାରମ୍ବାର ଅହମଦାବାଦରୁ ଭଦ୍ରକକୁ ଆସି ବନ୍ତ ଥାନା ଓ ଏସ୍‌ପିଙ୍କୁ ଦେଖା କରି ମଧ୍ୟ ନିରାଶ ହୋଇଛନ୍ତି। ୩ ବର୍ଷର ପୁଅ ଓ ଭାଇଙ୍କୁ ସାଙ୍ଗରେ ଧରି ସେ ବାରମ୍ବାର ନ୍ୟାୟ ପାଇଁ ଦୌଡୁଥିବା ବେଳେ ଶନିବାର ଏଥିରେ ମର୍ମାହତ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଥାନା ଭିତରେ ଫିନାଇଲ ପିଇବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ଅଳ୍ପ କିଛି ଫିନାଇଲ ମହିଳାଙ୍କ ପାଟିରେ ପଡ଼ିଥିବା ପୋଲିସ କହିଛି।

## ନାବାଳକଙ୍କ ସମେତ ୪ ଅପହରଣକାରୀ ଧରାପଡ଼ିଲେ

### ଗାଡ଼ିସାଇଡ ମରାକୁ ନେଇ ପୁରୁଷବନ୍ଧୁଙ୍କୁ ଆକ୍ରମଣ ପରେ ଯୁବତୀଙ୍କୁ ଅପହରଣ ଘଟଣା

**ଭୁବନେଶ୍ୱର,୧୮।୧(ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାର ଅଞ୍ଚଳରୁ ପୁରୁଷ ବନ୍ଧୁ ଆକାଶ ସିଂଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ ଘଟଣାର ୨୬ ଦିନ ପରେ ପୋଲିସ ଜଣେ ନାବାଳକଙ୍କୁ ଧରିବା ସହ ଅନ୍ୟ ୩ଜଣଙ୍କୁ ଗିରଫ କରିଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ଭୁବନେଶ୍ୱରରେ ରହୁଥିବା ରାୟପୁରର ଚନ୍ଦନ ମଲ୍ଲିକ, ଢେଙ୍କାନାଳର ପ୍ରଣବ ନାୟକ ଓରଫ ପ୍ରୀତିଶ, ନୟାଗଡ଼ର ରାହୁଲ ନାୟକ ଓରଫ ଟୁକୁ। ଅନ୍ୟଜଣେ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ସେମାନଙ୍କଠାରୁ କାର୍, ଦୁଇଟି ଖଣ୍ଡା, ୫ଟି ମୋବାଇଲ ଜବତ ହୋଇଛି। ଘଟଣା ପୂର୍ବରୁ ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ଗାଡ଼ି ସାଇଡ୍ ମରାକୁ ନେଇ ଯୁକ୍ତିତର୍କ ହେବାରୁ ଅଭିଯୁକ୍ତମାନେ ଏହି କାଣ୍ଡ ଭିଆଇଥିଲେ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଅଭିଯୁକ୍ତ ପ୍ରଣବଙ୍କ ନାମରେ ଚୋରି, ଡକାୟତି ଭଳି ୭ ଆପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବାବେଳେ ଚନ୍ଦନଙ୍କ ନାମରେ ୫ଟି ଓ ରାହୁଲଙ୍କ ନାମରେ ୨ ଟି ମାମଲା ରହିଥିବା ଜଣାପଡିଛି। ଅପରପକ୍ଷେ ଯୁବତୀଙ୍କ ଘର ପାଖରେ ପ୍ରଣବଙ୍କ ଘର ହୋଇଥିବାରୁ ସେ କିଛି ଉଦ୍ଦେଶ୍ୟ ରଖି ଏଭଳି କରିଥିବା ପୋଲିସ ଅନୁମାନ କରିଛି।

ସୂଚନାନୁସାରେ ଚନ୍ଦ୍ରଶେଖରପୁର ଗତ ଡିସେମ୍ବର ୨୨ତାରିଖ ବିଳମ୍ବିତ ରାତିରେ ହାଉସିଂ ବୋର୍ଡ କଲୋନିର ଆକାଶ ସିଂ ଓ ଅପହୃତ ଯୁବତୀ ନିଜ ନିଜ ମୋଟରସାଇକେଲରେ ଉତ୍କଳ ହସ୍ପିଟାଲ ରାସ୍ତାରେ ଯାଉଥିବା ସମୟରେ ଲୁମ୍ବିନୀ ବିହାର ପାଖରେ ଆକାଶଙ୍କ ଗାଡ଼ିରୁ ତେଲ ସରିଯାଇଥିଲା। ଟାଙ୍କିରୁ ତେଲ ଆଣି ଗାଡ଼ିରେ ପକାଇବା ସମୟରେ ହଠାତ୍ ଏକ କାରରୁ ୪ଯୁବକ ମାରଣାସ୍ତ୍ର ଧରି ଓହ୍ଲାଇବା ସହ ଆକାଶଙ୍କୁ କଟୁରିରେ ଆକ୍ରମଣ କରି ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ପରେ ଖଣ୍ଡଗିରି-ପାତ୍ରପଡ଼ା ରାସ୍ତାରେ ତାଙ୍କ ମୋବାଇଲ ନେବା ପରେ ଛାଡ଼ି ଦେଇ ପଳାଇଥିଲେ।

## ହଂସିତାଙ୍କ ଅନ୍ତରୀଣ ଜାମିନ ଖାରଜ

**ଭୁବନେଶ୍ୱର,୧୮।୧(ସୂର୍ଯ୍ୟକାନ୍ତ ବେହେରା)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ହଂସିତା ଅଭୀଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ ହୋଇଯାଇଛି। ସ୍ୱାମୀ ସରୋଜ ସାହୁଙ୍କ ଶରୀର ଅସୁସ୍ଥ ଥିବାରୁ ତାଙ୍କ ଚିକିତ୍ସା ସେବା ଲାଗି ଜାମିନ ପ୍ରଦାନ କରିବାକୁ ହଂସିତା କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ଏଡିଜେ -୨ କୋର୍ଟରେ ଶନିବାର ହୋଇଥିଲା। ତେବେ ହଂସିତାଙ୍କ ଓକିଲ ଅନ୍ତରୀଣ ଜାମିନ ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ସହ ନିୟମିତ(ରେଗୁଲାର) ଜାମିନ ପାଇଁ ଚାହୁଁଥିବାରୁ କୋର୍ଟ ତାଙ୍କର ଅନ୍ତରୀଣ ଜାମିନକୁ ଖାରଜ କରିଦେଇଛନ୍ତି। ଏପଟେ ପୋଲିସ ମଧ୍ୟ ହଂସିତାଙ୍କ ଉପରେ ଅଧିକ ତଥ୍ୟ ଯୋଗାଡ଼ ପାଇଁ ସମୟ ମାଗିବାରୁ କୋର୍ଟ ଏହାକୁ ପୁଣି ଥରେ ଆସନ୍ତା ୨୧କୁ ଘୁଞ୍ଚାଇ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାରେ ଅଭିଯୁକ୍ତଦ୍ୱୟ(ହଂସିତା ଏବଂ ଅନିଲ ମହାନ୍ତି)ଙ୍କ ଏକ କମ୍ପାନୀ ଇଏସ୍ଏଲ ଷ୍ଟିଲ୍ ଲିମିଟେଡ କମ୍ପାନୀ ସହ ୨୮୩ କୋଟି ଟଙ୍କାର ଏକ ଏମ୍‌ଓୟୁ ହୋଇଥିବାର ପ୍ରମାଣ ପୋଲିସ ହାତରେ ଲାଗିଥିବା ସୂଚନା ମିଳିଛି। ସେହିପରି ହଂସିତା ନାଁ ବଦଳାଇ ପାସପୋର୍ଟ ଜାଲିଆତି କରିଥିବା ନେଇ ଇନ୍‌ଫୋସିଟି ଥାନାରେ ଆଉ ଏକ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ବିଭିନ୍ନ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନାରେ ମାମଲା ରୁଜୁ କରି କମିଶନରେଟ ପୋଲିସ ହଂସିତା ଏବଂ ଅନିଲଙ୍କୁ ଗିରଫ କରିଥିଲା। ଗିରଫ ପରେ ଉଭୟଙ୍କ ଅନେକ କୋଟିର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା ପୋଲିସ ଓ ଆୟକର ବିଭାଗ। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିଶନରେଟ ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ନେବା ସହ ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ ଚଳାଇଛି।



## ପୂର୍ବତନ ବ୍ୟାଙ୍କ ମ୍ୟାନେଜର, ସୁପରଭାଇଜର ଗିରଫ

### ଗ୍ରାହକଙ୍କ ନାଁରେ ୧.୪୬ କୋଟିର ଋଣ ହଡ଼ପ

**ବ୍ରହ୍ମପୁର,୧୮।୧(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବିସିସି ବ୍ୟାଙ୍କର ବିଜିପୁର ଶାଖାରୁ ୧ କୋଟି ୪୬ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜିପୁର ଶାଖାର ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଦେବାଶିଷ ପଟ୍ଟନାୟକ(୪୦) ଓ ସୁପରଭାଇଜର ତୃପ୍ତିରେଖା ମହାପାତ୍ର(୨୨)। ଏମାନଙ୍କ ସହ ବିଜିପୁର ଶାଖାର ପୂର୍ବତନ କ୍ୟାସିଅର ମିଶି ବହୁ ଗ୍ରାହକଙ୍କ ନାଁରେ ଋଣ କରିବା ପରେ ସେହି ଟଙ୍କାକୁ ହଡପ କରି ନେଇଯାଇଥିବା ଜଣାପଡିଛି ।

ସୂଚନାପ୍ରକାରେ, ବ୍ରହ୍ମପୁର କୋ-ଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ ଲିମିଟେଡ(ବିସିସି) ବିଜିପୁର ଶାଖାରେ ଉପରୋକ୍ତ ୩ ଅଭିଯୁକ୍ତ ସେମାନଙ୍କ କାର୍ଯ୍ୟକାଳରେ ବିଭିନ୍ନ ଗ୍ରାହକଙ୍କ ନାଁରେ ବିନା କାଗଜପତ୍ରରେ ଋଣ ମଞ୍ଜୁର କରିବା ସହ ବିନା ଭାଉଚରରେ ସେହି ଟଙ୍କା ଉଠାଇ ନେଇଥିଲେ। ଏ ନେଇ ଅଭିଯୋଗ ପରେ ବିସିସି ବ୍ୟାଙ୍କ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ବ୍ୟାଙ୍କର ଲକ୍ଷ ଲକ୍ଷ ଟଙ୍କା ଅନ୍ୟ ଗ୍ରାହକଙ୍କ ଖାତାକୁ ପଠାଇ ହଡପ କରାଯାଇଥିବା ଜଣାପଡିଥିଲା। ଉପରୋକ୍ତ ୩ ଅଭିଯୁକ୍ତ ମାଟ ୧ କୋଟି ୪୬ ଲକ୍ଷ ୪୬ ହଜାର ଟଙ୍କା ହେରଫେର କରିଥିବା ସାମ୍ନାକୁ ଆସିଥିଲା । ସେହିକ୍ରମରେ ବିସିସି ବ୍ୟାଙ୍କ ସିଓଇ ଭରତଚନ୍ଦ୍ର ସାହୁ ଶନିବାର ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଦେବାଶିଷ, ସୁପରଭାଇଜର ତୃପ୍ତିରେଖା ଓ କ୍ୟାସିୟର ଅଜିତ କୁମାର ସାହୁ ଓ ଦେବାଶିଷଙ୍କ ସ୍ତ୍ରୀ ମମତାଙ୍କ ନାମରେ ମାମଲା ରୁଜୁ କରିଥିଲା । ଶନିବାର ଦେବାଶିଷଙ୍କ ଓ ପୂର୍ବତନ ସୁପରଭାଇଜର ତଥା ମୟୂରଭଞ୍ଜ ଜିଲା କଟିପଡ଼ା ଥାନା ଅନ୍ତର୍ଗତ ଟୁନାକପୁର ଗ୍ରାମର ତୃପ୍ତିରେଖାଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ଉଭୟଙ୍କୁ ପୂର୍ବରୁ ବ୍ୟାଙ୍କ କର୍ତ୍ତୃପକ୍ଷ ନିଲମ୍ବନ କରିଥିଲେ। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି ।

## ବିମାନବନ୍ଦରରୁ ପୁଣି ୭କୋଟି ଟଙ୍କାର ମାରିଜୁଆନା ଜବତ

### କେରଳ ଯୁବକ ଗିରଫ, ୧୫ଦିନରେ ଧରାହେଲାଣି ୨୦କେଜିରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର,୧୮।୧(ସୂର୍ଯ୍ୟକାନ୍ତ ବେହେରା)**

କଷ୍ଟମ୍‌ସ ବିଭାଗ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ବ୍ୟାଙ୍କକରୁ ଓଡ଼ିଶା ଆସୁଥିବା ଜଣେ ଯୁବକଙ୍କ ନିକଟରୁ ହାଇଡ୍ରୋପୋନିକ ମାରିଜୁଆନା ବା ଗଞ୍ଜେଇ ଜବତ କରିଛି। ଯୁବକଙ୍କ ଘର କେରଳରେ ବୋଲି ଜଣାପଡ଼ିଛି। ତାଙ୍କଠାରୁ ୭.୦୦୮ କେଜିର ମାରିଜୁଆନା ଜବତ ହୋଇଛି । ଜବତ ମାରିଜୁଆନାର ଆନୁମାନିକ ମୂଲ୍ୟ ପ୍ରାୟ ୭ କୋଟି ହେବ। ଧରାପଡ଼ିଥିବା ଅଭିଯୁକ୍ତ କେଉଁଠାରୁ ମାରିଜୁଆନା ଆଣି ଓଡ଼ିଶାରେ କାହାକୁ ବିକ୍ରି କରିଥାନ୍ତେ, ତାହାର ଅଧିକ ତଥ୍ୟ ଜାଣିବାକୁ କଷ୍ଟମ ବିଭାଗ ପକ୍ଷରୁ ଯୁବକଙ୍କୁ ଅଟକ ରଖାଯାଇ ପଚାରଉଚରା କରାଯାଉଛି। ନିଶା ବେପାରୀମାନେ ବିମାନକୁ ମାଧ୍ୟମ କରି ଓଡିଶାକୁ ନିଶାଦ୍ରବ୍ୟ କାରବାର କରୁଥିବା ଜଣାପଡ଼ିବା ପରେ କଷ୍ଟମ୍‌ସ ବିଭାଗ ପକ୍ଷରୁ ଏନେଇ ଜୋରଦାର ଯାଞ୍ଚ କରାଯାଉଛି। ଫଳରେ ୧୫ଦିନ ମଧ୍ୟରେ ୩ଜଣଙ୍କ ଠାରୁ ପ୍ରାୟ ୨୦କେଜିରୁ ଊର୍ଦ୍ଧ୍ୱ ମାରିଜୁଆନା ଜବତ ହେଲାଣି।

ସୂଚନାଯୋଗ୍ୟ ଗତ ୪ତାରିଖରେ ଏହି ବିମାନବନ୍ଦରରୁ ପଶ୍ଚିମବଙ୍ଗର ଦୁଇ ମହିଳା ଚତୁରତାର ସହ ମାଲେସିଆ କୁଆଲାଲମ୍ପୁରରୁ ଭୁବନେଶ୍ୱର ଆସୁଥିବାବେଳେ କଷ୍ଟମ ବିଭାଗ ପକ୍ଷରୁ ଲଗେଜ୍ ଯାଞ୍ଚ କରାଯାଇ ୧୦ କେଜି(୧୦) କୋଟିର ମାରିଜୁଆନା ଜବତ କରିଥିଲା। ସେହିପରି ଗତ ୧୪ତାରିଖରେ ଜଣେ କେରଳ ଯୁବକ ବିସ୍କୁଟ ଏବଂ ଲେଜ୍ ପ୍ୟାକେଟରେ ପ୍ରାୟ ୪କେଜି (୪କୋଟି) ଟଙ୍କାର ସମାନ ନିଶାଦ୍ରବ୍ୟ ଆଣୁଥିବାବେଳେ କଷ୍ଟମ ବିଭାଗ ଓ ଡିଆର୍‌ଆଇର ମିଳିତ ଚଢ଼ାଉ ବେଳେ ଜବତ କରାଯାଇଥିଲା। ଗତ ୧୫ ଦିନ ମଧ୍ୟରେ ଲଗାତାର ଭାବେ ଦାମୀ ମାରିଜୁଆନା ଜବତ ହେଉଥିବାରୁ ଏଭଳି ଦାମୀ ନିଶାର ଗ୍ରାହକ ଭୁବନେଶ୍ୱରରେ ଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ଏହାସହ ଧରାପଡ଼ିଥିବା ଅଭିଯୁକ୍ତମାନେ ଏକ ଏଜେନ୍‌ସି ପାଇଁ କାମ କରିବା ସହ ଚାଲାଣକାରୀ ଭାବେ ଟଙ୍କା ନେଇ ଏହି କାରବାର କରୁଥିବା ତଦନ୍ତକାରୀ ଟିମ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏସବୁର ମାଷ୍ଟରମାଇଣ୍ଡ ଓ ଇଣ୍ଟରନ୍ୟାଶନାଲ୍ ଲିଙ୍କ୍ ନେଇ କଷ୍ଟମ୍‌ଦ ଏୟାର ଇଣ୍ଟେଲିଜେନ୍ସ ଟିମ୍ ପକ୍ଷରୁ ଖୋଳତାଡ଼ ଜାରି ରହିଛି।

## କୋଇଲା ଚୋରାଚାଲାଣ, ୨ ଗିରଫ

**କଣ୍ଟାପଡ଼ା, ୧୮।୧(ସୁରନାରାୟଣ ସାହୁ)**

କୋଇଲା ଚୋରାଚାଲାଣ ଘଟଣାରେ ଗୋବିନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଅଞ୍ଚଳର ଲକ୍ଷ୍ମୀଧର ବେହେରା ଓ ବିଷ୍ଣୁଚରଣ ସାହୁ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଏକ ମିନିଟ୍ରକ୍(ନଂ. ଓଆର୦୨ଏଜେ-୫୦୬୩)ରେ କୋଇଲା ଚାଲାଣ ହେଉଥିଲା। ଥାନାଧିକାରିଣୀ ସୋନାଲୀ ଆନନ୍ଦ ପାଟ୍ରୋଲିଂ କରିବାବେଳେ ଡିମିରି ଭୋଗେଶ୍ୱରଠାରେ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚବେଳେ ଉକ୍ତ ଗାଡ଼ିରେ କୋଇଲା ଥିବା ଜଣାପଡିଥିଲା। ହେଲେ ଅଭିଯୁକ୍ତମାନେ ଏ ସମ୍ପର୍କିତ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୪/୨୫) ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପଡ଼େ ଦମ ଦମ**
**କୋଡ଼ି ହଣା କାମ ବଡ଼ କଠିନ**
**ଝାଳ ବୋହେ ଗମ ଗମ।**

ଢିଙ୍କି କୁଟିବାଠାରୁ କୋଡ଼ିହଣା ପରିଶ୍ରମ ସବୁଠୁ ବଡ଼ କଷ୍ଟକର କାମ ହୋଇଥାଏ। ଏପରିସ୍ଥଳେ ଦେହରୁ ଝାଳ ବୋହିବାଟା ସ୍ୱାଭାବିକ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଢୋଲ ବାଇଦ ଗୋଟାଏ କୋଶ**
**ତୁଣ୍ଡ ବାଇଦ ସହସ୍ର କୋଶ।**

ଢୋଲର ଶବ୍ଦ ସୀମିତ। ମାତ୍ର ତୁଣ୍ଡର ଶବ୍ଦ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ କାହିଁ କେତେ ଦୂରକୁ ବ୍ୟାପି ଯାଇଥାଏ। ମୁଖରୁ ମୁଖ ହୋଇ କଥା ଶୀଘ୍ର ବ୍ୟାପି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ୨୨ ମିଲିସିଆଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮।୧ (ଦୁର୍ଯ୍ୟୋଧନ ପାତ୍ର)- ଛତିଶଗଡ଼ ସୁକ୍‌ମା ଜିଲା ଏରାପାଲି ଗାଁର ୨୨ ମିଲିସିଆ ସଦସ୍ୟ ଚାର୍ଲା ପୋଲିସ ଷ୍ଟେଶନରେ ଶନିବାର ସୁକ୍‌ମା ଏସ୍‌ପି ରୋହିତ ରାଜ୍‌ଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ତେବେ ସଙ୍ଗଠନରେ ରହି ଏମାନେ ଅନେକ କାର୍ଯ୍ୟ କରୁଥିଲେ। ମାଓବାଦୀଙ୍କ ପାଇଁ ଖାଦ୍ୟପଦାର୍ଥ, ବିସ୍ଫୋରକ ସାମଗ୍ରୀ ଯୋଗାଇବା, ବିଭିନ୍ନ ସାମଗ୍ରୀ ନେବା ଆଣିବା ସହ ସହାୟକ କାର୍ଯ୍ୟ କରୁଥିଲେ। ଏହା ସହ କେତେକ ହିଂସାକାଣ୍ଡରେ ମଧ୍ୟ ଜଡ଼ିତ ରହୁଥିଲେ। କିନ୍ତୁ ସଙ୍ଗଠନରେ ଦୀର୍ଘ ଦିନଧରି ରହିବା ସତ୍ତ୍ୱେ ମଧ୍ୟ ନିଜ ଅଞ୍ଚଳର ବିକାଶରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଏବଂ ନିରୀହ ଲୋକଙ୍କୁ ଟାର୍ଗେଟ କରୁଥିବା ବେଳେ ମାଓବାଦୀ ସଙ୍ଗଠନ ଆଦର୍ଶ ହରାଉଥିବା ଦେଖି ସାଧାରଣ ଜୀବନଯାପନ କରିବା ପାଇଁ ନିଷ୍ପତ୍ତି ନେଇ ପୋଲିସରେ ଆତ୍ମସମର୍ପଣ କରିଥିବା କହିଛନ୍ତି।

## ମହିଳାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର

**ଢେଙ୍କାନାଳ,୧୮।୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ନିକଟସ୍ଥ ରଣପଶି ଓଭରବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ଜଣେ ମହିଳାଙ୍କୁ ଘର ଭିତରେ ଛୁରି ଦେଖାଇ ହାତଗୋଡ଼ ବାନ୍ଧି ବଳାତ୍କାର କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ହୃଷୀକେଶ ସାହୁ (୩୦)ଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି ଯେ, ରଣପଶି ଓଭରବ୍ରିଜ୍ ନିକଟରେ ଜଣେ ମହିଳା ଭଡ଼ାରେ ଏକୁଟିଆ ରହୁଥିଲେ। ନିକଟରେ ଏକ ସ'ମିଲରେ କାରିଗର ଭାବେ କାମ କରୁଥିବା ଦେବଗଡ଼ ଜିଲା ଅଞ୍ଚଳର ହୃଷୀକେଶ ତାଙ୍କ ଉପରେ ନଜର ରଖିଥିଲେ ଏବଂ ତାଙ୍କ ପିଛା କରୁଥିଲେ। ଶୁକ୍ରବାର ରାତିରେ ମହିଳା ଜଣକ କୌଣସି କାର୍ଯ୍ୟରେ ଘର ବାହାରକୁ ଆସିଥିବା ବେଳେ ଏହାର ସୁଯୋଗ ପାଇ ହୃଷୀକେଶ ଘରେ ଭିତରେ ଆଗରୁ ଯାଇ ଲୁଚିଥିଲେ। ମହିଳା ଜଣକ ଘରକୁ ଆସି ଏକ ବହି ପଢ଼ିବାକୁ ବସିଥିବା ବେଳେ ହଠାତ୍ ହୃଷୀକେଶ ତାଙ୍କ ପଛପଟୁ ଆସି ମୁହଁରେ ଏକ ଚାଦର ପକାଇ ତାଙ୍କୁ ଧରିନେଇଥିଲେ। ଏହାପରେ ତାଙ୍କୁ ଛୁରି ଦେଖାଇ ତାଙ୍କର ହାତଗୋଡ଼ ବାନ୍ଧି ରାତି ୮ଟାରୁ ୧୧ଟା ପର୍ଯ୍ୟନ୍ତ ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ମହିଳା ଜଣକ ଶନିବାର ଏ ସଂକ୍ରାନ୍ତରେ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୪୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ଘଟଣାର ତଦନ୍ତ କରିଥିଲେ। ଏହାପରେ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ଗିରଫ କରି ପଚରାଉଚରା କରାଯାଇଥିଲା। ତାଙ୍କଠାରୁ ଘଟଣାରେ ବ୍ୟବହୃତ ଛୁରି ଜବତ କରାଯାଇଥିଲା ।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

### ସିନ୍ ରିକ୍ରିଏଶନ କଲେ ଅଭିଯୁକ୍ତ

ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ପଡ଼ିଥିବା ପାଦଚିହ୍ନକୁ ନେଇ ତଦନ୍ତ କରିଥିଲେ । ଅଭିଯୁକ୍ତ ପୋଲିସ ଉପସ୍ଥିତିରେ ଘଟଣାସ୍ଥଳରେ ସିନ୍ ରିକ୍ରିଏଶନ କରିଥିଲେ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି । ପୀଡ଼ିତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବା ପୋଲିସ କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ପ୍ରତିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ବିଏମ୍‌ଡବ୍ଲ୍ୟୁର ଏକ୍ସ ୧ ଲଙ୍ଗ ହ୍ୱିଲବେସ

ନୂଆଦିଲ୍ଲୀ,୧୮।୧

ଦେଶର ପ୍ରମୁଖ ପ୍ରିମିୟମ କାର ତଥା ବୈଶ୍ୱିକ ବ୍ରାଣ୍ଡ ବିଏମଡବ୍ଲ୍ୟୁ (ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଇଲେକ୍ଟ୍ରି ଭେହିକଲ ବା ଇଭି କାର 'ବିଏମଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଇଭି ଶିଳ୍ପର ଏହି ପ୍ରଥମ ଧରଣ (ଫାଷ୍ଟ-ଏଭର)ର ଯାନ ବିଏମଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ କାରର ଶୁଭାରମ୍ଭ ସହ ବଜାର ପ୍ରବେଶ କାର୍ଯ୍ୟକ୍ରମ ଅଟୋ ଏକ୍ସପୋ-୨୦୨୫ରେ ଆନୁଷ୍ଠାନିକ ଭାବେ ହୋଇଯାଇଛି,ଦେଶର ସମସ୍ତ ବିଏମଡବ୍ଲ୍ୟୁ ଡିଲରପଏଣ୍ଟରେ ଏହି ମଡେଲକୁ ଆଗ୍ରହୀ ଗ୍ରାହକମାନେ ବୁକିଂ କରିପାରିବେ।

ଅପରପକ୍ଷରେ ବିଏମଡବ୍ଲ୍ୟୁର ପ୍ରଥମ ଇଲେକ୍ଟ୍ରିକ୍ ଯାନ ବିଏମଡବ୍ଲ୍ୟୁ ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ କାର 'ମେଡ୍ ଇନ୍ ଇଣ୍ଡିଆ' ଭାବେ ଏହା ନିର୍ମିତ ହୋଇଛି। ଏପରିକି କମ୍ପାନୀର ଚେନ୍ନାଇସ୍ଥିତ କାରଖାନ (ବିଏମଡବ୍ଲ୍ୟୁ ଗ୍ରୁପ ପ୍ଲାଣ୍ଟ ଚେନ୍ନାଇ) ରେ ନିର୍ମିତ ବିଏମଡବ୍ଲ୍ୟୁ ଏକ୍ସ ୧ଲଙ୍ଗ ହ୍ୱିଲେବେସ ଅଲ୍ ଇଲେକ୍ଟ୍ରିକ୍ କାର କେବଳ ଇ ଡ୍ରାଇଭ୨୦ଏଲରେ ସ୍ୱତନ୍ତ୍ର ରୂପେ ଉପଲବ୍ଧ।

ଏ ସମ୍ପର୍କରେ ବିଏମଡବ୍ଲ୍ୟୁ ଗ୍ରୁପ୍ (ଇଣ୍ଡିଆ) ର ଅଧ୍ୟକ୍ଷ ତଥା ସିଇଓ ବିକ୍ରମ ପୱା କହିଥିଲେ, ଆମେ ଆମର ପ୍ରଥମ ଇଭି ମଡେଲ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ କାରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ବିଏମଡବ୍ଲ୍ୟୁ ଭାରତୀୟ ପ୍ରିମିୟମ୍ ଅଟୋମୋଟିଭ୍ ସେଗମେଣ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି, ବିଏମଡବ୍ଲ୍ୟୁର ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଇଭି କାର ଭାବେ ଏକ୍ସ ୧ ଲଙ୍ଗ ହ୍ୱିଲବେସ ଅଭିନବତା ଏବଂ ଉତ୍କର୍ଷତାର ଏକ ନୂତନ ଯୁଗର ଶୁଭାରମ୍ଭ କରିଛି। ଆଧୁନିକ ଜୀବନଶୈଳୀ ଥିବା ବ୍ୟକ୍ତିମାନଙ୍କ ପାଇଁ ଫାଷ୍ଟ-ଏଭର ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଆଦର୍ଶ ପାଲଟିଥିବାବେଳେ ସ୍ମାର୍ଟ ଫାଇନାନ୍ସିଆଲ ପ୍ଲାନିଂ ଦ୍ୱାରା ସମର୍ଥିତ ଏକ ବ୍ୟାପକ ସମାଧାନ ପ୍ରଦାନ କରି ବିଏମଡବ୍ଲ୍ୟୁ ଇଣ୍ଡିଆ ଆପଣଙ୍କ ଅଭିଜ୍ଞତାକୁ ବହୁଗୁଣିତ କରିବାକୁ ପ୍ରସ୍ତୁତ ରହିଛି।




# ଫେରାଟୋ 'ଡେଫି ୨୨'ର ଅନାବରଣ



ନୂଆଦିଲ୍ଲୀ,୧୮।୧

ଓପିଜି ମୋବିଲିଟିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଫେରାଟୋ 'ଡେଫି ୨୨'ର ଅନାବରଣ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ କାର୍ଯ୍ୟକ୍ରମରେ ହୋଇଯାଇଛି। ଏପରିକି ଡେଫି ୨୨ ର ପ୍ରି-ବୁକିଂ ନିକଟରେ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଓପିଜି ମୋବିଲିଟିର ଏମଡି ଅଂଶୁଲ ଗୁପ୍ତା କହିଥିଲେ, ଭାରତୀୟଙ୍କୁ ଦୈନନ୍ଦିନ ଯାତାୟାତର ଚମତ୍କାର ଯାତ୍ରା ଅନୁଭୂତି ପ୍ରଦାନ କରୁଥିବା ଷ୍ଟାଇଲିସ୍ ତଥା ପ୍ରାକ୍ଟିକାଲ ସ୍କୁଟରର ଶୁଭାରମ୍ଭ କରି ଆମେ ବେଶ ଉତ୍ସାହିତ ଅଛୁ।

ଓପିଜି ମୋବିଲିଟି ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ରେ ଓପିଜି ମୋବିଲିଟିର ବିଭିନ୍ନ ସ୍ଥାୟୀ ପରିବହନ ସମାଧାନ ଉପରେ ଆଲୋକପାତ କରିଛି, ଯେଉଁଥିରେ ଫେରାଟୋ ଇଲେକ୍ଟ୍ରିକ୍ ଦୁଇ ଚକିଆ ଉତ୍ପାଦ ଏବଂ ଓଟିଟିଓପିଜି ଇଲେକ୍ଟ୍ରିକ୍ ତିନି ଚକିଆ ଯାନ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, ଫେରାଟୋ 'ଡେଫି ୨୨'ରେ କମ୍ବି ଡିସ୍କ ବ୍ରେକ୍ ସିଷ୍ଟମ୍ ଥିଲାବେଳେ ୮୦ କିଲୋମିଟର ବେଗରେ ଏହା ଗତି କରିଥାଏ। ସେହିଭଳି ୧୨୦୦ ୱାଟର ମୋଟର ପାୱାର ଏବଂ ୨୫୦୦ ୱାଟର ପିକ୍ ପାୱାର ସହିତ ୭୨ଭି ୩୦ଏଏଚ (୨.୨ କିଲୋୱାଟ୍) ଏଲ୍‌ଏଫପି ବ୍ୟାଟେରୀ ସହିତ ଡେଫି ୨୨ ଏକ ଶକ୍ତିଶାଳୀ ଏବଂ ବ୍ୟବହାରିକ ଯାତ୍ରା ପ୍ରଦାନ କରିଥାଏ। ଷ୍ଟାଇଲିସ ଡିଜାଇନରେ ନିର୍ମିତ 'ଡେଫି ୨୨' ୭ଟି ଡୁଆଲ ଟୋନ କଲରରେ ଉପଲବ୍ଧ ଥିଲାବେଳେ ଏହାର ବଜାର ମୂଲ୍ୟ (ଏକ୍ସ-ଶୋ'ରୁମ୍) ୯୯,୯୯୯ ଟଙ୍କା ରହିଛି।

# ୧୯ରେ ୬୪ତମ ସିଜିପିବି ବୈଠକ

ଭୁବନେଶ୍ୱର ,୧୮।୧

ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ)ର ୬୪ତମ ସେଣ୍ଟ୍ରାଲ ଜିଓଲୋଜିକାଲ ପ୍ରୋଗ୍ରାମିଂ ବୋର୍ଡ(ସିଜିପିବି) ବୈଠକ ୨୦୨୫ ଜାନୁଆରୀ ୧୯ରେ ଓଡ଼ିଶାର ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ବୈଠକ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ୍. କାନ୍ତା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅନୁସନ୍ଧାନ, ଗବେଷକ ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଭାଗ ନେଇ ଭୂବୈଜ୍ଞାନିକ ଉନ୍ନତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ସ୍ୱଚ୍ଛ ଶକ୍ତି, ଭୂ-ବିପର୍ଯ୍ୟୟ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ନୂତନ ପଦକ୍ଷେପ ସମେତ ବିଭିନ୍ନ ଆହ୍ୱାନର ସମାଧାନ ଉପରେ ଆଲୋଚନା କରିବେ। ସେହିଭଳି ଏହି ବୈଠକରେ ଜିଏସଆଇର ମହାନିର୍ଦ୍ଦେଶକ ଅସିତ ସାହା ଏବଂ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆଙ୍କ ସମେତ ଖଣି ମନ୍ତ୍ରଣାଳୟ, ଜିଏସ୍ଆଇ, ରାଜ୍ୟ ଭୂତତ୍ତ୍ୱ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଘରୋଇ ଅନୁସନ୍ଧାନ ଓ ଖଣି କମ୍ପାନିର ପ୍ରତିନିଧିମାନେ ଉପସ୍ଥିତ ରହିବେ।

# ରିଅଲ୍‌ମିର ନୂତନ ଉତ୍ପାଦ ରେଞ୍ଜ

ନୂଆଦିଲ୍ଲୀ,୧୮।୧

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ରିଅଲ୍‌ମିର ନୂତନ ଉତ୍ପାଦ 'ରିଅଲମି ୧୪ପ୍ରୋ ସିରିଜ ୫ଜି ଏବଂ ରିଅଲ୍‌ମି ବଡସ ଓ୍ୱାରଲେସ୍ ୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସ୍ମାର୍ଟଫୋନ ଶିଳ୍ପ ଏବଂ ଏଆଇଓଟି ପୋର୍ଟଫୋଲିଓର ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ରିଅଲ୍‌ମି ୧୪ ପ୍ରୋ ସିରିଜ ୫ଜିରେ ଦୁଇଟି ଅଭିନବ ମଡେଲ ରିଅଲ୍‌ମି ୧୪ ପ୍ରୋ ୫ଜି ଏବଂ ରିଅଲ୍‌ମି ୧୪ ପ୍ରୋ+ ୫ଜି ସାମିଲ ରହିଛି। ଅପରପକ୍ଷରେ ରିଅଲ୍‌ମି ବଡ୍ସ ଓ୍ୱାରଲେସ୍ ୫ଏଏନ୍‌ସିର ସମ୍ଭାର ଉପଲବ୍ଧ। ସେହିଭଳି ଦୁନିଆର ପ୍ରଥମ କୋଲ୍ଡ-ସେନ୍‌ସିଟିଭ କଲର ଚେଞ୍ଜିଂ ସ୍ମାର୍ଟଫୋନର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ଡେନିସ ଡିଜାଇନ ଷ୍ଟୁଡିଓ ଭାଲୁର ଡିଜାଇନର୍ସ ସହଯୋଗରେ ଉଭୟ ଫୋନକୁ ପ୍ରସ୍ତୁତ କରାଯାଇଛି। ରିଅଲ୍‌ମି ୧୪ପ୍ରୋ ସିରିଜ ୫ଜିରେ ବିଶ୍ୱର ପ୍ରଥମ କୋଲ୍ଡ-ସେନ୍‌ସିଟିଭ କଲର ଚେଞ୍ଜିଂ ଫୋନ ରହିଛି। ଏପରିକି ୧୬ ଡିଗ୍ରୀ ସେଲ୍‌ସିୟସରୁ କମ୍ ତାପମାତ୍ରା ସଂସ୍ପର୍ଶରେ ଆସିଲେ ମଧ୍ୟ ଉଭୟ ମଡେଲ ରଙ୍ଗ ବଦଳାଇ ଦିଅନ୍ତି, ଯାହା ପର୍ଲ ହ୍ୱାଇଟରୁ ଭାଇବ୍ରାଣ୍ଟ ବ୍ଲୁ କଲର (ରଙ୍ଗ) ରେ ପରିବର୍ତ୍ତିତ ହୋଇଥାଏ। ପରିବେଶ ତାପମାତ୍ରା ବଢ଼ିବା ସହିତ ଏହି ଅନନ୍ୟ ବୈଶିଷ୍ଟ୍ୟ ପୁଣି ପୂର୍ବ ଅବସ୍ଥାକୁ ଫେରିଆସେ। ଏହି ବ୍ରାଣ୍ଡ୍ ନିଜ ସେଗ୍‌ମେଣ୍ଟରେ ପ୍ରଥମ ଭିଗାନ ସୁଇଡ ଲେଦର ମଧ୍ୟ ପ୍ରଦାନ କରୁଛି, ସ୍ମାର୍ଟଫୋନ ସହିତ ରିଅଲ୍‌ମି ବଡ୍ସ ଓ୍ୱାରଲେସ୍ ୫ ଏଏନସିର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ରିଅଲ୍‌ମିର ମୁଖପାତ୍ର କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ରିଅଲ୍‌ମି ୧୪ ପ୍ରୋ ସିରିଜ ଏବଂ ରିଅଲ୍‌ମି ବଡ୍ସ ଓ୍ୱାରଲେସ୍ ୫ ଏଏନ୍‌ସିକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ରିଅଲ୍‌ମି ୧୪ ପ୍ରୋ ସିରିଜ ୫ଜି ଗ୍ରାହକଙ୍କୁ ଶିଳ୍ପ-ପ୍ରଥମ ବୈଶିଷ୍ଟ୍ୟ ପ୍ରଦାନ କରିବା ପାଇଁ ଡିଜାଇନ ହୋଇଛି।

# ସମ୍ବଲପୁରୀ ବସ୍ତ୍ରାଳୟରୁ ଶାଢ଼ି କିଣିଲେ ସିଙ୍ଗାପୁର ରାଷ୍ଟ୍ରପତି



ଭୁବନେଶ୍ୱର,୧୮।୧ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ପ୍ରତିଷ୍ଠାନ ତଥା ସମ୍ବଲପୁର ବସ୍ତ୍ରାଳୟରୁ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ ଓ ତାଙ୍କ ଟିମ୍ ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ବଲପୁରୀ ଡିଜାଇନ୍ ଶାଢ଼ି, ବେଡସିଟ୍ ଏବଂ ଶାର୍ଟ କିଣିବା ସହ ଉଭୟ କାରିଗରି ଓ ଡିଜାଇନକୁ ଉଚ୍ଚ ପ୍ରଶଂସା କରିଥିଲେ।

ଉଲ୍ଲେଖଯୋଗ୍ୟ, ସିଙ୍ଗାପୁର ରାଷ୍ଟ୍ରପତି ଶନ୍ମୁଗରତ୍ନମ ନିକଟରେ ଓଡ଼ିଶା ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଓ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଭୁବନେଶ୍ୱରର କଳାଭୂମିଠାରେ ଆୟୋଜନ କରିଥିଲେ। ଏପରିକି ରାଷ୍ଟ୍ରପତି ଓ ତାଙ୍କ ଟିମ୍‌ଙ୍କ ସମେତ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କେ. ଭି .ସିଂଦେଓ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ କଳାଭୂମିଠାରେ ଆୟୋଜିତ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟଲ ପରିଦର୍ଶନ କରିଥିଲେ।

ଏହି ଅବସରରେ ରାଷ୍ଟ୍ରପତି ଓ ତାଙ୍କ ଟିମ ପ୍ରାୟ ୧, ୦୦,୦୦ ଟଙ୍କାର ସମ୍ବଲପୁରୀ ଡିଜାଇନ୍ ଶାଢ଼ି, ବେଡ୍‌ସିଟ୍ ଏବଂ ଶାର୍ଟ କିଣିବା ସହି ପ୍ରତିଷ୍ଠାନର ସୁନାମ ଓ କାରିଗରିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶାର କଳା, ସଂସ୍କୃତି ଓ କାରିଗରି ଦକ୍ଷତାକୁ ପ୍ରଶଂସା କରିବା ସହିତ ଉଭୟ ଦେଶର ବ୍ୟବସାୟରେ ମଧ୍ୟ ଏହା ବେଶ ସହାୟକ ହେବ ବୋଲି କହିଥିଲେ। ସେହିଭଳି ରାଷ୍ଟ୍ରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ଆମର ହ୍ୟାଣ୍ଡଲୁମ୍ ଶିଳ୍ପ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଆଶାବ୍ୟକ୍ତି କରିଥିଲେ। ଉକ୍ତ ଗସ୍ତ କାର୍ଯ୍ୟକ୍ରମ ସମୟରେ ଓଡ଼ିଶାର ବୟନ ନିର୍ଦ୍ଦେଶକ ଏବଂ ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।ଏ ନେଇ ସମ୍ବଲପୁର ବସ୍ତ୍ରାଳୟର ମାର୍କେଟିଂ ଅଫିସର ହେମନ୍ତ କୁମାର ମିଶ୍ର କହିଥିଲେ, ଶୁକ୍ରବାର ସିଙ୍ଗାପୁରର ରାଷ୍ଟ୍ରପତି ଓ ତାଙ୍କ ଟିମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତରେ ଶାଢ଼ି, ବେଡ୍‌ସିଟ୍ ଏବଂ ଶାର୍ଟ କିଣିବା ସହ ଆମକୁ ଧନ୍ୟବାଦ ଜଣାଇବା ସହିତ ଆମର ବ୍ରାଣ୍ଡ ଓ ଉତ୍ପାଦ ବିଷୟରେ ଉଚ୍ଚ ପ୍ରଶଂସା କରିଥିଲେ।

# ବେଦାନ୍ତରେ ଜାତୀୟ ଯୁବ ଦିବସ




ନୂଆଦିଲ୍ଲୀ,୧୮।୧

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ କମ୍ପାନୀ ତା'ର ପ୍ରତିବଦ୍ଧତାକୁ ପୁନଃନିର୍ମାଣ ସହ ଏହି କ୍ଷେତ୍ରରେ ମଧ୍ୟ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ଭଳି ସରକାରୀ ପଦକ୍ଷେପକୁ ସମର୍ଥନ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କୁ ପ୍ରଗତି ପାଇଁ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିବା ସାମାଜିକ ପ୍ରଭାବ ପ୍ରକଳ୍ପ ଗ୍ରହଣ କରିବା ଅନ୍ତର୍ଭୁକ୍ତ ରହିଛି। ବର୍ତ୍ତମାନ କମ୍ପାନୀର ଝାରସୁଗୁଡା ୟୁନିଟରେ ୧୮ ଜଣ ଇଣ୍ଟର୍ନଙ୍କୁ ସାମିଲ କରାଯାଇଥିଲାବେଳେ ଛତିଶଗଡ଼ର ବାଲକୋରେ ୪ଜଣ ଇଣ୍ଟର୍ନଙ୍କୁ ସାମିଲ କରାଯାଇଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନକୁ ଆମେ ଜାତୀୟ ଯୁବ ଦିବସ ଭାବେ ପାଳନ କରୁଛୁ। ଏପରିକି ସେ ସର୍ବଦା ଭାରତର ଯୁବପିଢ଼ିଙ୍କ ଅସୀମ ସମ୍ଭାବନାକୁ ଉପଯୋଗ କରିବାକୁ ଉତ୍ସାହିତ କରିଆସିଛନ୍ତି। ବେଦାନ୍ତରେ ଆମେ ସେମାନଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ପ୍ଲାଟଫର୍ମ ସୃଷ୍ଟି କରି ଏହି ସମ୍ଭାବନାକୁ ପୋଷଣ କରିବାକୁ ପ୍ରତିବଦ୍ଧ ରହିଛୁ। ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ, ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭାଙ୍କ ଏକ ପାଇପଲାଇନ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛୁ।


# Classified Everyday

0674-2580101, 9692975378


MATRIMONIAL

## GROOM WANTED

ବିନା ଜାନି ଯୌତୁକରେ ବିବାହ କରିବାକୁ ଚାହୁଁଥିବା ହିନ୍ଦୁ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ବିବାହ ପ୍ରସ୍ତାବ ଉପଲବ୍ଧ। 8249533663 D-2567


REAL ESTATE

## SALE

GA freehold 1200sft plot at Bharatpur for immediate sale. nanda7747@gmail.com. D-75835

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

1BHK Ready to move in flats available in Hi-Tech Brundaban Project near Batamangala Temple, Puri town. 9439368599, 8249877810 D-2619

Gharabari converted plots available near Hi-Tech Square, Sundarpada, Bhubaneswar. For more details contact- 9437054765, 9853035888 D-2620

Developed gharabari boundary plot sale BALAKATI ବଜାର ପାଖରେ (UTTARA). 7008492511. D-2605

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76230

Single Owner Patta Plot sale just drive 5 minutes Hanspal. 8457092465. D-2606

## GENERAL

## SALE

Premium Showroom for sale Evolve- A Multi-Designer Store location.- Mayfair Lagoon Road, Bhubaneswar area: 1200 sq.ft. Prime location with high football. Premium quality interiors, fully furnished, ready-to-use Ideal for a premium brands boutique, designer studio or premium retail. Contact: +91 8117906999 / W/A- 9938855538 evolve846@gmail.com D-2568




Interior Decoration Factory Shed Halltype three phase Chandrasekharpur, Bhubaneswar. 9437008388. D-74722




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## AFFIDAVIT

I, Rakhi Abinash Acharya, W/o- Abinash Acharya, resident of Plot No-224, Shanti Nagar, Jail road, Jharpada, Bhubaneswar- 751006, Dist.- Khordha, Odisha, declare by this affidavit No- 110, dated 17.01.2025 that now onwards I shall be known as RAKHI ACHARYA for all future purposes. D-2617

By virtue of an affidavit sworn before Executive Magistrate, Sadar, Cuttack, dated 17.01.2025, I Debashree Palo, Address: At- Samantray Street, P.O/P.S.-Nabarangpur, Dist.- Nabarangpur, Odisha, 764059 declare that I have changed my daughter's name from Adita Khadanga to D.A Adita. Henceforth, she shall be known as D.A Adita for all purposes.
Debashree Palo
D-2618

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୋଗ (ବନ୍ଦୋବସ୍ତ) ଓ ଚକବନ୍ଦୀ, କେନ୍ଦ୍ରାପଡ଼ା। ଶ୍ରୀ ସୁବାଶିଷ ମାନସିଂହ, ଓ.ଏ.ଏସ୍.(ଏସ୍.ଏ.ଜି)
ରେଭେନ୍ୟୁ କେସ୍ ନଂ.-୭୮/୨୦୨୩
ବିଜୟ କୁମାର ମହାନ୍ତି ଓଗେର ....ଦରଖାସ୍ତକାରୀମାନେ
ବନାମ
ଚକବନ୍ଦୀ ଅଧିକାରୀ, କେନ୍ଦ୍ରାପଡ଼ା .....ଅପରପକ୍ଷମାନେ
ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡ଼ର-୫ ନିୟମ-୨୦ ଅନୁଯାୟୀ ନୋଟିସ୍ ।

ଉକ୍ତ ନୋଟିସ ଦ୍ୱାରା ଜଣାଇ ଦିଆଯାଉଅଛି କି ଉପରୋକ୍ତ କେସ୍‌ରେ ତ୍ରିଲୋଚନ ମହାନ୍ତି, ପିତା- ହାଡ଼ିବନ୍ଧୁ ମହାନ୍ତି, ସା-ପୁରୁଷୋତ୍ତମପୁର, ପୋ:ଅ:- ଭରତପୁର, ଥାନା- କେନ୍ଦ୍ରାପଡ଼ା ସଦର, ଜିଲ୍ଲା- କେନ୍ଦ୍ରାପଡ଼ା, ହାଲ୍ ସା: କେଶରପୁର (ମହାନ୍ତି ଲେନ୍), ପୋ:ଅ: ବକ୍ସିବଜାର, ଥାନା- ମଙ୍ଗଳାବାଗ୍, ଜିଲ୍ଲା- କଟକ, ଗତ ତା୨୪।୦୬।୧୯୯୪ରିଖରେ ମୃତ୍ୟୁବରଣ କରିଛନ୍ତି । ଯଦି ତାଙ୍କର କୌଣସି ଉତ୍ତରାଧିକାରୀ ଥାଆନ୍ତି, ତାହା ହେଲେ ଆସନ୍ତା ତା ୨୧।୦୨।୨୦୨୫ରିଖ ୧୧ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ପକ୍ଷ ରଖିବେ । ନଚେତ୍ ଉକ୍ତ ମୋକଦ୍ଦମାଟି ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ବିଚାର କରାଯିବ ।

ସ୍ୱା.-ଅତିରିକ୍ତ ଆୟୋଗ (ବନ୍ଦୋବସ୍ତ ଓ ଚକବନ୍ଦୀ), କେନ୍ଦ୍ରାପଡ଼ା
ଧ-୭୬୧୮୬

## ପ୍ରଥମ ଜନ୍ମ ଦିବସ



ସ୍ୱୟଂ ପ୍ରସାଦ ସାହୁ (ପ୍ରତିକ)
ମାତା: ଡଲି ମେହେଣା, ପିତା: ଶିବାନନ୍ଦ ସାହୁ
ଭୁବନ, ପୃଷ୍ଟି ପାଟଣା, ଢେଙ୍କାନାଳ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଧ-୭୫୪୮୦

ଧରିତ୍ରୀ DHARITRI
## Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

0199723846@ybl | T&C Apply
BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# କାରିଗରି ଦେଇଛି ପରିଚୟ



**ଆଜିର ପ୍ରତିଯୋଗିତାମୂଳକ ସମୟରେ ସରକାରୀ, ବେସରକାରୀ ଚାକିରି ହେଉ ଅବା ଅନ୍ୟାନ୍ୟ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ନେଇ ଯୁବପିଢ଼ି ବେଶ୍ ସଜାଗ। ହେଲେ ଏବେବି ଏମିତି କିଛି ଯୁବପିଢି ଅଛନ୍ତି, ଯେଉଁମାନେ ହଜିଯାଉଥିବା କଂସା, ପିତ୍ତଳ ବାସନ ଭଳି କେତେକ ପାରମ୍ପରିକ କଳାକାରିଗରି ବୃତ୍ତିକୁ ବଞ୍ଚାଇ ରଖିବାକୁ ଚେଷ୍ଟା ଚଳାଇଛନ୍ତି। କେବଳ ରାଜ୍ୟ ନୁହେଁ, ଦେଶ ଏବଂ ବିଦେଶରେ ଏହାକୁ ପହଞ୍ଚାଇବା ଲାଗି ଉଦ୍ୟମ ଚଳାଇଥିବା ଏହି ଯୁବପିଢି ସ୍ୱରୋଜଗାରକ୍ଷମ ହେବା ସହ ଆଉ କେତେଜଣଙ୍କୁ ମଧ୍ୟ ରୋଜଗାରର ବାଟ ଦେଖାଇଛନ୍ତି...**

**କାରିଗରଙ୍କୁ ରୋଜଗାର ଦେଉଛି ଶିଳ୍ପୀଶ୍ରୀ :** ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନବିଦିତ ହୋଇଥିବା ବେଳେ ଏହି ସ୍ଥାନ କଂସା, ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ନୟାଗଡ଼ ଜିଲାର କେତେକ ଯୁବ କାରିଗରଙ୍କ କାରିଗରି କୌଶଳ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କଂସା, ପିତ୍ତଳ ସାମଗ୍ରୀ, ମୂର୍ତ୍ତି ଓ ଦେବଦେବୀ ବିଗ୍ରହର ଚାହିଦା କାରିଗରମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏମାନଙ୍କ ମଧ୍ୟରୁ କଣ୍ଟିଲୋ କଂସାରିସାହି ପାଟଣା ଗ୍ରାମର ୪ ଭାଇ ସରୋଜ କୁମାର ମହାରଣା, ମାନସ କୁମାର ମହାରଣା, ସନ୍ତୋଷ କୁମାର ମହାରଣା ଓ ପ୍ରଶାନ୍ତ କୁମାର ମହାରଣା ମିଳିତ ଭାବେ ୧୯୯୨ ମସିହାରୁ 'ଶିଳ୍ପୀଶ୍ରୀ' ନାମକ ଏକ ଅନୁଷ୍ଠାନ ଗଠନ କରିଛନ୍ତି। ଏହି ଅନୁଷ୍ଠାନ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଚେତନତା ସୃଷ୍ଟି କରି ଶିଳ୍ପ ଉନ୍ନତିରେ ମହତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛନ୍ତି। ଏହାଦ୍ୱାରା କଂସା, ପିତ୍ତଳ, ତମ୍ବା, ବ୍ରୋଞ୍ଜ, ଫାଇବର, ଆଲୁମିନିୟମ, ମାଟି, ସିମେଣ୍ଟ ଇତ୍ୟାଦି ଉପାଦାନର ମୂର୍ତ୍ତି, ମନ୍ଦିର ସାମଗ୍ରୀ ଓ ଅନ୍ୟାନ୍ୟ ହସ୍ତଶିଳ୍ପ ତିଆରିରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ସଂସ୍ଥା ନୟାଗଡ଼ର କାରିଗରଙ୍କ ପାଇଁ କାମ ଯୋଗାଇ ଦାଦନ ଜୀବନକୁ ରୋକିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ଏହା ମାଧ୍ୟମରେ ହସ୍ତଶିଳ୍ପ ଜଗତରେ ଡିଜିଟାଲ ଯୁଗକୁ ଉପଯୁକ୍ତ କରି ଆୟ ଉପାର୍ଜନ କାର୍ଯ୍ୟକଳାପରେ ସଫଳତା ହାସଲ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ୧୦ ହଜାରରୁ ଉର୍ଦ୍ଧ୍ୱ କଂସା ଓ ପିତ୍ତଳ କାରିଗରମାନଙ୍କ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧି ତଥା ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରି ସଫଳତା ପାଇଆସୁଥିବା ଜଣାପଡ଼ିଛି। ଏହି ୪ ଭାଇ ଓଡ଼ିଶାର ଏକାଧିକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସେଥିମଧ୍ୟରୁ ସୁନ୍ଦରଗଡ଼ ବଡ଼ବାହାଲ ଛକରେ ୧୦ ଫୁଟ ଉଚ୍ଚତାର ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଭୁବନେଶ୍ୱର ଏମ୍ସଠାରେ ସ୍ଥାପନ କରାଯାଇଛି। ଏହାଛଡ଼ା ସେମାନେ କଟକ ସାଲେପୁରଠାରେ ୫୦୦ କିଲୋଗ୍ରାମର ପିତ୍ତଳ ଘଣ୍ଟି, ଝାରସୁଗୁଡ଼ା ବିମାନ ବନ୍ଦରରେ ୯ ଫୁଟ ଉଚ୍ଚତା ବିଶିଷ୍ଟ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି, ସୋନପୁର ବିନିକାଠାରେ ୧୧୩୦ କିଲୋଗ୍ରାମ ଓଜନର ଏକ ଦୁର୍ଗାମୂର୍ତ୍ତି, ସୋନପୁର ଅନ୍ୟ ଏକ ଜାଗାରେ ୮୫୦ କିଲୋଗ୍ରାମର ଏକ ଦୁର୍ଗାମୂର୍ତ୍ତି ଏବଂ ଆହୁରି ଅନେକ ମୂର୍ତ୍ତି ନିର୍ମାଣ କରିସାରିଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ଦ୍ୱାରା ନିର୍ମିତ କୃଷ୍ଣ ଅର୍ଜୁନ ପିତ୍ତଳ ମୂର୍ତ୍ତି ଇସ୍କନ ସଂସ୍ଥା ମାଧ୍ୟମରେ ଲଣ୍ଡନକୁ ପଠାଯାଇଥିବା ଜଣାଯାଇଛି। ଏହି ସଂସ୍ଥା ଯୁବ କାରିଗରମାନଙ୍କ ପାରମ୍ପରିକ ନିପୁଣତାକୁ ନୂତନ କୌଶଳ ବ୍ୟବହାର କରି ଆହୁରି ଆଗକୁ ନେଇଯାଇଛି, ଯାହାକି ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ପ୍ରଶଂସିତ ହୋଇ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି।

**ନକ୍ସା ଖୋଦେଇ ଦେଇଛି ପରିଚୟ:** ନୟାଗଡ଼ ଜିଲା କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବ ଚୌଧୁରୀ ପାଟଣା ଗ୍ରାମର ପବିତ୍ର କୁମାର ମହାରଣା ଜଣେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କଂସା, ପିତ୍ତଳ କାରିଗର ଭାବେ ବେଶ୍ ପରିଚିତ। ସେ ୧୯୮୫-୮୬ରେ ମୋରଦାବାଦ ମାଷ୍ଟର କାରିଗରଙ୍କଠାରୁ ଏକ ବର୍ଷ ନକ୍ସା ଖୋଦେଇ ତାଲିମ ନେଇଥିଲେ। ଓଡ଼ିଶା ହସ୍ତଶିଳ୍ପ ନିଗମ, ଭୁବନେଶ୍ୱରଙ୍କ ଅଧୀନରେ ନିଯୁକ୍ତି ପାଇ ମାଷ୍ଟର କ୍ରାଫ୍ଟସମ୍ୟାନ ଭାବେ ତାଲିମ ଓ ଉତ୍ପାଦନ କେନ୍ଦ୍ରମାନଙ୍କରେ ବିଭିନ୍ନ କଂସା, ପିତ୍ତଳ ସାମଗ୍ରୀ ଉତ୍ପାଦନ ସହିତ ପିଲାମାନଙ୍କୁ ତାଲିମ ପ୍ରଦାନ କରୁଥିଲେ। ପରେ ପରେ ସେ ଚାକିରି ଛାଡି 'ରଘୁନାଥ ଜୀଉ ଆର୍ଟ ଆଣ୍ଡ କ୍ରାଫ୍ଟସ' ନାମକ ଏକ ସଂସ୍ଥା ଖୋଲିଲେ। ଏହି କାରିଗରି କୌଶଳ ତଥା ନକ୍ସା କାମର ନୂତନତ୍ୱ ଓ ଡିଜାଇନ ଶିକ୍ଷା ପାଇଁ ଦିଲ୍ଲୀ, କଲିକତା, ମୋରାଦାବାଦ, ବାଙ୍ଗାଲୁର, ଅହମ୍ମଦାବାଦ, ହାଇଦ୍ରାବାଦ, ବିହାର ସମେତ ଓଡ଼ିଶାର ଭୁବନେଶ୍ୱର, ବାଲକାଟୀ, ଭଞ୍ଜନଗର, ବେଲଗୁଣ୍ଠା ଇତ୍ୟାଦି ଅଞ୍ଚଳକୁ ଯାଇ ନୂଆ ପଦ୍ଧତି ଓ ମଡେଲ ଶିକ୍ଷା ଲାଭ କରିଥିଲେ। ନକ୍ସା ଖୋଦେଇ ଏକ ପ୍ରାଚୀନ ହସ୍ତକଳା। ଏହା ଏକ ସାଧନାମୂଳକ ଶିକ୍ଷା ଏହି କାର୍ଯ୍ୟ କରି ଶ୍ରୀ ମହାରଣା ରାଜ୍ୟ ସରକାରଙ୍କଠାରୁ ୨୦୦୯ ମସିହାରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ। ଦଶାବତାର ଖୋଦେଇପୂର୍ଣ୍ଣ କୁମ୍ଭ ପିତ୍ତଳ କଳସ ଗରା ପ୍ରସ୍ତୁତ କରି ସେ ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରକାର ଧାତବ ପଦାର୍ଥ ଓ ସିଟ୍(ପ୍ରେସ ଚଦର) ମେଟାଲ ଉପରେ ନିହଣ ମୁନରେ ମହାପୁରୁଷ, ଆଦିବାସୀ ଚିତ୍ର, ଦେବଦେବୀ ଚିତ୍ର ଖୋଦେଇ କରି ସେ ଓଡ଼ିଶା ତଥା ଓଡ଼ିଶା ବାହାରେ ଖ୍ୟାତି ଅର୍ଜନ କରିଛନ୍ତି। ବିଶେଷକରି ଭାରତ ବାହାରେ ମଧ୍ୟ ଏହି କାରିଗରିର ଆଦର ରହିଛି। ନିକଟରେ ସେ ପିତ୍ତଳ ଚଦର ଉପରେ ଖୋଦେଇ କନ୍ଦର୍ପ ରଥ ଓ କନ୍ଦର୍ପ ନୌକା ପ୍ରସ୍ତୁତ କରିଛନ୍ତି ଯାହାକି ଲଣ୍ଡନ ଯିବାର କାର୍ଯ୍ୟକ୍ରମ ରହିଛି। ଜଣେ ନକ୍ସା ଖୋଦେଇ ଗୁରୁ ଭାବରେ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ତାଲିମ ଯୋଜନାରେ ଆଗ୍ରହୀ ପିଲାମାନଙ୍କୁ ଏହି ନକ୍ସା ଶିକ୍ଷାର ତାଲିମ ଦେଇ ଆସୁଛନ୍ତି। ଏହି ଶିକ୍ଷା ଲାଭ କରି ଯୁବକମାନେ ନିଜେ ସ୍ୱାବଲମ୍ବୀ ହୋଇପାରୁଥିବା ଶ୍ରୀ ମହାରଣା ପ୍ରକାଶ କରିଛନ୍ତି।

**ପାରମ୍ପରିକ କଳା କାରିଗରି ଦିଏ ଆନନ୍ଦ:** ନୟାଗଡ ଜିଲା ହାଟମୁଣ୍ଡପାଟଣା ଗ୍ରାମର ଅଖିଳ କୁମାର ମହାପାତ୍ର ପିତା ସ୍ୱର୍ଗତ କାଳନ୍ଦୀ ମହାପାତ୍ରଙ୍କ ଠାରୁ କାରିଗରୀ ବିଦ୍ୟାର ପ୍ରେରଣା ପାଇ ନିଜେ ଜଣେ କଂସା ପିତଳ, ପିତଳ ଓ ତମ୍ବା ପ୍ରେସ(ଚଦର)ସିଟରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଜିଲ୍ଲା ତଥା ଜିଲ୍ଲା ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଶ୍ରୀ ମହାପାତ୍ର ଅଧିକ କାରିଗରୀ କୌଶଳ ଶିକ୍ଷା ଲାଭ କରିବା ପାଇଁ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ସିଡାକରେ ମାଷ୍ଟର କ୍ରାଫ୍ଟସମ୍ୟାନ ଭାବେ ତାଲିମ ପାଇଥିଲେ। ଏହି ତାଲିମ ପାଇ ସେ ବିଭିନ୍ନ ଦେବା ଦେବୀ ମନ୍ଦିର କବାଟ, ସିଂହାସନ ଉପରେ ଚଦର କାର୍ଯ୍ୟ ପ୍ରସ୍ତୁତ କରି ସୁନାମ ଅର୍ଜନ କରିଛନ୍ତି। ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଏପରି କାର୍ଯ୍ୟ ଦେଖିବାକୁ ମିଳେନି। ତାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ମଧ୍ୟରେ ରାଉରକେଲାସ୍ଥିତ ଜଗନ୍ନାଥ ମନ୍ଦିରରେ ପିତଳର କବାଟ, ନାଲକୋ ଜଗନ୍ନାଥ ମନ୍ଦିରର କିରଟୀ, ଶ୍ରୀଭୂଜ, ଶ୍ରୀପୟର ତଥା ଠାକୁରଙ୍କ ବିଭିନ୍ନ ବେଶର ଆବଶ୍ୟକୀୟ ସାମଗ୍ରୀ, ଖୋର୍ଦ୍ଧା ବେଣ୍ଟ ମହାଦେବଙ୍କ ପଞ୍ଚମୁଖୀ ନାଗମୂର୍ତ୍ତି, ଖଲିସାହି କାଳିକା ମନ୍ଦିରର କାଳୀମୂର୍ତ୍ତି, ରାଜ୍ୟ ବାହର ଛତିଶଗଡ(ରାୟଗଡ) ଓ ପଶ୍ଚିମବଙ୍ଗ ସ୍ଥିତ ଖଡଗପୁରର ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ବଡ ବଡ ପିତଳ କବାଟ ଓ ଠାକୁରଙ୍କ କିରଟୀ, କୁଣ୍ଡଳ, ଶ୍ରୀ ଭୂଜ, ଶ୍ରୀପୟର, ଚିତା, ଝୁମ୍ପା ଆଦ ବିଭିନ୍ନ ବେଶର ସାମଗ୍ରୀମାନ ପ୍ରସ୍ତୁତ କରି ପ୍ରଶଂସିତ ହୋଇଛନ୍ତି। ଏହାଛଡା ବିଭିନ୍ନ ସ୍ଥାନରେ ତମ୍ବା, ପିତଳର ନାଗମୂର୍ତ୍ତି, ଦଣ୍ଡ ଠାକୁରଙ୍କ ଟାହିଆ, କାଳିକା ପ୍ରଭା, ପିତଳ ଦଣ୍ଡ, ତ୍ରିଶୁଳ ଆଦି ଶ୍ରଦ୍ଧାଳୁ ମାନଙ୍କ ବରାଦ ଅନୁସାରେ ବିଭିନ୍ନ ସାମଗ୍ରୀମାନ ପ୍ରସ୍ତୁତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ପୁଅ ମଧ୍ୟ ତାଙ୍କ ଠାରୁ ଏହି କଳା ଶିକ୍ଷା ଗ୍ରହଣ କରି ସୁନ୍ଦର ସୁନ୍ଦର କଳାକୃତି ପ୍ରସ୍ତୁତ କରୁଛନ୍ତି।






– ପୌର୍ଣ୍ଣମାସୀ,
ଅଜୟ କୁମାର ମହାରଣା

## ଏ ସପ୍ତାହର ପ୍ରଶ୍ନ

୧– ........ ରାଜ୍ୟରେ ୭୪ତମ ସିନିୟର ନ୍ୟାଶନାଲ୍ ବାସ୍କେଟବଲ୍ ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି ?
୨– ପୃଥିବୀର ସର୍ବବୃହତ୍ ମେଟ୍ରୋ ନେଟ୍‌ୱର୍କରେ ଭାରତ ......... ସ୍ଥାନରେ ରହିଛି ?
୩– ୨୦୨୫ରେ ଅଫିସିଆଲି .......... ଦେଶକୁ ବ୍ରିକ୍ସ ମେମ୍ବରଶିପ୍ ମିଳିଛି ?
୪– ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ପାଇଁ କ୍ୟାଶ୍‌ଲେସ୍ ଟ୍ରିଟ୍‌ମେଣ୍ଟ ସ୍କିମ୍ ....... ମିନିଷ୍ଟ୍ରି ପକ୍ଷରୁ ଲାଗୁ କରାଯାଇଛି ?
୫– ଜୋରାନ୍ ମିଲାନୋଭିକ୍ ବର୍ତ୍ତମାନ .............. ଦେଶର ରାଷ୍ଟ୍ରପତି ?

## ଗତ ଥରର ଉତ୍ତର

୧ ଭିଠ୍ଠଲ କୁମାର
୨ ଚାଇନା
୩ ପଶ୍ଚିମବଙ୍ଗ ରାଜ୍ୟ
୪ ସାଉଥ୍ ଆଫ୍ରିକା
୫ ଗୁଗୁଲ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ସୁନୀଲ କୁମାର
ବେହେରା, ବ୍ରହ୍ମପୁର

## ଟପ୍ ୧୦

## ପୃଥିବୀର ସବୁଠୁ ଦାମୀ ମିଠା



୧. ଷ୍ଟ୍ରବେରିଜ୍ ଆର୍ନାଉଡ୍ .................................. ୯.୮୫ ମିଲିଅନ୍ ଡଲାର୍
୨. ଡାଇମଣ୍ଡ ଫ୍ରୁଟ୍‌କେକ୍ .................................. ୧.୭୨ ମିଲିଅନ୍ ଡଲାର୍
୩. ଦି ଆବ୍‌ସର୍ଡିଟି ସନ୍‌ଡି .................................. ୬୦, ୦୦୦ ଡଲାର୍
୪. ଦି ଲିଣ୍ଡେଥ୍ ହୋୟେ କଣ୍ଟ୍ରି ହାଉସ୍ ହୋଟେଲ୍ ଚକୋଲେଟ୍ ପୁଡିଙ୍ଗ ..... ୩୪୦୦୦ ଡଲାର୍
୫. ଫ୍ରୋଜେନ୍ ହଟ୍ ଚକୋଲେଟ୍ ଆଇସକ୍ରିମ୍ ସନ୍‌ଡି .......... ୨୫,୦୦୦ ଡଲାର୍
୬. କ୍ରିସ୍ପି କ୍ରିମ୍‌ସ ଲକ୍ସ ଡଫ୍‌ନଟ୍ .................................. ୧,୬୮୫ ଡଲାର୍
୭. ଦି ଗୋଲ୍ଡେନ୍ ଫୋଏନିକ୍ସ କପ୍‌କେକ୍ .......................... ୧୦୦୦ ଡଲାର୍
୮. ଗୋଲ୍ଡେନ୍ ଅପୁଲେନ୍ସ ସନ୍‌ଡି .................................. ୧୦୦୦ ଡଲାର୍
୯. ବିୟଣ୍ଡ ଗୌର୍‌ମେଟ୍ ଜେଲୀ ବିନ୍‌ସ .............................. ୫୦୦ ଡଲାର୍
୧୦. ଲା ମେଡ୍‌ଲାଇନ୍ ଆଉ ଟ୍ରଫ୍‌ଲ୍ .................................. ୨୫୦ ଡଲାର୍

# ଲାଲ୍‌କିଲ୍ଲା

**ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା ନୂଆଦିଲ୍ଲୀରେ ଥିବା ପ୍ରସିଦ୍ଧ ଐତିହାସିକ ସ୍ଥାପତ୍ୟ ଲାଲ୍‌କିଲ୍ଲା। ସେ ସମୟରେ ମୋଗଲ ସମ୍ରାଟ୍‌ମାନଙ୍କର ମୁଖ୍ୟ ଶାସନ କେନ୍ଦ୍ର ଥିବା ଲାଲ୍‌କିଲ୍ଲା ବର୍ତ୍ତମାନ ଆମ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଏ ସମ୍ପର୍କରେ ଜାଣନ୍ତୁ ଆହୁରି ଅନେକ ତଥ୍ୟ...**



⏭ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଲାଲ୍‌କିଲ୍ଲା ଧଳାରଙ୍ଗର ପଥର ବା ଚୂନ ପଥରରେ ନିର୍ମାଣ କରାଯାଇଥିଲା। କେବଳ ଏହାର ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ପାଚେରି ଲାଲ୍ ପଥର ଏବଂ ଇଟାରେ ନିର୍ମାଣ କରାଯାଇଥିବାରୁ ବ୍ରିଟିଶରମାନେ ଏହାକୁ ରେଡ୍ ଫୋର୍ଟ ବୋଲି ନାମକରଣ କରିଥିଲେ। ପ୍ରଥମେ ଏହାକୁ କିଲ୍ଲା-ଏ-ମୁବାରକ୍, କିଲ୍ଲା-ଏ- ଶାହାଜାନାବାଦ୍, କିଲ୍ଲା-ଏ-ମୁଆଲା ଆଦି ମଧ୍ୟ କୁହାଯାଉଥିଲା। କ୍ରମଶଃ ସେଠାକାର ବାସିନ୍ଦା ଏହାକୁ ଲାଲ୍‌କିଲ୍ଲା କହିଲେ, ଯାହାକି ତାହାର ପରିଚୟ ପାଲଟିଗଲା।

⏭ଏହାର ମୁଖ୍ୟଦ୍ୱାରକୁ ଲାହୋର ଗେଟ୍ ମଧ୍ୟ କୁହାଯାଏ।

⏭ଶାହାଜାହାନ ନିଜ ସାମ୍ରାଜ୍ୟର ରାଜଧାନୀ ଆଗ୍ରାଠାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରିବା ଲାଗି ଲାଲ୍‌କିଲ୍ଲା ନିର୍ମାଣ କରାଇଥିଲେ। ତେବେ ଏହା ସମ୍ପୂର୍ଣ୍ଣ ହେବା ଲାଗି ପାଖାପାଖି ୧୦ ବର୍ଷ ସମୟ ଲାଗିଥିଲା। ଏହାକୁ ଉସ୍ତାଦ ହମିଦ୍ ଏବଂ ଉସ୍ତାଦ ଅହମଦ୍ ଡିଜାଇନ୍ କରିଥିଲେ।

⏭ଏହା ମଧ୍ୟରେ ଥିବା ରଙ୍ଗ ମହଲରେ ଏକ ଖାସ୍ ମହଲ ରହିଛି। ସେଠାରେ ସମ୍ରାଟ୍‌ଙ୍କ ରାଣୀମାନେ ଏବଂ ସେମାନଙ୍କ ଦାସୀ ରୁହନ୍ତି। ଉକ୍ତ ସ୍ଥାନକୁ କେବଳ ସମ୍ରାଟ୍ ଯାଇ ପାରୁଥିବା ବେଳେ ଅନ୍ୟମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ।

⏭ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେହିଠାରେ ହିଁ ପତାକା ଉତ୍ତୋଳନ ହୋଇ ଆସୁଅଛି।

⏭୨୦୦୭ ମସିହାରେ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଏହା ସ୍ଥାନ ପାଇଛି।

⏭ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ମୋଗଲ ଶାସକମାନେ ଏଠାରେ ରହିବା ପରେ ୧୮୫୭ କ୍ରାନ୍ତି ପରେ ବ୍ରିଟିଶ୍‌ମାନେ ଏହାକୁ ଅଧିକାର କରିବା ସହ ଏହାକୁ ଅନେକ କ୍ଷତି ମଧ୍ୟ ପହଞ୍ଚାଇଥିଲେ।

⏭କୋହିନୂର ହୀରା ପ୍ରଥମେ ଲାଲ୍‌କିଲ୍ଲାର ଦିୱାନେ ଖାସ୍‌ରେ ଥିବା ଶାହାଜାହାନଙ୍କ ସିଂହାସନରେ ସଜ୍ଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନାଦିର ଶାହାଙ୍କ ଦ୍ୱାରା ଏହା ଚୋରି ହୋଇଯାଇଥିଲା।

ୟୁଥ୍ ଆଲର୍ଟ

# ଫିଅର୍ ଅଫ୍ ମିସିଂ ଆଉଟ୍



**ଅନେକ ସମୟରେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି କାର୍ଯ୍ୟ ଅବା ବିଶେଷ ସୁଯୋଗ ହାତଛଡ଼ା ହୋଇଗଲେ ଏକ ପ୍ରକାର ଭୟ ଅନେକଙ୍କ ମନକୁ ବିବ୍ରତ କରିଥାଏ, ଯାହାକୁ କୁହାଯାଏ ଫିଅର୍ ଅଫ୍ ମିସିଂ ଆଉଟ୍। ହେଲେ ବିଶେଷଜ୍ଞଙ୍କ ମତରେ ମନରେ ଏଭଳି ଭୟ ରଖିଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ କୌଣସି ଅବସର ବା ସୁଯୋଗ ହାତଛଡ଼ା ହୋଇଗଲେ ଏଥିରେ ଚିନ୍ତିତ ବା ଦୁଃଖ ପ୍ରକାଶ ନ କରି ଏହାକୁ ଭିନ୍ନ ଦୃଷ୍ଟିକୋଣରୁ ଅର୍ଥାତ୍ ଜଏ ଅଫ୍ ମିସିଂ ଆଉଟ୍ ଭାବେ ନେଲେ ଖୁବ୍ ଭଲ...**

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଫିଅର ଅଫ୍ ମିସିଂ ଆଉଟ୍‌ର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସାଙ୍ଗସାଥୀ ଏକାଠି ସେଲିବ୍ରେଟ୍ କରୁଥିବା, ବନ୍ଧୁ ପରିବାରର ଏକାଠି ଖୁସି ମନାଉଥିବା ଭଳି ସ୍ଥାନରେ ନିଜେ ନ ଥିଲେ ଅନେକେ ଖୁବ୍ ପ୍ରତିକ୍ରିୟା ପ୍ରକାଶ କରିଥା'ନ୍ତି। ଏମିତିକି କେହି କେହି ଡିପ୍ରେଶନ୍‌ର ଶିକାର ବି ହୋଇଥା'ନ୍ତି। ଇସ୍ରାଏଲ୍‌ର ବାର୍ ଇଲାନ୍ ବିଶ୍ୱବିଦ୍ୟାଳୟର ସୂଚନା ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ତାଲି ଗାଜିଟ୍‌ଙ୍କ ମତରେ ଆମେ କିଛି ହରାଇବାର ଭୟକୁ ମନରୁ ସମ୍ପୂର୍ଣ୍ଣ ଦୂର କରି ଯଦି ଜାଣିଶୁଣି ନିଜର ଭଲ ପାଇଁ କିଛି ଅବସରରୁ ନିଜକୁ ଦୂରେଇ ପାରିବା, ତେବେ ଜୀବନରେ ଖୁସି ରହିବା ସହଜ। ଏଥିପାଇଁ କ'ଣ କରିପାରିବେ...

**ସେଲ୍ଫ ଆୱାରନେସ୍ ଜରୁରୀ:** ପ୍ରଥମେ କ'ଣ ଆପଣଙ୍କ ମନକୁ ଭୟଭୀତ କରୁଛି ଜାଣିବାକୁ ଚେଷ୍ଟା କରନ୍ତୁ। କାରଣ କେବେକେବେ କୌଣସି ଅବସର ମିସ୍ ହୋଇଗଲେ ଅନେକେ- ମୋତେ ଜାଣିଶୁଣି କେହି ମିଶାଉ ନାହାନ୍ତି କି ?, ମୁଁ ଗ୍ରୁପ୍‌ରେ ସାମିଲ ନ ହେଲେ ଧୀରେ ଧୀରେ ମୋର ଗୁରୁତ୍ୱ କମିଯିବ କି ? ଭଳି ଅନେକ କଥା ଭାବି ଡରନ୍ତି। ହେଲେ ଏହି କ୍ଷେତ୍ରରେ ଆପଣ ନିଜ ମନକୁ ବୁଝାନ୍ତୁ ଯେ, ନିଜର ଯେଉଁ କାମ ପାଇଁ ଆପଣ ଏହି ଅବସରକୁ ମିସ୍ କଲେ, ତାହା ଆପଣଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ସବୁବେଳେ ସବୁ ଅବସରରେ ଯୋଗଦେବା ସମ୍ଭବ ନୁହେଁ ବୋଲି ମନକୁ ବୁଝାନ୍ତୁ ଏବଂ ସେଠାକୁ ନ ଯାଇ ଏକା ରହିବା ଦ୍ୱାରା ଉକ୍ତ ସମୟ ମଧ୍ୟରେ ଆପଣଙ୍କର କେଉଁସବୁ କାର୍ଯ୍ୟ ପୂରଣ ହୋଇପାରିଛି, ସେ ଦିଗରେ ସେଲ୍ଫ ଆୱାରନେସ୍ ହିଁ ମନକୁ ଦୃଢ଼ କରିବ।

**ସୋସିଆଲ୍ ମିଡିଆରୁ ନିଅନ୍ତୁ ବ୍ରେକ୍:** ଆଜିକାଲି ସମସ୍ତେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାକୁ ଫଟୋ, ଭିଡିଓ ଆଦି ପୋଷ୍ଟ କରୁଛନ୍ତି। ଏମିତିରେ କେବେକେବେ ଏଭଳି କିଛି ପୋଷ୍ଟରେ ନିଜର ଅନୁପସ୍ଥିତି ଅନେକଙ୍କୁ ଫିଅର୍ ଅଫ୍ ମିସିଂ ଆଉଟ୍‌ର ଶିକାର କରାଇଥାଏ। ତେଣୁ ଏଥିରୁ ନିଜକୁ ନିବୃତ୍ତ ରଖିବା ଲାଗି ମଝିରେ ମଝିରେ କିଛିଦିନ ପାଇଁ ସୋସିଆଲ୍ ମିଡିଆରୁ ଦୂରେଇ ରଖନ୍ତୁ।

**ନିଜକୁ ଦିଅନ୍ତୁ ଟାଇମ୍:** ଫିଅର ଅଫ୍ ମିସିଂ ଆଉଟ୍‌କୁ ଜଏ ଅଫ୍ ମିସିଂ ଆଉଟ୍‌ରେ ପରିବର୍ତ୍ତନ କରିବା ଲାଗି ସବୁଠୁ ବେଷ୍ଟ ଉପାୟ ହେଉଛି ନିଜକୁ ଟାଇମ୍ ଦେବା। ଅର୍ଥାତ୍ କାର୍ଯ୍ୟବ୍ୟସ୍ତତା ଭିତରେ ଯେବେ ଟାଇମ୍ ମିଳୁଛି, ନିଜର ରୁଚି ପ୍ରତି ଧ୍ୟାନ ଦିଅନ୍ତୁ, ପରିବାର ସହିତ ଏକାଠି ଖାଇବା, ବୁଲିବା ଭଳି କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୯ ଜାନୁଆରୀ, ୨୦୨୫ | Bhubaneswar, Sunday, 19 January, 2025

# ଶାମି ଫେରିଲେ, ଜୟସ୍ୱାଲ ନୂଆମୁହଁ

## ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା

**ମୁମ୍ବାଇ, ୧୮।୧ (ପି.ଟି.)**

ଉଭୟ ଚାମ୍ପିୟନ୍ସ ଟ୍ରଫି ଓ ଇଂଲଣ୍ଡ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଶନିବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଥିରେ ସ୍ଥାନ ମିଳିଛି। ତେବେ ସେ ଉପଲବ୍ଧ ହେବେ କି ନା ତାହା ତାଙ୍କ ଫିଟ୍‌ନେସ୍ ଉପରେ ନିର୍ଭର କରେ। ପ୍ରତିଭାସମ୍ପନ୍ନ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମ ଥର ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସୁଯୋଗ ମିଳିଛି। ଚୟନକର୍ତ୍ତାମାନେ ତାଙ୍କୁ ମନୋନୟନ କରିବେ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଜାତୀୟ ଦଳକୁ ମହମ୍ମଦ ଶାମି ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟରେ ବୁମ୍‌ରାଙ୍କ ପିଠି ମାଂସପେଶୀରେ ସମସ୍ୟା ଦେଖାଦେଇଥିଲା। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସେ ଅନ୍ତିମ ଦିବସରେ ବୋଲିଂ କରିପାରି ନ ଥିଲେ। କିନ୍ତୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ କିନ୍ତୁ ଏହି ୩୧ବର୍ଷୀୟଙ୍କୁ ଦଳରେ ନେବାକୁ ଚାହିଁଥିଲେ। ସେ ଇଂଲଣ୍ଡ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ଫେବୃଆରୀ ୧୯ରେ ଆରମ୍ଭ ହେବାକୁଥିବା ମେଗା ଆଇସିସି ଇଭେଣ୍ଟରେ ଖେଳିବେ। ଟପ୍ ଅର୍ଡର ବ୍ୟାଟର ଶୁଭମନ ଗିଲ୍ ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ନିଆଯାଇ ନାହିଁ। ଉଭୟ ଇଂଲଣ୍ଡ ବିପକ୍ଷ ସିରିଜ ଏବଂ ଚାମ୍ପିୟନ୍ସ ଟ୍ରଫି ପାଇଁ ରୋହିତ ଶର୍ମାଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଅଭିଜ୍ଞ ଖେଳାଳି ହିସାବରେ କେବଳ ସିରାଜ ସ୍ଥାନ ପାଇ ନାହାନ୍ତି। ବୁମ୍‌ରାଙ୍କୁ ନିଆଯାଇଥିଲେ ମଧ୍ୟ ସେ ଖେଳିବେ କି ନା ସେ ନେଇ ଆମେ ଦୃଢ଼ ନିଶ୍ଚିତ ନୁହେଁ। ଆମେ ଏଭଳି ଏକ ଦଳ ଚାହିଁଲୁ, ଯେଉଁଥିରେ ଆମ ପାଖରେ ଉଭୟ ବିକଳ୍ପ ଥିବ ବୋଲି ଦଳ ଘୋଷଣା ବେଳେ ରୋହିତ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କୁ ପୁରୁଖା ପେସ୍ ବୋଲର ଶାମି ଓ ବାମହାତୀ ପେସର ଅର୍ଶଦୀପ ସହାୟତା କରିବେ ବୋଲି ସେ କହିଛନ୍ତି। ଶାମି ୨୦୨୩ ବିଶ୍ୱକପ୍ ପରେ ପ୍ରଥମ ଥର ଅନ୍ତର୍ଜାତୀୟ ଦିନିକିଆକୁ ଫେରିଛନ୍ତି। ଏହି ପେସ୍ ବୋଲର ଘରୋଇ ମ୍ୟାଚଗୁଡ଼ିକ (ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲି ଟ୍ରଫି ଓ ବିଜୟ ହଜାରେ ଟ୍ରଫି)ରେ ଭଲ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଟେଷ୍ଟ ପଦାର୍ପଣ କରିଥିବା ଅଲରାଉଣ୍ଡର ହର୍ଷିତ ରାଣାଙ୍କୁ କେବଳ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ମନୋନୀତ କରାଯାଇଛି। ଭାରତ ୨୦୧୩ରେ ଏମ୍ଏସ୍ ଧୋନିଙ୍କ ନେତୃତ୍ୱରେ ଅଲରାଉଣ୍ଡରଙ୍କ ପ୍ରଦର୍ଶନ ଭିତ୍ତିରେ ଟାଇଟଲ ବିଜୟୀ ହୋଇଥିଲା। ତେଣୁ ଚୟନକର୍ତ୍ତାମାନେ ଏଥର ଦଳରେ ଅଲରାଉଣ୍ଡରଙ୍କୁ ଗୁରୁତ୍ୱ ଦେଇଛନ୍ତି। ପେସ୍ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୩ ବିଶ୍ୱକପ୍ ପରେ ପ୍ରଥମ ଥର ଅନ୍ତର୍ଜାତୀୟ ଦିନିକିଆ ଦଳକୁ ଫେରିବେ। ବାଂଲାଦେଶ ବିପକ୍ଷ ଏକ ମ୍ୟାଚରେ ତାଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଅନ୍ୟ ଅଭିଜ୍ଞ ଖେଳାଳି ମଧ୍ୟରେ ଦୁଇ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଏବଂ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ରିଷଭ ପନ୍ତ ଚୟନକର୍ତ୍ତାଙ୍କ ପ୍ରଥମ ପସନ୍ଦ ଉଇକେଟକିପର ହୋଇଛନ୍ତି। ବିଜୟ ହଜାରେ ଟ୍ରଫିରେ ୭୫୨ ରନ ସଂଗ୍ରହ କରିଥିବା କରୁଣ ନାୟାରଙ୍କୁ ଦଳରେ ସ୍ଥାନ ମିଳିନି। କେତେକ ଖେଳାଳି ଦୁର୍ଭାଗ୍ୟବଶତଃ ସ୍ଥାନ ପାଇପାରି ନାହାନ୍ତି। ତେବେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ।


ଯଶସ୍ୱୀ ଜୟସ୍ୱାଲ


ଯଶପ୍ରୀତ ବୁମ୍‌ରା


ମହମ୍ମଦ ଶାମି

### ଚାମ୍ପିୟନ୍ସ ଟ୍ରଫି ଓ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ୍ (ଉପଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟାର, କେ.ଏଲ୍. ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା,ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଓ ହର୍ଷିତ ରାଣା (କେବଳ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ)।

# ହାଇଦ୍ରାବାଦ ତୁଫାନ୍ସ ବିଜୟୀ

## ହକି ଇଣ୍ଡିଆ ଲିଗ୍

**ରାଞ୍ଚି, ୧୮।୧ (ପି.ଟି.)**

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଗୋଞ୍ଜାଲେଜ ପିଲାଟ୍‌ଙ୍କ ଡବଲ ଗୋଲ୍ ସହାୟତାରେ ହାଇଦ୍ରାବାଦ ତୁଫାନ୍ସ ୪-୦ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଦେଇଛି। ପିଲାଟ ୨୧ତମ ଓ ୪୮ତମ ମିନିଟ୍‌ରେ ତାଙ୍କର ଦୁଇ ଗୋଲ ସ୍କୋର କରିଥିବା ବେଳେ ଆର୍ଥର ଡି’ ସ୍ଲୁଭର (୩୧ତମ) ଓ ଟିମ୍ ବ୍ରାଣ୍ଡ୍ (୩୩ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଛନ୍ତି। ଏହି ପରାଜୟ ଦ୍ୱାରା ତାମିଲନାଡୁ ଡ୍ରାଗନ୍ସ ବିଜୟ ଧାରାରେ ବ୍ରେକ୍ ଲାଗିଛି। ଅନ୍ୟପକ୍ଷରେ ବିଜୟୀ ତୁଫାନ୍ସ ଦଳ ୭ ମ୍ୟାଚରୁ ୧୩ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଡ୍ରାଗନ୍ସ ଦଳ ପରାଜିତ ହୋଇଥିଲେ ମଧ୍ୟ ୧୫ ପଏଣ୍ଟ ସହ ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛି।

# କୋଲକାତାରେ ଭାରତ, ଇଂଲଣ୍ଡ ଦଳ

## ପ୍ରଥମ ଟି୨୦

**କୋଲକାତା, ୧୮।୧ (ପି.ଟି.)**

ସ୍ଥାନୀୟ ଇଡେନଗାର୍ଡେନ୍ସଠାରେ ବୁଧବାର ସିରିଜର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବା ଲାଗି ଉଭୟ ଭାରତ ଓ ଇଂଲଣ୍ଡ କ୍ରିକେଟ ଦଳ କୋଲକାତାରେ ପହଞ୍ଚିଛନ୍ତି। ସହରରେ ପାଖାପାଖି ୩ ବର୍ଷ ବ୍ୟବଧାନରେ ପ୍ରଥମ ଥର ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳାଯିବ। ଭ୍ରମଣକାରୀ ଇଂଲଣ୍ଡ ଆୟୋଜକ ଦଳ ସହ ୫ ଅନ୍ତର୍ଜାତୀୟ ଟି୨୦ ବ୍ୟତୀତ ୩ ମ୍ୟାଚ ବିଶିଷ୍ଟ ୩ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଫେବୃଆରୀ ୧୯ରେ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ଲାଗି ୱାର୍ମଅପ୍ ପାଇଁ ଏହି ସିରିଜ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ସାଉଥ ଆଫ୍ରିକା ଟି୨୦ରେ ପ୍ରିଟୋରିଆ କ୍ୟାପିଟାଲ୍ସ ତରଫରୁ ଖେଳୁଥିବା ଅଲରାଉଣ୍ଡର ଲିଆମ ଲିଭିଙ୍ଗଷ୍ଟୋନ୍ ଦକ୍ଷିଣ ଆଫ୍ରିକାରୁ ସିଧାସଳଖ ଇଂଲଣ୍ଡର ପ୍ରଥମ ଖେଳାଳି ଭାବେ ସହରରେ ପହଞ୍ଚିଛନ୍ତି। ଜୋସ୍ ବଟଲରଙ୍କ ନେତୃତ୍ୱରେ ଦୁବାଇରେ ଟ୍ରେନିଂ ନେଉଥିବା ଇଂଲଣ୍ଡ ଦଳ ଶନିବାର ସନ୍ଧ୍ୟାରେ ଆସି ପହଞ୍ଚିଛନ୍ତି। ଟିମ୍ ଭାରତୀୟ ଖେଳାଳିମାନେ ମଧ୍ୟ ସେମାନଙ୍କ ସହରୁ ଜଣକ ପରେ ଜଣେ ଆସି ପହଞ୍ଚିବାରେ ଲାଗିଛନ୍ତି। ଅପରାହ୍ନ ୪ଟା ୩୦ ସୁଦ୍ଧା ପହଞ୍ଚିଥିବା ଖେଳାଳିମାନଙ୍କ ମଧ୍ୟରେ ଉଦୀୟମାନ ଖେଳାଳି ନୀତୀଶ କୁମାର ରେଡ୍ଡୀ ଓ ରିଙ୍କୁ ସିଂ ଅନ୍ୟତମ। ପରେ ସନ୍ଧ୍ୟାରେ ତିଳକ ବର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆସି ପହଞ୍ଚିଛନ୍ତି। ଦୁହେଁ ବିମାନରେ ବସିଥିବା ଏକ ଫଟୋକୁ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି।

# ଅଙ୍କିତାଙ୍କୁ ବର୍ଷର ପ୍ରଥମ ଡବଲ୍ସ ଟାଇଟଲ

**ନୂଆଦିଲ୍ଲୀ, ୧୮।୧ (ପି.ଟି.)**

ଭାରତର ଟପ୍ ଟେନିସ ଖେଳାଳି ଅଙ୍କିତା ରାଇନା ୯ ମାସରେ ତାଙ୍କର ପ୍ରଥମ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ସେ ଓ ତାଙ୍କ ବ୍ରିଟିଶ ପାର୍ଟନର ନେକଥା ବେନ୍ସ ଆଇଟିଏଫ୍ ଡବ୍ଲ୍ୟୁ୫୦ ଇଭେଣ୍ଟ ଚାମ୍ପିୟନ ହୋଇଛନ୍ତି। ସ୍ଥାନୀୟ ଡେଲ୍‌ଟା କମ୍ପ୍ଲେକ୍ସଠାରେ ଏହି ଅଣସିଡ୍ ଇଣ୍ଡୋ-ବ୍ରିଟିଶ ଯୋଡ଼ି ୬-୪, ୩-୬, ୧୦-୮ରେ ଚତୁର୍ଥ ସିଡ୍ ଆମେରିକାର ଜେସି ଆନି ଓ ଜେସିକା ଫାଇଲାଙ୍କୁ ୬-୪, ୩-୬, ୧୦-୮ରେ ହରାଇ ଦେଇଛନ୍ତି। ଅଙ୍କିତା ଏଠାରେ ସିଙ୍ଗଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଶନିବାର ଏହି ବିଜୟ ଦ୍ୱାରା ସେ ତାଙ୍କ ନୈରାଶ୍ୟକୁ ଦୂର କରିପାରିଛନ୍ତି। ଅଙ୍କିତା ଏହା ପୂର୍ବରୁ ତାଙ୍କ ଡବଲ୍ସ ଟ୍ରଫି ୨୦୨୪ ଏପ୍ରିଲରେ ଜାପାନରେ ଅନୁଷ୍ଠିତ କାଶିୱା ଇଭେଣ୍ଟରେ ଜିତିଥିଲେ। ସେତେବେଳେ ତାଙ୍କ ପାର୍ଟନର ଥିଲେ ତାଇପେର ଚିଆ ୟିତିସାଓ।



ଅଙ୍କିତା ରାଇନା ଓ ନେକଥା ବେନ୍ସ।

# ରେସ୍ ଶେଷ କରିବାରେ ଟାକାଲେ ପ୍ରଥମ ଭାରତୀୟ

## ଡାକାରା ରାଲି

**ରିୟାଦ (ସଉଦି ଆରବ), ୧୮।୧ (ପି.ଟି.)**

ଟପ୍ ରେସର ସଞ୍ଜୟ ଟାକାଲେ ପ୍ରଥମ ଭାରତୀୟ ଭାବେ ମର୍ଯ୍ୟାଦାପୂର୍ଣ୍ଣ ଡାକାରା ରାଲିର କ୍ଲାସିକ୍ କାର କାଟେଗୋରିରେ ରେସ୍ ଶେଷ କରି ଇତିହାସ ସୃଷ୍ଟି କରିଛନ୍ତି। କମ୍ପାନୀ ସାହାରିନ୍ ଟିମ୍‌ର ଫ୍ରେଞ୍ଚ ସାଥୀ-ଡ୍ରାଇଭର ମାକ୍ସିମ ରଡ୍‌ଙ୍କ ସହ ସେ ସ୍ଥିର ପ୍ରଦର୍ଶନ କରି ପାଖାପାଖି ୮,୦୦୦ କି.ମି. ଦୂରତା ବିଶିଷ୍ଟ ବିଶ୍ୱର ସବୁଠାରୁ କଷ୍ଟସାଧ୍ୟ ରେସ୍‌କୁ ଶେଷ କରିପାରିଛନ୍ତି। ସେ ୧୦ମ ସ୍ଥାନରେ ରହିଥିଲେ। ଟାକାଲେ ଏକ ଟୟୋଟା ଲାଣ୍ଡ କ୍ରୁଇଜର ଏଚ୍‌ଜେଡ୍‌ଜେ ୭୮ରେ ରେସ୍‌ରେ ଭାଗ ନେଇଥିଲେ। ଡାକାରା କ୍ଲାସିକ ଶ୍ରେଣୀରେ ଅଂଶଗ୍ରହଣ କରିବାରେ ସେ ପ୍ରଥମ ଭାରତୀୟ। ଡାକାରା ୪୭ତମ ସଂସ୍କରଣ ସାଉଦି ଆରବର ଶୁବେତାଠାରେ ଶେଷ ହୋଇଥିଲା। ପୁଣେର ଟାକାଲେ ଫାଇନାଲ ଷ୍ଟେଜ୍‌ରେ ଜିରୋ ପେନାଲ୍ଟି ସହ ୫ମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଷ୍ଟେଜ୍-୭ରେ ସେ ସପ୍ତମ ହୋଇଥିଲେ। ଷ୍ଟେଜ ୮, ୯ ଓ ୧୧ରେ ସେ ଟପ୍ ୧୧ ଫିନିଶରଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

# ଭାରତୀୟ ଗେଟ୍ ବଲ ଦଳର ସଫଳତା



କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ଗେଟ୍ ବଲ ଦଳର ଖେଳାଳି।

**ଭୁବନେଶ୍ୱର, ୧୮।୧ (ବିଜୟ ରଣା)**

ଚଳିତ ମାସ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ପ୍ରଥୁମଥାନିଠାରେ ଆୟୋଜିତ ୫ମ ମାଷ୍ଟର ଗେମ୍ସରେ ଭାରତୀୟ ଗେଟ୍‌ବଲ ଦଳ ଦୁଇଟି ବର୍ଗରେ ଭାଗ ନେଇଥିଲା। ୬୦ବର୍ଷରୁ ଊର୍ଦ୍ଧ୍ୱ ଦଳରେ ଦ୍ୱୈପାୟନ ପଟ୍ଟନାୟକ (ଅଧିନାୟକ), ପ୍ରଦୀପ କୁମାର ସାହୁ ଏବଂ ସର୍ବେଶ୍ୱର ମହାପାତ୍ର ଥିବାବେଳେ ଓପନ ବର୍ଗରେ ଥିଲେ ରଞ୍ଜନ କୁମାର ପାତ୍ର (ଅଧିନାୟକ), ବିଶ୍ୱରଞ୍ଜନ ମିଶ୍ର, ଦିଲୀପ କୁମାର ଷଡ଼ଙ୍ଗୀ, ଗିରିଜା ପ୍ରସନ୍ନ ନାୟକ, ଏଜାଜ୍. ଅହମଦ ଏବଂ ଅନିଲ କୁମାର ରଥ। ଉମାକାନ୍ତ ପାଣି ଦଳର ପରିଚାଳକ ଭାବେ ଭାଗ ନେଇଥିଲେ। କ୍ଲାସିକ ବର୍ଗ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇଥିବା ବେଳେ, ଡବଲ୍ସ ବର୍ଗରେ ଭାରତୀୟ ଦଳ ରନରଅପ୍ ହୋଇଥିଲା। ରନରଅପ୍ ଦଳରେ ଦିଲୀପ କୁମାର ଷଡ଼ଙ୍ଗୀ, ଗିରିଜା ପ୍ରସନ୍ନ ନାୟକ ଏବଂ ଅନିଲ କୁମାର ରଥ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ଉପ-ବିଜେତା ଦଳକୁ ଭାରତୀୟ ଗେଟ୍‌ବଲ ସଂଘ ତରଫରୁ ସଞ୍ଜୀବ ପରିଡ଼ା, ଶରତ ପାତ୍ର ଓ ଅନ୍ୟ ବହୁ ସଦସ୍ୟ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରିଛନ୍ତି।

## ଅଷ୍ଟ୍ରେଲିଆନ ଓପନ ଟେନିସ

# ସ୍ୱିଟେକ୍ ଚତୁର୍ଥ ରାଉଣ୍ଡରେ

**ମେଲବୋର୍ନ, ୧୮।୧ (ଏପି)**

ଶନିବାର ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାର ଏକମାତ୍ର ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ ଦୁଇ ପୂର୍ବତନ ଚାମ୍ପିୟନଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଇଗା ସ୍ୱିଟେକ୍ ୬-୧, ୬-୦ରେ ଏମା ରାଡୁକାନୁଙ୍କୁ ହରାଇ ଦେଇଛନ୍ତି। ଶନିବାର ଖେଳାଯାଇଥିବା ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଗତବର୍ଷ ୟୁଏସ୍ ଓପନ ରନରଅପ୍ ତଥା ବିଶ୍ୱର ୪ନମ୍ବର ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ୩୮ ବର୍ଷୀୟ ଗେଲ୍ ମନଫିଲ୍ସ ୩-୬, ୭-୫, ୭-୬ (୧), ୬-୪ରେ ହରାଇ ଦେଇଛନ୍ତି। ଫଳରେ ଜଣେ ୩୮ ବର୍ଷୀୟ ଖେଳାଳି ହିସାବରେ ମେଲବୋର୍ନରେ ଚତୁର୍ଥ ରାଉଣ୍ଡ ପ୍ରବେଶ କରିବାରେ ରୋଜର ଫେଡରରଙ୍କ ସହ ଯୋଗଦେଇଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷୀୟ ଲର୍ନର ଟିନ୍ ଓ ୨୦ ବର୍ଷୀୟ ଆଲେକ୍ସ ମିଚେଲସେନ୍ ସେମାନଙ୍କ ପଦାର୍ପଣରେ ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ୪ର୍ଥ ରାଉଣ୍ଡରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। କ୍ୱାଲିଫାୟର ଟିନ୍ ଫ୍ରାନ୍ସର କୋରିନ୍‌ଟିନ୍ ମୋଟେଟ୍‌ଙ୍କୁ ୭-୬ (୧୦), ୬-୩, ୬-୩ ସେଟ୍‌ରେ ପରାଜିତ କରିଛନ୍ତି। ସେହିପରି ୪୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ମିଚେଲସେନ ୬-୩, ୭-୬ (୫), ୬-୨ ସେଟ୍‌ରେ ୧୯ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇ ଦେଇଛନ୍ତି। ମିଚେଲସେନ ଚଳିତ ସପ୍ତାହରେ ଦ୍ୱିତୀୟ ଥର ଏକ ଟପ୍ ୨୦ ଖେଳାଳିଙ୍କୁ ହରାଇ ପାରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ତଥା ବର୍ତ୍ତମାନ ବିଶ୍ୱର ୧୧ ନମ୍ବର ଖେଳାଳି ଷ୍ଟିଫାନସ ସିଟ୍‌ସିପାସ୍‌ଙ୍କୁ ପରାସ୍ତ କରିଥିଲେ। ସେହିପରି ୨୧ତମ ସିଡ୍ ବେନ୍ ଶେଲଟନ ବିଶ୍ୱର ୧୬ ନମ୍ବର ଖେଳାଳି ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ୬-୩, ୩-୬, ୬-୪,୭-୬ (୫)ରେ ହରାଇ ଦେଇଛନ୍ତି।


ମ୍ୟାଚ୍ ଜିତିବା ପରେ ଇଗା ସ୍ୱିଟେକ୍।

### ବାଲାଜୀ-ଭାରେଲା ଯୋଡ଼ିଙ୍କ ବିଦାୟ

ଭାରତର ଏନ୍. ଶ୍ରୀରାମ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ୍ ଆଞ୍ଜେଲ ରେଜ୍-ଭାରେଲା ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ପ୍ରଥମ ରାଉଣ୍ଡର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେମାନେ ପର୍ତ୍ତୁଗିଜ୍ ଯୋଡ଼ି ନୁନୋ ବର୍ଗେସ ଓ ଫ୍ରାନ୍‌ସିସ୍କୋ କାବ୍ରାଲଙ୍କଠାରୁ ୬-୭(୭), ୬-୪, ୩-୬ରେ ହାରିଯାଇଛନ୍ତି। ମେଲବୋର୍ନ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚ ଦୁଇ ଘଣ୍ଟା ୯ ମିନିଟ ଧରି ଚାଲିଥିଲା। ମିକ୍ସଡ ଡବଲ୍ସରେ କିନ୍ତୁ ଭାରତର ରୋହନ ବୋପାନ୍ନା ତିଷ୍ଠି ରହିଛନ୍ତି। ସେ ଓ ତାଙ୍କ ଚାଇନିଜ ପାର୍ଟନର ଝାଙ୍ଗ୍ ଶୁଆଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଫ୍ରେଞ୍ଚ କ୍ରୋଏସିଆନ ଯୋଡ଼ି କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଏବଂ ଇଭାନ ଡୋଡିଗ୍‌ଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

# ଆଶିଷ ଶୁଟିଂ ସ୍ପୋର୍ଟ୍ସର ସ୍ୱୀକୃତିପ୍ରାପ୍ତ ବିଚାରପତି

**ଭୁବନେଶ୍ୱର, ୧୮।୧ (ବିଜୟ ରଣା)**

ଆଶିଷ ନାୟକ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସର ବିଚାରପତି ଭାବେ ସ୍ୱୀକୃତିଲାଭ କରିଛନ୍ତି। ଜାତୀୟ ରାଇଫଲ ସଂଘ ଦ୍ୱାରା ମନୋନୀତ ହୋଇ ଆଶିଷ ଦିଲ୍ଲୀରେ ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ ଦ୍ୱାରା ଆୟୋଜିତ ବିଚାରପତି ପାଠ୍ୟକ୍ରମ (ରାଇଫଲ ଓ ପିସ୍ତଲ)ର ଉଭୟ ବର୍ଗରେ କୃତକାର୍ଯ୍ୟ ହୋଇ କୃତୀ ବିଚାରପତିର ମାନ୍ୟତା ଲାଭ କରିଛନ୍ତି। ଆଶିଷ ଏହା ପୂର୍ବରୁ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ଶୁଟିଂ ପ୍ରଶିକ୍ଷକ ଓ ବନ୍ଧୁକ ଚାଳନା ବିଚାରପତି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ସ୍ୱୀକୃତି ଲାଭ କରିଛନ୍ତି। ଏହି ସଫଳତା ପାଇଁ ଆଶିଷଙ୍କୁ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ ଏବଂ ଓଡ଼ିଶା ରାଇଫଲ ସଂଘର ସଭାପତି ଗୌରୀ ମହାନ୍ତି, ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ସଂଘ ତରଫରୁ ଶୁଭେଚ୍ଛା ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



ଆଶିଷ ନାୟକ (ମଝି)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ